ପୃଷ୍ଠା-୮+୮

# ଧରିତ୍ରୀ DHARITRI

ଢେଙ୍କାନାଳ, ବୁଧବାର, ନଭେମ୍ବର ୨୩/୨୦୨୨ (୮+୮=୧୬ ପୃଷ୍ଠା) | Dhenkanal, Wednesday, November 23/2022 | Page 16 | ₹ 7.00 | ★★★★★

୧୮ଶ ଭାଗ ୨୭୫ ସଂଖ୍ୟା | www.orissakhabar.com/www.dharitri.com | Printed at Angul | VOLUME 18 ISSUE 275 | ମୂଲ୍ୟ ₹୭/-



**ବିପର୍ଯ୍ୟୟ ଘଟାଇଲା ସୌଦୀ ଆରବ**

ସଲିମ ଅଲ୍‌ଦାଓ୍ବସାରିଙ୍କ ଗୋଲ ବଳରେ ସୌଦୀ ଆରବ ୨-୧ ଗୋଲରେ ଆର୍ଜେଣ୍ଟିନାକୁ ହରାଇ ଚଳିତ ଫିଫା ବିଶ୍ୱକପରେ ବିପର୍ଯ୍ୟୟ ସୃଷ୍ଟି କରିଛି।

୦୮

୦୨

**ବର୍ଷକରେ ୧୦୦ ବିଲିୟନ ଡଲାର ହରାଇଲେଣି ମସ୍କ**

ଟେସ୍‌ଲା ସହପ୍ରତିଷ୍ଠାତା ଏଲନ୍ ମସ୍କ ଚଳିତ ବର୍ଷ ୧୦୦.୫ ବିଲିୟନ ଡଲାର ହରାଇ ବି ବିଶ୍ୱର ସର୍ବଶ୍ରେଷ୍ଠ ଧନୀ।



**ଆଜିର ସମ୍ପାଦକୀୟ**

ପ୍ରତିବାଦରେ ଦେଶପ୍ରେମ

**ମହିମାଗାଦିରେ ବୁଲିଲା ଜେସିବି**

ପୃଷ୍ଠା-୪









# ହାତୀ ମୃତ୍ୟୁ ତଦନ୍ତ ବାଟବଣା

## ହାଇକୋର୍ଟରେ ଶୁଣାଣି ପରଠୁ ମଲେଣି ୩୫

ଅସମାପିକା ସାହୁ
ଭୁବନେଶ୍ୱର, ୨୨।୧୧(ବ୍ୟୁରୋ)

ହାତୀ ମୃତ୍ୟୁ ଏବଂ ଅପମୃତ୍ୟୁ ଲୁଚେଇବା କ୍ଷେତ୍ରରେ ଓଡ଼ିଶା ଅନେକ ଅପଯଶ ଲାଭ କରିଛି। ରାଜ୍ୟରେ ବିଦ୍ୟୁତ୍ ତାର ଜନିତ ଦୁର୍ଘଟଣା ଏବଂ ଶିକାର ଯୋଗୁ ହାତୀ ମୃତ୍ୟୁ ସଂଖ୍ୟା ବଢୁଛି। ସେହିପରି ବିଷ ପ୍ରୟୋଗ କରି ଶିକାର କରିବା ଘଟଣାକୁ ରୋକିବାରେ ବନ ବିଭାଗ ବିଫଳ ହୋଇଛି। ଗତ ଜୁଲାଇରେ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲାର ଶୁଣାଣିବେଳେ ଉଚ୍ଚ ନ୍ୟାୟାଧୀଶଙ୍କ ଖଣ୍ଡପୀଠ ରାଜ୍ୟରେ କ୍ରମବର୍ଦ୍ଧିଷ୍ଣୁ ହାତୀମୃତ୍ୟୁକୁ ନେଇ ଘୋର ଉଦ୍‌ବେଗ ପ୍ରକାଶ କରିଥିଲେ। ପରେ ହାଇକୋର୍ଟଙ୍କ ସମ୍ମୁଖରେ ରାଜ୍ୟର ତତ୍କାଳୀନ ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶଶୀ ପଲଙ୍କୁ ହାଜର ହେବାକୁ ପଡ଼ିଥିଲା। ହାଇକୋର୍ଟ ବନ ବିଭାଗ ଉପରେ ବିରକ୍ତିଭାବ ପ୍ରକାଶ କରିବା ପରେ ହାତୀ ମୃତ୍ୟୁ କମିପାରେ ବୋଲି ଏକ ଧାରଣା ସୃଷ୍ଟି ହୋଇଥିଲା। କିନ୍ତୁ ଗତ ଜୁଲାଇଠାରୁ ରାଜ୍ୟରେ ୩୫ ହାତୀଙ୍କ ମୃତ୍ୟୁ ହେଲାଣି। ଓଡ଼ିଶା ବନ୍ୟପ୍ରାଣୀ ସମିତିର ପରିସଂଖ୍ୟାନ ଅନୁସାରେ ସେହି ଜୁଲାଇରେ ୭ଟି ହାତୀଙ୍କ ମୃତ୍ୟୁ ଘଟିଥିବାବେଳେ ଅଗଷ୍ଟରେ ୭, ସେପ୍ଟେମ୍ବରରେ ୬, ଅକ୍ଟୋବରରେ ୯ ଏବଂ ନଭେମ୍ବର ୨୧ ସୁଦ୍ଧା ୬ ହାତୀଙ୍କ ମୃତ୍ୟୁ



ହୋଇଛି। ତନ୍ମଧ୍ୟରୁ ପ୍ରାକୃତିକ କାରଣ ଜନିତ ମୃତ୍ୟୁ ମାତ୍ର ୭ ହୋଇଥିବା ବେଳେ, ବିଷ କ୍ରିୟା ୧, ଶିକାର ୫, ବିଦ୍ୟୁତ ତାର ଦେଇ ଶିକାର ୧୦, ବିଦ୍ୟୁତ୍ ତାର ବାଡ଼ ଦ୍ୱାରା ୨, ଅଜଣା କାରଣ ୬ ବୋଲି ଜଣାପଡ଼ିଛି।

ଦେଖିବାକୁ ଗଲେ ରାଜ୍ୟରେ ହାତୀମୃତ୍ୟୁ ଘଟଣାଗୁଡ଼ିକର ତଦନ୍ତ ବାଟବଣା ହୋଇଯାଇଛି। ଆଠଗଡ଼ ବନଖଣ୍ଡ ଅଧୀନ ନରସିଂହପୁର ୱେଷ୍ଟ ରେଞ୍ଜରେ ଫେବୃୟାରୀ ୮ରେ ଏକ କଙ୍କାଳ ଖୋଳି ବାହାର କରିଥିଲା କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍। ସେହିପରି ଜୁନ ୨ ଓ ୩ରେ ମଧ ସେହି ବନଖଣ୍ଡର ବଡ଼ମ୍ବା ରେଞ୍ଜରୁ ଏସ୍‌ଟିଏଫ୍ ଆଉ ଦୁଇଟି ହାତୀ କଙ୍କାଳ ଜେସିବି ଲଗେଇ ଖୋଳି ବାହାର କରିଥିଲା। ଖୋର୍ଦ୍ଧା ଜିଲାର ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଭେନ୍ଦୁ ମଲ୍ଲିକ ଏହି ୩ଟି ଯାକ ହାତୀ କଙ୍କାଳ ସମ୍ପର୍କିତ ତଥ୍ୟ ଏସ୍‌ଟିଏଫ୍‌କୁ ଦେଇଥିଲେ ଏବଂ ଘଟଣାସ୍ଥଳକୁ ଯାଇଥିଲେ। ତେବେ ଆଶ୍ଚର୍ଯ୍ୟଜନକ ଭାବରେ ହାତୀ କଙ୍କାଳ ମାଟି ତଳୁ ଜବତ ହେବା ☞ ପୃଷ୍ଠା-୪

# ସାନିଟାରି ନାପ୍‌କିନ୍‌ରେ ହାନିକାରକ କେମିକାଲ

## କ୍ୟାନ୍‌ସର, ମଧୁମେହ ଓ ହୃଦ୍‌ଜନିତ ସମସ୍ୟା ଆଶଙ୍କା

ନୂଆଦିଲ୍ଲୀ, ୨୨।୧୧

ମାସିକ ଋତୁସ୍ରାବ ସମୟରେ ଇନ୍‌ଫେକ୍ସନ ହେବାର ଡର ରହିଥାଏ। ଏହି ସମସ୍ୟାଠାରୁ ନିଜକୁ ଦୂରରେ ରଖିବା ଲାଗି ମହିଳା ଓ ଯୁବତୀମାନେ ସାନିଟାରି ନାପ୍‌କିନ୍ ବା ପ୍ୟାଡ୍ ବ୍ୟବହାର କରିଥାନ୍ତି। ତେବେ ଭାରତରେ ମିଳୁଥିବା କେତେ ପ୍ରକାରର ସାନିଟାରି ନାପ୍‌କିନ୍ ମହିଳାଙ୍କ ଶରୀରରେ ଅନେକ ରୋଗ ସୃଷ୍ଟି କରୁଥିବା ଇନଭାଇରନମେଣ୍ଟାଲ ଏନ୍‌ଜିଓ 'ଟକ୍ସିକ୍ସ ଲିଙ୍କ୍'ର ଏକ ଅଧ୍ୟୟନରୁ ଜଣାପଡ଼ିଛି।

ପ୍ୟାଡ୍ ବ୍ୟବହାର କରୁଥିବା ମହିଳାଙ୍କ ଶରୀରରେ ମଧୁମେହ, କ୍ୟାନ୍‌ସର ଏବଂ ହୃଦ୍‌ଜନିତ ରୋଗ ନାପ୍‌କିନ୍ ଦ୍ୱାରା ହୋଇଥିବା ପ୍ରକାଶିତ ରିପୋର୍ଟ 'ମେନ୍‌ଷ୍ଟ୍ରୁଆଲ ୱେଷ୍ଟ-୨୦୨୨'ରେ ଉଲ୍ଲେଖ କରାଯାଇଛି। ତେବେ ଏହା ପଛର ମୁଖ୍ୟ କାରଣ ହେଉଛି ନାପ୍‌କିନ୍‌ରେ ବ୍ୟବହାର ହେଉଥିବା ବହୁ କ୍ଷତିକାରକ କେମିକାଲ ବା ରସାୟନିକ ପଦାର୍ଥ। ଭାରତୀୟ ବଜାରରେ ବିକ୍ରି କରାଯାଉଥିବା ୧୦ ପ୍ରକାର ପ୍ୟାଡ୍‌ରେ ଥାଲେଟ୍ସ (ପ୍ଲାଷ୍ଟିକ୍‌କୁ ଦୀର୍ଘସ୍ଥାୟୀ କରିବା ଲାଗି ବ୍ୟବହୃତ କେମିକାଲ) ଏବଂ ଭୋଲାଟାଇଲ୍



ଅର୍ଗାନିକ୍ କମ୍ପାଉଣ୍ଡସ (ସହଜରେ ବାଷ୍ପରେ ପରିଣତ ହେଉଥିବା ରସାୟନିକ ପଦାର୍ଥ) ମହଜୁଦ ରହିଥିବା ଜଣାପଡ଼ିଛି।

ମଣିଷ ଶରୀରରେ ଥାଲେଟ୍ସ ମଧୁମେହ, କ୍ୟାନ୍‌ସର ଏବଂ ହୃଦ୍‌ଜନିତ ରୋଗ ସୃଷ୍ଟି କରିଥାଏ। ସେହିପରି ଭିଓସି ଆଜମା, କ୍ୟାନ୍‌ସର ସାଙ୍ଗକୁ ଯୌନାଙ୍ଗକୁ ବିଶେଷଭାବେ ପ୍ରଭାବିତ କରୁଥିବା ଜଣାପଡ଼ିଛି। ବ୍ୟବହାର କରାଯାଉଥିବା ଅର୍ଗାନିକ୍ ପ୍ୟାଡ୍‌ରେ ଥାଲେଟ୍ସର ପରିମାଣ ସର୍ବାଧିକ ୧୯,୪୬୦ ମାଇକ୍ରୋଗ୍ରାମ୍/କେ.ଜି ଥିବା ଜଣାପଡ଼ିଛି। ପ୍ୟାଡ୍‌ଗୁଡ଼ିକରେ ଏସିଟୋନ୍, କ୍ଲୋରୋଫର୍ମ, ବେନ୍‌ଜିନ ଭଳି ଅନେକ ଭୋଲାଟାଇଲ୍ ଅର୍ଗାନିକ୍ କମ୍ପାଉଣ୍ଡସ ☞ ପୃଷ୍ଠା-୪




ଧରିତ୍ରୀ
DHARITRI
ବୁଧବାର, ୨୩ ନଭେମ୍ବର, ୨୦୨୨



**ଅକ୍ସଫୋର୍ଡ ପାଇଁ ଶବ୍ଦ ବାଛିବେ ଲୋକେ**

ଅକ୍ସଫୋର୍ଡ ଡିକ୍ସନାରିରେ ପ୍ରତିବର୍ଷ ନୂଆ ନୂଆ ଶବ୍ଦ ସ୍ଥାନିତ ହୋଇଥାଏ। ଚଳିତବର୍ଷ ଏଥିଲାଗି ଏକ ଅଭିନବ ଉଦ୍ୟମ ଆରମ୍ଭ ହୋଇଛି। ୨୦୨୨ ବର୍ଷର ଅକ୍ସଫୋର୍ଡ ଶବ୍ଦକୋଷରେ କେଉଁସବୁ ଶବ୍ଦ ଯୋଡ଼ାଯିବ ତାହା ବିଶ୍ୱବାସୀ ସ୍ଥିର କରିବେ। ଏନେଇ ସୋମବାରଠାରୁ ଭୋଟିଂ ପ୍ରକ୍ରିୟା ଆରମ୍ଭ ହୋଇଛି, ଯାହାକି ଡିସେମ୍ବର ୨ ପର୍ଯ୍ୟନ୍ତ ଚାଲିବ। ଗତବର୍ଷ 'ଭାକ୍ସ'କୁ ଇୟର ଅଫ୍ ଦି ୱାର୍ଡ ମାନ୍ୟତା ମିଳିଥିଲା। ୨୦୨୨ରେ 'ମେଟାଭର୍ସ', 'ହ୍ୟାଶ୍‌ଟ୍ୟାଗ୍ ଷ୍ଟାଣ୍ଡ ୱିଥ୍' ଏବଂ 'ଗୋବ୍ଲିନ୍ ମୋଡ୍' ମଧ୍ୟରୁ ଗୋଟିଏକୁ ୱାର୍ଡ ଅଫ୍ ଦି ଇୟର ମାନ୍ୟତା ପ୍ରଦାନ ପାଇଁ ଏହି ଭୋଟିଂ କରାଯାଉଛି।

## ସଂକ୍ଷେପରେ

### ବିଟ୍‌କଏନ୍ କାରବାର କରୁଥିଲେ ମାଙ୍ଗାଲୁରୁ ବିସ୍ଫୋରଣ ଅଭିଯୁକ୍ତ

**ମାଙ୍ଗାଲୁରୁ ,୨୨।୧୧:** ମାଙ୍ଗାଲୁରୁ ଅଟୋରିକ୍ସା ବିସ୍ଫୋରଣ ଅଭିଯୁକ୍ତ ଶରିକ୍‌ଙ୍କ ସହ ଆତଙ୍କବାଦ ସମ୍ପୃକ୍ତିର ପ୍ରମାଣ ମିଳିଥିବାବେଳେ ସେ ବିଟ୍‌କଏନ କାରବାର ଚଳାଇଥିଲେ ବୋଲି ଜଣାପଡ଼ିଛି। ଜାଲ୍ ପରିଚୟରେ ମହୀଶୂରରେ ରହୁଥିବା ଶରିକ୍‌ଙ୍କ ଘର ଶିବମୋଗା ଜିଲାର ଥିର୍ଥହାଲି ସହରର ସୋପୁଗୁଡ୍ଡେ ଅଞ୍ଚଳରେ। ଗତବର୍ଷ ଜାମିନ ପାଇବା ପରେ ସେ ଫେରାର ଥିଲେ। ଶିବମୋଗା ସାମ୍ପ୍ରଦାୟିକ ସଂଘର୍ଷରେ ମଧ୍ୟ ସେ ସାମିଲ ଥିଲେ ବୋଲି ପୋଲିସ କହିଛି। ସେ ଶିବମୋଗାରୁ ପଳାଇଯାଇ କୋଏମ୍ବାଟୁର୍‌ରେ ୩ ଦିନ ରହି କେରଳ ଯାଇଥିଲେ ଓ ପରେ ତାମିଲନାଡୁ ହୋଇ କର୍ଣ୍ଣାଟକ ଫେରିଥିଲେ।

### ୭୧ ହଜାରଙ୍କୁ ନିଯୁକ୍ତିପତ୍ର ଦେଲେ ମୋଦି

**ନୂଆଦିଲ୍ଲୀ ,୨୨।୧୧(ପି.ଟି.):** କେନ୍ଦ୍ର ସରକାରଙ୍କ 'ରୋଜଗାର ମେଳା' ଯୋଜନାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ଭିଡିଓ କନ୍‌ଫରେନ୍ସ ଜରିଆରେ ୭୧ ହଜାରରୁ ଊର୍ଦ୍ଧ୍ୱ ଯୁବତୀଯୁବକଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିଛନ୍ତି। ଗତ ମାସରେ ଏନ୍‌ଡିଏ ଶାସିତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଅନୁରୂପ ଅଭିଯାନ ଅନୁଷ୍ଠିତ ହୋଇଥିଲା। ଡବଲ ଇଞ୍ଜିନ ସରକାରରେ ଏହା ଦୁଇଗୁଣା ଲାଭ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଗୁଜରାଟ ଓ ହିମାଚଳପ୍ରଦେଶ ବିଧାନସଭା ନିର୍ବାଚନ ଲାଗି ଆଦର୍ଶ ଆଚରଣ ବିଧି ଲାଗୁ ହୋଇଥିବାରୁ ଏହି ଦୁଇ ରାଜ୍ୟକୁ ବାଦ୍ ଦିଆଯାଇ ସାରା ଦେଶର ୪୫ଟି ସ୍ଥାନରେ ନିଯୁକ୍ତି ପତ୍ର ହସ୍ତାନ୍ତର କରାଯାଇଛି। ନିର୍ବାଚନ ବେଳେ ଦିଆଯାଇଥିବା ପ୍ରତିଶ୍ରୁତି ସ୍ୱରୂପ ଆଶାୟୀ ଯୁବତୀଯୁବକଙ୍କୁ ନିଯୁକ୍ତି ପ୍ରଦାନ କରାଯାଉଛି। ସରକାର ନିଯୁକ୍ତି ସୃଷ୍ଟି ଉପରେ ସର୍ବାଧିକ ପ୍ରାଥମିକତା ଦେଉଥିବା ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ଗତ ମାସରେ ୭୫,୦୦୦ରୁ ଊର୍ଦ୍ଧ୍ୱ ଯୁବତୀଯୁବକଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରାଯାଇଥିଲା।

### ଆଫ୍‌ତାବଙ୍କ ପଲିଗ୍ରାଫ୍ ଟେଷ୍ଟ ପାଇଁ କୋର୍ଟ ଅନୁମତି

**ନୂଆଦିଲ୍ଲୀ,୨୨।୧୧:** ଶ୍ରଦ୍ଧା ୱାକର ହତ୍ୟା ମାମଲାରେ ଦିଲ୍ଲୀର ଏକ କୋର୍ଟ ମଙ୍ଗଳବାର ଅଭିଯୁକ୍ତ ଆଫ୍‌ତାବ ପୁନାୱାଲାଙ୍କ ପଲିଗ୍ରାଫ୍ ଟେଷ୍ଟ ପାଇଁ ପୋଲିସକୁ ଅନୁମତି ଦେଇଛନ୍ତି। ଏଥିସହ ଅଧିକ ତଦନ୍ତ ଲାଗି ପୋଲିସ ରିମାଣ୍ଡ ଅବଧିକୁ ଆଉ ୪ ଦିନ ବଢ଼ାଇ ଦିଆଯାଇଛି। ସାକେତ କୋର୍ଟ ମେଟ୍ରୋପଲିଟାନ୍ ମାଜିଷ୍ଟ୍ରେଟ୍ ଅବିରଳ ଶୁକ୍ଳା କହିଛନ୍ତି, ତଦନ୍ତକାରୀ ଅଧିକାରୀ ଦର୍ଶାଇଥିବା କାରଣ ମୁତାବକ ଦିଲ୍ଲୀ ପୋଲିସକୁ ଅଧିକ ତଦନ୍ତ ପାଇଁ ଆଫ୍‌ତାବଙ୍କୁ ନଭେମ୍ବର ୨୬ ପର୍ଯ୍ୟନ୍ତ ରିମାଣ୍ଡରେ ରଖିବାକୁ ଅନୁମତି ପ୍ରଦାନ କରାଯାଇଛି। ସେହିପରି ଆଫ୍‌ତାବଙ୍କୁ ଆଇନଜୀବୀ ଅବିନାଶ କୁମାରଙ୍କ ଦ୍ୱାରା ଦିଆଯାଇଥିବା ଆଇନଗତ ସହାୟତାକୁ ନେଇ କୋର୍ଟ ସନ୍ତୁଷ୍ଟ। ଅନ୍ୟପକ୍ଷେ ବିଚାରପତି ବିଜୟଶ୍ରୀ ରାଠୋର ଆଫ୍‌ତାବଙ୍କ ପଲିଗ୍ରାଫ୍ ଟେଷ୍ଟ ପାଇଁ ଅନୁମତି ପ୍ରଦାନ କରିଛନ୍ତି। ଇତିମଧ୍ୟରେ ଆଫ୍‌ତାବଙ୍କ ଓକିଲ ଅବିନାଶ କୁମାର କହିଛନ୍ତି, ତାଙ୍କ ମହକିଲ ତଦନ୍ତରେ ପୋଲିସକୁ ସହଯୋଗ କରୁଛନ୍ତି। ଶ୍ରଦ୍ଧାଙ୍କୁ ହତ୍ୟା କରିଥିବା ନେଇ କୋର୍ଟରେ ସେ ଦୋଷ ସ୍ୱୀକାର କରିନାହାନ୍ତି। ପ୍ରକାଶ ଯେ, ୨୮ ବର୍ଷୀୟ ଆଫ୍‌ତାବ ତାଙ୍କ ଲିଭ୍-ଇନ୍ ପାର୍ଟନରଙ୍କୁ ଗତ ମେ' ୧୮ରେ ମେହେରୁଲିର ଏକ ଆପାର୍ଟମେଣ୍ଟରେ ତଣ୍ଟିଚିପି ହତ୍ୟା କରିବା ପରେ ତାଙ୍କ ଶରୀରକୁ ୩୫ ଖଣ୍ଡ କରି ଜଙ୍ଗଲରେ ଫିଙ୍ଗିଥିବା ନେଇ ଦୋଷ ମାନିଥିବା ଦିଲ୍ଲୀ ପୋଲିସ କହିଥିଲା।

### କଶ୍ମୀରରେ ୩୦୦ ଆତଙ୍କବାଦୀ ସକ୍ରିୟ

**ପୁଞ୍ଛ୍ ,୨୨।୧୧(ପି.ଟି.):** ଜମ୍ମୁ-କଶ୍ମୀରରେ ୩୦୦ ଆତଙ୍କବାଦୀ ସକ୍ରିୟ ଥିବାବେଳେ ଅନୁପ୍ରବେଶ ଲାଗି ୧୬୦ ଜଣ ଏଲ୍‌ଓସି ସେପଟେ ଲଞ୍ଚ୍ ପ୍ୟାଡ୍‌ରେ ସୁଯୋଗ ଅପେକ୍ଷାରେ ରହିଥିବା ନର୍ଦର୍ନ କମାଣ୍ଡର ଜେନେରାଲ ଅଫିସର କମାଣ୍ଡିଂ-ଇନ୍-ଚିଫ୍ ଲ୍ୟୁଟ୍‌ନାଣ୍ଟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ କହିଛନ୍ତି। ୨୦୧୯ ଅଗଷ୍ଟ ୫ରେ ଉପତ୍ୟକାରୁ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ହେବା ପରେ କେନ୍ଦ୍ରଶାସିତ ଅଞ୍ଚଳର ସୁରକ୍ଷା ସ୍ଥିତିରେ ବଡ଼ ପରିବର୍ତ୍ତନ ଆସିଛି। ଆତଙ୍କବାଦୀ କାର୍ଯ୍ୟକଳାପ ବହୁ ପରିମାଣରେ ନିୟନ୍ତ୍ରଣକୁ ଆସିଥିବା ସେ କହିଛନ୍ତି। ଯେଉଁମାନେ ସକ୍ରିୟ ଅଛନ୍ତି, ସେମାନେ ଆଗକୁ ଯେପରି କୌଣସି କ୍ଷୟକ୍ଷତି ନ ଘଟାଇବେ, ସେଥିପାଇଁ ପଦକ୍ଷେପ ନିଆଯାଉଛି।



ୱେଷ୍ଟ ଜାଭା ପ୍ରଦେଶର ସିଆନ୍‌ଜୁରରେ ଆହତ ଶିଶୁଙ୍କୁ ଉଦ୍ଧାର କରି ହସ୍ପିଟାଲକୁ ନେଉଛନ୍ତି ଜଣେ ସ୍ୱେଚ୍ଛାସେବୀ।

## ଇଣ୍ଡୋନେସିଆ ଭୂକମ୍ପ ମୃତ୍ୟୁସଂଖ୍ୟା ୨୬୮

**ସିଆଞ୍ଜୁର,୨୨।୧୧:** ଇଣ୍ଡୋନେସିଆର ଜାଭା ଦ୍ୱୀପରେ ହୋଇଥିବା ଭୂକମ୍ପ ମୃତ୍ୟୁସଂଖ୍ୟା ମଙ୍ଗଳବାର ୨୬୮କୁ ବୃଦ୍ଧି ପାଇଛି। ଭଗ୍ନାବଶେଷ ତଳୁ ଉଦ୍ଧାର କାର୍ଯ୍ୟ ଜାରି ରହିଥିବାବେଳେ ସମ୍ପର୍କୀୟମାନେ ଶବସତ୍କାର କାର୍ଯ୍ୟ ଆରମ୍ଭ କରିଛନ୍ତି। ଜନବହୁଳ ପଶ୍ଚିମ ଜାଭାର ଉଚ୍ଚା କୋଠାଗୁଡ଼ିକରୁ ମୃତଦେହ ମିଳୁଛି। ସୋମବାର ଜାଭାର ସିଆଞ୍ଜୁର ସହର ନିକଟରେ ୫.୬ ତୀବ୍ରତାର ଭୂକମ୍ପ ହୋଇଥିଲା। ପ୍ରଥମ ଦିନ ୧୬୨ ମୃତଦେହ ମିଳିଥିବାବେଳେ ମଙ୍ଗଳବାର ଏହା ୨୬୮ରେ ପହଞ୍ଚିଛି। ଭଗ୍ନାବଶେଷ ଓ ମାଟି ଅତଡ଼ା ତଳେ ଅଧିକ ମୃତଦେହ ରହିଥାଇପାରେ ବୋଲି ଆଶଙ୍କା କରାଯାଉଛି। ୧୫୧ ଜଣ ନିଖୋଜ ଥିବାବେଳେ ହଜାରେରୁ ଊର୍ଦ୍ଧ୍ୱ ଆହତ ହୋଇ ବିଭିନ୍ନ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି।

## ୫ରେ ଇଲେକ୍ଟୋରାଲ ବଣ୍ଡ୍ ଶୁଣାଣି

ନୂଆଦିଲ୍ଲୀ ,୨୨।୧୧(ପି.ଟି.)

ସାଧାରଣ ନିର୍ବାଚନ ଏବଂ ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳ ବିଧାନସଭା ନିର୍ବାଚନ ବର୍ଷରେ ଇଲେକ୍ଟୋରାଲ ବଣ୍ଡ୍ ବିକ୍ରି ସମୟସୀମା ଆଉ ୧୫ ଦିନ ବଢ଼ାଇବା ଲାଗି ନିକଟରେ ସରକାରଙ୍କ ବିଜ୍ଞପ୍ତିକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ଦାଏର ପିଟିଶନର ଶୁଣାଣି ଡିସେମ୍ବର ୫ରେ ହେବ। କଂଗ୍ରେସ ନେତା ଜୟ ଠାକୁରଙ୍କ ଉକ୍ତ ପିଟିଶନ ବ୍ୟତୀତ ୨୦୧୮ ଇଲେକ୍ଟୋରାଲ ବଣ୍ଡ ସ୍କିମ୍‌ର ବୈଧତାକୁ ଚ୍ୟାଲେଞ୍ଜ କରି ଦାଏର ହୋଇଥିବା ଅନ୍ୟ ପିଟିଶନଗୁଡ଼ିକର ଶୁଣାଣି ଡିସେମ୍ବର ୬ରେ ହେବ ବୋଲି ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼, ଜଷ୍ଟିସ୍ ହିମା କୋହଲି ଏବଂ ଜେ.ବି. ପର୍ଡିୱାଲାଙ୍କ ଖଣ୍ଡପୀଠ କହିଛନ୍ତି। ରାଜନୈତିକ ପାଣ୍ଠି ସଂଗ୍ରହରେ ସ୍ୱଚ୍ଛତା ଲାଗି ନଗଦ ଚାନ୍ଦାର ବିକଳ୍ପ ଭାବେ ଇଲେକ୍ଟୋରାଲ ବଣ୍ଡ୍ ପ୍ରଚଳନ କରାଯାଇଥିଲା। ଏନେଇ ସରକାର ୨୦୧୮ ଜାନୁୟାରୀ ୨ରେ ବିଜ୍ଞପ୍ତି ପ୍ରକାଶ କରିଥିଲେ। ଜଣେ ଭାରତୀୟ ନାଗରିକ କିମ୍ବା ଭାରତର କୌଣସି ସଂସ୍ଥା ଏହି ବଣ୍ଡ୍ କିଣିପାରିବେ। ଜନପ୍ରତିନିଧି ଆଇନ, ୧୯୫୧ର ଧାରା ୨୯ଏରେ ପଞ୍ଜୀକୃତ ହୋଇଥିବା ରାଜନୈତିକ ଦଳ ଏବଂ ଗତ ସାଧାରଣ ନିର୍ବାଚନ ଓ ରାଜ୍ୟ ବିଧାନସଭା ନିର୍ବାଚନରେ ୧ ପ୍ରତିଶତରୁ କମ୍ ଭୋଟ ପାଇ ନ ଥିବା ଦଳ ଇଲେକ୍ଟୋରାଲ ବଣ୍ଡ୍ ଗ୍ରହଣ କରିବାକୁ ଯୋଗ୍ୟ। ରାଜନୈତିକ ଦଳ ଉକ୍ତ ବଣ୍ଡ୍‌କୁ ଅଧିକୃତ ବ୍ୟାଙ୍କରେ ଏନ୍‌କ୍ୟାଶ୍ କରିଥାନ୍ତି। ନିକଟରେ କେନ୍ଦ୍ର ସରକାର ଉକ୍ତ ବଣ୍ଡ୍ ଯୋଜନାରେ ସଂଶୋଧନ କରି ସାଧାରଣ ନିର୍ବାଚନ ଓ ରାଜ୍ୟ ବିଧାନସଭା ନିର୍ବାଚନ ବର୍ଷରେ ଅଧିକ ୧୫ ଦିନ ବଣ୍ଡ୍ ବିକ୍ରି କରାଯିବା ବ୍ୟବସ୍ଥା କରିଥିଲେ। ଉକ୍ତ ବିଜ୍ଞପ୍ତିକୁ କଂଗ୍ରେସ ନେତା ଜୟ ଠାକୁର ସର୍ବୋଚ୍ଚ ଅଦାଲତରେ ଚ୍ୟାଲେଞ୍ଜ କରିଥିଲେ।

**ଜଳବାୟୁ ପରିବର୍ତ୍ତନ ପ୍ରଦର୍ଶନ ସୂଚକାଙ୍କ**

# ୨ ପାଦ ଉଠିଲା ଭାରତ

CCPI
Climate Change Performance Index

ନୂଆଦିଲ୍ଲୀ,୨୨।୧୧(ଆଇଏଏନ୍‌ଏସ୍)

ଜଳବାୟୁ ପରିବର୍ତ୍ତନ ପ୍ରଦର୍ଶନ ସୂଚକାଙ୍କ (ସିସିପିଆଇ-୨୦୨୩)ରେ ଭାରତ ୨ ପାଦ ଉପରକୁ ଉଠି ଅଷ୍ଟମ ସ୍ଥାନରେ ରହିଛି। ଜର୍ମାନ ୱାଚ୍, ନ୍ୟୁ କ୍ଲାଇମେଟ୍ ଇନ୍‌ଷ୍ଟିଚ୍ୟୁଟ୍ ଏବଂ କ୍ଲାଇମେଟ୍ ଆକ୍ସନ ନେଟ୍‌ୱର୍କ ପକ୍ଷରୁ ମଙ୍ଗଳବାର ଜାରି ସୂଚକାଙ୍କରେ ଏହି ବିଷୟ ପ୍ରକାଶ ପାଇଛି। କପ୍୨୭ରେ ସଦ୍ୟ ପ୍ରକାଶିତ ସିସିପିଆଇ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ୪ ଛୋଟ ଦେଶ ଡେନ୍‌ମାର୍କ, ସୁଇଡେନ୍, ଚିଲି ଓ ମରକ୍କୋର ସ୍ଥାନ ଭାରତ ଉପରେ ରହିଛି। ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନରେ କୌଣସି ଦେଶକୁ ରଖାଯାଇ ନାହିଁ। ତେଣୁ ସମସ୍ତ ବୃହତ୍ ଅର୍ଥନୀତି ମଧ୍ୟରେ ଭାରତ ମଜଭୁତ ସ୍ଥିତିରେ ରହିଥିବା ଆନୁଷ୍ଠାନିକ ଭାବେ କୁହାଯାଇଛି। ସେହିପରି ଜି୨୦ର ସର୍ବୋତ୍ତମ ୫ ରାଷ୍ଟ୍ର ମଧ୍ୟରେ ଭାରତର ସ୍ଥାନ ୧ ନମ୍ବରରେ ରହିଛି। ଅନ୍ତର୍ଜାତୀୟ ଜଳବାୟୁ ରାଜନୀତିରେ ସ୍ୱଚ୍ଛତାକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ସିସିପିଆଇ କାର୍ଯ୍ୟ କରିଥାଏ। ଏଥିସହ ପ୍ରତ୍ୟେକ ଦେଶ ପକ୍ଷରୁ କରାଯାଉଥିବା ଜଳବାୟୁ ସୁରକ୍ଷା ଉଦ୍ୟମ ଓ ବିକାଶର ତୁଳନାତ୍ମକ ଚିତ୍ର ଆଙ୍କିଥାଏ। ୨୦୦୫ ମସିହାରୁ ପ୍ରତିବର୍ଷ ପ୍ରକାଶ ପାଉଥିବା କ୍ଲାଇମେଟ୍ ଚେଞ୍ଜ ପରଫରମାନ୍ସ ଇଣ୍ଡେକ୍ସ ହେଉଛି ଏକ ସ୍ୱାଧୀନ ନିରୀକ୍ଷଣକାରୀ ଟୁଲ୍, ଯାହା ଜରିଆରେ ୫୯ ରାଷ୍ଟ୍ର ଏବଂ ୟୁରୋପୀୟ ସଂଘ (ଇୟୁ)ର ଜଳବାୟୁ ସୁରକ୍ଷା ପ୍ରଦର୍ଶନକୁ ଟ୍ରାକ୍ କରାଯାଏ। ବୈଶ୍ୱିକ ସବୁଜଗୃହ (ଜିଏଚ୍‌ଜି) ଉତ୍ସର୍ଜନର ୯୨% ଏହି ୫୯ ରାଷ୍ଟ୍ରରେ ହୋଇଥାଏ। ଜଳବାୟୁ ସୁରକ୍ଷା ପ୍ରଦର୍ଶନର ସମୀକ୍ଷା ୪ଟି ବର୍ଗରେ କରାଯାଇଥାଏ। ଜିଏଚ୍‌ଜି ଉତ୍ସର୍ଜନ (୪୦%), ନବୀକରଣୀୟ ଶକ୍ତି (୨୦%), ଶକ୍ତି ବ୍ୟବହାର (୨୦%) ଏବଂ ଜଳବାୟୁ ନୀତି (୨୦%) ଆଧାରରେ ଦେଶଗୁଡ଼ିକର ସ୍କୋର ନିର୍ଦ୍ଧାରଣ କରାଯାଏ।

## ସୁମେରୁରେ ତରଳୁଛି ହିମବାହ

ସୋଚି(ରୁଷିଆ),୨୨।୧୧



ବିଶ୍ୱତାପନ ଓ ଜଳବାୟୁ ପରିବର୍ତ୍ତନ ଯୋଗୁ ସୁମେରୁରେ ବୃହତ୍ ହିମବାହ ତରଳିବାରେ ଲାଗିଛି। ଫଳରେ ନୂଆ ଶିପିଂ ରୁଟ୍ ଖୋଲିବ। ଭାରତ ମହାସାଗର ଉପରେ ମଧ୍ୟ ଏହାର ପ୍ରଭାବ ପଡ଼ିବ ବୋଲି ଗବେଷକମାନେ ମତ ଦେଇଛନ୍ତି। ସୋଚିରେ ରୁଷୀୟ କମ୍ପାନୀ ରୋସାଟୋମ୍ ପକ୍ଷରୁ ଆୟୋଜିତ ଗ୍ଲୋବାଲ ନ୍ୟୁକ୍ଲିୟର ପାୱାର ସମ୍ମିଳନୀରେ ପିଲାନିସ୍ଥିତ ବିର୍ଲା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ଆଣ୍ଡ ସାଇନ୍ସର ହ୍ୟୁମାନିଟିଜ୍ ଆଣ୍ଡ ସୋସିଆଲ ସାଇନ୍ସେସ୍ ବିଭାଗ ପ୍ରାଧ୍ୟାପକ ରୁଦ୍ର ପ୍ରସାଦ ପ୍ରଧାନ କହିଛନ୍ତି, ଯଦି ଉତ୍ତରମେରୁ ତରଳେ ତେବେ ଜାହାଜ ଚଳାଚଳ ପାଇଁ ନୂଆ ବାଟ ଫିଟିବ। ଫଳରେ ଜାହାଜ ଚଳାଚଳ ବାବଦ ଖର୍ଚ୍ଚ ୪୦% କମିଯିବ। ସମ୍ପ୍ରତି ଭାରତ ମହାସାଗରରେ ଟ୍ରାଫିକ୍ ହେଉଛି ଏକ ଟ୍ରାଞ୍ଜିଟ୍ ରୁଟ୍। ଏହି ଜଳପଥ ଦେଇ ଭାରତକୁ ପଣ୍ୟ ସାମଗ୍ରୀ ଆସିଥାଏ। ଭବିଷ୍ୟତରେ ଆର୍କଟିକ୍ ପଥ ଖୋଲିଲେ ଭାରତ ଉପରେ କି ପ୍ରଭାବ ପଡୁଛି ତା' ଉପରେ ଅନୁଧ୍ୟାନ କରାଯିବା ଉଚିତ। ଭାରତ ସ୍ମାର୍ଟ ପୋର୍ଟ, ଗ୍ରୀନ୍ ଶପିଂ ଏବଂ ନେଟ୍ ଜିରୋ ଭଳି ନୂଆ ଥିମ୍‌ର ସୁବିଧା ମଧ୍ୟ ନେଇପାରିବ ବୋଲି ପ୍ରଫେସର ପ୍ରଧାନ ପରାମର୍ଶ ଦେଇଛନ୍ତି।

**ଜାହାଜ ଚଳାଚଳ ପାଇଁ ବାଟ ଫିଟିବ: ବିଶେଷଜ୍ଞ**

## ବିଦ୍ୟୁତ୍ ନାହିଁ, ବିଲ୍ ୬୦ ହଜାର

ଶାମ୍‌ଲି,୨୨।୧୧

ବିଦ୍ୟୁତ୍ ସଂଯୋଗ ଦିଆଯାଇନାହିଁ। କିନ୍ତୁ ଘର ପିଛା ୩୦ ହଜାରରୁ ୬୦ ହଜାର ଟଙ୍କା ପର୍ଯ୍ୟନ୍ତ ଇଲେକ୍ଟ୍ରିସିଟି ବିଲ୍ ଆସୁଛି। ଉତ୍ତର ପ୍ରଦେଶର ଶାମ୍‌ଲି ଜିଲା ଅନ୍ତର୍ଗତ ଝିନ୍‌ଝାନା ଅଞ୍ଚଳର ୧୨ ଗ୍ରାମରେ ଏଭଳି ଦେଖିବାକୁ ମିଳିଛି। ଏହାକୁ ନେଇ ସମ୍ପୃକ୍ତ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସେମାନେ ଏନେଇ କାହା ନିକଟରେ ଅଭିଯୋଗ କରିବେ ତାହା ମଧ୍ୟ ଜାଣିନାହାନ୍ତି। କିଛି ବର୍ଷ ପୂର୍ବେ ଗାଁରେ ବିଦ୍ୟୁତ୍ ସଂଯୋଗ ପାଇଁ ମାଗଣାରେ ମିଟର ବସାଯାଇଥିଲା। ଖୁବ୍‌ଶୀଘ୍ର ବିଦ୍ୟୁତ୍ ସଂଯୋଗ ହୋଇଯିବ ବୋଲି ବିଭାଗୀୟ ଅଧିକାରୀମାନେ କହିଥିଲେ। ବର୍ତ୍ତମାନ ସୁଦ୍ଧା ବିଦ୍ୟୁତ୍ ଯୋଗାଣ ହୋଇପାରି ନ ଥିବାବେଳେ ଘର ପିଛା ୩୦ ହଜାରରୁ ୬୦ ହଜାର ଟଙ୍କା ପଇଠ କରିବା ପାଇଁ ବିଲ୍ ଆସିଛି। ଏହି ଗାଁଗୁଡ଼ିକ ମଧ୍ୟରେ ରହିଛି ଖୋକ୍ସା, ଅଲାଉଦ୍ଦିନପୁର, ଦୁଧିଲି, ଡେରା ଭଗୀରଥ ଓ ନୟା ଗାଁ। ବଓ୍ୱରିଆ ସମାଜର ପଛୁଆ ଲୋକଙ୍କୁ ଆଲୋକ ଦେଖାଇ ସମାଜର ମୁଖ୍ୟ ସ୍ରୋତକୁ ଆଣିବା ପାଇଁ ଖୋକ୍ସା ଗ୍ରାମର ପ୍ରାୟ ୨୫୦ ଘରେ ମିଟର ବସାଯାଇଛି। ପଶ୍ଚିମାଞ୍ଚଳ ବିଦ୍ୟୁତ୍ ବିତରଣ ନିଗମ ଲିଃର ଶାମ୍‌ଲି ସୁପରିଣ୍ଟେଣ୍ଡିଂ ଇଞ୍ଜିନିୟର ରାମ କୁମାର ଏହାର ତଦନ୍ତ ସହ ଗ୍ରାମବାସୀଙ୍କ ଅସୁବିଧା ଦୂର କରାଯିବ ବୋଲି କହିଛନ୍ତି।

## ଚାଇନା ପ୍ଲାଣ୍ଟରେ ନିଆଁ: ୩୮ ମୃତ

ବେଜିଂ ,୨୨।୧୧(ପି.ଟି.)



ଚାଇନାର ହେନାନ ପ୍ରଦେଶରେ ଥିବା ଏକ କପଡ଼ା କାରଖାନାରେ ସୋମବାର ଭୟାବହ ଅଗ୍ନିକାଣ୍ଡ ଘଟି ୩୮ ଜଣଙ୍କ ମୃତ୍ୟୁ ହୋଇଛି। ନିଆଁ ଲିଭାଇବା ଲାଗି ଅଗ୍ନିଶମ ବାହିନୀକୁ ୪ ଘଣ୍ଟାରୁ ଅଧିକ ସମୟ ଲାଗିଥିଲା। ଦୁଇଜଣ ଗୁରୁତର ଆହତଙ୍କୁ ହସ୍ପିଟାଲରେ ଚିକିତ୍ସା କରାଯାଉଛି। କପଡ଼ା ଉତ୍ପାଦନକାରୀ କମ୍ପାନୀ କାରଖାନାରେ ଅଗ୍ନିନିର୍ବାପନ ନିୟମାବଳୀ କାର୍ଯ୍ୟକାରୀ କରି ନ ଥିଲେ ବୋଲି ସ୍ଥାନୀୟ କର୍ତ୍ତୃପକ୍ଷ କହିଛନ୍ତି। ୱେଲ୍ଡିଂ ଚାଲିଥିବାବେଳେ ସ୍ପାର୍କିଂରୁ ତୁଳାରେ ନିଆଁଲାଗି ଚାରିଆଡ଼କୁ ବ୍ୟାପିଯାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଅଗ୍ନିକାଣ୍ଡ ପାଇଁ ଯେଉଁମାନେ ଦାୟୀ, ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ କହିଛନ୍ତି। ପୋଲିସ କେତେଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ସୂଚନାଯୋଗ୍ୟ, ୨୦୧୫ ଅଗଷ୍ଟରେ ଟିଆନଜିନ୍ ପୋର୍ଟରେ ଥିବା ଏକ ୱେରହାଉସ୍‌ରେ ନିଆଁଲାଗି ୧୭୦ ଜଣଙ୍କର ମୃତ୍ୟୁ ହେବା ସହ ୭୦୦ ଆହତ ହୋଇଥିଲେ। ଉକ୍ତ ୱେରହାଉସ୍‌ରେ ୭୦୦ ଟନ୍ ସୋଡିୟମ ସିଆନାଇଡ୍ ସମେତ ବହୁ ପରିମାଣର ବିଷାକ୍ତ ରାସାୟନିକ ପଦାର୍ଥ ରହିଥିଲା।

## ମହାରାଷ୍ଟ୍ର ରାଜ୍ୟପାଳଙ୍କ ବହିଷ୍କାର ଲାଗି ହାଇକୋର୍ଟରେ ପିଟିଶନ

**ମୁମ୍ବାଇ, ୨୨।୧୧:** ଛତ୍ରପତି ଶିବାଜୀଙ୍କ ସମ୍ପର୍କରେ ବିବାଦୀୟ ମନ୍ତବ୍ୟ ଦେଇଥିବା ମହାରାଷ୍ଟ୍ର ରାଜ୍ୟପାଳ ଭଗତ ସିଂ କୋଶ୍ୟାରିଙ୍କୁ ବହିଷ୍କାର ଲାଗି ବମ୍ବେ ହାଇକୋର୍ଟରେ ପିଟିଶନ ଦାଏର ହୋଇଛି। ଶିବାଜୀଙ୍କୁ ପୁରୁଣା ଦିନର ଆଇକନ୍ ବୋଲି ରାଜ୍ୟପାଳ କହିଥିଲେ। ତାଙ୍କ ବିରୋଧରେ ଏତଲା ଦାଏର କରିବାକୁ ପିଟିଶନରେ ଦାବି ହୋଇଛି। କୌଣସି ଅପରାଧରେ ରାଜ୍ୟପାଳ ଦୋଷୀସାବ୍ୟସ୍ତ ହେଲେ ତାଙ୍କୁ ମହାଭିଯୋଗରେ ବହିଷ୍କାର କରାଯାଇପାରିବ ବୋଲି କୋର୍ଟ ନିର୍ଦ୍ଦେଶ ଦେବାକୁ ଆବେଦନକାରୀ ଦୀପକ ଦିଲୀପ ଜଗଦେବ ଦାବି କରିଛନ୍ତି। ଔରଙ୍ଗାବାଦରେ ରାଜ୍ୟପାଳ ଦେଇଥିବା ମନ୍ତବ୍ୟକୁ ନେଇ ରାଜନୈତିକ ଝଡ଼ ସୃଷ୍ଟି ହୋଇଛି। ତାଙ୍କ ବହିଷ୍କାର ଲାଗି ଶିବସେନା ଉଦ୍ଧବ ଗୋଷ୍ଠୀ, ଏନ୍‌ସିପି, କଂଗ୍ରେସ ବିକ୍ଷୋଭ କରିଛନ୍ତି।

## ୧୦୦ ବିଲିୟନ ଡଲାର ହରାଇଲେଣି ମସ୍କ

ନୂଆଦିଲ୍ଲୀ ,୨୨।୧୧(ପି.ଟି.)



ଟେସ୍‌ଲା ସହପ୍ରତିଷ୍ଠାତା ଏଲନ୍ ମସ୍କ ଚଳିତ ବର୍ଷ ୧୦୦.୫ ବିଲିୟନ ଡଲାର ହରାଇଲେଣି। ତଥାପି ସେ ଏବେ ବିଶ୍ୱର ସର୍ବଶ୍ରେଷ୍ଠ ଧନୀ। ବ୍ଲୁମ୍‌ବର୍ଗ ବିଲିୟନେୟାର୍ସ ସୂଚକାଙ୍କ ଅନୁଯାୟୀ ତାଙ୍କ ମୋଟ ସମ୍ପତ୍ତି ପରିମାଣ ୧୬୯.୮ ବିଲିୟନ ଡଲାର। ବର୍ଷେରୁ ଊର୍ଦ୍ଧ୍ୱ ସମୟ ପୂର୍ବରୁ ତାଙ୍କ ସମ୍ପତ୍ତି ପରିମାଣ ସର୍ବାଧିକ ୩୪୦ ବିଲିୟନ ଡଲାରରେ ପହଞ୍ଚିଥିଲା। ଏବେ ସେ ଦୈନିକ ହାରାହାରି ୨,୫୦୦ କୋଟି ଟଙ୍କା ହରାଉଥିବା ଜଣାପଡ଼ିଛି।

ଚଳିତ ବର୍ଷ ମସ୍କ ଅନେକ ଚ୍ୟାଲେଞ୍ଜ୍‌ର ସମ୍ମୁଖୀନ ହୋଇଛନ୍ତି। ନିର୍ମାଣଜନିତ ତ୍ରୁଟି ଯୋଗୁ ଆମେରିକାରେ ତାଙ୍କ ଟେସ୍‌ଲା କମ୍ପାନୀକୁ ୩ ଲକ୍ଷ ଗାଡ଼ି ଫେରାଇ ନେବାକୁ ପଡ଼ିଛି। ଫଳରେ ସୋମବାର ନ୍ୟୁୟର୍କ ଟ୍ରେଡିଂରେ ଟେସ୍‌ଲା ଶେୟାର ୬.୮ ପ୍ରତିଶତ ହ୍ରାସ ପାଇ ୧୬୭.୮୭ ଡଲାରରେ ପହଞ୍ଚିଛି, ଯାହାକି ୨୦୨୦ ନଭେମ୍ବରଠାରୁ ସର୍ବନିମ୍ନ। ବର୍ଷକରେ ଶେୟାର ମୂଲ୍ୟ ୫୨ ପ୍ରତିଶତ ହ୍ରାସ ପାଇଛି। ଗତମାସରେ ମସ୍କ ୪୪ ବିଲିୟନ ଡଲାର ବିନିମୟରେ ସୋସିଆଲ ମିଡିଆ ନେଟ୍‌ୱର୍କ ଟୁଇଟରକୁ କିଣିଥିଲେ। ଏହା ପରେ ସେ ଟୁଇଟରରୁ ୬୦ ପ୍ରତିଶତ କର୍ମଚାରୀଙ୍କୁ ଛଟେଇ କଲେଣି।

## ଜେଲମନ୍ତ୍ରୀଙ୍କୁ ମାଲିସ କରୁଥିଲେ ବଳାତ୍କାର ଅଭିଯୁକ୍ତ

ନୂଆଦିଲ୍ଲୀ ,୨୨।୧୧

ମନିଲଣ୍ଡରିଂ ମାମଲାରେ ଦିଲ୍ଲୀର ତିହାର ଜେଲରେ ଥିବା ଦିଲ୍ଲୀ ଜେଲ ବିଭାଗ ମନ୍ତ୍ରୀ ସତ୍ୟେନ୍ଦ୍ର ଜୈନଙ୍କୁ ସେଠାରେ ମସାଜ କରାଯାଉଥିବାର ଭିଡିଓ ଭାଇରାଲ ହୋଇଥିଲା। ସତ୍ୟେନ୍ଦ୍ର ଅସୁସ୍ଥ ଥିବାରୁ ତାଙ୍କର ଫିଜିଓଥେରାପି ଚିକିତ୍ସା ଚାଲିଥିବା କଥା ଆମ୍ ଆଦ୍‌ମୀ ପାର୍ଟି ପକ୍ଷରୁ କୁହାଯାଇଥିଲା। ତେବେ ମାଲିସ କରୁଥିବା ବ୍ୟକ୍ତି ଜଣକ ଫିଜିଓଥେରାପିଷ୍ଟ ନୁହନ୍ତି, ଉକ୍ତ ଜେଲରେ ଥିବା ଜଣେ ବଳାତ୍କାର ଅଭିଯୁକ୍ତ ବୋଲି ଜଣାପଡ଼ିଛି। ସେ ତାଙ୍କ ନିଜ ଝିଅକୁ ବଳାତ୍କାର କରିବା ଅଭିଯୋଗରେ ଗିରଫ ହୋଇ ଜେଲରେ ଅଛନ୍ତି। ଏହି ଖବର ପଦାକୁ ଆସିବା ପରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଆମ୍ ଆଦ୍‌ମୀ ପାର୍ଟି ଆବାହକ ଅରବିନ୍ଦ କେଜ୍ରିୱାଲ କ୍ଷମା ମାଗନ୍ତୁ ବୋଲି ଭାଜପା ଦାବି କରିଛି। ସତ୍ୟେନ୍ଦ୍ର ଜୈନ ମନ୍ତ୍ରୀ ପଦରେ ଆଉ ମୁହୂର୍ତ୍ତେ ମଧ୍ୟ ରହିବା ଉଚିତ ନୁହେଁ ବୋଲି ବିରୋଧୀ ଦଳ କହିଛି।

ତିହାର ଜେଲ ସିକ୍ୟୁରିଟି ଭିଡିଓରେ ମସାଜ କରୁଥିବା ବ୍ୟକ୍ତି ଜଣକ ବନ୍ଦୀ ରିଙ୍କୁ ବୋଲି ଜଣାପଡ଼ିଛି। ତାଙ୍କ ବିରୋଧରେ ପୋକ୍ସୋ ଆଇନର ବିଭିନ୍ନ ଧାରାରେ ମାମଲା ଚାଲିଥିବା ଜେଲର ଜଣେ ଅଧିକାରୀ କହିଛନ୍ତି। ରିଙ୍କୁଙ୍କ ବିରୋଧରେ ୧୦ ଶ୍ରେଣୀରେ ପଢୁଥିବା ଝିଅ ବଳାତ୍କାର ଅଭିଯୋଗ ଆଣିବା ପରେ ସେ ଗତବର୍ଷ ଗିରଫ ହୋଇଥିଲେ। ସତ୍ୟେନ୍ଦ୍ରଙ୍କୁ ଜେଲରେ ଭିଆଇପି ଚର୍ଚ୍ଚା କରାଯାଉଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଅଭିଯୋଗ ଆଣିବା ପରେ ଜେଲ ମହାନିର୍ଦ୍ଦେଶକଙ୍କ ସମେତ ୧୨ ଜଣଙ୍କ ବଦଳି ହୋଇଥିଲା।

# ଫିଫା ୱାର୍ଲ୍ଡକପ୍‌ରେ ଜାକିର ନାଏକ

ନୂଆଦିଲ୍ଲୀ/ପଣଜୀ,୨୨।୧୧

- ବକ୍ତୃତା ଦେବାକୁ ଡାକିଥିଲା କାତାର
- ଆପତ୍ତି ଉଠାଇବ ଭାରତ



ବିବାଦୀୟ ଇସ୍‌ଲାମୀୟ ବିଦ୍ୱାନ ଜାକିର ନାଏକଙ୍କୁ ଫିଫା ୱାର୍ଲ୍ଡକପ୍‌କୁ ବକ୍ତୃତା ଦେବା ପାଇଁ କାତାର ପକ୍ଷରୁ ନିମନ୍ତ୍ରଣ କରାଯିବା ଉପରେ ଭାରତରେ ଉଦ୍‌ବେଗ ପ୍ରକାଶ ପାଇଛି। ଇଣ୍ଡିଆନ୍ ଫୁଟ୍‌ବଲ୍ ଆସୋସିଏଶନ୍ ଏବଂ ଖେଳ ଦେଖିବାକୁ ଯାଉଥିବା ଭାରତୀୟମାନେ ବିଶ୍ୱକପ୍‌କୁ ବର୍ଜନ କରନ୍ତୁ ବୋଲି ଭାଜପା ପକ୍ଷରୁ ଦାବି କରାଯାଇଛି।

ଆତଙ୍କବାଦୀଙ୍କ ସହ ସମ୍ପୃକ୍ତି ଅଭିଯୋଗ ଆସିବା ପରେ ଭାରତରୁ ପଳାତକ କରିଥିବା ଜାକିର ନାଏକଙ୍କୁ ଭାଷଣ ଦେବା ପାଇଁ ଆୟୋଜକ ରାଷ୍ଟ୍ର କାତାର ଫିଫା ୱାର୍ଲ୍ଡ କପକୁ ନିମନ୍ତ୍ରଣ କରିଥିଲା। ବିଶ୍ୱ ଆତଙ୍କବାଦର ମୁକାବିଲା ପାଇଁ ଲଢ଼େଇ କରୁଥିବାବେଳେ ତାଙ୍କୁ ଏହି ବିଶ୍ୱମଞ୍ଚରେ ସୁଯୋଗ ଦେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଭାଜପା ନେତା ସାଭିଓ ରୋଡ୍ରିଗୁଏସ୍ କହିଛନ୍ତି। ଏହି ପ୍ରସଙ୍ଗ ବିବାଦୀୟ ହେବା ପରେ କେନ୍ଦ୍ର ଗୃହନିର୍ମାଣ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରୀ ହରଦୀପ ସିଂ ପୁରୀ କହିଛନ୍ତି, ଭାରତ କାତାରକୁ କଡ଼ା ଭାଷାରେ ନିଜ ଆପତ୍ତି ଜଣାଇବ। ପ୍ରକାଶ ଯେ, ଜାକିର ଭାରତ ଓ ବିଦେଶର ଅନେକ ମୁସଲମାନ ଯୁବକଙ୍କୁ ଆତଙ୍କବାଦ କାର୍ଯ୍ୟକଳାପରେ ସମ୍ପୃକ୍ତ ରହିବା ପାଇଁ ଉସୁକାଉଥିବା ନେଇ ପୂର୍ବରୁ ଜଣାପଡ଼ିଥିଲା। ଗୁଜରାଟ, କର୍ଣ୍ଣାଟକ, ଜମ୍ମୁ-କଶ୍ମୀର, ଝାଡ଼ଖଣ୍ଡ, କେରଳ, ମହାରାଷ୍ଟ୍ର ଓ ଓଡ଼ିଶାରେ ତାଙ୍କ ଅନୁଗାମୀ ଥିବା କୁହାଯାଉଛି। ଜାକିର ୨୦୧୬ରେ ଭାରତରୁ ମାଲେସିଆ ପଳାୟନ କରିଥିଲେ। ସେଠାରେ ତାଙ୍କୁ ସ୍ଥାୟୀ ବାସିନ୍ଦା ହେବା ପାଇଁ ତତ୍କାଳୀନ ପ୍ରଧାନମନ୍ତ୍ରୀ ମହାଥିର ମହମ୍ମଦ ଅନୁମତି ଦେଇଥିଲେ। ଜାକିରଙ୍କୁ ପ୍ରତ୍ୟର୍ପଣ କରିବା ପାଇଁ ମାଲେସିଆ ସରକାରଙ୍କୁ ଭାରତ ଅନୁରୋଧ କରିଥିଲା। ଅନ୍ୟ ଧର୍ମଗୁଡ଼ିକ ବିରୋଧରେ ଘୃଣା ମନ୍ତବ୍ୟ ଦେବା ଅଭିଯୋଗରେ ବ୍ରିଟେନ ଓ କାନାଡା ମଧ୍ୟ ଜାକିରଙ୍କ ଉପରେ ନିଷେଧାଦେଶ ଜାରି କରିଛନ୍ତି।

# କାର୍‌ରୁ ୨୨ଲକ୍ଷ ଟଙ୍କା ଜବତ

**ଅଭିଯୁକ୍ତ ଶରତ ଫେରାର**

- ବ୍ରାଉନସୁଗାର କାରବାରରେ ସମ୍ପୃକ୍ତ
- ଜବତ ଟଙ୍କା, କାର୍‌କୁ ନେଇ ଖୋଳତାଡ଼






ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ସୁରେନ୍ଦ୍ର ନାଥ ମୁର୍ମୁ ସୂଚନା ଦେଉଛନ୍ତି। ଜବତ ଟଙ୍କା ଓ କାର୍।

**ଖୋର୍ଦ୍ଧା ଅଫିସ,୨୨।୧୧**

ଖୋର୍ଦ୍ଧା ସହରକୁ ନିଶାମୁକ୍ତ କରିବା ଲାଗି ପୋଲିସ ପକ୍ଷରୁ ଚାଲିଥିବା ଅପରେଶନ ହ୍ୱାଇଟ୍ ସ୍ୱାଇଡରକୁ ପୁଣି ସଫଳତା ମିଳିଛି। ଆଦର୍ଶ ଥାନା ପୋଲିସ ୧୬ ନମ୍ବର ଜାତୀୟ ରାଜପଥ ନିକଟ ଶିଆଳିଆ ରାସ୍ତାରେ ଏକ କାର୍‌ରୁ ନଗଦ ୨୨ଲକ୍ଷ ଟଙ୍କା ଜବତ କରିଛି। ତେବେ ପୋଲିସକୁ ଚକ୍‌ମା ଦେଖାଇ ବ୍ରାଉନସୁଗାର କାରବାରରେ ୱାଣ୍ଟେଡ୍ ଥିବା ଶରତ ବେହେରା ଓରଫ ବାୟା ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ଜବତ କାର୍‌ର ମୂଲ୍ୟ ପ୍ରାୟ ୧୮ ଲକ୍ଷ ଟଙ୍କା ହେବ ବୋଲି ମଙ୍ଗଳବାର ଆଦର୍ଶ ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ସୁରେନ୍ଦ୍ର ନାଥ ମୁର୍ମୁ ସୂଚନା ଦେଇଛନ୍ତି।

ଅତିରିକ୍ତ ଏସ୍‌ପି ମୁର୍ମୁ କହିଛନ୍ତି, ଗତ ଅକ୍ଟୋବର ୨୧ରେ ଆଦର୍ଶ ଥାନା ପୋଲିସ ସାମନ୍ତରାପୁରରେ ଚଢ଼ାଉ କରି ୫୦ ଗ୍ରାମ ବ୍ରାଉନସୁଗାର ସମେତ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଜବତ କରିଥିଲା। ଏଥିସହ ଏହି କାରବାରରେ ସମ୍ପୃକ୍ତି ଅଭିଯୋଗ ନେଇ ସେହି ଅଞ୍ଚଳର କାନି ବେହେରା, ସ୍ୱର୍ଣ୍ଣଲତା ବେହେରା, ଦମୟନ୍ତୀ ବେହେରା, କୁଳମଣି ବେହେରା, ବୀରେନ୍ଦ୍ର ସାହୁ ପ୍ରମୁଖଙ୍କୁ ଗିରଫ କରିଥିଲା। ତେବେ କାନିଙ୍କ ପୁଅ ଶରତ ଫେରାର ଥିଲେ। ସୋମବାର ଅପରାହ୍ନ ସାଢ଼େ ୨ଟା ବେଳେ ସେ ଏକ ଧଳା ରଙ୍ଗର କାର୍ (ନଂ. ଓଡି-୦୨-ସିବି-୪୨୪୨)ରେ ବ୍ରାଉନସୁଗାର ଧରି ଭୁବନେଶ୍ୱର ଯାଉଥିବାବେଳେ ପୋଲିସ ଟିମ୍ ଖବର ପାଇ ରାଜପଥର ବିଭିନ୍ନ ଛକରେ ଛକି ରହିଥିଲେ। ତେବେ ପୋଲିସକୁ ଦେଖି ଶରତ ଶିଆଳିଆ ରାସ୍ତାରେ କାର୍ ଛାଡ଼ି ଚମ୍ପଟ ମାରିଥିଲେ। ପୋଲିସ ସେଠାକୁ ଯାଇ କାର୍ ଯାଞ୍ଚ କରିବାରୁ ଡିକିରୁ ଶତାଧିକ ଟଙ୍କା ବଣ୍ଡଲ ମିଳିଥିଲା। ତାହାକୁ ଗଣତି କରିବାରୁ ସେଥିରେ ୨୨ଲକ୍ଷ ଟଙ୍କା ଥିଲା। ତେବେ ଏହି ଟଙ୍କା କୁଆଡ଼େ ଓ କାହିଁକି ନିଆଯାଉଥିଲା, ଏହି ଘଟଣାରେ ଅନ୍ୟ କେହି ସମ୍ପୃକ୍ତ କି ନୁହଁନ୍ତି, କାର୍‌ର ମାଲିକ କିଏ ପ୍ରଭୃତି ବିଭିନ୍ନ ଦିଗକୁ ନେଇ ତଦନ୍ତ ଜାରି ରହିଛି ବୋଲି ଅତିରିକ୍ତ ଏସ୍‌ପି କହିଛନ୍ତି। ଚଢ଼ାଉରେ ଇନ୍ସପେକ୍ଟର ଚନ୍ଦ୍ରଶେଖର ଜେନା, ସୁକାନ୍ତ ଦଳାଇ, କନଷ୍ଟେବଲ ପ୍ରଦୀପ ହରିଚନ୍ଦନଙ୍କ ସମେତ ସ୍ପେଶାଲ ସ୍କ୍ୱାଡ୍ ଟିମ୍ ସାମିଲ ଥିଲେ। ଖବରଦାତା ସମ୍ମିଳନୀରେ ସଦର ଏସ୍‌ଡିପିଓ ଦିଲୀପ ଦାସ ଏବଂ ଥାନାଧିକାରୀ ତାରିକ ଅହମ୍ମଦ ଉପସ୍ଥିତ ଥିଲେ।

# କୋରେଇ ଷ୍ଟେଶନରେ ୫ଦିନ ଅଟକିବନି ଟ୍ରେନ୍

**କୋରେଇ,୨୨।୧୧(ସ୍ୱ.ପ୍ର.)**

ପୂର୍ବତଟ ରେଳପଥର ଖୋର୍ଦ୍ଧା ଡିଭିଜନ ଅନ୍ତର୍ଗତ ଯାଜପୁର ଜିଲା କୋରେଇ ରେଳ ଷ୍ଟେଶନରେ ଦୁର୍ଘଟଣା ପରେ ଯାତ୍ରୀବାହୀ ଟ୍ରେନ୍ ଚଳାଚଳରେ କଟକଣା ଲାଗୁ କରାଯାଇଛି। ରେଳ ବଗି ଧକ୍କାରେ ଟିକଟଘର, ଯାତ୍ରୀ ପ୍ରତୀକ୍ଷାଳୟ ସମେତ ଅନ୍ୟାନ୍ୟ ସ୍ଥାନ କ୍ଷତିଗ୍ରସ୍ତ ହୋଇଛି। ତେଣୁ ଏସବୁକୁ ମରାମତି ପାଇଁ ମଙ୍ଗଳବାର ୨୨ ତାରିଖରୁ ଆସନ୍ତା ୨୬ ତାରିଖ ୫ ଦିନ ପର୍ଯ୍ୟନ୍ତ ଉକ୍ତ ଷ୍ଟେଶନରେ କୌଣସି ଯାତ୍ରୀବାହୀ ଟ୍ରେନ୍ ଅଟକିବ ନାହିଁ ବୋଲି ରେଲ୍‌ୱେ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।

ସୋମବାର ରାତିରେ ଡାଉନ ଲାଇନକୁ ସଫା କରାଯିବା ପରେ ପ୍ରଥମେ ମାଲ୍‌ବାହୀ ଟ୍ରେନ୍ ଚଳାଚଳ ଆରମ୍ଭ କରିଥିଲା। ତେବେ ଅପ୍‌ଲାଇନ ସଫା ହେବା ପରେ ଉଭୟ ଲାଇନରେ ରେଳ ଚଳାଚଳ ସାଭାବିକ ହୋଇଛି। ସୂଚନା ମୁତାବକ, ସୋମବାର ସକାଳେ ଝାଡ଼ଖଣ୍ଡର ଡାଙ୍ଗୋଆପୋଷିରୁ ଗଞ୍ଜାମ ଜିଲା ଛତ୍ରପୁରକୁ ଯାଉଥିବା ଏକ ମାଲ୍‌ବାହୀ ଟ୍ରେନ୍ ଉକ୍ତ ରେଳ ଷ୍ଟେଶନରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା, ଯଦ୍ୱାରା ପ୍ଲାଟ୍‌ଫର୍ମକୁ ଅତର୍କିତ ଭାବେ ଟ୍ରେନ୍‌ର ୧୦ରୁ ଉର୍ଦ୍ଧ୍ୱ ବଗି ମାଡ଼ି ଯାଇଥିଲା। ଫଳରେ ଘଟଣାସ୍ଥଳରେ ୩ଜଣଙ୍କ ମୃତ୍ୟୁ ହୋଇଥିଲା। ଜଣେ ଶିଶୁଙ୍କ ସମେତ ୧୦ରୁ ଉର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଥିଲେ।

# ‘ସ୍ୱଚ୍ଛତାର ସହ ହୋଇଛି ଏଏସ୍‌ଓ ପରୀକ୍ଷା’

**କଟକ ଅଫିସ, ୨୨।୧୧**

## ମାର୍ଚ୍ଚ ସୁଦ୍ଧା ପୂରଣ ହେବ ୨୫ଶହ ପଦବୀ

ଆସନ୍ତା ବର୍ଷ ମାର୍ଚ୍ଚ ସୁଦ୍ଧା ବିଭିନ୍ନ ବିଭାଗରେ ଖାଲି ପଡ଼ିଥିବା ୨୫ଶହ ପଦବୀ ପୂରଣ କରିବା ପାଇଁ ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ଲକ୍ଷ୍ୟ ରଖିଛି। ୨୦୨୨-୨୩ ବର୍ଷ ପାଇଁ ପ୍ରାୟ ୪ହଜାର ପଦବୀ ପୂରଣ ପାଇଁ କ୍ୟାଲେଣ୍ଡରରେ ପ୍ରକାଶ ପାଇଥିଲା। ତେବେ ଗତ ୬ ମାସ ମଧ୍ୟରେ ସେଥିମଧ୍ୟରୁ ମୋଟ ୧୭ ଟି ବିଭାଗ ପାଇଁ ଗ୍ରୁପ ଏ ଓ ବି ବର୍ଗରେ ୧,୫୪୧ ପ୍ରାର୍ଥୀଙ୍କୁ ଯୋଗ୍ୟ ବିବେଚିତ କରାଯାଇ ସ୍ୱୀକୃତି ପ୍ରଦାନ କରାଯାଇଛି। ଏଗ୍ରିକଲ୍‌ଚର ବିଭାଗର ଆସିଷ୍ଟାଣ୍ଟ ହଟି କଲଚର ଅଫିସର ଏବଂ ଆସିଷ୍ଟାଣ୍ଟ ଏଗ୍ରିକଲଚର ଅଫିସର ପାଇଁ ୬୦, ଭେଟେନାରି ଆସିଷ୍ଟାଣ୍ଟ ସର୍ଜନ ୧୪୬, ଓଡ଼ିଶା ସିଭିଲ ସର୍ଭିସର ୩୯୨, ମେଡିକାଲ କଲେଜରେ ଆସିଷ୍ଟାଣ୍ଟ ପ୍ରଫେସର ପାଇଁ ୨୫୦, ବିଭିନ୍ନ କଲେଜ ପାଇଁ ଆସିଷ୍ଟାଣ୍ଟ ପ୍ରଫେସର ୪୪୮, ଇନ୍‌ସ୍ୟୁରାନ୍ସ ମେଡିକାଲ ଅଫିସର ୫୫, ଓଜେଏସ୍ ୫୦, ଜୁନିୟର କଲେଜରେ ପୋଷ୍ଟ ଗ୍ରାଜୁଏଟ ଟିଚର୍ସ ୧୦୦, ଜିଓଲୋଜିଷ୍ଟ ମାଇନିଂ ଅଫିସର ୪୦ଙ୍କୁ ଯୋଗ୍ୟ ବିବେଚିତ କରାଯାଇଛି। ତେବେ ମାର୍ଚ୍ଚ ମଧ୍ୟରେ ୨୫ଶହ ପଦବୀ ପାଇଁ ଚୟନ ପ୍ରକ୍ରିୟା ଜାରି ରହିଛି ବୋଲି ଓଡ଼ିଶା ଲୋକ ସେବା ଆୟୋଗ(ଓପିଏସ୍‌ସି) ଅଧ୍ୟକ୍ଷ ସତ୍ୟଜିତ୍ ମହାନ୍ତି ମଙ୍ଗଳବାର ସୂଚନା ଦେଇଛନ୍ତି।

ଓପିଏସ୍‌ସି କାର୍ଯ୍ୟାଳୟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଯୋଗଦେଇ ମହାନ୍ତି ଆସିଷ୍ଟାଣ୍ଟ ସେକ୍‌ସନ ଅଫିସର(ଏଏସ୍‌ଓ) ପରୀକ୍ଷାରେ ଅନିୟମିତତା ଅଭିଯୋଗ ସମ୍ପର୍କରେ ସ୍ପଷ୍ଟୀକରଣ ରଖିଛନ୍ତି। ଅତ୍ୟନ୍ତ ସ୍ୱଚ୍ଛତାର ସହ ଏଏସ୍‌ଓ ପରୀକ୍ଷା ହୋଇଛି। ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁଯାୟୀ, ଫାଇନାଲ ରେଜଲ୍ଟ ପରେ ମାର୍କଶିଟ୍ ଓ ଆନ୍‌ସର ଶିଟ୍ ଅପଲୋଡ୍ କରାଯିବ। କିଛି ପିଲାଙ୍କ ଅଭିଯୋଗ ଥିଲା କି ସେମାନଙ୍କ ଠାରୁ କମ୍ ମାର୍କ ରଖିଥିବା ପ୍ରାର୍ଥୀ ମଧ୍ୟ ଚୟନ ହୋଇଛନ୍ତି। ହେଲେ ବର୍ତ୍ତମାନ ପର୍ଯ୍ୟନ୍ତ ଓପିଏସ୍‌ସି ପକ୍ଷରୁ ମାର୍କ ଦିଆଯାଇ ନାହିଁ। ସେଥିପାଇଁ ତାହା କେତେ ସତ ତାହା ସନ୍ଦେହରେ। ହେଲେ ଯଦି ଏପରି ହୋଇଛି ତେବେ ଉକ୍ତ ପ୍ରାର୍ଥୀ କ୍ୱାଲିଫାଇଂ ମାର୍କ ରଖି ନ ଥିବେ। ସେଥିପାଇଁ ସେ ମେଧା ତାଲିକାରୁ ବାଦ୍ ପଡିଥିବେ। ଭିତ୍ତିହୀନ ଅନେକ ଅଭିଯୋଗ ହୋଇଥିଲା। ଟଙ୍କା କାରବାର ନେଇ ନିଯୁକ୍ତି ଦିଆଯାଉଥିବା ଅଭିଯୋଗକୁ ବି ଅଧ୍ୟକ୍ଷ ଖଣ୍ଡନ କରି କହିଛନ୍ତି,ଅସାଧୁ ବ୍ୟକ୍ତିଙ୍କ ଦ୍ୱାରା ପ୍ରଭାବିତ ନ ହେବା ପାଇଁ ୱେବସାଇଟ ଠାରୁ ଆରମ୍ଭକରି ଖବରକାଗଜଗୁଡ଼ିକରେ ଏନେଇ ବିଜ୍ଞପ୍ତି ପ୍ରକାଶ ପାଉଛି। କେବଳ ଏସ୍‌ଏସ୍‌ଓ ନୁହେଁ, ଓପିଏସ୍‌ସି ପକ୍ଷରୁ କରାଯାଉଥିବା ସମସ୍ତ ପରୀକ୍ଷାକୁ ଯୋଗ୍ୟତା ଆଧାରରେ ହିଁ ପ୍ରାର୍ଥୀ ଚୟନ କରାଯାଉଛି। ଯଦି ଏକ ଦିନ ମଜୁରିଆର ପୁଅ, ଖବରକାଗଜ ବିକ୍ରି କରୁଥିବା ବ୍ୟକ୍ତିଙ୍କ ଝିଅ ଓସିଏସ୍ ପାଇ ପାରୁଛନ୍ତି, ତାହା କେବଳ ଯୋଗ୍ୟତା ଆଧାରରେ। ଓପିଏସ୍‌ସିର ସ୍ୱଚ୍ଛ ପରୀକ୍ଷା ନେଇ ଏହାହିଁ ସବୁଠାରୁ ବଡ଼ ପ୍ରମାଣ ବୋଲି ମହାନ୍ତି କହିଛନ୍ତି।

# ଅମର୍ଦ୍ଦା ଏୟାରଷ୍ଟ୍ରିପ୍ ଉନ୍ନତୀକରଣ ପାଇଁ ଅନୁମତି

**ବାରିପଦା ଅଫିସ,୨୨।୧୧**

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁରସ୍ଥିତ ଅମର୍ଦ୍ଦା ଏୟାରଷ୍ଟ୍ରିପ୍‌ର ଉନ୍ନତୀକରଣ ନିମନ୍ତେ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ମଙ୍ଗଳବାର ମଞ୍ଜୁରୀ ମିଳିଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅନୁମୋଦନ କ୍ରମେ ରାଜ୍ୟ ସରକାରଙ୍କୁ କାର୍ଯ୍ୟ ଆରମ୍ଭ କରିବାକୁ ପ୍ରତିରକ୍ଷା ଅନୁସନ୍ଧାନ ଏବଂ ବିକାଶ ସଙ୍ଗଠନ(ଡିଆର୍‌ଡିଓ) ଓ ଡିଫେନ୍ସ ଜେନେରାଲ ପକ୍ଷରୁ ଅନୁମତି ପ୍ରଦାନ କରାଯାଇଛି। ୧୬୦.୩୫ ଏକର ପରିମିତ ଜମି ଉପରେ ଥିବା ପ୍ରତିରକ୍ଷା ଜମି ବଦଳରେ ୨୬କୋଟି ୩ଲକ୍ଷ ୧୦ହଜାର ୪୩୮ ଟଙ୍କା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। କାର୍ଯ୍ୟାଦେଶ କାର୍ଯ୍ୟକାରୀ ପୂର୍ବରୁ ସିଏଫ୍‌ଆଇ ପାଣ୍ଠିରୁ ଏହି ଟଙ୍କା ପ୍ରଦାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଜଣେ ବୋର୍ଡ ଅଫ୍ ଅଫିସର ପରିଷଦ ଗଠନ କରି ଉନ୍ନତୀକରଣ ହେବାକୁ ଥିବା ଏୟାରଷ୍ଟ୍ରିପ୍ ଜମିର ସ୍ଥିତାବସ୍ଥା, ଜମି ଚିହ୍ନଟ, ମୂଲ୍ୟାୟନ, ସରକାରୀ ବେସରକାରୀ ସମ୍ପତ୍ତିର ଆକଳନ ସାଙ୍ଗକୁ ସୁରକ୍ଷା ଓ ନିରାପତ୍ତା ଆଦି ବ୍ୟବସ୍ଥା ସମ୍ବନ୍ଧୀୟ କାର୍ଯ୍ୟ ୪ସପ୍ତାହ ମଧ୍ୟରେ ଶେଷ କରିବାକୁ କୁହାଯାଇଛି।

ସୂଚନାଯୋଗ୍ୟ, ଡିଆରଡିଓ ଅଧୀନରେ ଥିବା ଅମର୍ଦ୍ଦା ଏୟାରଷ୍ଟ୍ରିପ ଉଡାନ ଯୋଜନାରେ ସାମିଲ ହୋଇଥିଲା। ଭୁବନେଶ୍ୱରରୁ ଅମର୍ଦ୍ଦା ଓ ଅମର୍ଦ୍ଦାରୁ ଭୁବନେଶ୍ୱର ମଧ୍ୟରେ ବିମାନ ଚଳାଚଳ ପାଇଁ ଯୋଜନା ଭାରତର ବିମାନ ବନ୍ଦର କର୍ତ୍ତୃପକ୍ଷଙ୍କ ପକ୍ଷରୁ ଆବେଦନ କରାଯାଇଥିଲା। ଗତ ଫେବୃୟାରୀରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ପ୍ରତିରକ୍ଷା ବିଭାଗ ସଚିବ ଅଜୟ କୁମାରଙ୍କୁ ବ୍ୟବସାୟ ଭିତ୍ତିକ ବିମାନ ଚଳାଚଳ ନିମନ୍ତେ ଏନ୍‌ଓସି ପାଇଁ ପତ୍ର ଲେଖିଥିଲେ।

# ମାଲକାନଗିରି ବିକାଶ ସବୁଠୁ ଅଧିକ ଖୁସି ଦିଏ: ମୁଖ୍ୟମନ୍ତ୍ରୀ



ଭିଡିଓ କନ୍‌ଫରେନ୍ସରେ ପ୍ରକଳ୍ପ ଉଦ୍‌ଘାଟନ କରୁଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ନିକଟରେ ଅଛନ୍ତି ୫-ଟି ସଚିବ ଭି.କେ. ପାଣ୍ଡିଆନ।

**ଭୁବନେଶ୍ୱର(ବ୍ୟୁରୋ)/ମାଲକାନଗିରି,୨୨।୧୧(ଡି.ଏନ୍.ଏ.)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ମାଲକାନଗିରି ଜିଲା ପାଇଁ ୬ଟି ଗୁରୁତ୍ୱପୂର୍ଣ୍ଣ ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି। ଏଥିପାଇଁ ୨୫ କୋଟି ଟଙ୍କା ବିନିଯୋଗ କରାଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହିସବୁ ପ୍ରକଳ୍ପ ଜିଲାର ସାମାଜିକ ଓ ଆର୍ଥିକ ବିକାଶକୁ ଆହୁରି ଆଗେଇନେବ। ଭିଡିଓ କନ୍‌ଫରେନ୍ସରେ ପ୍ରକଳ୍ପ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ମାଲକାନଗିରି ସବୁବେଳେ ତାଙ୍କ ପାଇଁ ସ୍ୱତନ୍ତ୍ର ହୋଇ ରହିଛି। ଏହାର ବିକାଶ କାମ ତାଙ୍କୁ ସବୁଠାରୁ ଅଧିକ ଖୁସି ଦେଇଥାଏ। ତାଙ୍କର ପୂର୍ଣ୍ଣ ବିଶ୍ୱାସ, ମାଲକାନଗିରି ପରିଚୟ ଆଗକୁ ଆହୁରି ଉଜ୍ଜ୍ୱଳ ହେବ। ରାଜ୍ୟର ଏକ ଆଗୁଆ ଜିଲା ଭାବେ ବିକାଶ ମାନଚିତ୍ରରେ ଏହା ନିଜର ସ୍ଥିତିକୁ ଆହୁରି ଦୃଢ଼ କରିବ।

ଉଦ୍‌ଘାଟିତ ହୋଇଥିବା ପ୍ରକଳ୍ପଗୁଡ଼ିକ ମଧ୍ୟରେ ରହିଛି, ଅନ୍ୱେଷା କାର୍ଯ୍ୟକ୍ରମରେ ଶିକ୍ଷା ଗ୍ରହଣ କରୁଥିବା ଅନୁସୂଚିତ ଜନଜାତି ଓ ଜାତି ପିଲାମାନଙ୍କ ପାଇଁ ଦୁଇଟି ହଷ୍ଟେଲ। ଏଥିରେ ୬୦୦ ଝିଅ ଏବଂ ୬୦୦ ପୁଅ ରହିବା ପାଇଁ ବ୍ୟବସ୍ଥା କରାଯାଇଛି। ମୋଟୁ ଟ୍ରାଇ ଜଙ୍କସନ୍‌ରେ ବିଜୁ ପଟ୍ଟନାୟକ ଅନ୍ତଃରାଜ୍ୟ ବସ୍ ଟର୍ମିନାଲ ହୋଇଛି। ଏହା ଜିଲା ସହ ଛତିଶଗଡ଼ ଓ ଆନ୍ଧ୍ରପ୍ରଦେଶକୁ ଗମନାଗମନ ସୁଗମ କରିଛି। ଏହା ସହିତ ବଣ୍ଡା ଅଞ୍ଚଳକୁ ଯୋଡୁଥିବା ଏକ ଉଚ୍ଚସ୍ତରୀୟ ସେତୁ ଓ ବାଲିମେଳାଠାରେ ତମସା ନଦୀ ଉପରେ ବିଜୁ ସେତୁ, କ୍ରୀଡ଼ାର ବିକାଶ ପାଇଁ ଏକ ଜୁଡୋ ଏକାଡେମୀ ଓ ପିଲାମାନଙ୍କ ପାଇଁ ଏକ ସ୍ୱଧାର ଗୃହ ହୋଇଛି।

ମୁଖ୍ୟମନ୍ତ୍ରୀ ଏହି ଜିଲାରେ ଦ୍ରୁତ ବିକାଶ କାର୍ଯ୍ୟକ୍ରମର ଉଚ୍ଚ ପ୍ରଶଂସା କରି କହିଛନ୍ତି, ମାଲକାନଗିରିବାସୀ ବର୍ତ୍ତମାନ ବିକାଶ ସହ ଯୋଡ଼ିହୋଇ ରହିଛନ୍ତି। ବିକାଶ କାମରେ ସମସ୍ତଙ୍କ ସହଯୋଗ ସବୁବେଳେ ଉତ୍ସାହିତ କରି ଆସିଛି। ଜିଲାରେ ଶିକ୍ଷା ଓ ସଚେତନତାର ପ୍ରସାର ଘଟିଛି। ଯୋଗାଯୋଗରେ ଉନ୍ନତି ଆସିଛି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାଠାରୁ ଆରମ୍ଭକରି ବିଭିନ୍ନ କଲ୍ୟାଣ ଯୋଜନାର ସୁଯୋଗ ଆପଣମାନେ ନେଉଥିବା ଖୁସିର କଥା। ବଣ୍ଡା ଘାଟିର ଝିଅ କରମା ମୁଦୁଲି ଭୁବନେଶ୍ୱରର ସବୁଠାରୁ ଭଲ ସରକାରୀ ମହିଳା ୟୁନିଭର୍ସିଟିରେ ପାଠ ପଢୁଥିବାର ଉଦାହରଣ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଶିକ୍ଷା ହିଁ ସୁଯୋଗ ଆଣିଥାଏ। ଶିକ୍ଷା ଯୋଗୁ ଏହି ରୂପାନ୍ତର ଆସିପାରିଛି। ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କୁ ପାଠ ପଢ଼ି ନିଜ ପାଇଁ ପରିଚୟ ସୃଷ୍ଟି କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

ଏହି ଅବସରରେ ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା ଏବଂ ଜିଲା ପରିଷଦ ଅଧ୍ୟକ୍ଷା ସମାରୀ ଟାଙ୍ଗୁଲୁ ପ୍ରମୁଖ ବକ୍ତବ୍ୟ ରଖି ମାଲକାନଗିରି ଜିଲାରେ ଦ୍ରୁତ ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦୃଢ଼ ନେତୃତ୍ୱର ଉଚ୍ଚପ୍ରଶଂସା କରିଛନ୍ତି। ୫-ଟି ସଚିବ ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବୈଠକରେ ବିଭିନ୍ନ ବିଭାଗର ପ୍ରମୁଖ ସଚିବ ଓ ସଚିବମାନେ ଉପସ୍ଥିତ ଥିଲେ।

**ମାଲକାନଗିରିରେ ୨୫ କୋଟିର ୬ ପ୍ରକଳ୍ପ ଉଦ୍‌ଘାଟିତ**

# ନନ୍ଦନକାନନରେ ଶମ୍ବର ଶାବକ ଜନ୍ମ

**ବାରଙ୍ଗ,୨୨।୧୧(ଡି.ଏନ.ଏ.):** ନନ୍ଦନକାନନର ୩୮ନମ୍ବର ଏନକ୍ଲୋଜରରେ ଥିବା ବୟସ୍କ ମାଈ ଶମ୍ବର ମଙ୍ଗଳବାର ଗୋଟିଏ ଶାବକ ଜନ୍ମ ଦେଇଛି। ଏବେ ସେମାନଙ୍କ ସଂଖ୍ୟା ୨୧କୁ ବୃଦ୍ଧି ପାଇଛି। ଶାବକର ଲିଙ୍ଗ ଚିହ୍ନଟ ହୋଇନାହିଁ। ଏହି ପ୍ରଜାତିର ଶମ୍ବର ଭାରତର ସର୍ବତ୍ର ପାହାଡ଼ିଆ ଜଙ୍ଗଲରେ ବାସ କରନ୍ତି। ଏମାନେ ଭାରତୀୟ ସମସ୍ତ ପ୍ରଜାତିର ହରିଣଙ୍କ ମଧ୍ୟରେ ସର୍ବବୃହତ ଜୀବ। ପୁରୁଷ ଶମ୍ବର ଏକାକୀ ଜଙ୍ଗଲରେ ବିଚରଣ କରେ ଓ ୫ରୁ ୬ ମାଈ ଶମ୍ବରଙ୍କ ସହ ନିଜର ସୀମା ନିର୍ଦ୍ଧାରଣ କରି ରହେ। ଶୀତ ଋତୁ ମଧ୍ୟଭାଗରେ ସଙ୍ଗମ କରି ବର୍ଷାଋତୁ ପ୍ରାରମ୍ଭରେ ମାଈ ଶମ୍ବରମାନେ ଶାବକ ଜନ୍ମ କରିଥାନ୍ତି। ପୁରୁଷ ଶମ୍ବରଙ୍କ ବିଶାଳକାୟ ଦୁଇଟି ଶିଙ୍ଘ ଥାଏ। ପ୍ରତିବର୍ଷ ବସନ୍ତରେ ସେମାନେ ଶିଙ୍ଘ ଝଡ଼ାଇ ଦିଅନ୍ତି ଏବଂ ପରେ ପୁଣି ଏହା କଅଁଳିଥାଏ ।






**ଆଜିର ମନ୍ତବ୍ୟ**
“ଏନ୍‌ଡିଏ ଶାସିତ ରାଜ୍ୟଗୁଡ଼ିକରେ ରୋଜଗାର ମେଳା ଡବଲ୍ ଇଞ୍ଜିନ୍ ସରକାରଙ୍କ ପାଇଁ ଲାଭଦାୟକ ସାବ୍ୟସ୍ତ ହୋଇଛି।
– ନରେନ୍ଦ୍ର ମୋଦି, ପ୍ରଧାନ ମନ୍ତ୍ରୀ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଧକାନ୍ତି ସକାନ୍ତି ପକାନ୍ତି ଲୁହ**
**ପେଟେ ଭରିଥାନ୍ତି ଶଗଡେ ଗୁହ।**

ଛଳନା କରୁଥିବା ବ୍ୟକ୍ତି ନିଜକୁ ଅତି ଭଲ ବା ସଚ୍ଚୋଟ ଦେଖାଇବା ପାଇଁ ଅନେକ ପ୍ରକାରର ଛଳ ବା କୌଶଳ ମାନ ଆପଣେଇ ନେଉଥିବାର ଲକ୍ଷ୍ୟ କରାଯାଇଥାଏ। ଧୂର୍ତ୍ତ ବା ମନ୍ଦ ପ୍ରକୃତି ଲୋକଙ୍କର ଏଭଳି ଚରିତ୍ର ହୋଇଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଧନିଆ ଧମକ ଧମେଇଲା**
**ଯାଉଁଳି ନାକରେ ସାଉଁଳି ଗୁଣା**
**ମାରି ତ ପକେଇଲା।**

ସୌନ୍ଦର୍ଯ୍ୟ ସନ୍ଦର୍ଶନରେ ମଣିଷ ନିଜକୁ ଦୁର୍ବଳ ମନେକରିଥାଏ। ନାକରେ ଗୁଣା ପିନ୍ଧିଥିବା ଶ୍ୟାମଳୀ ଯୁବତୀର ରୂପ ଲାବଣ୍ୟରେ ବିମୋହିତ ହୋଇପଡିଥିବା ଯୁବକ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ମହିମାଗାଦିରେ ବୁଲିଲା ଜେସିବି



ମହିମାଗାଦି ପରିସରରେ ଉଚ୍ଛେଦ କାର୍ଯ୍ୟ ଚାଲିଛି।

- ୨ ଘଣ୍ଟାରେ ମାଟିରେ ମିଶିଲା ବତି ମନ୍ଦିର, ଧୁନି ମନ୍ଦିର, ମହିମା ଟୁଙ୍ଗି
- କୌପିନଧାରୀ ମହିମା ସନ୍ନ୍ୟାସୀଙ୍କ ଆଖିରେ ଲୁହ, ୧୪୪ ଧାରା ଜାରି
- ଥଇଥାନ ନ କରି ଜବରଦଖଲ ଉଚ୍ଛେଦ ଅଭିଯୋଗ

**ଢେଙ୍କାନାଳ ଅଫିସ, ୨୨।୧୧**

ବିଶ୍ୱ ପ୍ରସିଦ୍ଧ ମହିମା ଧର୍ମର ପ୍ରମୁଖ ପୀଠସ୍ଥଳୀ ଢେଙ୍କାନାଳ ଜିଲା ଯୋରନ୍ଦାସ୍ଥିତ ମହିମାଗାଦିର ବିବାଦୀୟ ତୃତୀୟ ବେଢ଼ାରୁ ମଙ୍ଗଳବାର ଉଚ୍ଛେଦ କାର୍ଯ୍ୟ ସରିଛି। କୌପିନଧାରୀ ମହିମା ଧର୍ମାବଲମ୍ବୀଙ୍କ ମୁଖ୍ୟ ଉପାସନାସ୍ଥଳୀରେ ଥିବା ବତି ମନ୍ଦିର, ଧୁନି ମନ୍ଦିର, ମହିମା ଟୁଙ୍ଗି, ବଡ଼ସିଦ୍ଧ ବାବାଙ୍କ ଭେକ ମନ୍ଦିର, ଆଶ୍ରୟସ୍ଥଳରେ ବୁଲିଛି ଜେସିବି। ମାତ୍ର ୨ ଘଣ୍ଟା ମଧ୍ୟରେ ମାଟିରେ ମିଶିଯାଇଛି ସବୁକିଛି। ଏଭଳି ଉଚ୍ଛେଦ କୌପିନଧାରୀ ମହିମା ସନ୍ନ୍ୟାସୀଙ୍କ ଆଖିରେ ଲୁହ ଆଣି ଦେଇଛି। ଥଇଥାନ କରା ନ ଯାଇ ଏକପାଖିଆ ଭାବେ ଏଭଳି ପଦକ୍ଷେପ ନିଆଯାଇଥିବା ସେମାନେ ଅଭିଯୋଗ କରିଛନ୍ତି। ଏହାକୁ ନେଇ ଚାପା ଉତ୍ତେଜନା ଦେଖାଦେଇଥିବାବେଳେ ଆଇନଶୃଙ୍ଖଳା ପରିସ୍ଥିତି ଏଡ଼ାଇବାକୁ ୧୪୪ ଧାରା ଜାରି କରାଯାଇଛି।

ସୂଚନାଯୋଗ୍ୟ, ମହିମାଗାଦିର ତୃତୀୟ ବେଢ଼ା ମଧ୍ୟରେ ସିଦ୍ଧ ବଡ଼ କୃପାସିନ୍ଧୁ ବାବାଙ୍କ ସମୟରୁ ବତି ମନ୍ଦିର, ଧୁନି ମନ୍ଦିର ନିର୍ମାଣ କରାଯାଇଥିଲା। ବାବାଙ୍କ ଅନ୍ତେ ୧୯୪୦ରୁ ଉକ୍ତ ଦୁଇ ମନ୍ଦିର ନିକଟବର୍ତ୍ତୀ ୨୮ ଡେସିମିଲ ଜାଗାକୁ ନେଇ ବଳ୍କଳଧାରୀ ଏବଂ କୌପିନଧାରୀ ସନ୍ନ୍ୟାସୀ ଗୋଷ୍ଠୀଙ୍କ ମଧ୍ୟରେ ବିବାଦ ଆରମ୍ଭ ହୋଇଥିଲା। ମନ୍ଦିର ଉଚ୍ଛେଦ ଲାଗି ବଳ୍କଳଧାରୀ ଗୋଷ୍ଠୀ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ଅନୁରୂପ ଭାବେ ଏଥିରେ ରୋକ ଲଗାଇବାକୁ କୌପିନଧାରୀ ମହିମା ସମାଜ ହାଇକୋର୍ଟଙ୍କ ନିକଟରେ ଅପିଲ କରିଥିବାବେଳେ ଉଚ୍ଛେଦ ଉପରେ ରହିତାଦେଶ ଜାରି କରାଯାଇଥିଲା। ଏଭଳି ବିବାଦୀୟ ସ୍ଥିତି ମଧ୍ୟରେ ଗତ ଅକ୍ଟୋବର ୩୦ରେ ହାଇକୋର୍ଟଙ୍କ ପକ୍ଷରୁ ଜାରି କରାଯାଇଥିବା ରହିତାଦେଶ ଉଠାଇ ନିଆଯାଇଥିଲା। ପୁନର୍ବାର ବଳ୍କଳଧାରୀ ମହିମା ସମାଜ ପକ୍ଷରୁ ଉଚ୍ଛେଦ ଲାଗି ହାଇକୋର୍ଟରେ ନିବେଦନ କରାଯାଇଥିବାବେଳେ ଏଥିଲାଗି ନଭେମ୍ବର ୨୨କୁ ଦିନଧାର୍ଯ୍ୟ କରିଥିଲେ ଉଚ୍ଚ ନ୍ୟାୟାଳୟ। ତଦନୁଯାୟୀ ମଙ୍ଗଳବାର ସକାଳୁ କଡ଼ା ପୋଲିସ ସୁରକ୍ଷା ବଳୟ ମଧ୍ୟରେ ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇଥିଲା। ମାଜିଷ୍ଟ୍ରେଟ୍ ଭାବେ ଢେଙ୍କାନାଳ ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳ, ଗଁଦିଆ ବିଡିଓ ଆଶିଷ ରଞ୍ଜନ ସାହୁ, ତହସିଲଦାର ଭଜନାନନ୍ଦ ସାହୁ, ଅତିରିକ୍ତ ଏସ୍‌ପି ଭବାନୀ ଶଙ୍କର ଉଦ୍‌ଗାତା, ସଦର ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନ, ଗୋଇନ୍ଦା ଡିଏସ୍‌ପି ଅରୁଣ ସାହୁ, ଗଁଦିଆ ଥାନାଧିକାରୀ ସତ୍ୟବ୍ରତ ଭୂଟିଆଙ୍କ ଉପସ୍ଥିତିରେ ଉଚ୍ଛେଦ କାର୍ଯ୍ୟ ସମ୍ପନ୍ନ ହୋଇଛି। ଅନ୍ୟପଟେ ନିୟମ ଅନୁଯାୟୀ ଉଚ୍ଛେଦ ପୂର୍ବରୁ ଥଇଥାନ କରାଯାଇ ନ ଥିବାରୁ ଏ ନେଇ ହାଇକୋର୍ଟର ଉପରବେଞ୍ଚ କିମ୍ବା ଆବଶ୍ୟକ ପଡ଼ିଲେ ସୁପ୍ରିମକୋର୍ଟରେ ଅପିଲ କରାଯିବ ବୋଲି କୌପିନଧାରୀ ମହିମା ସମାଜ ପକ୍ଷରୁ ମକଦ୍ଦମା ଲଢୁଥିବା ଆଇନଜୀବୀ ଗିରିଜା ଶଙ୍କର ନାୟକ ସୂଚନା ଦେଇଛନ୍ତି।

ଏ ସମ୍ପର୍କରେ କୌପିନଧାରୀ ମହିମାସମାଜ ମୁଖ୍ୟ ଶ୍ରୀମଦ୍ ରଘୁନାଥ ବାବା କୁହନ୍ତି, ଦୀର୍ଘବର୍ଷ ହେବ ମାମଲା ଗଡ଼ି ଚାଲିଥିଲା। କୌପିନଧାରୀ ସାଧୁ ଏହାକୁ ବ୍ୟବହାର କରୁଥିଲେ। ଏଠି ୯୫ ବର୍ଷ ହେଲା ଭକ୍ତଙ୍କ କଲ୍ୟାଣ ପାଇଁ ଅଖଣ୍ଡବତି ଜଳୁଛି। ଅନ୍ୟତ୍ର ବତି ମନ୍ଦିର ସୁବିଧା ନ କରି ଏହାକୁ ଉଚ୍ଛେଦ କରାଗଲା। ସେମାନଙ୍କ ଅର୍ଥବଳ ରହିଥିବାବେଳେ ଆମେ ଦୁର୍ବଳ। ଆମର ତପସ୍ୟାର ଭୂମି ତଥା ଅଖଣ୍ଡବତି ମନ୍ଦିର, ଅଖଣ୍ଡ ଧୁନି ମନ୍ଦିର, ବଡ଼ସିଦ୍ଧ ବାବାଙ୍କ ଭେକ ମନ୍ଦିର ସହିତ ଆଶ୍ରୟ ସ୍ଥଳକୁ ଜେସିବି ଲଗାଇ ମାଟିରେ ମିଶାଇଦେଲେ। ଆମ ହୃଦୟ କାନ୍ଦୁଛି। ଶୂନ୍ୟ ମହାପ୍ରଭୁ ଯାହା ବିଚାର କରିବେ କହି ସେ କାନ୍ଦି ପକାଇଥିଲେ।

ଏ ସଂକ୍ରାନ୍ତରେ ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ଥିବା ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳ କୁହନ୍ତି, ଆମେ କେବଳ ଅଦାଲତଙ୍କ ନିର୍ଦ୍ଦେଶକୁ ପାଳନ କରୁଛୁ। ୧୯୩୯-୪୦ ମସିହାରୁ ଏହି ଜାଗାକୁ ନେଇ ଉଭୟ ମହିମା ସନ୍ନ୍ୟାସୀ ଗୋଷ୍ଠୀ ମଧ୍ୟରେ ବିବାଦ ଚାଲିଥିଲା। ଯେହେତୁ ଏହା ଏକ ଧାର୍ମିକ ପୀଠ, ଏଠାରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ଦୁଇଗୋଷ୍ଠୀ ସାଧୁ ସନ୍ନ୍ୟାସୀଙ୍କ ସହ ଆଲୋଚନା କରିଥିଲୁ। ବର୍ତ୍ତମାନ ସୁଦ୍ଧା ସମସ୍ତ ଉଚ୍ଛେଦ କାର୍ଯ୍ୟ ଶାନ୍ତିଶୃଙ୍ଖଳାର ସହ ଚାଲିଛି। ଦୁଇଦିନ ତଳୁ ୧୪୪ ଧାରା ମଧ୍ୟ ଜାରି କରାଯାଇଥିଲା। ନିୟମ ଅନୁଯାୟୀ ଏହା ୬୦ ଦିନ ଧରି ବଳବତ୍ତର ରହିବ ବୋଲି ଉପଜିଲାପାଳ କହିଛନ୍ତି।

# ଫାର୍ମା କମ୍ପାନୀ ଖୋଲିବେ ଯୁବ ବୈଜ୍ଞାନିକ ଶେଷ କିଷାନ

## ବିବାହ ପରେ କଲେ ଘୋଷଣା

**ରେଢାଖୋଲ,୨୨।୧୧(ଡି.ଏନ.ଏ.)**

ସମ୍ବଲପୁର ଜିଲା ରେଢ଼ାଖୋଲ ଉପଖଣ୍ଡ ନାକ୍ଟିଦେଉଳ ବ୍ଲକ ଅଧୀନ ବଲାସିଙ୍ଗା ଗ୍ରାମର ଯୁବ ବୈଜ୍ଞାନିକ ଡ. ଶେଷ କିଷାନ ଖୁବ୍‌ଶୀଘ୍ର ଏକ ଫାର୍ମା କମ୍ପାନୀ ଖୋଲିବାକୁ ଯାଉଛନ୍ତି। ମଙ୍ଗଳବାର ତାଙ୍କ ବିବାହ ରିସେପ୍‌ସନ ଅବସରରେ ରେଢ଼ାଖୋଲ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପଠାରେ ଖବରଦାତା ସମ୍ମିଳନୀରେ ସେ ଏହା ଘୋଷଣା କରିଛନ୍ତି। ଡ. ଶେଷ କିଷାନ ଫାର୍ମା କମ୍ପାନୀ ପ୍ରାଇଭେଟ ଲିମିଟେଡ ନାମରେ ଭୁବନେଶ୍ୱରଠାରେ ଏହା ପ୍ରତିଷ୍ଠା କରାଯିବ। ପ୍ରାଥମିକ ପର୍ଯ୍ୟାୟରେ ଆସନ୍ତା ୪ମାସ ଭିତରେ ଡାଇବେଟିସ, ବ୍ଲଡପ୍ରେସର, ଗ୍ୟାସ୍‌ଟ୍ରିକ, ଆଣ୍ଟିବାଓଟିକ ଓ ମଲଟିଭିଟାମିନ ଜେନେରିକ ଔଷଧ ବଜାରରେ ଉପଲବ୍ଧ ହେବ। ତେବେ ଜେନେରିକ ହେଲେ ମଧ୍ୟ ମାନରେ କୌଣସି ସାଲିସ କରାଯିବ ନାହିଁ। ପରବର୍ତ୍ତୀ ପର୍ଯ୍ୟାୟରେ କ୍ୟାନ୍‌ସର ଭଳି ମାରାତ୍ମକ ରୋଗର ଔଷଧ ପ୍ରସ୍ତୁତ କରାଯିବ ବୋଲି ସେ ସୂଚନା ଦେଇଥିଲେ।

ସୂଚନାଯୋଗ୍ୟ, ଯୁବ ବୈଜ୍ଞାନିକ ଡ. କିଷାନ ଜର୍ମାନୀର ଗଟିନଜେନର ଜର୍ଜ ଅଗଷ୍ଟ ୟୁନିଭର୍ସିଟିରୁ ଅର୍ଗାନିକ କେମେଷ୍ଟ୍ରି ଉପରେ ପିଏଚ୍‌ଡି କରିଛନ୍ତି। ଶୈଶବରୁ ପିତା ବିପିନ କିଷାନ ଓ ମାତା ଦୁଃଖୀ କିଷାନଙ୍କୁ ହରାଇ ବହୁ ସଂଘର୍ଷ କରି ଶେଷରେ ସେ ନିଜ ଲକ୍ଷ୍ୟସ୍ଥଳରେ ପହଞ୍ଚିଛନ୍ତି। ଗରିବ ମେଧାବୀ ଛାତ୍ରୀଛାତ୍ରଙ୍କ ଶିକ୍ଷା କ୍ଷେତ୍ରରେ ଉନ୍ନତି ଆଣିବା ପାଇଁ ତାଙ୍କ ଫାର୍ମା କମ୍ପାନୀର ଲାଭାଂଶକୁ ଖର୍ଚ୍ଚ କରିବେ ବୋଲି ସେ କହିଛନ୍ତି। ତାଙ୍କ ଗ୍ରାମର ୧୮୦ ଛାତ୍ରୀଛାତ୍ରଙ୍କ ପାଠପଢା ଦାୟିତ୍ୱ ନେଇଥିବା ବେଳେ ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ଲକ୍ଷ୍ୟ ରଖିଛନ୍ତି। ତାଙ୍କ ଫାର୍ମା କମ୍ପାନୀରୁ ପ୍ରସ୍ତୁତ ଔଷଧ ଓଡ଼ିଶାର ଗରିବ ଲୋକ ଯେଭଳି ଅଳ୍ପ ମୂଲ୍ୟରେ ପାଇ ଉପକୃତ ହେବେ ସେଥିପାଇଁ ସେ ଉଦ୍ୟମରତ ବୋଲି ପ୍ରକାଶ କରିଛନ୍ତି। ପ୍ରକାଶଥାଉ କି ଡ. କିଷାନ ସୋମବାର ରାତିରେ ବାଲେଶ୍ୱର ଜିଲା ବାଳିଆପାଳ ବ୍ଲକ ଖଗଡାପାଳ ଗ୍ରାମର ଗୋପାଳକୃଷ୍ଣ ଜେନା ଓ ସୁଚିତ୍ରା ଜେନାଙ୍କ କନ୍ୟା ଜୟଶ୍ରୀଙ୍କ ସହ ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି।


ସ୍ତ୍ରୀଙ୍କ ସହ ଡ. ଶେଷ କିଷାନ।

ପ୍ରଥମ ପୃଷ୍ଠାରୁ...

## ହାତୀ ମୃତ୍ୟୁ...

ଘଟଣାକୁ ଏସ୍‌ଟିଏଫ୍ ନିଜେ ତଦନ୍ତ ନ କରି ବନ ବିଭାଗକୁ ହସ୍ତାନ୍ତର କରିଥିଲା। ଯଦିଓ ସେତେବେଳେ ହାତୀ କଙ୍କାଳ ଜବତ ଘଟଣା ତଦନ୍ତ ପାଇଁ ବନ ବିଭାଗ ଏକ ଏସ୍‌ଆଇଟି ଗଠନ କରିଥିଲା। ଏବେ ଏସ୍‌ଆଇଟି ତଦନ୍ତ ମଧ୍ୟ ଶୀତଳ ଭଣ୍ଡାରରେ ରହିଛି। ଆଠଗଡ଼ ବନଖଣ୍ଡରେ ମଧ୍ୟ ଏସ୍‌ଆଇଟି ଆଉ ଦୁଇଟି ହାତୀ କଙ୍କାଳ ଖୋଳି ବାହାର କରିଥିଲା। ଗୋଟିଏ ବନଖଣ୍ଡରୁ ଏକାଥରକେ ୫ଟି ହାତୀର ଗଳିତ ଶବ ମାଟି ତଳୁ ବାହାରିବା ପରେ ମଧ୍ୟ ବନ ବିଭାଗ ସ୍ଥାନୀୟ ବନଖଣ୍ଡ ଅଧିକାରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେଲା ନାହିଁ। ବରଂ ତାଙ୍କୁ ପୁରସ୍କାର ସ୍ୱରୂପ ବଦଳି କରିଥିଲା।

ସେହିପରି ଗତ ଜୁଲାଇ ୨୪ରେ ସମ୍ବଲପୁର ଡିଭିଜନର ଧମା ରେଞ୍ଜ ଅନ୍ତର୍ଗତ କୋଲଗାଁ ସଂରକ୍ଷିତ ଜଙ୍ଗଲରୁ ମଧ୍ୟ ଦୁଇଟି ଅଲଗା ସ୍ଥାନରୁ ହାତୀ ଦରପୋଡ଼ା ହାଡ଼ ଜବତ କରିଥିଲା କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍। ଗୋଟିଏ ପଟେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ହାଇକୋର୍ଟଙ୍କ ନିକଟରେ ବାରମ୍ବାର ବନ ବିଭାଗ ସତ୍ୟପାଠ କରୁଥିବା ବେଳେ ସମ୍ବଲପୁର ଘଟଣାରେ କାହା ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ଏନେଇ ଶୁଭେନ୍ଦୁ କହିଛନ୍ତି, କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ନିଜେ ମାମଲା ରୁଜୁ ନ କରିବା ଦୁର୍ଭାଗ୍ୟଜନକ। ଯଦି ସମ୍ବଲପୁରରେ କେହି ବନ ଅଧିକାରୀ ଦୋଷୀ ନୁହନ୍ତି, ତେବେ ହାତୀ ଦୁଇଟି କ'ଣ ନିଜେ ପେଟ୍ରୋଲ ଢାଳି ଆତ୍ମହତ୍ୟା କରିଥିଲେ କି ବୋଲି ଶୁଭେନ୍ଦୁ ପ୍ରଶ୍ନ କରିଛନ୍ତି।

ଅନ୍ୟପକ୍ଷରେ ହାଇକୋର୍ଟଙ୍କ କଡ଼ା ଆଭିମୁଖ୍ୟ ଯୋଗୁ ବନ ବିଭାଗ ଏବଂ ପୋଲିସ ବିଭାଗ ମିଳିତ ସହଯୋଗରେ ଏକ ଜଏଣ୍ଟ ଟାସ୍କ ଫୋର୍ସ(ଜେଟିଏଫ୍)ଗଠନ କରାଯାଇଥିଲା। ସେହି ଜେଟିଏଫ ଗଠନ ଉପରେ ଗତ ୧୫ ତାରିଖରେ ହାଇକୋର୍ଟରେ ଜନସ୍ୱାର୍ଥ ମାମଲାର ଶୁଣାଣି ବେଳେ ଆନିମଲ ୱେଲଫେୟାର ଟ୍ରଷ୍ଟ ଏକାମ୍ର ପୁରବୀ ପାତ୍ର ଯୁକ୍ତି ଉପସ୍ଥାପନ କରି ମୁଖ୍ୟ ବିଚାରପତିଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ସକ୍ଷମ ହୋଇଥିଲେ। ପୁରବୀଙ୍କ ଯୁକ୍ତିରେ ପ୍ରଭାବିତ ହୋଇ ହାଇକୋର୍ଟ ବନ୍ୟପ୍ରାଣୀ ବିଶେଷଜ୍ଞ ବିଶ୍ୱଜିତ ମହାନ୍ତି ଏବଂ ଶୁଭେନ୍ଦୁ ମଲ୍ଲିକଙ୍କଠାରୁ ଜେଟିଏଫ୍ ପରାମର୍ଶ ନେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ପୁରବୀ କହିଛନ୍ତି, ହାତୀ ମୃତ୍ୟୁ/ଶିକାର ପରେ ବ୍ୟବଚ୍ଛେଦ ନ କରି ସରକାରଙ୍କଠାରୁ ଲୁଚେଇ ପୋତିଦେବା ବା ପୋଡ଼ିଦେବା ଘଟଣାରେ ଲିପ୍ତଥିବା ଦୁର୍ନୀତିଗ୍ରସ୍ତ ବନ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ମଧ୍ୟ ନିହାତି ଜରୁରୀ। କିନ୍ତୁ ତାହା ହୋଇପାରୁନାହିଁ। ଏ ନେଇ ବନ୍ୟପ୍ରାଣୀ ଅପରାଧ ବିଶେଷଜ୍ଞ ବିଶ୍ୱଜିତ ମହାନ୍ତି କହିଛନ୍ତି, ଯେଉଁ ବନ ଅଧିକାରୀ ଅବହେଳା କରିଥିବାର ପ୍ରମାଣ ମିଳିବ, ତାଙ୍କୁ ନିଲମ୍ବନ ନ କରି ଅଧିକ କଡ଼ା କାର୍ଯ୍ୟାନୁଷ୍ଠାନ କରାଯିବା ଆବଶ୍ୟକ। ହାତୀ ମୃତ୍ୟୁ ଘଟଣା ସରକାରଙ୍କୁ ଲୁଚେଇ ଯେଉଁମାନେ ପୋତିଛନ୍ତି ବା ପୋଡ଼ିଛନ୍ତି ସେମାନଙ୍କୁ ଚାକିରିରୁ ବାହାର କଲେ, ଅନ୍ୟମାନେ ଡରି ଠିକ୍‌ରେ କାମ କରିବେ। ଖାଲି ଗାର୍ଡ କିମ୍ବା ଫରେଷ୍ଟର ନୁହେଁ, ଡିଏଫ୍‌ଓଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ହେବା ଦରକାର ବୋଲି ବିଶ୍ୱଜିତ କହିଛନ୍ତି। ଏ ସମ୍ପର୍କରେ ପିସିସିଏଫ୍ (ବନ୍ୟପ୍ରାଣୀ) ଏସ୍.କେ. ପୋପଲି ଏବଂ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଡିଆଇଜି ଜୟନାରାୟଣ ପଙ୍କଜଙ୍କ ମୋବାଇଲ ଫୋନକୁ ଯୋଗାଯୋଗ କରାଯାଇଥିଲେ ହେଁ ସେମାନେ ଫୋନ କଲ୍ ଉଠାଇ ନ ଥିଲେ।

## ସାନିଟାରି ନାପ୍‌କିନ୍‌ରେ...

ବ୍ୟବହାର କରାଯାଉଛି। ରିପୋର୍ଟରେ ପ୍ରଦତ୍ତ ତଥ୍ୟ ମୁତାବକ ଋତୁଚକ୍ର ଶେଷହେବା ଭିତରେ ଜଣେ ମହିଳା ପାଖାପାଖି ୧,୮୦୦ ପ୍ୟାଡ୍ ବ୍ୟବହାର କରିଥାନ୍ତି। ଲିକୁଇଡ୍ ଫର୍ମରେ ବହୁ ପ୍ଲାଷ୍ଟିକ୍ ପଦାର୍ଥ ବର୍ତ୍ତମାନ ସାନିଟାରି ନାପ୍‌କିନ୍ ନିର୍ମାଣକାରୀ କମ୍ପାନୀଗୁଡ଼ିକ ବ୍ୟବହାର କରୁଛନ୍ତି, ଯାହାଫଳରେ ପ୍ୟାଡ୍‌ର ନମନିୟତା ବେଶି ସମୟ ପର୍ଯ୍ୟନ୍ତ ରହୁଛି। ମହିଳାଙ୍କୁ ଏ ପ୍ରକାର କ୍ଷତିକାରକ କେମିକାଲଠାରୁ ଦୂରରେ ରଖିବା ପାଇଁ ସରକାରଙ୍କ ତରଫରୁ ଜରୁରୀ ପଦକ୍ଷେପ ନିଆଯିବା ଜରୁରୀ। ପ୍ୟାଡ୍ ନିର୍ମାଣକାରୀ କମ୍ପାନୀ ବ୍ୟବହାର କରୁଥିବା ସାମଗ୍ରୀ ବିଷୟରେ ପ୍ୟାକେଟ୍‌ରେ ଉଲ୍ଲେଖ କରିବା ଆବଶ୍ୟକ।

# ବିଦ୍ୟୁତ୍ ଆଘାତ ମୃତ୍ୟୁ ଘଟଣାରେ ଏନ୍‌ଏଚ୍‌ଆର୍‌ସିର ନୋଟିସ

**ନୂଆଦିଲ୍ଲୀ,୨୨।୧୧**

କେନ୍ଦ୍ରାପଡ଼ାରେ ଲକ୍ଷ୍ମୀପୂଜା ଭସାଣି ସମୟରେ ବିଦ୍ୟୁତ୍ ଆଘାତରେ ଜଣେ ଯୁବକଙ୍କ ମୃତ୍ୟୁ ଏବଂ ଏକାଧିକ ଆହତଙ୍କ ସମ୍ପର୍କରେ ରିପୋର୍ଟ ଦାଖଲ କରିବାକୁ ଜାତୀୟ ମାନବ ଅଧିକାର ଆୟୋଗ(ଏନ୍‌ଏଚ୍‌ଆର୍‌ସି) ଓଡ଼ିଶା ସରକାରଙ୍କ ଠାରୁ ରିପୋର୍ଟ ତଲବ କରିଛନ୍ତି। ମୁଖ୍ୟ ଶାସନ ସଚିବ, ଶକ୍ତି ବିଭାଗ ଏବଂ କେନ୍ଦ୍ରାପଡ଼ା ଜିଲାପାଳ ଏବଂ ଏସ୍‌ପିଙ୍କଠାରୁ ୪ ସପ୍ତାହ ମଧ୍ୟରେ ମାମଲାର ଆକ୍ସନ ଟେକେନ୍ ରିପୋର୍ଟ (ଏଟିଆର୍) ଆୟୋଗ ମାଗିଛନ୍ତି।

ମାନବାଧିକାର କର୍ମୀ ତଥା ଆଇନଜୀବୀ ରାଧାକାନ୍ତ ତ୍ରିପାଠୀ ଏନ୍‌ଏଚ୍‌ଆର୍‌ସିରେ କରିଥିବା ମାମଲା ଅନୁସାରେ ଗତ ଅକ୍ଟୋବର ୧୮ ତାରିଖରେ କେନ୍ଦ୍ରାପଡ଼ାରେ ଲକ୍ଷ୍ମୀପୂଜା ଭସାଣି ଚାଲିଥିଲା। ଏହି ସମୟରେ ବିଶ୍ୱଜିତ ଲେଙ୍କା ନାମକ ଜଣେ ଯୁବକଙ୍କ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଥିବାବେଳେ ୧୩ଜଣ ଆହତ ହୋଇଥିଲେ। ଭସାଣିରେ ଯାଉଥିବା ଡିଜେ ଗାଡ଼ିର ଏକ ଲୁହା ରଡ୍ ତଳିଆ ଭାବେ ଟଣା ହୋଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିବା କାରଣରୁ ଏଭଳି ଅଘଟଣ ଘଟିଥିଲା। ଭସାଣି ପାଇଁ ଅନୁମତି ଦେବା ପୂର୍ବରୁ ପ୍ରଶାସନ ପକ୍ଷରୁ ପ୍ରକୃତ ଯାଞ୍ଚ କରାଯାଇ ନ ଥିବାରୁ ଏଭଳି ଘଟଣା ଘଟିଲା, ଯାହାକି ପ୍ରଶାସନର ଅବହେଳା ବୋଲି ଆଡ୍‌ଭୋକେଟ ତ୍ରିପାଠୀ ଆବେଦନରେ ଦର୍ଶାଇଥିଲେ। ଏଥିରେ କେନ୍ଦ୍ରାପଡ଼ା ଜିଲାପାଳ, ଏସ୍‌ପି, ଶକ୍ତି ବିଭାଗର ପ୍ରମୁଖ ସଚିବଙ୍କୁ ପକ୍ଷଭୁକ୍ତ କରାଯାଇଛି।

# କମିଲା ଶୀତ

**ଭୁବନେଶ୍ୱର,୨୨।୧୧(ବ୍ୟୁରୋ)**

ଗତ କିଛିଦିନ ଧରି ଶୀତର ପ୍ରକୋପ ସାମାନ୍ୟ ବଢ଼ିଥିବା ବେଳେ ସୋମବାରଠାରୁ ପୁଣି ହ୍ରାସ ପାଇଛି। ସର୍ବନିମ୍ନ ତାପମାତ୍ରାରେ ୩ରୁ ୪ ଡିଗ୍ରୀ ସେଲ୍‌ସିୟସ ବୃଦ୍ଧି ହୋଇଛି। ଅଧିକାଂଶ ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୧୫ ଡିଗ୍ରୀ ଉପରେ ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂଚନା ଅନୁଯାୟୀ ଦାରିଙ୍ଗବାଡିରେ ସର୍ବନିମ୍ନ ତାପମାତ୍ରା ୧୩.୫ ଡିଗ୍ରୀ ସେଲ୍‌ସିୟସ ଥିବାବେଳେ ସୁନ୍ଦରଗଡ଼ ୧୩.୫, ଝାରସୁଗୁଡ଼ା ୧୪.୨ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ପାଗ ଶୁଖିଲା ରହିବ। ତାମିଲନାଡୁ ଉପକୂଳରେ ସୃଷ୍ଟି ହୋଇଥିବା ଲଘୁଚାପ ପ୍ରଭାବରେ ରାଜ୍ୟରେ ପାଗ ମେଘୁଆ ରହିବ। ଆସନ୍ତା ୨୫ରୁ ପୁଣି ଶୀତ ବଢ଼ିବ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ରାଜଧାନୀ ଉପକଣ୍ଠରେ ହତ୍ୟା

## ପାହାଡ଼ ତଳୁ ମିଳିଲା ରକ୍ତ ଜୁଡୁବୁଡୁ ମୃତଦେହ

**ବାରଙ୍ଗ/ଯାଁଳା,୨୨।୧୧(ଡି.ଏନ୍.ଏ.)**

ରାଜଧାନୀ ଉପକଣ୍ଠ ଚନ୍ଦକା ଥାନା ଅଧୀନ ପାଇକରାପୁର ପାହାଡ଼ତଳେ ମଙ୍ଗଳବାର ସକାଳୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଏକ ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଥିଲା। ମୃତକ ହେଲେ ଏୟାରଫିଲ୍ଡ ଥାନା ଅନ୍ତର୍ଗତ ପଞ୍ଚପଲ୍ଲୀ ପଞ୍ଚାୟତ ବ୍ରହ୍ମକୁଣ୍ଡଳ ଗାଁର ବଂଶୀଧର ଜେନା। କିନ୍ତୁ ସେ ଚନ୍ଦକା ଥାନା ଅଧୀନ ପାଇକରାପୁର ସ୍କୁଲରେ ପିଅନ ଭାବେ କାମ କରୁଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଛି। ଏଥିସହ ଭୁବନେଶ୍ୱରରୁ ସାଇଣ୍ଟିଫିକ ଟିମ୍ ପହଞ୍ଚି ଘଟଣାସ୍ଥଳରୁ ରକ୍ତଲଗା ପଥର, ଚପଲ, ମଦ ବୋତଲ, ସିଗାରେଟ, ମୋବାଇଲ ଫୋନ ଓ ପର୍ସ ଜବତ କରିଛି। ତେବେ ବଂଶୀଧରଙ୍କ ପରିବାର ବଂଶୀଧରଙ୍କୁ କେହି ହତ୍ୟା କରିଥିବା ନେଇ ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ଏକ ହତ୍ୟା ମାମଲା(ନଂ.୨୭୦/୨୨) ରୁଜୁ କରି ପ୍ରାଥମିକ ତଦନ୍ତରେ ୪ଜଣଙ୍କୁ ଅଟକ ରଖିଛି।

ପରିବାର ଲୋକଙ୍କ ଅଭିଯୋଗ ଅନୁଯାୟୀ, ସୋମବାର ବଂଶୀଧର ସ୍କୁଲକୁ ଯାଇଥିଲେ। କାମ ସରିବା ପରେ ସନ୍ଧ୍ୟାରେ ଗାଁ ବୁଲି ଫେରୁଥିଲେ। ହେଲେ ରାତି ୧୦ଟା ୧୫ରେ ବଂଶୀଧର ତାଙ୍କ ବୋହୂ ଓ ନାତି ସହ ଫୋନରେ କଥା ହୋଇ ଗାଡ଼ି ଖରାପ ହୋଇଯାଇଥିବା କହିବା ସହ ହଜାରେ ଟଙ୍କା ପଠାଇବାକୁ କହିଥିଲେ। କିନ୍ତୁ ତାଙ୍କ ପାଖରେ ଟଙ୍କା ନ ଥିବା କହି ପୁଅସହ କଥାହେବାକୁ ବୋହୂ କହିବାରେ ବଂଶୀଧର ମନା କରିଦେଇଥିଲେ। ପରେ ସେ ବାରଙ୍ଗରେ ଥିବା ଜ୍ୱାଇଁଙ୍କ ସହ କଥାହୋଇ ହଜାରେ ଟଙ୍କା ମାଗିଥିଲେ। ଫୋନ ପେ'ରେ ପଠାଇବାକୁ କହିବାରୁ ବଂଶୀଧର ଅନ୍ୟ ଏକ ନମ୍ବର ଦେବା ସହ ଗାଡ଼ି ସଜାଡ଼ି ଘରକୁ ଯାଉଛି ବୋଲି କହିଥିଲେ। ଟଙ୍କା ପଠାଇବା ପରେ ଜ୍ୱାଇଁ କଥାହେବାକୁ ଚେଷ୍ଟା କରିବାବେଳେ ବଂଶୀଧରଙ୍କ ମୋବାଇଲ ସୁଇଚ୍ ଅଫ୍ ଥିଲା। ମଙ୍ଗଳବାର ସକାଳେ ତାଙ୍କର ମୃତ୍ୟୁ ଖବର ପାଇଥିଲୁ। କେହି ଟଙ୍କା ପାଇଁ ତାଙ୍କୁ ହତ୍ୟା କରିଥାଇପାରନ୍ତି ବୋଲି ବଂଶୀଧରଙ୍କ ପୁଅ ଜ୍ୟୋତିରଞ୍ଜନ ଜେନା ଓ ସମୁଦୁଣୀ ଖୋଲଣା ଜେନା କହିଛନ୍ତି। ଅପରପକ୍ଷେ ମଙ୍ଗଳବାର ସକାଳେ ପାଇକରାପୁର ଗ୍ରାମର କେତେଜଣ ଯୁବକ ସ୍କୁଲ ପଡିଆ ପଛପଟ ସନ୍ତୋଷୀ ମା' ମନ୍ଦିର ପାଖ ପାହାଡ଼ ରାସ୍ତାରେ ଯାଉଥିବା ବେଳେ ବଂଶୀଧରଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ପଡିଥିବା ଦେଖିଥିଲେ। ବିଭିନ୍ନ ସାମଗ୍ରୀ ସହ ରକ୍ତଛିଟା ଲାଗିଥିବା ପଥର ପଡ଼ିଥିବା ଦେଖି ପୋଲିସକୁ ଜଣାଇଥିଲେ। ପୋଲିସ ସାଇଣ୍ଟିଫିକ ଟିମ୍‌କୁ ଜଣାଇବା ସହ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିଲା। ପରେ ପରିବାର ଲୋକଙ୍କ ଅଭିଯୋଗକ୍ରମେ ପୋଲିସ ତଦନ୍ତ ରି ଫୋନ ପେ'ରେ ହଜାରେ ଟଙ୍କା ଛଡ଼ାଯାଇଥିବା ମୋବଇଲ ନମ୍ବର ଆଧାରରେ ୪ଜଣଙ୍କୁ ଧରି ଆଣି ପଚରାଉଚରା କରୁଛି। ଉଲ୍ଲେଖଥାଉ କି, ବଂଶୀଧର ଆଉ ଗୋଟିଏ ବର୍ଷ ପରେ ଚାକିରିରୁ ଅବସର ନେଇଥାନ୍ତେ।


ପୋଲିସ ଘଟଣାସ୍ଥଳରେ ତଦନ୍ତ କରୁଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଉପରିସ୍ଥଙ୍କ ଆଦେଶପ୍ରାପ୍ତ ହୋଇ କୌଣସି କାମ ବାଧ୍ୟ ବାଧକତାରେ କରିବାକୁ ପଡ଼ିବ। ଆଲୋଚନା ଓ ସମାଲୋଚନା ଭିତରେ ପରିବାରରେ ଶାନ୍ତି ଫେରି ଆସିବ। ନିଜର ଜଣାଶୁଣା ଲୋକମାନେ ଅସୁବିଧାରେ ପକାଇ ପାରନ୍ତି। ଅଶ୍ୱିନୀ ନକ୍ଷତ୍ର ଜାତବ୍ୟକ୍ତିମାନେ ଧର୍ମକାର୍ଯ୍ୟରେ ବ୍ୟୟବରାଦ କରିପାରନ୍ତି।

**ବୃଷ** – ସାଧାରଣ କେତେକ ବ୍ୟତିକ୍ରମକୁ ବାଦ୍ ଦେଲେ ଆଜି ପାରିବାରିକ ସ୍ଥିତି ଭଲ ରହିବ। କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବାର ଆଶା ରହିଛି। ରୋହିଣୀ ନକ୍ଷତ୍ରର ପ୍ରଶାସନ, ଆଇନ, କଳା, ସାହିତ୍ୟ କ୍ଷେତ୍ର ମନ୍ଦ ହେବନି। କହିବା ଲେଖିବାର ସମ୍ପର୍କ ଯେଉଁଠାରେ ରହିଛି ସେହି ସବୁ ପ୍ରତ୍ୟେକ ଦିଗ ଅନୁକୂଳ ରହିବ।

**ମିଥୁନ** – ଆଜି ଅର୍ଥ ଦେଣ ସମ୍ପର୍କିତ ସମସ୍ତ କାମ ସାବଧାନତା ସହକାରେ କରିବା ବିଧେୟ। ଭୁଲ୍ ହିସାବରୁ, ଅଲଗା ସ୍ଥାନରେ ରଖିଦେଇଥିବା କାରଣରୁ କିମ୍ବା ଦେବା ନେବା କ୍ଷେତ୍ରରେ ଝମେଲା ଲାଗିପାରେ। ପୁନର୍ବସୁ ନକ୍ଷତ୍ର ସନ୍ତାନ ହେତୁକ ମାନସିକ ଆଘାତ ପାଇ ପାରନ୍ତି। ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ।

**କର୍କଟ** – ଆଜି ସାମାଜିକ ସ୍ତରରେ ସହଯୋଗ,ସୁଖ ସମ୍ମାନ ପାଇ ଖୁସି ହେବେ। ଅତି ନିକଟରେ ରହୁଥିବା ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିବ। ଆଜି ହିଁ ଶେଷ କରିବାକୁ ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା ସକାଶେ ଆହୁରି ବହୁତ ସମୟ ଲାଗିପାରେ। ଅଶ୍ଳେଷା ନକ୍ଷତ୍ର କଅଁଳିଆ କଥା କହି କାମ ହାସଲ କରିପାରିବେ।

**ସିଂହ** – ଆଜିର ପରିସ୍ଥିତି ଓ ରହୁଥିବା ପରିବେଶ କୌଣସି କାମ ସହଜରେ କରାଇ ଦେବନାହିଁ। ଯେଉଁଥିପାଇଁ ଚିନ୍ତା କରୁଥିଲେ ଆଜି ତାହା ଟିକିଏ ବିଳମ୍ବରେ ପାଇଯିବେ। ମଘା ନକ୍ଷତ୍ରର ଖର୍ଚ୍ଚ ପରିମାଣ ବୃଦ୍ଧି ଯୋଗୁ ମନରେ ସରସତା ରହିବ ନ ପାରେ। ଗଠନମୂଳକ କାର୍ଯ୍ୟରେ ନେତୃତ୍ୱ ଗ୍ରହଣ କରି ଉଚ୍ଚ ପ୍ରଶଂସିତ ହେବେ।

**କନ୍ୟା** – ଆଜି ଆପଣଙ୍କର ପ୍ରତ୍ୟେକ କାମ ସହଜ ଓ ସୁବିଧାରେ ସମ୍ପନ୍ନ ହୋଇପାରିବ। ବ୍ୟବସାୟ, ବାଣିଜ୍ୟ, ପରିବହନ ଓ ଯାତ୍ରା ସମ୍ପର୍କରେ ଦୁଃଚିନ୍ତା ବଢ଼ିପାରେ। ନିର୍ମାଣାଧୀନ କାର୍ଯ୍ୟରେ ସାମାନ୍ୟ ପ୍ରତିବନ୍ଧକ ଲାଗି ରହିବାର ଆଶଙ୍କା ରହିଛି। ଚିତ୍ରା ନକ୍ଷତ୍ର ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିପାରନ୍ତି।

**ତୁଳା** – ସ୍ୱାତୀ ନକ୍ଷତ୍ର ନିଜର କାମରେ ମନଦେଇ କାମଟିକୁ ପୂରା ନ କରିବା ଯାଏ ଛାଡ଼ିବେ ନାହିଁ। ଭଲ ସମ୍ପର୍କ ନ ଥିବା ନିଜର ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଇପାରନ୍ତି। ପୂର୍ବ ସ୍ଥିରୀକୃତ ଯୋଜନାକୁ ବାସ୍ତବ ରୂପ ଦେବାରେ ସଫଳ ହେବେ। ଆଜିର ପ୍ରତ୍ୟୁଷ ଯାତ୍ରା ଶୁଭପ୍ରଦ ହେବାର ଆଶା ରହିଛି।

**ବିଛା** – ଆଜି ଆପଣ ଖୁସିରେ ଯେମିତି ଭାବ ବିଭୋର ହେବେ କିନ୍ତୁ ପରକ୍ଷଣରେ ଦୁଃଖରେ ତାହାଠାରୁ ବଳି ମ୍ରିୟମାଣ ହୋଇପାରନ୍ତି। ଆଲୋଚନା ପରିସରରେ ତର୍କବିତର୍କଜନିତ ବାତାବରଣ ଅଶାନ୍ତ ହୋଇପାରେ। ଅନୁରାଧା ନକ୍ଷତ୍ରର କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ।

**ଧନୁ** – ଉତ୍ତରାଷାଢ଼ା ନକ୍ଷତ୍ର ଜାତ ବ୍ୟକ୍ତିମାନେ ଶାରୀରିକ ସୁସ୍ଥତା ଫେରିପାଇବେ। ଲେଖାପଢ଼ା ତଥା ପ୍ରଶାସନ ଓ ପ୍ରକାଶନ କ୍ଷେତ୍ରରେ ଶୁଭଫଳ ମିଳିବ। ରାଜନୈତିକ କ୍ଷେତ୍ରରେ ଲୋକସମ୍ପର୍କ ବୃଦ୍ଧି ପାଇପାରେ। ପାରିବାରିକ, ପରିବହନ, ଛୋଟ ଦୋକାନ, ହୋଟେଲ ପ୍ରଭୃତିରୁ ଆଶାଜନକ ସୁଫଳ ମିଳିବ।

**ମକର** – ପ୍ରତ୍ୟେକ କ୍ଷେତ୍ରରେ ଭୁଲ୍ ବୁଝାମଣା ହେତୁ ସୁସମ୍ପର୍କ ହ୍ରାସ ପାଇବ। ଶିଳ୍ପ, ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି ହେଲେ ମଧ୍ୟ କୌଣସି ଅସୁବିଧା ହେବ ନାହିଁ। ଶ୍ରବଣା ନକ୍ଷତ୍ର ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ। ପାରିବାରିକ ଜୀବନରେ ଉତ୍‌ଥାନ ପତନ ଲାଗି ରହିବ।

**କୁମ୍ଭ** – ଅଧିକାଂଶ ସମୟରେ ସ୍ୱାସ୍ଥ୍ୟହାନି କାମକୁ ପ୍ରତିରୋଧ କରିବ। ନିଜର ଲୋକମାନଙ୍କ କାର୍ଯ୍ୟ କଳାପ ନେଇ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। ପୂର୍ବଭାଦ୍ରବ ନକ୍ଷତ୍ରର ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। ନୂତନ ଭାବେ ଆରମ୍ଭ କରିବାକୁ ଥିବା କାର୍ଯ୍ୟ ସକାଶେ ତତ୍ପରତା ବଢ଼ିପାରେ।

**ମୀନ** – ପ୍ରତ୍ୟେକ କାମ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମ୍ପୂର୍ଣ୍ଣ ନ ହେବା କାରଣରୁ ମାନସିକ ସ୍ଥିତି ସେତେଟା ଭଲ ରହି ନ ପାରେ। କିନ୍ତୁ ଉତ୍ତରଭାଦ୍ରପଦ୍ ନକ୍ଷତ୍ର ଜାତ ବ୍ୟକ୍ତିଙ୍କର କାମଗୁଡ଼ିକ ଠିକ୍ ଭାବରେ ସମ୍ପନ୍ନ ହେବାରେ ପ୍ରତିବନ୍ଧକ ରହିବ ନାହିଁ। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ।

ଆଜି ନଭେମ୍ବର ୨୩ ତାରିଖ, ମାର୍ଗଶିର ମାସର ମହୋଦଧି ଅମାବସ୍ୟା ବୁଧବାର, ମଧଦୀପାବଳି, ଶ୍ରୀ ମନ୍ଦିରରେ ଦଶରଥ ଓ କୌଶଲ୍ୟାଙ୍କ ପ୍ରତି ପ୍ରଦୀପ ଉତ୍ସର୍ଗ, ସତ୍ୟସାଇ ବାବାଙ୍କ ଜୟନ୍ତୀ, ସାର୍ ଜଗଦୀଶ ଚନ୍ଦ୍ର ବୋଷଙ୍କ ତିରୋଧାନ ଦିବସ, ନବକୃଷ୍ଣ ଚୌଧୁରୀଙ୍କ ଜୟନ୍ତୀ, ଆଜିର ରାଶି ନକ୍ଷତ୍ର- ବିଶାଖା/ତୁଳା, ଅମାବାସ୍ୟାର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ। ଦିବା ଘ.୧୨.୪୪ମି. ପରେ ଜ୍ୟେଷ୍ଠା-ବିଛା, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୬.୦ମି. ଗତେ ଘ.୦୮.୧୫ମି. ମଧ୍ୟେ, ଘ.୧୦.୨୭ମି. ଗତେ ଘ.୧୧.୩୨ମି. ମଧ୍ୟେ ଶୁଦ୍ଧଶୁଭ ବେଳା। ଦିବା ଘ.୧୧.୩୨ମି. ଗତେ ଘ.୧୨.୫୫ମି. ମଧ୍ୟେ ରାହୁ କାଳ।

# କ୍ଲାଇମେଟ ଚେଞ୍ଜ: ଦି ପାୱାର ଅଫ୍ ୟୁଥ୍

## ଯୁବ ସମ୍ମିଳନୀର ବକ୍ତା

**ଧରିତ୍ରୀ ପକ୍ଷରୁ ଆସନ୍ତା ୨୪ ତାରିଖରେ ଭୁବନେଶ୍ୱରଠାରେ ଯୁବ ସମ୍ମିଳନୀ(ୟୁଥ୍ କନ୍‌କ୍ଲେଭ) ଅନୁଷ୍ଠିତ ହେବାକୁ ଯାଉଛି। ‘କ୍ଲାଇମେଟ୍ ଚେଞ୍ଜ: ଦି ପାୱାର ଅଫ୍ ୟୁଥ୍’ ବିଷୟବସ୍ତୁ ଉପରେ ଆଧାରିତ ଏହି ସମ୍ମିଳନୀରେ ରାଜ୍ୟର ପ୍ରତିଷ୍ଠିତ ଉଚ୍ଚ ଶିକ୍ଷାନୁଷ୍ଠାନର ବହୁ ଯୁବ ବକ୍ତା ଯୋଗଦେଇ ଜଳବାୟୁ ପରିବର୍ତ୍ତନ ସମ୍ପର୍କିତ ସମସ୍ୟାକୁ କିପରି ସେମାନେ ଦେଖୁଛନ୍ତି ସେନେଇ ବକ୍ତବ୍ୟ ରଖିବେ। ସେହି ଯୁବବକ୍ତାଙ୍କ ସମ୍ପର୍କରେ କିଛି...**

କଟକ ଏସ୍‌ସିବି ମେଡିକାଲ କଲେଜରେ ଏମ୍‌ବିବିଏସ୍ କରୁଛନ୍ତି ଆଶୁତୋଷ ଅରୁଣ ମଲ୍ଲିକ। ସେ ତୃତୀୟ ବର୍ଷର ଛାତ୍ର। ସାମ୍ପ୍ରତିକ ବିଷୟବସ୍ତୁ ପଢ଼ିବା ଏବଂ କ୍ରୀଡ଼ା ଇତିହାସ ଜାଣିବା ପାଇଁ ତାଙ୍କର ବେଶ୍ ଆଗ୍ରହ ରହିଛି।


ଆଶୁତୋଷ ଅରୁଣ ମଲ୍ଲିକ

ଭୁବନେଶ୍ୱର ଏମ୍ସର ଏମ୍‌ବିବିଏସ୍‌ର ପ୍ରଥମ ବର୍ଷ ଛାତ୍ର ଦେବାଞ୍ଜନ ରୁଜ୍। ବିତର୍କକୁ ଭଲ ପାଉଥିବା ଦେବାଞ୍ଜନ ବିଶ୍ୱ ରାଜନୀତି ବିଷୟରେ ପଢ଼ିବାକୁ ପସନ୍ଦ କରନ୍ତି।


ଦେବାଞ୍ଜନ ରୁଜ୍

ଭୁବନେଶ୍ୱର ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ ୩ ଦ୍ୱିତୀୟ ବର୍ଷର ଛାତ୍ରୀ ଶ୍ୱେତାଲିନା ମହାନ୍ତି। ସେ ପ୍ରାଣୀ ବିଜ୍ଞାନରେ ସ୍ନାତକ କରୁଛନ୍ତି। ତାଙ୍କର ସାହିତ୍ୟ ଏବଂ କବିତା ପ୍ରତି ଆଗ୍ରହ ରହିଛି।


ଶ୍ୱେତାଲିନା ମହାନ୍ତି

ଉତ୍କଳ ବିଶ୍ୱବିଦ୍ୟାଳୟର ସାମ୍ବାଦିକତା ଏବଂ ଗଣଯୋଗାଯୋଗ ବିଭାଗର ଛାତ୍ର ଅଂଶୁମାନ ସାହୁ। କବିତା, କ୍ଷୁଦ୍ର କାହାଣୀ ଲେଖିବାକୁ ଭଲ ପାଆନ୍ତି। ଏଥିସହ ସେ ଜଣେ ପକୃତିପ୍ରେମୀ।


ଅଂଶୁମାନ ସାହୁ

ଜାଭିଅର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବିଜିନେସ୍ ମ୍ୟାନେଜମେଣ୍ଟରେ ସନଥ କୁମାର ସ୍ୱାଇଁ ଏମ୍‌ବିଏ କରୁଛନ୍ତି। ସେ ଭ୍ରମଣ ପ୍ରତି ଆଗ୍ରହ ରଖିଥିବାବେଳେ ସଙ୍ଗୀତ ଏବଂ ଅଣକାଳ୍ପନିକ(ନନ୍-ଫିକ୍ସନାଲ) ବହି ପଢ଼ିବାକୁ ମଧ୍ୟ ବେଶ୍ ପସନ୍ଦ କରନ୍ତି।


ସନଥ କୁମାର ସ୍ୱାଇଁ

ରେଭେନ୍ସା ବିଶ୍ୱବିଦ୍ୟାଳୟର ତୃତୀୟ ବର୍ଷର ଛାତ୍ର ମହମ୍ମଦ ଫହିମ ଫୈଜଲ୍। ସେ ବକ୍ତୃତା ଦେବା ଏବଂ ବହୁ ସମ୍ମିଳନୀରେ ଯୋଗଦେଇ ନିଜ ଶିକ୍ଷାନୁଷ୍ଠାନରୁ ପ୍ରତିନିଧିତ୍ୱ କରିଛନ୍ତି।


ମହମ୍ମଦ ଫହିମ ଫୈଜଲ୍

ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ଯୁଜି(ଅର୍ଥନୀତି) ତୃତୀୟ ବର୍ଷ ଛାତ୍ରୀ ଅପରାଜିତା ଦାସ। ସେ ଖବରକାଗଜ, କାଳ୍ପନିକ ଗଳ୍ପ ପଢ଼ିବାକୁ ପସନ୍ଦ କରନ୍ତି। ରୋଷେଇ କରିବା ତାଙ୍କୁ ଭଲଲାଗେ।


ଅପରାଜିତା ଦାସ

କିଟ୍ ବିଶ୍ୱବିଦ୍ୟାଳୟର ବିଟେକ୍‌ର ତୃତୀୟ ବର୍ଷ ଛାତ୍ର ଶୁଭ୍ରନିଲ ଚଟୋପାଧ୍ୟାୟ। ସାଧାରଣରେ ବକ୍ତବ୍ୟ ଦେବା ପାଇଁ ଆଗ୍ରହ ଥିବା ଶୁଭ୍ରନିଲ ନିଜ ପ୍ରତିଭାକୁ ଦେଖାଇବା ପାଇଁ ଉଚିତ୍ ସୁଯୋଗକୁ ଅପେକ୍ଷା କରିଛନ୍ତି।


ଶୁଭ୍ରନିଲ ଚଟୋପାଧ୍ୟାୟ

# ଅଭିଯୁକ୍ତ ଟ୍ରକ୍ ହେଲ୍‌ପରଙ୍କୁ ଜାମିନ ଦେଲେ ସୁପ୍ରିମକୋର୍ଟ

## ଜବାବ ଦାଖଲ କରିବାରେ ଓଡ଼ିଶା ସରକାର ବିଫଳ

**ନୂଆଦିଲ୍ଲୀ ,୨୨।୧୧(ପି.ଟି.)**

ବେଆଇନ ନିଶାଦ୍ରବ୍ୟ କାରବାର ମାମଲାରେ ଓଡ଼ିଶା ସରକାର ଜବାବ ଦାଖଲ କରିବାରେ ବିଫଳ ହେବାରୁ ସୁପ୍ରିମକୋର୍ଟ ମଙ୍ଗଳବାର ଅଭିଯୁକ୍ତ ଟ୍ରକ୍ ହେଲ୍‌ପରଙ୍କୁ ଜାମିନ ପ୍ରଦାନ କରିଛନ୍ତି। ଅଭିଯୁକ୍ତ ୧୮ ମାସରୁ ଊର୍ଦ୍ଧ୍ୱ ବିଚାର ବିଭାଗୀୟ ହାଜତରେ ରହିଲେଣି। ଗତ ଅକ୍ଟୋବର ୨୬ରେ ସରକାରଙ୍କୁ ନୋଟିସ୍ ଜାରି ସତ୍ତ୍ୱେ ଏପର୍ଯ୍ୟନ୍ତ ଜବାବ ଦାଖଲ କଲେନାହିଁ ବୋଲି ଜଷ୍ଟିସ୍ ଏସ୍.କେ. କୌଲ ଏବଂ ଅଭୟ ଏସ୍ ଓକାଙ୍କ ଖଣ୍ଡପୀଠ କହିଛନ୍ତି। ଯଦି ରାଜ୍ୟ ସରକାରଙ୍କ ପାଖରେ ସମୟ ନାହିଁ, ତେବେ ଅଦାଲତ ଅପେକ୍ଷା କରିପାରିବ ନାହିଁ ବୋଲି ଖଣ୍ଡପୀଠ କହିଥିଲେ। ନିଶାଦ୍ରବ୍ୟ ନେଇ ଯାଉଥିବା ଟ୍ରକ୍ ଧରାପଡ଼ିବା ପରେ ଅନ୍ୟମାନେ ଖସିପଳାଇଥିବାବେଳ ହେଲ୍‌ପରଙ୍କୁ ଗିରଫ କରାଯାଇଥିଲା। ୨୦୨୧ ମାର୍ଚ୍ଚରୁ ସେ ଜେଲରେ ଅଛନ୍ତି। ତାଙ୍କର କିଛି ଦୋଷ ନ ଥିଲା। ଟ୍ରକ୍‌ରେ ଥିବା ନିଶାଦ୍ରବ୍ୟ ପାଇଁ ତାଙ୍କୁ ଦାୟୀ କରାଯାଇ ପାରିବ ନାହିଁ ବୋଲି ତାଙ୍କ ଓକିଲ କହିଥିଲେ। ସୂଚନାଯୋଗ୍ୟ, ଟ୍ରକ୍‌ରୁ ୨୮୦ କିଲୋଗ୍ରାମ ନିଷିଦ୍ଧ ନିଶାଦ୍ରବ୍ୟ ଜବତ ହୋଇଥିଲା। ପୂର୍ବରୁ ହାଇକୋର୍ଟ ହେଲ୍‌ପରଙ୍କ ଜାମିନ ଆବେଦନକୁ ଖାରଜ କରିଦେଇଥିଲେ।

# ପ୍ରତି ୧୧ ମିନିଟ୍‌ରେ ଜଣେ ମହିଳାଙ୍କୁ ହତ୍ୟା କରୁଛନ୍ତି ସମ୍ପର୍କୀୟ: ଗୁଟେରସ୍

**ୱାଶିଂଟନ୍, ୨୨।୧୧**


ଆଣ୍ଟୋନିଓ ଗୁଟେରସ୍

ବିଶ୍ୱରେ ପ୍ରତି ୧୧ ମିନିଟ୍‌ରେ ଜଣେ ମହିଳା ନିଜ ପରିଚିତ ବା ସମ୍ପର୍କୀୟଙ୍କ ଦ୍ୱାରା ହତ୍ୟାର ଶିକାର ହେଉଛନ୍ତି। ମହିଳାଙ୍କ ପ୍ରତି ବଢୁଥିବା ହିଂସାକୁ ଦୃଷ୍ଟିରେ ରଖି ଜାତିସଂଘ ମହା ସଚିବ ଆଣ୍ଟୋନିଓ ଗୁଟେରସ୍ ଏହା କହିଛନ୍ତି। ବିଶ୍ୱରେ ମହିଳା ତଥା ଯୁବତୀମାନଙ୍କ ଉପରେ ହିଂସା କ୍ରମାଗତ ବଢ଼ିଚାଲିଛି। ସେମାନଙ୍କୁ ଏ ପ୍ରକାର ସଙ୍କଟଜନକ ପରିସ୍ଥିତିରୁ ଉଦ୍ଧାର କରିବା ଲାଗି ଉପଯୁକ୍ତ ପଦକ୍ଷେପ ନେବା ଜରୁରୀ। ବିଶ୍ୱରେ ବ୍ୟାପକ ହେଉଥିବା ହିଂସାର ଦୂରୀକରଣ ସକାଶେ ବିଭିନ୍ନ ଦେଶର ସରକାର ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଆବଶ୍ୟକ ବୋଲି ସେ କହିଛନ୍ତି। ନଭେମ୍ବର ୨୫ରେ ପାଳନ ହେବାକୁ ଥିବା ଅନ୍ତର୍ଜାତୀୟ ‘ଏଲିମିନେଶନ୍ ଅଫ୍ ଭାଓଲେନ୍ସ ଏଗେଷ୍ଟ ଓମେନ୍’ ଦିବସ ପାଖେଇ ଆସୁଥିବାବେଳେ ଗୁଟେରସ ମହିଳା ହିଂସାକୁ ନେଇ ନିଜ ମତ ପ୍ରକାଶ କରିଛନ୍ତି।

କୋଭିଡ୍ ମହାମାରୀ ଯୋଗୁ ବିଶ୍ୱ ଆର୍ଥିକ ସ୍ଥିତି ଶୋଚନୀୟ ହୋଇପଡ଼ିଥିବାବେଳେ ବହୁ ଲୋକଙ୍କ ବ୍ୟବସାୟିକ କାରବାର ସାଙ୍ଗକୁ ରୋଜଗାର ପନ୍ଥାରେ ପୂର୍ଣ୍ଣଚ୍ଛେଦ ପଡ଼ିଯାଇଥିଲା। ଏଥିଯୋଗୁ ବଢ଼ିଥିବା ମାନସିକ ଚାପ ମହିଳାଙ୍କ ପ୍ରତି ହେଉଥିବା ହିଂସାର ମୁଖ୍ୟ କାରଣ ବୋଲି କୁହାଯାଇପାରିବ। ଏହା ବ୍ୟତୀତ ମହିଳାମାନେ ଅନ୍‌ଲାଇନ୍ ହଂସାର ଶିକାର ମଧ୍ୟ ହେଉଛନ୍ତି। ସୋସିଆଲ ମିଡିଆରେ ଅନେକ ଅସାମାଜିକ ପ୍ରବୃତ୍ତିର ଯୁବଗୋଷ୍ଠୀ ଯୁବତୀମାନଙ୍କୁ କମେଣ୍ଟ ସାଙ୍ଗକୁ ସେମାନଙ୍କ ଅଶ୍ଳୀଳ ଫଟୋ ଓ ଭିଡିଓ ମଧ୍ୟ ଭାଇରାଲ କରୁଥିବା ଦେଖାଯାଉଛି। ମହିଳାଙ୍କ ପ୍ରତି ହେଉଥିବା ହିଂସା ବିରୋଧରେ ପ୍ରତ୍ୟେକ ବ୍ୟକ୍ତି ସ୍ୱର ଉତ୍ତୋଳନ କରିବା ଜରୁରୀ ବୋଲି ସେ କହିଛନ୍ତି।

# ଖବରଦାତାଙ୍କ ପରଲୋକ


ବିଭୁ ପ୍ରସାଦ ବେହେରା।

**ଭଦ୍ରକ ଅଫିସ/ ପୁରୁଷୋତ୍ତମପୁର (ଡି.ଏନ.ଏ.), ୨୨।୧୧**

ଖବରଦାତା ବିଭୁ ପ୍ରସାଦ ବେହେରା(୪୪)ଙ୍କ ମଙ୍ଗଳବାର ସକାଳେ ପରଲୋକ ହୋଇଛି। ସେ ଗତ ଦୁଇବର୍ଷ ଧରି କିଡ୍‌ନୀ ରୋଗରେ ପୀଡ଼ିତ ଥିଲେ। ରବିବାର ରାତିରେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱର ନିଆଯାଉଥିବା ବେଳେ ରାସ୍ତାରେ ତାଙ୍କର ମୃତ୍ୟୁ ଘଟିଥିଲା। ସେ ଦୀର୍ଘବର୍ଷ ଧରି ଧରିତ୍ରୀ ଖବରକାଗଜରେ ଭଦ୍ରକ ଜିଲା ପ୍ରତିନିଧି ଭାବେ କାର୍ଯ୍ୟ କରିଥିଲେ। ଏବେ ସେ ରାଜ୍ୟ କାହାଣୀ ନାମକ ସାପ୍ତାହିକରେ ଖବରଦାତା ଥିଲେ। ତାଙ୍କ ମୃତ୍ୟୁ ଖବର ପାଇବା ପରେ ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକ ଭୁବନେଶ୍ୱରରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ସେହିପରି ଭଦ୍ରକର ବହୁ ଖବରଦାତା ଓ କ୍ୟାମେରାମ୍ୟାନ ତାଙ୍କ ଶେଷ ଦର୍ଶନ କରିଥିଲେ। ତାଙ୍କ ମରଶରୀରକୁ ଜନ୍ମମାଟି ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ପଞ୍ଚାୟତ ଗୋବିନ୍ଦପୁରସ୍ଥିତ ବାସଭବନକୁ ନିଆଯାଇଥିଲା। ଅପରାହ୍ନରେ ଋଷିକୁଲ୍ୟା ନଦୀପଠାରେ ଅନ୍ତିମ ସଂସ୍କାର କରାଯାଇଥିଲା। ସେଠାରେ ମୃତ ଖବରଦାତା ବିଭୁଙ୍କ ସ୍ତ୍ରୀ ସାବିତ୍ରୀ, ଝିଅ ଶ୍ରଦ୍ଧାଞ୍ଜଳି, ପୁଅ ପ୍ରଭୁ ପ୍ରସାଦଙ୍କ ସମେତ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ।

**PEOPLES GROUP**
Required : Front Office, Back Office, Technical, Non-Technical, IT / Data Entry Operator
Qualifications : Any
Plot No: 216/594, Paikanagar Bhubaneswar
Contact: 9861720890, 8280498679

No.D-222

PUBLIC SERVICE COMMISSION ODISHA

# ଓଡ଼ିଶା ଲୋକ ସେବା ଆୟୋଗ

## କଟକ

No.10598/PSC, Dt. 22.11.22

## ଏଏସ୍‌ଓ ପରୀକ୍ଷା ସଂକ୍ରାନ୍ତୀୟ ବିଶେଷ ସୂଚନା

1. ଗୃହ ବିଭାଗ ଅଧୀନରେ ଥିବା ଓଡ଼ିଶା ସଚିବାଳୟ ସେବାର ଗ୍ରୁପ୍-ବିରେ ଏଏସ୍‌ଓ ପଦବୀରେ 796 ପଦବୀ ନିଯୁକ୍ତି ପାଇଁ 2021-22 ର ବିଜ୍ଞାପନ ନଂ.- 26 ତା 31.12.2021ରିଖରେ ପ୍ରକାଶିତ ହୋଇଥିଲା ।
2. ଉପରୋକ୍ତ ବିଜ୍ଞାପନ ଅନୁଯାୟୀ ୨୭.୦୮.୨୦୨୨ ତାରିଖରେ ଏଏସ୍‌ଓ ନିଯୁକ୍ତିର ଲିଖିତ ପରୀକ୍ଷା କରାଯାଇଥିଲା । 03 (ତିନୋଟି) ବିଷୟକୁ ନେଇ ଗଠିତ 03 (ତିନୋଟି) ସିଟିଂରେ ଲିଖିତ ପରୀକ୍ଷା କରାଯାଇଥିଲା, ଅର୍ଥାତ୍ ପେପର-1 (ସାଧାରଣ ଜ୍ଞାନ), ପେପର-2 (ରିଜନିଂ, ମାନସିକ ଦକ୍ଷତା ଏବଂ ଗଣିତ ପରୀକ୍ଷା), ପେପର-3 (ଓଡ଼ିଆ ଓ ଇଂରାଜୀ ଭାଷା ଭିତ୍ତିକ) । ମୋଟ ୧,୪୮,୮୮ ଜଣ ପ୍ରାର୍ଥୀ ଲିଖିତ ପରୀକ୍ଷାରେ ଉପସ୍ଥିତ ହୋଇଥିଲେ ।
3. ଏହା ଏକ ଦୁଇ ପର୍ଯ୍ୟାୟ ଚୟନ ପ୍ରକ୍ରିୟା ; ପ୍ରଥମ ପର୍ଯ୍ୟାୟରେ ଉପରେ ଉଲ୍ଲେଖ କରାଯାଇଥିବା ବିଷୟଗୁଡ଼ିକ ପାଇଁ ଏକ ଏମ୍‌ସିକ୍ୟୁ ଢାଞ୍ଚା ପରୀକ୍ଷା କରାଯାଏ ଏବଂ ପ୍ରଥମ ପର୍ଯ୍ୟାୟରୁ ସର୍ଟଲିଷ୍ଟ ହୋଇଥିବା ପ୍ରାର୍ଥୀଙ୍କୁ କମ୍ପ୍ୟୁଟର ଜ୍ଞାନ ଉପରେ ଏକ ଦକ୍ଷତା ପରୀକ୍ଷା କରାଯାଏ, ଯାହା କେବଳ ଯୋଗ୍ୟତାଭିତ୍ତିକ ଅଟେ ।
4. ଲିଖିତ ପରୀକ୍ଷାରେ ଯୋଗ୍ୟତା ପ୍ରତିପାଦନ କରିଥିବା ପ୍ରାର୍ଥୀଙ୍କ ତାଲିକା ଆୟୋଗର ୱେବ୍‌ସାଇଟରେ ବିଜ୍ଞପ୍ତି ନଂ. ୧୦୨୦୮/ପିଏସ୍‌ସି, ତା.୦୭.୧୧.୨୦୨୨ରେ ସୂଚିତ କରାଯାଇଥିଲା । ଲିଖିତ ପରୀକ୍ଷାରେ ମୋଟ 1104 ଜଣ ପ୍ରାର୍ଥୀ ଯୋଗ୍ୟତା ବିବେଚିତ ହୋଇଛନ୍ତି, ଯାହା ବିଜ୍ଞାପିତ ଖାଲି ସ୍ଥାନର ପ୍ରାୟ 1.5 ଗୁଣ ।
5. ଯୋଗ୍ୟତା ଭିତ୍ତିକ ନଥିପତ୍ର ଯାଞ୍ଚ ଏବଂ କମ୍ପ୍ୟୁଟର ଦକ୍ଷତା ପରୀକ୍ଷା ପାଇଁ ପ୍ରାର୍ଥୀଙ୍କ ଅସ୍ଥାୟୀ ତାଲିକା ପ୍ରସ୍ତୁତ କରୁଥିବାବେଳେ ଆୟୋଗଙ୍କ ବିଜ୍ଞାପନର ପାରା-୬(ସି) ଅଧୀନରେ ନିର୍ଦ୍ଧାରିତ ବ୍ୟବସ୍ଥା ଅନୁସରଣ କରିଥିଲେ ଅର୍ଥାତ୍ *“ଆୟୋଗ ପରୀକ୍ଷାର ଯେକୌଣସି କିମ୍ବା ସମସ୍ତ ବିଷୟରେ ଯୋଗ୍ୟତା ମାର୍କ ସ୍ଥିର କରିବାକୁ ସକ୍ଷମ ହେବେ”* ।
6. ପ୍ରତ୍ୟେକ ବିଷୟରେ ସର୍ବନିମ୍ନ ଯୋଗ୍ୟତା ଭିତ୍ତିକ ନମ୍ବର ରଖିଥିବା ଆଧାରରେ ୨୪୦୮ ଜଣ ପ୍ରାର୍ଥୀ ବିଚାରାଧୀନ ତାଲିକା ପରିସର ଆସିଥିଲେ, ଯେଉଁଥିରୁ 1104 ଜଣ ପ୍ରାର୍ଥୀଙ୍କୁ ସର୍ଟଲିଷ୍ଟ କରାଯାଇଥିଲା ଏବଂ ନଥିପତ୍ର ଯାଞ୍ଚ ତା.14.11.2022 ରୁ 18.11.2022 ପର୍ଯ୍ୟନ୍ତ କରାଯାଇଥିଲା ।
7. ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟଙ୍କ ତତ୍ତ୍ୱାବଧାନରେ ଓ ସିସିଟିଭି କଭରେଜ୍‌ରେ ଏହି ପରୀକ୍ଷା ପରିଚାଳନା କରାଯାଇଥିଲା । ପରୀକ୍ଷାର ସୁଗମ ଏବଂ ସ୍ୱଚ୍ଛ ପରିଚାଳନା ପାଇଁ ଜିଲ୍ଲା ପ୍ରଶାସନ ପ୍ରତ୍ୟେକ ପରୀକ୍ଷା କେନ୍ଦ୍ରରେ ସଂଯୋଜକ ଏବଂ ଅଧିକାରୀ ନିୟୋଜିତ କରିଥିଲେ ।
8. ସଂକ୍ଷିପ୍ତ ତାଲିକାଭୁକ୍ତ ପ୍ରାର୍ଥୀଙ୍କ ପରୀକ୍ଷା କେନ୍ଦ୍ର ଅନୁଯାୟୀ ବଣ୍ଟନର ବିଶ୍ଳେଷଣ ଉପରେ ଏହା ଦେଖାଯାଏ ଯେ, ରାଜ୍ୟର 433ଟି କେନ୍ଦ୍ର ମଧ୍ୟରୁ 415ଟି କେନ୍ଦ୍ରର ପ୍ରାର୍ଥୀମାନେ ସର୍ବନିମ୍ନ କଟ୍ ଅଫ୍ ମାର୍କ ସହିତ ଯୋଗ୍ୟତା ଅର୍ଜନ କରିଛନ୍ତି, ଏହା ପରୀକ୍ଷା ପ୍ରକ୍ରିୟାର ନିରପେକ୍ଷତା ଓ ବୈଧତାକୁ ପ୍ରମାଣିତ କରେ ।
9. ମୁଖ୍ୟସ୍ରୋତ ଏବଂ ସାମାଜିକ ଗଣମାଧ୍ୟମରେ କିଛି ପ୍ରାର୍ଥୀଙ୍କ ଅଭିଯୋଗ ଯେ ଅନୁପସ୍ଥିତ ଥିବା ପ୍ରାର୍ଥୀମାନଙ୍କୁ ଚୟନ କରାଯାଇଛି ତାହା ଭିତ୍ତିହୀନ ଏବଂ ମିଥ୍ୟା । ସମସ୍ତ ସର୍ଟଲିଷ୍ଟ ହୋଇଥିବା ପ୍ରାର୍ଥୀଙ୍କ ଉପସ୍ଥାନ ପତ୍ର ଆୟୋଗଙ୍କ ପାଖରେ ଉପଲବ୍ଧ ।
10. ଓପିଏସ୍‌ସିର ନିର୍ଦ୍ଧାରିତ ନୀତି ଅନୁଯାୟୀ, ଚୂଡ଼ାନ୍ତ ଫଳାଫଳ ପ୍ରକାଶ ପାଇବା ପରେ ଆୟୋଗ ୱେବ୍‌ସାଇଟରେ ଉତ୍ତର ତାଲିକା, କଟ୍ ଅଫ୍ ମାର୍କ ଏବଂ ପ୍ରାର୍ଥୀଙ୍କ ବ୍ୟକ୍ତିଗତ ମାର୍କ ପ୍ରକାଶ କରନ୍ତି । ଏହା ମଧ୍ୟ ୟୁପିଏସ୍‌ସିର ଗ୍ରହଣୀୟ ନୀତି ଅଟେ । ଓପିଏସ୍‌ସି 2022 ର ଡବ୍ଲ୍ୟୁପି(ସି) ନଂ.30102 ଓ ସମାନ ରିଟ୍‌ପିଟିସନ ଆସିଥିବା ମାନ୍ୟବର ଓଡ଼ିଶା ହାଇକୋର୍ଟଙ୍କ ରାୟ ତା.14.11.2022 ମତେ ଆୟୋଗର ସଂକଳ୍ପ ନମ୍ବର 5395/ପିଏସ୍‌ସି, ତା.03.09.2016 ଅନୁସରଣ କରି ଚୂଡ଼ାନ୍ତ ଫଳାଫଳ ପ୍ରକାଶ କରାଯିବ ।

**ଆୟୋଗଙ୍କ ଆଦେଶ ଅନୁସାରେ**
**ସ୍ୱା./- ସଚିବ**

OIPR-12002/11/0203/2223

"ରାଷ୍ଟ୍ରଜାତି, ପରିବାର ଓ ମାନବଜାତି– ଏ ତିନୋଟି ହେଲେ ବିଷ୍ଣୁଙ୍କର ତ୍ରିପାଦ –ବ୍ୟକ୍ତିର ଏକତ୍ୱରୁ ସମଷ୍ଟିର ଏକତ୍ୱ ଆଡେ। ପରିବାର ସମ୍ପନ୍ନ ହୋଇଛି। ରାଷ୍ଟ୍ରଜାତିକୁ ସମ୍ପନ୍ନ କରିବା ପାଇଁ ଆମେ ବର୍ତ୍ତମାନ ସଚେଷ୍ଟ। ମାନବଜାତି ଆଡକୁ ଆମେ ହାତ ପ୍ରସାରିତ କରିଛୁ। ତା'ର ଭିତ୍ତି ଆରମ୍ଭ ହୋଇଯାଇଛି। **–ଶ୍ରୀଅରବିନ୍ଦ**

# ପ୍ରତିବାଦରେ ଦେଶପ୍ରେମ

ଗୋଟେ ରାଷ୍ଟ୍ର ପ୍ରତି ଦେଶପ୍ରେମ କେବଳ ସରକାରଙ୍କୁ ସମର୍ଥନ ବା ପ୍ରଶଂସା କରିବାରେ ନ ଥାଏ। ଯେତେବେଳେ କୌଣସି ଶାସନ ବ୍ୟବସ୍ଥା ନାଗରିକଙ୍କ ଅଧିକାରକୁ ଛଡ଼ାଇନେବା ପାଇଁ ଉଦ୍ୟମ କରେ, ସେତେବେଳେ ତାହା ବିରୋଧରେ ସ୍ୱର ଉଠାଇବା ହେଉଛି ପ୍ରତ୍ୟେକଙ୍କ ନୈତିକ କାର୍ଯ୍ୟ। କାତାରର ଦୋହାଠାରେ ଚାଲିଥିବା ଫୁଟ୍‌ବଲ ବିଶ୍ୱକପ୍ ପ୍ରତିଯୋଗିତାର ୨୧ ନଭେମ୍ବରରେ ଇଂଲଣ୍ଡ ବିପକ୍ଷରେ ଇରାନ ଖେଳିବା ପୂର୍ବରୁ ଦୁଇ ଦେଶର ଜାତୀୟ ସଙ୍ଗୀତ ବଜାଯାଇଥିଲା। ହେଲେ ଇରାନୀୟ ଖେଳାଳିମାନେ ତାଙ୍କ ଜାତୀୟ ସଙ୍ଗୀତ ବାଜୁଥିବା ବେଳେ ନୀରବ ରହିଥିବା ଦେଖାଯାଇଥିଲା। ସେମାନେ ପରସ୍ପର କାନ୍ଧ ଉପରେ ହାତ ପକାଇ ଏକତା ସୂତ୍ରରେ ବନ୍ଧା ବୋଲି ଦର୍ଶାଉଥିଲେ ମଧ୍ୟ କେତେଜଣ ତଳକୁ ମୁଣ୍ଡ ନୁଆଁଇଥିବା ଦେଖାଯାଇଥିଲା। ଏଭଳି ପ୍ରଦର୍ଶନ ପଛରେ ରହିଥିବା କାରଣ ହେଲା ଗତ ସେପ୍ଟେମ୍ବରରେ ୨୨ ବର୍ଷୀୟା ଯୁବତୀ ମହସା ଅମିନଙ୍କ ହାଜତରେ ଘଟିଥିବା ଅସ୍ୱାଭାବିକ ମୃତ୍ୟୁ ପ୍ରତିବାଦରେ ଦେଶବ୍ୟାପୀ ଚାଲିଥିବା ଆନ୍ଦୋଳନକୁ ସମର୍ଥନ କରିବା। ମହସା ହିଜାବ ନ ପିନ୍ଧି ରକ୍ଷଣଶୀଳ ମାନସିକତାକୁ ବିରୋଧ କରୁଥିବାରୁ ଇରାନୀୟ ପୋଲିସ ତାଙ୍କ ଉପରେ ପ୍ରତିଶୋଧ ନେଇଥିଲା। ସେବେଠାରୁ ଇରାନୀୟ ମହିଳାଙ୍କ ସମେତ ଦେଶବାସୀ ଶାସକଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରିଚାଲିଛନ୍ତି। ଇତିମଧ୍ୟରେ ୨,୪୦୦ ଲୋକଙ୍କୁ ଜେଲଦଣ୍ଡ ଦିଆଯାଇସାରିଲାଣି ଓ ଅନେକଙ୍କୁ ମାରିଦିଆଗଲାଣି। ୧୯୭୯ ଇରାନୀୟ ବିପ୍ଳବ ପରେ ହିଜାବ ବିରୋଧୀ ମହିଳାଙ୍କ ପ୍ରତିବାଦ ସାରା ଦେଶରେ ଆଲୋଡ଼ନ ସୃଷ୍ଟି କରିଛି। କିନ୍ତୁ ଫୁଟବଲ ବିଶ୍ୱକପ୍ ମ୍ୟାଚ୍ ପୂର୍ବରୁ ଖଲିଫା ଇଣ୍ଟରନ୍ୟାଶନାଲ ଷ୍ଟାଡିୟମ୍ ବାହାରେ 'ମହସା ଅମିନ୍'ଙ୍କ ନାମ ପ୍ରତିଧ୍ୱନିତ ହେବା ଓ ଷ୍ଟାଡ଼ିୟମ ଭିତରେ ଜାତୀୟ ସଙ୍ଗୀତ ବାଜୁଥିବା ବେଳେ ଯେଭଳି ଇରାନୀୟ ଖେଳାଳି ଶାସକଙ୍କ ବିରୋଧରେ ପ୍ରତିବାଦ ଜଣାଇଲେ, ତାହା ଏବେ ଅନ୍ତର୍ଜାତୀୟ ସ୍ତରରେ ହଇଚଇ ସୃଷ୍ଟି କରିଦେଇଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଇରାନ୍‌ରେ ୧୯୭୯ରେ ଇସ୍‌ଲାମୀୟ ହିଂସାତ୍ମକ ବିପ୍ଳବ ଦ୍ୱାରା ସେଠାକାର ରାଜା ଶାହା ମହମ୍ମଦ ରେଜା ପହଲ୍‌ଭିଙ୍କୁ ଗାଦିଚ୍ୟୁତ କରାଯାଇଥିଲା। ସେହି ଜନ ଆନ୍ଦୋଳନର ନେତୃତ୍ୱ ନେଇଥିଲେ ଧର୍ମଗୁରୁ ରୁହୋଲ୍ଲା ଖୋମେନୀ। ତାଙ୍କ ଦେହାନ୍ତ ହୋଇଥିଲା ୩ ଜୁନ୍ ୧୯୮୯ରେ। ତାଙ୍କ ମୃତ୍ୟୁ ପରେ ଦେଶବ୍ୟାପୀ ଏକ ପ୍ରତିଯୋଗିତା ଆୟୋଜିତ ହୋଇଥିଲା, ଯେଉଁଥିରେ କବିମାନଙ୍କୁ ନୂଆ ଜାତୀୟ ସଙ୍ଗୀତ ରଚନା ଲାଗି କୁହାଯାଇଥିଲା। ବିଜେତାଙ୍କ ଦ୍ୱାରା ଲେଖାଯାଇଥିବା ଜାତୀୟ ସଙ୍ଗୀତରେ ସ୍ୱାଧୀନତା ଆଣିଥିବାରୁ ଖୋମେନୀଙ୍କୁ ଇମାମ୍ ଭାବରେ ପ୍ରଶଂସା କରାଯାଇଥିଲା। ସମ୍ଭବତଃ ଏହି ପ୍ରଶଂସାକୁ ବିରୋଧ କରି ଫୁଟ୍‌ବଲ ଖେଳାଳିମାନେ ଜାତୀୟ ସଙ୍ଗୀତ ଗାଇବା ପରିବର୍ତ୍ତେ ମୌନ ରହିଥିଲେ।

ବିଶ୍ୱସ୍ତରରେ ଫୁଟ୍‌ବଲ ଖେଳର ଲୋକପ୍ରିୟତା ସର୍ବାଧିକ ରହିଆସିଛି। ଏଭଳି ଏକ ମଞ୍ଚରେ ଇରାନୀୟ ଖେଳାଳି ସାହସ ଦେଖାଇ ସେମାନଙ୍କ ଶାସକଙ୍କ ବିରୋଧରେ ଅଭିନବ ପ୍ରଦର୍ଶନ କରିବା ସାମାନ୍ୟ ବିଷୟ ନୁହେଁ। ହୁଏତ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିବା ପରେ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯାଇପାରେ। ମାତ୍ର ଏକ ରକ୍ଷଣଶୀଳ ଚିନ୍ତାଧାରା ବିରୋଧରେ ଦେଶବାସୀଙ୍କ ସ୍ୱର ସହ ସ୍ୱର ମିଳାଇବା ନିଶ୍ଚିତ ଭାବେ ସେମାନେ ଇତିହାସରେ ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିଲେ ବୋଲି କୁହାଯିବ। ଶାସକ ସର୍ବଦା ଜନମଙ୍ଗଳ କାର୍ଯ୍ୟ କରି ଦେଖାଇବା କଥା। ପୂର୍ବରୁ ଗଡ଼ି ଆସିଥିବା ପୁରୁଣାକାଳିଆ ପ୍ରଥା ଓ ପରମ୍ପରାକୁ ସମୟର ଗତି ସହ ପରିବର୍ତ୍ତନ କରାଯିବା ଆବଶ୍ୟକ ହୋଇଥାଏ। କିନ୍ତୁ ଯେଉଁ ଧର୍ମୀୟ ଶାସକ ନିଜ କ୍ଷମତା ବଳରେ ନୂତନତ୍ୱ ଗ୍ରହଣ କରିବାକୁ ଅସ୍ୱୀକାର କରିଥାଆନ୍ତି, ସେତେବେଳେ ନାଗରିକମାନେ ବିପ୍ଳବ ମାଧ୍ୟମରେ ପରିବର୍ତ୍ତନ ଆଣିଥାଆନ୍ତି। ଭାରତରେ ମଧ୍ୟ ଅନେକଙ୍କ ମୁଖରୁ ରାମରାଜ୍ୟ କଥା ଶୁଣାଯାଏ। ଦେଖିବାକୁ ଗଲେ ରାମାୟଣ ଏକ ପୁରାଣଶାସ୍ତ୍ର ହୋଇଥିବା ବେଳେ ତାହାର କୌଣସି ଐତିହାସିକ ପ୍ରମାଣ ମିଳିନାହିଁ। ଅର୍ଥାତ୍ ରାମଙ୍କ ଜନ୍ମଭୂମିର ନିର୍ଦ୍ଦିଷ୍ଟ ସ୍ଥାନ ଜାଣିବା ଅସମ୍ଭବ। ଏଥିସହିତ ରାମରାଜ୍ୟରେ ଗରିବ ଲୋକର ଜୀବନଶୈଳୀ କେଉଁ ପ୍ରକାର ଥିଲା, ନ୍ୟାୟ ବ୍ୟବସ୍ଥା କିଭଳି ଭାବେ ପରିଚାଳିତ ହେଉଥିଲା, ରାଜ୍ୟରେ ଟିକସ ବ୍ୟବସ୍ଥାର ରୂପରେଖ କ'ଣ ଥିଲା, କେଉଁ ପ୍ରକାରର ବ୍ୟବସାୟୀ ସେତେବେଳେ ଲାଭବାନ ହୋଇପାରୁଥିଲେ ଏବଂ ସାମାଜିକ ପ୍ରଥା ଯଥା– ବ୍ରାହ୍ମଣମାନଙ୍କ ବ୍ରତରେ ପଢ଼ାଯାଉଥିବା ଶ୍ଳୋକରେ ରାମ ଓ କୃଷ୍ଣଙ୍କ ନାମ ଥିଲା କି ନାହିଁ ଭଳି ଉତ୍ତର କାହାରି ପାଖରେ ନାହିଁ; କାରଣ ସେତେବେଳକାର କୌଣସି ପୋଥି ମିଳିନାହିଁ। ଏଥିରୁ ବୁଝିବାକୁ ହେବ ଯେ, ମଣିଷ ତା'ର ଚିନ୍ତାଶକ୍ତି ଦ୍ୱାରା ଏକ ଉଚ୍ଚକୋଟୀର ଶାସନ ବ୍ୟବସ୍ଥାର ପରିକଳ୍ପନା କରିଥିଲା। ସେହିଭଳି ଇସ୍‌ଲାମ ଧର୍ମର ଶିୟା ସମ୍ପ୍ରଦାୟରେ ମଧ୍ୟ ଉଚ୍ଚ ଚିନ୍ତାଧାରାରେ କାଳ୍ପନିକ ରାଜ୍ୟ ସୃଷ୍ଟି କରିବାର ସ୍ୱପ୍ନ ରହିଛି। ସେହି ପ୍ରକାରର ସ୍ୱପ୍ନ ଇସ୍‌ଲାମିକ ଷ୍ଟେଟ୍‌ର ମଧ୍ୟ ଥିଲା, ଯାହାର ନାମ 'ଆଇଏସ୍' ହୋଇଥିଲା।

ତେବେ ଇରାନ୍ ଫୁଟ୍‌ବଲ ଖେଳାଳିଙ୍କ ପ୍ରତିବାଦ ମନେପକାଇଦିଏ 'ବ୍ଲାକ୍ ଲାଇଭ୍‌ସ ମେଟର' ସ୍ଲୋଗାନ। ଆମେରିକାରେ ଜର୍ଜ ଫ୍ଲଏଡ୍‌ଙ୍କୁ ଆମେରିକୀୟ ପୋଲିସ ଆଣ୍ଠୁରେ ଚାପି ମାରିଦେବା ପରେ ଏହା ବିଶ୍ୱବ୍ୟାପୀ ଚହଳ ପକାଇଥିଲା। ଫିଫା ମଧ୍ୟ ସେତେବେଳେ ଖେଳାଳିଙ୍କ ବ୍ଲାକ୍ ଲାଇଭ୍‌ସ ମେଟରକୁ କରାଯାଇଥିବା ସମର୍ଥନରେ 'ହଁ' ଭରିଥିଲା। ଚଳିତ ଥର ଫୁଟ୍‌ବଲ ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ ଲାଗି ହୋଇଥିବା ଖେଳ ସମୟରେ କାତାରରେ ହେଉଥିବା ମାନବ ଅଧିକାର ଉଲ୍ଲଂଘନକୁ ବିରୋଧ କରି ନରୱେ ଏବଂ ଜର୍ମାନୀ ଖେଳାଳି 'ମାନବ ଅଧିକାର' ଲେଖା ଥିବା ଟି–ଶାର୍ଟ ପରିଧାନ କରିଥିଲେ। ଏହା ପରେ ଫିଫା ପକ୍ଷରୁ ଉଭୟ ଦେଶକୁ ସମର୍ଥନ କରାଯାଇଥିଲା। ଫିଫା ବାକ୍ ସ୍ୱାଧୀନତା ଓ ଫୁଟ୍‌ବଲର ଶକ୍ତି ଭଲ କାର୍ଯ୍ୟ ଲାଗି ବଳ ଦେଇଥିବାର ବିଶ୍ୱାସ କରେ ବୋଲି କହେ। ଏବେ ଜାତୀୟ ସଙ୍ଗୀତ ଗାନ ବେଳେ ଇରାନୀୟ ଖେଳାଳିଙ୍କ ନୀରବ ପ୍ରତିବାଦର ପ୍ରଭାବ ନିଶ୍ଚିତ ଭାବେ ସେଠାକାର ସରକାରଙ୍କ ଉପରେ ପଡ଼ିବ ବୋଲି ଆଶା କରାଯାଉଛି।



# ଆମେ ଯାହା କରନ୍ତେ

ବ୍ରଜମୋହନ ମିଶ୍ର

ଏ ସଂସାର କେବଳ ବିରାଟ ନୁହଁ, ଏହା ସୁନ୍ଦର ପୁଣି ଆନନ୍ଦମୟ। ଏହା ପ୍ରକାଶ କରି ଭକ୍ତକବି ମଧୁସୂଦନ ଆମ ଆଖି ଖୋଲି ଦେବା ସହ ହୃଦୟ ଭେଦିଛନ୍ତି। ବିରାଟତା ସହ ସୌନ୍ଦର୍ଯ୍ୟ ଓ ଆନନ୍ଦ ଏତେ କୋଳାକୋଳି ହୋଇ ଯାଇଛନ୍ତି ଯେ ଗୋଟାକଠାରୁ ଆରଟିକୁ ଅଲଗାଦେଖି ହେବ ନାହିଁ କି ଅନୁଭବ କରିହେବ ନାହିଁ। ଏ ଅବିଚ୍ଛେଦ୍ୟ ତିନି ପ୍ରସ୍ଥ ସମସ୍ତଙ୍କ ସମକ୍ଷରେ ବେଶ୍ ଖୋଲାମେଲା। ପୁଣି ଏଗୁଡ଼ିକୁ ନେଇ ସମସ୍ତେ ନିତିଦିନ ବଞ୍ଚୁଛନ୍ତି। ଏଗୁଡ଼ିକ ସମସ୍ତଙ୍କ ଜୀବନ ଧାରଣର ପୋଷକ ରୂପେ କ୍ରିୟା ସମ୍ପାଦନ କରୁଛନ୍ତି ନିଃଶବ୍ଦରେ ଓ ନିର୍ବିଶେଷରେ। ଯେଉଁଠି ଘଞ୍ଚ ବନରାଜି ମାଇଲ ମାଇଲ ଧରି ଲମ୍ବି ଯାଉଛି, ସେଇଠି କେଉଁ ଜାଗାରେ ହୁଏତ କୁଳୁକୁଳୁ କରି ଝରଣାଟିଏ ବହିଯାଉଛି ତ କେଉଁ ଗହଳ ଗଛ ଉପରେ ଚଢ଼େଇମାନେ ବସି କିଚିରିମିଚିରି ହେଉଛନ୍ତି। ଏହା ଏକାଧାରରେ ସୁନ୍ଦର, ତେଣୁ ଆନନ୍ଦଦାୟୀ। ଆନନ୍ଦାଳୟ ସୌନ୍ଦର୍ଯ୍ୟ ସହ ବିରାଟତାର ଏଇ ନିବିଡ଼ ସମ୍ପର୍କ ଆମ୍ଭମାନଙ୍କୁ ବିସ୍ମିତ, ବିହ୍ୱଳିତ ଓ ବିଗଳିତ କରନ୍ତା। ସେହି ଶକ୍ତି ସେମାନଙ୍କ ପାଖରେ ନିତ୍ୟ ବିଦ୍ୟମାନ ଥିଲେ ସୁଦ୍ଧା ଆମେ ବୁଦ୍ଧିମାନ୍ ମତିହୀନମାନେ ସେ ଦିଗରେ କେବେ ଆଗ୍ରହୀ ହୋଇ ନଥାଉ। ଜୀବନ ସଂଗ୍ରାମ ନାଁରେ ଆମେ ଚେତାଶୂନ୍ୟ ହୋଇ ଏଡ଼େ ଜୋର୍‌ରେ ଆମର ଖଣ୍ଡାଟିମାନ ବୁଲାଉ ଯେ ଆଉ କିଛିକୁ ମନ କରୁନାହିଁ। ହେଲେ ଜୀବନ ସଂଗ୍ରାମ ଭିତରକୁ ତ ଆମେ କେବେ ପଶୁନା। ସତରେ ଜୀବନ ପାଇଁ ସଂଗ୍ରାମ ଅବଶ୍ୟ କରଣୀୟ। ତାହା ପୁଣି ଭିତର ସଂଗ୍ରାମ ଓ ବାହାର ସଂଗ୍ରାମ। ଭିତର ସଂଗ୍ରାମ ବାହାର ସଂଗ୍ରାମ ଅପେକ୍ଷା ଅଧିକ ଶକ୍ତିଶାଳୀ, ଅଧିକ ଏକନିଷ୍ଠ, ଅଧିକ ଶ୍ରଦ୍ଧାମୟ ହେବା କଥା। ସେଇ ସଂଗ୍ରାମ କରିବାକୁ ହେଲେ ଆମକୁ ତା' ସହ ଯଥେଷ୍ଟ ପରିଚିତ ହେବା ଏକାନ୍ତ ଆବଶ୍ୟକ।

ବାହାର ଓ ଭିତର– ଏ ଦୁଇଟି ଅଲଗା ପୁଣି ଅଭିନ୍ନ। ଅଲଗା ଏଇଥିପାଇଁ ଯେ 'ବାହାର' ଆଖିକୁ ଦେଖାଯାଏ, 'ଭିତର'ଟି ନୁହଁ। ଦେଖା ନ ଯାଉଛି ବୋଲି ତାହାକୁ ଆମେ ଅସ୍ୱୀକାର କରିବା କିମ୍ବା ଅବହେଳା କରିବା ଠିକ୍ ନୁହଁ। ମୋତେ ନିର୍ବାଚନରେ ଅଂଶ ଗ୍ରହଣ କରି ଜିତିବାକୁ ହେବ– ଏ ବାହାର କଥା– ଏହା ବେଶ୍ ପ୍ରତ୍ୟକ୍ଷ। ସେଥିପାଇଁ ମୁଁ କେତେ ମାତ୍ରାରେ ସକ୍ରିୟ, ସଜାଗ ଓ ସଶସ୍ତ୍ର। ସେହିପରି ମୋତେ ଏ ମହିମାମୟ ସଂସାରରେ 'ପରୀକ୍ଷିତ ଜୀବନ'ଟିଏ ଧାରଣ କରିବାକୁ ହେବ। ତା' ନହେଲେ ହୁଏତ ଖାଇ ପିଇ ଚଉକସରେ ମୁଁ ଦିନଯାମିନୀ କ୍ଷେପିପାରେ, କିନ୍ତୁ ମୋର ଏ ସଂସାର ସହ ଆତ୍ମୀୟତା ଆସିବ ନାହିଁ। କାରଣ ସଂସାରରେ ଥାଇ ମଧ୍ୟ ମୁଁ ସଂସାରର ହୋଇନଥିବି। ସଂସାରର ହେବାକୁ ମୁଁ ସଂସାରକୁ ଆସିଛି– ଏଇ ବିଶ୍ୱାସର ଚେର ମୋ ଭିତରେ ଖୁବ୍ ମାଡ଼ିଯିବ। ତାହା ଯେତେ ଭିତରକୁ ଭେଦୁଥିବ ମୁଁ ସେତେ ସଂସାରର ପାରାୟଣ କରିବାକୁ ଉତ୍ସାହୀ ହୋଇ ଉଠୁଥିବି। ସେଥିପାଇଁ ମୋତେ ସଂସାରପରାୟଣ ହେବାକୁ ପଡ଼ିବ। ଏଇ ଅବବୋଧକୁ ଗଣ୍ଠିଧନ କରି ମୁଁ ମୋ ଭିତର ସଂଗ୍ରାମ ଆରମ୍ଭ କରିବି। ଭିତର ସଂଗ୍ରାମ ଅର୍ଥ ମୋ ଭିତରେ ସଦା ପ୍ରସ୍ତୁତ ଏକ ସୀମାବଦ୍ଧ, ଅଶ୍ରଦ୍ଧାଳୁ



ଏବଂ ଅବୈଷ୍ଣବ ଅପଶକ୍ତି ସହ ସତ୍ୟାଗ୍ରହ। ଏଠାରେ ସଂଗ୍ରାମ ସତ୍ୟାଗ୍ରହ ପର୍ଯ୍ୟାୟର। ସତ୍ୟାଗ୍ରହରେ ଅନ୍ୟାୟ ବିରୁଦ୍ଧରେ ସଂଗ୍ରାମ କରାଯାଏନା, ତା' ସହ ପୁଣି ତା' ପାଇଁ ସଂଗ୍ରାମ କରାଯାଏ। ତା' ଭିତରେ ଉଦ୍ଦେଶ୍ୟ ଥାଏ ଅନ୍ୟାୟର, ଅସତ୍ୟର, ଦୁରାଗ୍ରହର ରୂପାନ୍ତର ଆଉ ଏ ରୂପାନ୍ତର ଆକ୍ରୋଶରେ ନୁହେଁ ଆତ୍ମଶକ୍ତିରେ ସମ୍ଭବ।

ଯେଉଁ ବିକଳ ବାସନାଗୁଡ଼ା ବ୍ୟକ୍ତିକୁ ଭାରି ହନ୍ତସନ୍ତ କରନ୍ତି, ସେଗୁଡ଼ିକ ବିରୁଦ୍ଧରେ ଅସ୍ତ୍ର ଉତ୍ତୋଳନ କରି ନୁହଁ, ସେଗୁଡ଼ିକ ସହ ପ୍ରେମପୂର୍ଣ୍ଣ କଥାବାର୍ତ୍ତା କରି ସେଗୁଡ଼ିକୁ ଅକ୍ତିଆରକୁ ଆଣିବା। ଅଧିକାର କରିବାକୁ ଛଟପଟ ହେଉଥିବା ସେଇ ଅତୃପ୍ତ ଅଶନି ସହ ସ୍ନେହରେ କଥାବାର୍ତ୍ତା କରି, 'ଅଧିକାର' ଯେ ଅଳ୍ପ, ଅଳୀକ ତାହା ବୁଝାଇ ଦେବା। କାହାକୁ ବା କିଛି ଅଧିକାର କରିବାରେ ଅଧିକ ଅତୃପ୍ତି, ଅଧିକ ଅସନ୍ତୋଷ ଜନ୍ମ ନେଇଥାଏ, ଏ ତତ୍ତ୍ୱଟି ସହ ସେହି ଅଶାନ୍ତକୁ ପରିଚିତ କରାଇଦେବା। କେତେ କେତେ ପ୍ରକାରେ କେତେ କେତେ ଲୋକ ରାଜ୍ୟ ଅଧିକାର କରିଛନ୍ତି। ଫଳରେ ସେମାନେ କ୍ଷମତାଶୀଳ ହୋଇ ଅଧିକ ଅତୃପ୍ତ ହୋଇଛନ୍ତି। ସେମାନେ ନା ହୋଇ ପାରିଛନ୍ତି ସଂଘର, ନା ଧର୍ମର, ନା ହୋଇ ପାରିଛନ୍ତି ବୁଦ୍ଧର। ବୁଦ୍ଧ, ସଂଘ, ଧର୍ମ– ହେଉଛନ୍ତି ସୀମାହୀନତା ଆଉ ଶ୍ରଦ୍ଧାମୟତା। ଅଧିକାର ଲାଳସୀ ପ୍ରପଞ୍ଚ ସତ୍ତା ଅଧିକାର ଦ୍ୱାରା ଅନେକ ସଂଗ୍ରହ କରିପାରେ। ତା' ଫଳରେ ସେ ସୀମାବଦ୍ଧ ଓ ଶ୍ରଦ୍ଧାଶୂନ୍ୟ ହୋଇଥାଏ। ଅଧିକାର ଏକ ଅସ୍ୱାଭାବିକ ଓ ଅଶିଷ୍ଟ ପ୍ରାପ୍ତି। ଏପରି ପ୍ରାପ୍ତି ସଦା ଉତ୍ତେଜକ, ଉନ୍ମାଦକ। ତେଣୁ ଭାରି ଉତ୍ପୀଡ଼କ ଓ ଉଚ୍ଛୃଙ୍ଖଳ। ବସ୍ତୁ ଅଧିକାର କରି ବ୍ୟକ୍ତି ଆଗେଇ ପାରେନାହିଁ କି ଆଗକୁ ଦେଖେନାହିଁ କି ଆଗକୁ ମନ କରେନାହିଁ। ତା'ର ସକଳ ସଂକ୍ରାନ୍ତିର ଦ୍ୱାର ବନ୍ଦ ହୋଇଯାଏ। ଏହି 'ଅଧିକାର' ବାସନାକୁ ଆମେ ଅନୁକ୍ଷଣ ବିଭିନ୍ନ ରୂପରେ ଦେଖିପାରିବା।

କିଛି 'ଅଧିକାର' କରିବାକୁ ସଂସାର ବିରାଟ, ସୁନ୍ଦର ଏବଂ ଆନନ୍ଦମୟ ହୋଇନାହିଁ। ତା'ର ଏପରି ଅଭିବ୍ୟକ୍ତି ମଧ୍ୟରେ ଯେଉଁ ସାତ୍ତ୍ୱିକ ସନ୍ଦର୍ଭ ଫୁଟିଉଠେ, ତାହା ହେଉଛି ଏକ ପୂର୍ଣ୍ଣପ୍ରାଣତା, ଯାହା 'ସବୁ' ସହ ଗୁନ୍ଥି ହୋଇଯିବାକୁ ଚାହେଁ। ପକ୍ଷାନ୍ତରେ ଆମେ ମନୁପୁତ୍ର/ପୁତ୍ରୀମାନେ ସଂସାରଯାକର ସବୁକୁ ଅଧିକାର କରିବାକୁ ଅନବରତ ଦୌଡ଼ୁଛୁ। ଏହାର ସକାଶେ ସଂଗ୍ରାମ। ଏହି 'ଅଧିକାରପ୍ରବଣତା' ପାଖରେ ସଖାଟିଏ ପରି ବସି, ହସିହସି ଯୁକ୍ତିବାଡ଼ି ତା'ର ଆଣ୍ଟ ଭାଙ୍ଗିବା ହେଉଛି ଭିତର ସଂଗ୍ରାମର ଲକ୍ଷଣ। ତାହା ହିଁ ଜୀବନ ସଂଗ୍ରାମର ମୂଳ କଥା ଓ ସାର କଥା। ଆମର ସର୍ବବିଧ ପ୍ରଗତି ତାରି ଉପରେ ଏକାନ୍ତ ଭାବେ ନିର୍ଭର କରେ। ସଂସାରକୁ ଦିନଦିନ ଦେଖୁଥିଲେ ମଧ୍ୟ ତା'ର ଉଦାରତା, ନିର୍ବିକାରତା ଏବଂ ଅପରିଗ୍ରହତା ପ୍ରତି ଆମେ କାହିଁକି ଏତେ ଅମନୋଯୋଗୀ? ସଂସାରକୁ ସତରେ ଆମେ ଦେଖୁଛୁ ତ? ମନେହୁଏ, ଆମେ ସଂସାରରେ ଜୀବନ ସଂଗ୍ରାମ ନାଁରେ ନିଜ ପାଇଁ ଯେଉଁ ବନ୍ଧନ ସୃଷ୍ଟି କରୁଛୁ, ତାହା ଫଳରେ ସଂସାରକୁ ସତରେ ଦେଖିପାରୁନାହୁଁ। ଆଉ ତା' ସହ ମିତ୍ରତା ସ୍ଥାପନ କରିବା ତ ସୁଦୂର ପରାହତ। ଆମର ଆଖି ସଂସାରଯାକର ଦ୍ରବ୍ୟ ଉପରେ ନିବଦ୍ଧ ହୋଇ ବନ୍ଦୀ ଥିବାରୁ ସଂସାରର ଆହ୍ୱାନ 'ଶୁଣିବାରେ' ଏହା ଆମେ ଅସମର୍ଥ ହେଉଛେ। ଏ ଅସାମର୍ଥ୍ୟ ବର୍ଜନ କରିବାର ସାମର୍ଥ୍ୟ ମଧ୍ୟ ଆମ ପାଖରେ ରହିଛି। ତାକୁ ଆଧ୍ୟାତ୍ମିକ ଭାଷାରେ 'ଆସ୍ପୃହା' ବୋଲି କୁହାଯାଇଛି। ଖୁବ୍ ପ୍ରସନ୍ନ ଭାବରେ, କୌଣସି ନୀଚ କି ନିମ୍ନକୁ ମନ ନ କରି ବିରାଟକୁ ବାଞ୍ଛିବା ଓ ସେଥିପାଇଁ ପ୍ରାର୍ଥନାମୟ ହେବା– ଯେଉଁ ବିରାଟ ଏକାଧାରରେ ସୁନ୍ଦର ଓ ଆନନ୍ଦମୟ। ହେଲେ ଭିତର ସଂଗ୍ରାମ ବ୍ୟତିରେକେ ଏହା କେବେ ସମ୍ଭବ ନୁହଁ। ଉପରଟା ତ ଖୁବ୍ ଅଳ୍ପରେ ସନ୍ତୁଷ୍ଟ ହୋଇଯାଏ। କିନ୍ତୁ ଭିତର, 'ଅଳ୍ପ'ର ସ୍ୱରୂପ ଜାଣିଥିବାରୁ ଏଥିରେ ଲାଖିଯାଏ ନାହିଁ। ତାହା ଅଗ୍ରଗାମୀ ହୋଇ ଅନଳ୍ପର ଆବାହନ କରେ। ଫଳରେ 'ଅଳ୍ପ' ବି ରୂପାନ୍ତରିତ ହୋଇ 'ଅନଳ୍ପ' ହେବାର ଆଧ୍ୟାତ୍ମିକତା ଲାଭକରେ।

ଅନେକ ପ୍ରକାରେ ବଞ୍ଚୁଥିବା ଆମ୍ଭେମାନେ ଭିତର (କେନ୍ଦ୍ର) ବଞ୍ଚିବା ଉପରେ ଭାରି ଜୋର୍ ଦେବା। ତେଣୁ ଭିତର ଆଡୁ ବଞ୍ଚିବା। ତାହା ହେଲେ ସଂସାର ତତ୍ତ୍ୱ ସହ ଆମ ବଞ୍ଚିବା ଯୁକ୍ତ ହୋଇପାରିବ। ଫଳରେ ଆମ ଜୀବନ ଯାହା ଗଭୀର ଭାବରେ ଆବଶ୍ୟକ କରେ, ତାହା ଆମକୁ ଅବଶ୍ୟ ମିଳିବ। ଆମ ଜୀବନ ଗତିଶୀଳ ଏବଂ ଗରିମାମୟ ହୋଇଯିବ। ସଂସାରକୁ ଚାହିଁ ପୁଣି ନିଜ ଭିତରକୁ ଶୁଣି ଆମେ ଏଇ ବୈଜ୍ଞାନିକ ପରୀକ୍ଷଣ କରିବାକୁ ସମ୍ମତ ହେବା। ଫଳରେ ଆମର ଏଠାକୁ ଆସିବା, ଏଠାରେ ରହିବା ପୁଣି ଏଠାରୁ ଚାଲିଥିବାରେ ଆଦୌ ଅମେଳ କି ଅସଙ୍ଗତି ରହିବ ନାହିଁ। ସେତେବେଳେ ଆମେ ଭିନ୍ନ ଏକ 'ବିବାହ'ର ପ୍ରତିଭୂ ହୋଇଯିବା।

**ଭଦ୍ରକ, ମୋ: ୮୦୧୮୦୮୭୮୩୧**



# ପ୍ରଶ୍ନୋପନିଷଦ୍‌ର ପ୍ରତିପାଦ୍ୟ ସିଦ୍ଧାନ୍ତ

ଡା. ଗୋପାଳ ଚନ୍ଦ୍ର ଦାଶ

ସୌର୍ଯ୍ୟାୟଣୀଙ୍କର ଚତୁର୍ଥ ପ୍ରଶ୍ନ ଥିଲା–ଗାଢ଼ ନିଦ୍ରା ଅବସ୍ଥାରେ କେଉଁ ଦେବତା(ଇନ୍ଦ୍ରିୟ)ମାନେ ଜାଗ୍ରତ ଓ ସୁପ୍ତ ଅବସ୍ଥାରେ ଥାଆନ୍ତି। ସ୍ୱପ୍ନ କିଏ ଦେଖେ ଓ ସ୍ୱପ୍ନର ସୁଖ କିଏ ଅନୁଭବ କରେ। ଉଦାହରଣ ମାଧ୍ୟମରେ ଋଷି ପିପ୍ପଳଦା କହିଛନ୍ତି ଯେ, ପକ୍ଷୀମାନେ ଦିନରେ ଏଣେତେଣେ ଉଡ଼ି ସାୟଂକାଳରେ ବୃକ୍ଷରେ ଥିବା ନିଜର ନୀଡ଼ରେ ରାତ୍ରିଯାପନ କଲାପରି ମନ ଓ ଇନ୍ଦ୍ରିୟ ନିଦ୍ରା ଅବସ୍ଥାରେ ଆତ୍ମାରେ ଲୀନ ହୋଇ ନିଜର ଅସ୍ତିତ୍ୱକୁ ହରାଇ ବସନ୍ତି। ମାତ୍ର ଅଗ୍ନିସ୍ଥାନୀୟ ପଞ୍ଚବୃତ୍ତି ପ୍ରାଣ ଜାଗରିତ ରହି ଶରୀରର ଯଜ୍ଞରୂପୀ କାର୍ଯ୍ୟଗୁଡ଼ିକୁ ସମ୍ପାଦନ କରିଥାଆନ୍ତି। ଉପନିଷଦ୍‌କାରଙ୍କ ଭାଷାରେ ମନୁଷ୍ୟ ଶରୀରରେ ପ୍ରତି ମୁହୂର୍ତ୍ତରେ (ଅହୋରାତ୍ର) ଯଜ୍ଞକ୍ରିୟା ଅନୁଷ୍ଠିତ ହେଉଅଛି। ଏହି ଯାଜ୍ଞିକ କ୍ରିୟାରେ ଶରୀର ଅଧିଷ୍ଠାନ, ମନ ଯଜମାନ, ଇନ୍ଦ୍ରିୟଗଣ ସାଧାନ, ପ୍ରାଣ ଅପାନ ଓ ବ୍ୟାନ ବାୟୁ ଯଥାକ୍ରମେ ଅବହନୀୟ, ଗ୍ରାହପତ୍ୟ ଓ ଦକ୍ଷିଣାଗ୍ନି, ଶ୍ୱାସ–ପ୍ରଶ୍ୱାସ ଆହୁତି, ସମାନବାୟୁ ପୁରୋହିତ ଓ ଉଦାନବାୟୁ ଯଜ୍ଞଫଳ କର୍ତ୍ତା ଅଟନ୍ତି। ମନରୂପୀ ଯଜମାନଙ୍କୁ ଉଦାନ ବାୟୁ ପ୍ରତିଦିନ ସୁଷୁପ୍ତି ଅବସ୍ଥାରେ ଉତ୍କ୍ରମଣ କରାଇ ବ୍ରହ୍ମ ଜ୍ଞାନ ପ୍ରାପ୍ତ ପାଇଁ ବ୍ରହ୍ମ ସମିପସ୍ତ କରାଇଥାନ୍ତି। ଅସ୍ତଗାମୀ ସୂର୍ଯ୍ୟର କିରଣରାଜି ସୂର୍ଯ୍ୟମଣ୍ଡଳରେ ଏକୀଭୂତ ଓ ସୂର୍ଯ୍ୟୋଦୟ ସମୟରେ ପୁନଃ ବିକଶିତ ହେବାପରି ସ୍ୱପ୍ନାବସ୍ଥାରେ ଇନ୍ଦ୍ରିୟଗଣ ମନରେ ଏକୀଭୂତ ହୁଅନ୍ତି ଓ ଜାଗ୍ରତ ଅବସ୍ଥାରେ ପୁନଃ ପ୍ରକାଶିତ ହୋଇ ନିଜ ନିଜ ବିଷୟରେ ପ୍ରବୃତ୍ତ ହୁଅନ୍ତି। ଜୀବାତ୍ମା ସ୍ୱପ୍ନାବସ୍ଥାରେ ଇନ୍ଦ୍ରିୟଗୁଡ଼ିକର ବିନା ସହାୟତାରେ ମନ ଦ୍ୱାରା ଦୃଷ୍ଟ–ଅଦୃଷ୍ଟ, ଶୃତ–ଅଶୃତ ଓ ଅନୁଭୂତ –ଅନନୁଭୂତ ବାସନାଗୁଡ଼ିକୁ ଉପଲବ୍ଧି କରିଥାଏ। ଜୀବାତ୍ମା ସ୍ୱପ୍ନ ଦେଖୁଥିଲେ ମଧ୍ୟ ସ୍ୱପ୍ନ ଜଗତ ଉପରେ ଏହାର ନିୟନ୍ତ୍ରଣ ନ ଥାଏ। କାରଣ ସ୍ୱୟଂ ପରମାତ୍ମା ଜୀବର କର୍ମ ଅନୁସାରେ ସ୍ୱପ୍ନର ସୃଷ୍ଟି ଓ ବିନାଶ କରିଥାନ୍ତି। ଗାଢ଼ନିଦ୍ରା ବା ସୁଷୁପ୍ତି ଅବସ୍ଥାରେ ମନ ଆତ୍ମାରେ ବିଲୀନ ହୋଇଯିବା ଦ୍ୱାରା ମନର ଅସ୍ତିତ୍ୱ ଲୋପ ହୁଏ ଓ ସ୍ୱପ୍ନ ଅପସରି ଯାଏ। ପରମାତ୍ମା ପୁନର୍ବାର ଆତ୍ମାକୁ ସୁଷୁପ୍ତିରୁ ଜାଗ୍ରତ ଅବସ୍ଥାକୁ ଆଣିଥାଆନ୍ତି। ଯାହାଦ୍ୱାରା ଜୀବାତ୍ମା ଇନ୍ଦ୍ରିୟମାନଙ୍କ ମାଧ୍ୟମରେ ବାହ୍ୟଜଗତ ସହିତ ସମ୍ବନ୍ଧ ସ୍ଥାପନ କରିଥାଏ। ଅତଏବ ଶରୀରରେ ଥିବା ସମସ୍ତ ଇନ୍ଦ୍ରିୟରୂପୀ ଦେବଗଣ ପରମାତ୍ମାଙ୍କର ଆଶ୍ରିତ ଅଟନ୍ତି।

ପଞ୍ଚମ ପ୍ରଶ୍ନରେ ଋଷି ସତ୍ୟକାମ ଓଁକାର ଉପାସନାର ଫଳ ସମ୍ବନ୍ଧରେ ଜିଜ୍ଞାସା କରିଛନ୍ତି। ଉତ୍ତରରେ ଋଷି ପିପ୍ପଳାଦ କହିଛନ୍ତି ଯେ, ତିନି ମାତ୍ରା (ଅ–ଉ–ମ) ବିଶିଷ୍ଟ ଓଁକାର ପରମାତ୍ମାଙ୍କର ସର୍ବୋତ୍ତମ ନାମ ହୋଇଥିବାରୁ ଏହାର ଉପାସନା ଦ୍ୱାରା ମନୁଷ୍ୟକୁ ଉଭୟ ଭୌତିକ ଓ ଆଧ୍ୟାତ୍ମିକ ସୁଖ ମିଳିଥାଏ। ଏକମାତ୍ର ଋକ୍‌ବେଦ ଦ୍ୱିମାତ୍ରା ଯଜୁର୍ବେଦ ଓ ତ୍ରିମାତ୍ରା ସାମବେଦର ପ୍ରତୀକ। ଏହି ତିନି ମାତ୍ରା ଉପରେ ଉପାସନା କଲେ ତିନି ବେଦ ପଠନର



ଫଳ ସହିତ ତିନିଲୋକ (ଭୂଲୋକ, ଚନ୍ଦ୍ରଲୋକ, ଆଦିତ୍ୟଲୋକ)ର ସୁଖପ୍ରାପ୍ତ ହୋଇଥାଏ। ଓଁକାର ଉଭୟ ସାକାର ଓ ନିରାକାର ବ୍ରହ୍ମର ପ୍ରତୀକ। ଓଁକାର ମନ୍ତ୍ରର ଆଂଶିକ ଜପରେ ଅପର ବ୍ରହ୍ମ ଓ ସମ୍ପୂର୍ଣ୍ଣ ଜପରେ ପରଂବ୍ରହ୍ମ ପ୍ରାପ୍ତି ହୋଇଥାଏ। ତେଣୁ ତିନିମାତ୍ରା ବିଶିଷ୍ଟ ଓଁକାରର ପ୍ରକୃତ ଅର୍ଥ ବୁଝି ଏକାଗ୍ର ଚିତ୍ତରେ ଧ୍ୟାନ କଲେ ସାପ କାତି ଛାଡ଼ିବା ପରି ମନୁଷ୍ୟ ସମସ୍ତ ସାଂସାରିକ ଦୁଃଖ–ଯନ୍ତ୍ରଣା(ପାପ)ରୁ ମୁକ୍ତ ହୋଇ ସ୍ୱର୍ଗ ସୁଖ ପ୍ରାପ୍ତି କରେ। ତେଣୁ ଓଁକାର ଉପାସନା ସର୍ବଦା ଶୁଭଫଳ ପ୍ରଦାନକାରୀ।

ଷଷ୍ଠ ପ୍ରଶ୍ନରେ ଋଷି ସୁକେଶା ଷୋଡ଼ଶ କଳାମୁକ୍ତ ପୁରୁଷ ଓ ତାଙ୍କର ନିବାସ ସମ୍ବନ୍ଧରେ ଜିଜ୍ଞାସା କରିଛନ୍ତି। ଋଷି ପିପ୍ପଳାଦ କହିଛନ୍ତି ଯେ, ସ୍ୱୟଂ ପରମେଶ୍ୱର ୧୬ କଳାଯୁକ୍ତ ପୁରୁଷ। ଏହି କଳାଗୁଡ଼ିକ ମାନବ ଶରୀରର ୧୬ଗୋଟି ଗୁଣ ବା ତତ୍ତ୍ୱ। ସେଗୁଡ଼ିକ ହେଲା– ପ୍ରାଣ, ଶ୍ରଦ୍ଧା, ପୃଥିବୀ, ଜଳ, ତେଜ, ବାୟୁ, ଆକାଶ, ଦଶ ଇନ୍ଦ୍ରିୟ (୫ ଜ୍ଞାନେନ୍ଦ୍ରିୟ ଓ କର୍ମେନ୍ଦ୍ରିୟ) ମନ, ଅନ୍ନ, ବୀର୍ଯ୍ୟ, ତପ, ମନ୍ତ୍ର, କର୍ମ, ଲୋକ ଓ ନାମ। ଚକ୍ରର କେନ୍ଦ୍ରବିନ୍ଦୁରେ ଅରଗୁଡ଼ିକ ସଂଯୁକ୍ତ ହେବାପରି ଶରୀର ମଧ୍ୟରେ ବିଦ୍ୟମାନ ଚେତନ ପୁରୁଷଠାରୁ ଏହି ୧୬ଗୋଟି ଗୁଣ (କଳା) ଚର୍ତୁର୍ଦ୍ଦିଗକୁ ବିଚ୍ଛୁରିତ ହୋଇଥାଏ। କେବଳ ପରମାତ୍ମା ଏହି ୧୬ କଳାର ଅଧିକାରୀ। ତେଣୁ ସେ ପୂର୍ଣ୍ଣ ପୁରୁଷ। ଆତ୍ମା ନିଜର କର୍ମଫଳ ସମ୍ବନ୍ଧରେ ଅଭିଜ୍ଞ ହେବା ପାଇଁ ପରମାତ୍ମା ମାନବ ଶରୀରରେ ଏହି ୧୬ କଳାର ନିର୍ମାଣ କରିଛନ୍ତି। ୧୬ କଳା ମଧ୍ୟରୁ ୮ଟି କଳା ଜଡ଼ଜଗତ ଓ ୮ଟି କଳା ଚେତନ ଜଗତ ସହିତ ସମ୍ପୃକ୍ତ। ପ୍ରାଣ କଳାରୁ ଜୀବନ ପ୍ରାରମ୍ଭ ହୁଏ। ଦେହରୁ ପ୍ରାଣ ଅସ୍ତମିତ ହେଲେ ଅନ୍ୟ ସମସ୍ତ କଳା ଆପେ ଆପେ ସ୍ୱତଃ ଅପସରି ଯାଏ। ତେଣୁ ପ୍ରାଣ କଳା ମୁଖ୍ୟ ଓ ସର୍ବଶ୍ରେଷ୍ଠ ପ୍ରଥମ କଳା। ଦିବ୍ୟଜ୍ଞାନର ପ୍ରକାଶ ହେଲେ ମାୟାର ଅପସାରଣ ଦ୍ୱାରା ସମଗ୍ର ବାହ୍ୟଜଗତ ଅଦୃଶ୍ୟ ହୋଇ କେବଳ ବ୍ରହ୍ମଦର୍ଶନ ହୋଇଥାଏ। ଉଦାହରଣ ସ୍ୱରୂପ ବିଭିନ୍ନ ନାମ ଧାରଣ କରିଥିବା ନଦୀ ସାଗରରେ ମିଶିବା ପରେ ନିଜର ନାମ, ରୂପ ଓ ସ୍ୱତନ୍ତ୍ରତା ହରାଇ ଏକାକାର ହୋଇଯିବା ପରି, ୧୬ କଳାରେ ବିମଣ୍ଡିତ ପୁରୁଷ ନିଜର ଅଧିଷ୍ଠାନ ପୁରୁଷ(ଆତ୍ମା)ଠାରେ ସମାହିତ ହେଲେ ନିଜର ଅସ୍ତିତ୍ୱ ବିଲୋପ ହୋଇ କଳାରହିତ ହୁଏ ଓ ଅମର ହୋଇଯାଏ। ତେଣୁ କଳାଗୁଡ଼ିକ ଚେତନ ପୁରୁଷର ଉପାଧି ମାତ୍ର। ଏହି ତତ୍ତ୍ୱକୁ ଜାଣିଲେ ମନୁଷ୍ୟ ଦୁଃଖ–ଶୋକ ଓ ଜନ୍ମ–ମୃତ୍ୟୁ ଆଦି ଯନ୍ତ୍ରଣାରୁ ମୁକ୍ତ ହୋଇ ପରମ ସୁଖ ପ୍ରାପ୍ତି କରିଥାଏ।

ଉପନିଷଦ୍‌ର ୬ ଗୋଟି ପ୍ରଶ୍ନୋତ୍ତର ମାଧ୍ୟମରେ ଋଷି ଆମ୍ଭମାନଙ୍କୁ ଅବଗତ କରାଇ ଦେବାକୁ ଚାହାନ୍ତି ଯେ, ଶରୀର ସାଂସାରିକ ସୁଖକୁ ଉପଭୋଗ କରିବା ପାଇଁ ଉଦ୍ଦିଷ୍ଟ ନୁହେଁ, ମୁକ୍ତି ପାଇଁ ଏହା ଏକ ମାଧ୍ୟମ। ସୃଷ୍ଟିର ନିର୍ମାଣ, ପିଣ୍ଡ ଓ ବ୍ରହ୍ମାଣ୍ଡ ମଧ୍ୟରେ ଥିବା ସମ୍ବନ୍ଧ ବିଷୟରେ ଜ୍ଞାନ ତଥା ଧ୍ୟାନ, ପ୍ରଣବ ଜପ ଓ ଈଶ୍ୱର ଉପାସନା ଦ୍ୱାରା ଜୀବାତ୍ମାର ମୁକ୍ତି ହୋଇଥାଏ। ସର୍ବୋପରି ପରମାତ୍ମା ସମଗ୍ର ଜଡ଼ ଓ ଚେତନ ପଦାର୍ଥର ଅଧିକାରୀ। ଏହା ହେଉଛି ପ୍ରଶ୍ନୋପନିଷଦ୍‌ର ପ୍ରତିପାଦ୍ୟ ସିଦ୍ଧାନ୍ତ।

**ମୋ: ୭୮୪୮୮୫୦୯୫୦**

## ଏଇ ଭାରତରେ

ପଞ୍ଜାବର ଚାଷୀ ଜଗମୋହନ ସିଂ ନେଗୀଙ୍କ କାର୍ଯ୍ୟଶୈଳୀ ଭାରତୀୟ କୃଷକଙ୍କ ପାଇଁ ପ୍ରେରଣାଦାୟକ। ସେ ନିଜସ୍ୱ ଚେଷ୍ଟାରେ ଚାଷ କରିବା ସହ ଏକ ସଫଳ ଫୁଡ୍ ବିଜ୍‌ନେସ୍ ଆରମ୍ଭ କରି ବହୁକୋଟି ଟଙ୍କା ରୋଜଗାର କରିପାରୁଛନ୍ତି। ସେ ନିଜ ଉତ୍ପାଦକୁ ପେପ୍ସି କୋ, କେଲୋଗସ୍, ଡିମୋନସ୍ ପିଜା ସହ ଇଂଲଣ୍ଡ, ନ୍ୟୁଜିଲାଣ୍ଡ, ଦୁବାଇ ଓ ହଂକଂକୁ ରପ୍ତାନି କରୁଛନ୍ତି। ଭାରତ ବିଭାଜନ ପରେ କରାଚୀରୁ ଆସି ତାଙ୍କ ପରିବାର ପଞ୍ଜାବର ବାଟାଲାରେ ରହିଥିଲେ। ଜଗମୋହନ ୩୦୦ ଏକରରେ ଚୁକ୍ତିଭିତ୍ତିକ କୃଷି କରୁଛନ୍ତି। ୧୯୯୧ରୁ ସେ ଏହି ଚାଷ କରିଆସୁଛନ୍ତି। ସେଥିରେ ସେ ମକା, ସୋରିଷ, ଗହମ ଏବଂ ଗାଜର, ବିଟ୍, ସୂର୍ଯ୍ୟମୁଖୀ, ଟମାଟୋ ଆଦି ଚାଷ କରୁଛନ୍ତି। ସେ ତାଙ୍କ ନେଟ୍‌ୱର୍କରେ ପଞ୍ଜାବ ଓ ହିମାଚଳରେ ୩୦୦ କୃଷକଙ୍କୁ ଯୋଡ଼ିପାରିଛନ୍ତି। ଜଗମୋହନ ଇଂଲଣ୍ଡର ବର୍ମିଂହାମ ୟୁନିଭର୍ସିଟିରୁ ଫୁଡ୍ ସେରିଆଲ ମିଲିଂ ଇଞ୍ଜିନିୟରିଂରେ ଡିଗ୍ରୀ ହାସଲ କରିବା ପରେ ସେଠାରୁ ଫେରି 'କୁଲୱନ୍ତ ନ୍ୟୁଟ୍ରିସନ' ଏଗ୍ରି ବିଜ୍‌ନେସ୍ ଆରମ୍ଭ କରିଥିଲେ। ଏବେ ତାଙ୍କ କାର୍ଯ୍ୟରେ ସେ ୭୦ ଜଣଙ୍କୁ ନିଯୁକ୍ତ କରିଛନ୍ତି ଏବଂ କୃଷି ଛାତ୍ର ଓ କୃଷକମାନଙ୍କୁ ଅତ୍ୟାଧୁନିକ କୃଷି ସମ୍ପର୍କରେ ପ୍ରଶିକ୍ଷଣ ଦେଉଛନ୍ତି। ସେମାନଙ୍କୁ ଆଞ୍ଚଳିକ ସ୍ତରୀୟ କୃଷିଭିତ୍ତିକ ବିଜ୍‌ନେସ୍ ଆରମ୍ଭ କରିବାକୁ ମଧ୍ୟ ପ୍ରେରିତ କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୩ ନଭେମ୍ବର ୧୯୯୭

- ବହୁ ବାଦାନୁବାଦ ପରେ ଜାତିସଂଘର ଅସ୍ତ୍ରଶସ୍ତ୍ର ତଦାରଖକାରୀମାନେ ଇରାକ୍‌ର ଅସ୍ତ୍ରଶସ୍ତ୍ର ମହଜୁଦ ସ୍ଥାନ ତଦାରଖ କାର୍ଯ୍ୟ ଆରମ୍ଭ କରିଛନ୍ତି।
- ସିଚେଲେସ୍ ଦ୍ୱୀପରେ ଅନୁଷ୍ଠିତ ମିସ୍ ୱାର୍ଲ୍ଡ ପ୍ରତିଯୋଗିତାରେ ମିସ୍ ଇଣ୍ଡିଆ ଡାଏନା ହେଡେନ୍ ବିଜୟିନୀ ହୋଇ ମିସ୍ ୱାର୍ଲ୍ଡ ମୁକୁଟ ଲାଭ କରିଛନ୍ତି।
- ଚାନ୍ଦିପୁର କ୍ଷେପଣାସ୍ତ୍ର ପରୀକ୍ଷଣ ଘାଟୀଠାରେ ଭାରତର ଅତ୍ୟାଧୁନିକ ସ୍ଥଳଗାମୀ ଭୂପୃଷ୍ଠରୁ ଆକାଶ ତ୍ରିଶୁଳ କ୍ଷେପଣାସ୍ତ୍ରର ସଫଳ ଉତ୍କ୍ଷେପଣ।

## ଚିରନ୍ତନୀ

ଏ ପାଖୁ ବାରତା ମୋର
ପଠାଏ ପବନ
ଲାଗେ କି ସେ ବାରତା
ତା'ର ଅପଘନେ।
–(ବ୍ୟବଧାନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku
Puzzles by Srikant Ghosh

## ସୁ–ଡୋ–କୁ

| | | | | | | | | |
|---|---|---|---|---|---|---|---|---|
| | | 2 | 1 | | | | 4 | |
| | 4 | 7 | | | | | 8 | 5 |
| | | | | | | | | |
| | | 1 | 3 | | 5 | 9 | | |
| | | | | 6 | | | | |
| | 3 | 5 | 4 | 7 | | | | |
| | | 8 | | | | 2 | 7 | |
| | | | | | | | 1 | |
| | | | | 3 | 6 | | 9 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏଥର ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 3 | 1 | 4 | 2 | 6 | 8 | 9 | 7 |
| 2 | 9 | 8 | 3 | 7 | 1 | 6 | 4 | 5 |
| 4 | 7 | 6 | 5 | 9 | 8 | 2 | 3 | 1 |
| 9 | 6 | 3 | 1 | 4 | 7 | 5 | 2 | 8 |
| 1 | 5 | 2 | 8 | 3 | 9 | 4 | 7 | 6 |
| 8 | 4 | 7 | 2 | 6 | 5 | 9 | 1 | 3 |
| 6 | 1 | 4 | 7 | 8 | 2 | 3 | 5 | 9 |
| 3 | 8 | 5 | 9 | 1 | 4 | 7 | 6 | 2 |
| 7 | 2 | 9 | 6 | 5 | 3 | 1 | 8 | 4 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ବ୍ଲକ ଗ୍ରାଣ୍ଟ୍ ସ୍କୁଲ ପ୍ରତି ଦୃଷ୍ଟିପଡୁ

ମହାଶୟ,

ବହୁ ଆନ୍ଦୋଳନ, ଧର୍ମଘଟ ପରେ ରାଜ୍ୟ ସରକାର ଘରୋଇ ସ୍କୁଲ ଓ କଲେଜକୁ ବ୍ଲକ ଗ୍ରାଣ୍ଟ୍ ପ୍ରଦାନ କରିଥିଲେ। ଇତିମଧ୍ୟରେ ୧୫ବର୍ଷ ବିତି ଯାଇଥିଲେ ମଧ୍ୟ ଏହି ବର୍ଗର ଶିକ୍ଷୟିତ୍ରୀ ଶିକ୍ଷକମାନେ ବାର୍ଷିକ ବର୍ଦ୍ଧିତ ବେତନ ଓ ଅନ୍ୟାନ୍ୟ ସୁବିଧାରୁ ବଞ୍ଚିତ ହେଉଛନ୍ତି। ଅବସର ଗ୍ରହଣ କଲେ ମଧ୍ୟ କିଛି ସୁବିଧା ମିଳୁନି। ଅବସରପ୍ରାପ୍ତ ଶିକ୍ଷକ ପଦବୀ ବର୍ଷ ବର୍ଷ ଧରି ଖାଲି ପଡୁଛି। ସ୍କୁଲରେ ଅନ୍ୟ ଶିକ୍ଷକଙ୍କ ଦ୍ୱାରା କାମ ଚଳାଇ ନିଆଯାଉଥିବାର ଦେଖାଯାଉଛି। କିନ୍ତୁ କନିଷ୍ଠ ମହାବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ଅବସର ଗ୍ରହଣ କଲେ ବିଜ୍ଞାନ ଓ କଳା ବିଭାଗରେ ପାଠପଢ଼ା ଠପ୍ ହୋଇଯାଉଛି। ଛାତ୍ରୀଛାତ୍ରମାନେ ମନ ପସନ୍ଦର ବିଷୟ ଅଧ୍ୟୟନରୁ ବଞ୍ଚିତ ହେଉଛନ୍ତି। ଫଳରେ ଅନ୍ୟ ବିଷୟ ନେବାକୁ ବାଧ ହେଉଛନ୍ତି। ଅଧିକାଂଶ ବିଦ୍ୟାଳୟ ରୂପାନ୍ତକରଣ କରାଯାଇ ବିଶେଷ ଆକର୍ଷଣୀୟ କରାଯାଇଛି। କିନ୍ତୁ ଶିକ୍ଷୟିତ୍ରୀ ଶିକ୍ଷକ ନ ଥିବାରୁ ଦୈନନ୍ଦିନ ପାଠପଢ଼ା ବାଧାପ୍ରାପ୍ତ ହେଉଛି। କନିଷ୍ଠ ମହାବିଦ୍ୟାଳୟରେ ପିଜିଟି ଓ ମାଧ୍ୟମିକ ବ୍ଲକ ଗ୍ରାଣ୍ଟ ସ୍କୁଲରେ ଶିକ୍ଷକ ପଦବୀ ପୂରଣ ପାଇଁ ଅଭିଭାବକମାନେ ଦାବି କରୁଛନ୍ତି। ଏ ଦିଗରେ ସରକାର ଦୃଷ୍ଟି ଦେବା ଉଚିତ।

**ନିର୍ମଳ ଚନ୍ଦ୍ର ସାମଲ, ବଡ଼ଚଣା, ଯାଜପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ପନିପରିବା ସମ୍ପର୍କରେ...



**କୋ**ବିଜାତୀୟ ଫସଲରେ ଜଉପୋକ,ଠିକିରି ପିଠିଆ ପୋକ ଓ କାଳିମୁଣ୍ଡି ପୋକ ଆଦି ଲାଗିବା ଆଶଙ୍କା ଅଛି । ଏହାର ନିରାକରଣ ପାଇଁ ଏକର ପ୍ରତି ୬ଟି ନିର୍ଦ୍ଦିଷ୍ଟ ସଙ୍ଗ ଆକର୍ଷକ ଯନ୍ତା ବ୍ୟବହାର କରନ୍ତୁ। ନଚେତ୍ ଏକର ପ୍ରତି ୪୦୦ମି.ଲି. ଏଣ୍ଡୋସଲଫାନ୍‌କିମ୍ବା ୫୦୦ମି.ଲି. ମାଲାଥିଅନ୍‌କୁ ୨୦୦ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। କୋବିଜାତୀୟ ଫସଲରେ ଅଲଟର୍‌ନାରିଆ ଜନିତ ପତ୍ରପୋଡା ରୋଗର ନିରାକରଣ ଲାଗି ପ୍ରତି ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ମାଙ୍କୋଜେବ୍ ମିଶାଇ ସିଞ୍ଚନ କରନ୍ତୁ। ଲଙ୍କାରେ ଫଳପଚା ଓ ଅଗମରା ରୋଗର ନିୟନ୍ତ୍ରଣ ପାଇଁ ପ୍ରତି ଲିଟର ପାଣିରେ ୩ଗ୍ରାମ୍ ହିସାବରେ ମାଙ୍କୋଜେବ୍ କିମ୍ବା ୧.୫ଗ୍ରାମ୍ ହିସାବରେ ଥାଓଫେନେଟ୍ ମିଥାଇଲ୍ ମିଶାଇ ସିଞ୍ଚନ କରନ୍ତୁ। ଶୀତ ସହିତ ମେଘୁଆ ପାଗର ଆଶଙ୍କା ଥିଲେ ଛୁଇଁଜାତୀୟ ପନିପରିବାରେ ଜଉପୋକ ଲାଗିଥାଏ। ଏହାର ନିରାକରଣ ଲାଗି ପ୍ରତି ଲିଟର ପାଣିରେ ୨ ମି.ଲି. ହିସାବରେ ଡାଇମେଥୋଏଟ୍ ମିଶାଇ ସିଞ୍ଚନ କରନ୍ତୁ। ଔଷଧ ପକାଇବାର ଏକ ସପ୍ତାହ ପରେ ଏହା ଖାଇବା ପାଇଁ ଉପଯୁକ୍ତ ହୋଇଥାଏ।

# ନଳିତା ଚାଷରେ କୋଡ଼ାଖୁସା

**ନ**ଳିତା ଫସଲର ଘାସବଛା କାର୍ଯ୍ୟ ଶୀଘ୍ର ଶେଷ କରନ୍ତୁ । ଗଜାହେବାର ୨୧ ଦିନ ମଧ୍ୟରେ ପ୍ରଥମ ଥର ଓ ଏହାର ଠିକ୍ ୭ ଦିନ ପରେ ଆଉଥରେ କୋଡ଼ାଖୁସା ଏବଂ ଘାସ ବାଛି ଗଛ ପତଳା କରି ଦିଅନ୍ତୁ ଯେପରି ଗଛକୁ ଗଛ ୫ ରୁ ୭ ସେ.ମି. ମଧ୍ୟରେ ବ୍ୟବଧାନ ରହିବ। ଏହି ସମୟରେ ହେକ୍ଟର ପ୍ରତି ୨୦–୩୦ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରନ୍ତୁ। ଜମିରେ ଜଳ ନିଷ୍କାସନର ବ୍ୟବସ୍ଥା କରନ୍ତୁ । ଏ ମାସରେ ଘୋଡ଼ାପୋକ ଓ ପତ୍ରକଟା ପୋକ ଦ୍ୱାରା ଫସଲ ଆକ୍ରାନ୍ତ ହୋଇଥାଏ । ଏହାକୁ ନିୟନ୍ତ୍ରଣ କରିବା ଲାଗି ହେକ୍ଟର ପ୍ରତି ୧ଲିଟର ପ୍ରୋଫେନୋଫସ୍ ୫୦୦ ଲିଟର ପାଣିରେ ମିଶାଇ ପତ୍ର ସିଞ୍ଚନ କରନ୍ତୁ ।



# ରାଶିର ଉନ୍ନତ କିସମ



**ରା**ଶିର ଉନ୍ନତ କିସମ ବିହନ ଯଥା ଉମା, କାଳିକା ଆଦି ସଂଗ୍ରହ କରନ୍ତୁ। ଜମିକୁ ପଟାଳିରେ ବିଭକ୍ତ କଲେ ଖରାଦିନିଆ ରାଶି ଚାଷ ପାଇଁ ପାଣି ମଡ଼ାଇବା ସୁବିଧାଜନକ ହେବ। ଏକର ପ୍ରତି ୨ରୁ ୨.୫କେଜି ବିହନ ଆବଶ୍ୟକ ହୋଇଥାଏ। ପ୍ରାରମ୍ଭିକ ଅବସ୍ଥାରେ ତଳିମରା ବା ମୂଳଶଢ଼ା ରୋଗର ଦମନ ପାଇଁ ବିହନ ବୁଣିବାର ଦୁଇଦିନ ପୂର୍ବରୁ ପ୍ରତି କି.ଗ୍ରା. ବିହନକୁ ୨ଗ୍ରାମ୍ କାର୍ବେଣ୍ଡାଜିମ୍ ବା ୩ଗ୍ରାମ୍ ଥିରାମ୍ ସହ ବିଶୋଧନ କରନ୍ତୁ। ଏକର ପ୍ରତି ୮ଗାଡ଼ି ଗୋବରଖତ ଶେଷ ଓଡ଼ ଚାଷ ସମୟରେ ଜମିରେ ପ୍ରୟୋଗ କରନ୍ତୁ। ଏକର ପ୍ରତି ଅନୁମୋଦିତ ଖାଦ୍ୟସାରକୁ (୧୨:୮:୮) ଓ ୧୦କେଜି ସଲଫର୍ ମଧ୍ୟରୁ ଅଧା ଯବକ୍ଷାରଜାନ (୬କି.ଗ୍ରା.), ସବୁତକ ଫସ୍‌ଫରସ୍ (୮କି.ଗ୍ରା.),ପଟାସ(୮କି.ଗ୍ରା.) ଓ ସଲ୍‌ଫର(୧୦କି.ଗ୍ରା.) ବୁଣିଲାବେଳେ ପ୍ରୟୋଗ କରନ୍ତୁ। ଧାଡ଼ିକୁ ଧାଡ଼ି ୨୫ରୁ ୩୦ସେ.ମି. ଓ ଗଛକୁ ଗଛ ୫ରୁ ୧୦ସେ.ମି. ଦୂରତାରେ ବିହନ ବୁଣନ୍ତୁ। ରାଶି ମଞ୍ଜି ଅତି ଛୋଟ ହୋଇଥିବାରୁ ବିହନ ବୁଣିବା ସମୟରେ ଏହାକୁ ଶୁଖିଲା ବାଲି,ମାଟି କିମ୍ବା କରତ ଗୁଣ୍ଡରେ ଭଲଭାବରେ ମିଶାଇ ବୁଣିଲେ, କମ୍ ବିହନ ଦରକାର ହେବା ସଙ୍ଗେ ସଙ୍ଗେ ସମାନ ଭାବରେ ଧାଡ଼ିରେ ପଡ଼େ।

# ନଡ଼ିଆଗଛରେ କାଳିମୁଣ୍ଡି ପୋକ ଦମନ



ପ୍ର. ବିଷ୍ଣୁ ଚରଣ ଜେନା

**ପୃ**ଥିବୀର ସାମୁଦ୍ରିକ ଜଳବାୟୁ ଉପଲବ୍ଧ ୯୩ ଦେଶରେ ନଡ଼ିଆଚାଷ କରାଯାଏ। ଭାରତରେ ମଧ୍ୟ ଏହି ଚାଷର ଆଦର ରହିଛି। ଆମ ଦେଶର କେରଳରେ ଏହି ଚାଷ ବହୁଳ ଭାବରେ ହେଉଛି। କେରଳର ଚାଷୀମାନେ ସେଠାରେ ଥିବା ସର୍ବଭାରତୀୟ ନଡ଼ିଆ ଗବେଷଣା ପ୍ରକଳ୍ପର ବୈଜ୍ଞାନିକମାନଙ୍କ ସହଯୋଗରେ ନଡ଼ିଆରୁ ପ୍ରାୟ ୫୦ ପ୍ରକାର ଖାଦ୍ୟଦ୍ରବ୍ୟ ପ୍ରସ୍ତୁତ କରୁଛନ୍ତି।

ଆମ ରାଜ୍ୟର ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳରେ ନଡ଼ିଆଚାଷ କରାଯାଉଛି। ନଡ଼ିଆର ବ୍ୟବହାର ଧାର୍ମିକ ଅନୁଷ୍ଠାନରେ ବେଶି ପରିମାଣରେ ହେଉଥିବାରୁ ଏହାକୁ 'ଶ୍ରୀଫଳ' ମଧ୍ୟ କୁହାଯାଏ। ବିବାହ, ବ୍ରତ, ଭିନ୍ନ ଭିନ୍ନ ପୂଜାପାର୍ବଣ ଓ ଗୃହ ପ୍ରବେଶ ଆଦି ମାଙ୍ଗଳିକ କାର୍ଯ୍ୟରେ ନଡ଼ିଆର ଆବଶ୍ୟକତା ରହିଛି। ୧୯୯୯ ମହାବାତ୍ୟାରେ ଓଡ଼ିଶାର ପୁରୀ, ଜଗତ୍‌ସିଂହପୁର ଏବଂ କଟକ ଜିଲାରେ ନଡ଼ିଆ ଚାଷରେ ବିପୁଳ କ୍ଷତି ଘଟିଛି। ଯାହା କିଛି ଗଛ ବଞ୍ଚି ରହିଛି ସେଗୁଡ଼ିକୁ ଗଣ୍ଡାପୋକ, ନାଲି ତାଳ ଘୁଣିପୋକ ଏବଂ କାଳିମୁଣ୍ଡି ପୋକ ଆକ୍ରମଣ କରୁଥିବାର ଦୃଷ୍ଟାନ୍ତ ମିଳୁଛି। କାଳିମୁଣ୍ଡି ପୋକ ତନ୍ମଧ୍ୟରୁ ବିଶେଷ କ୍ଷତିକାରକ। ନଡ଼ିଆ, ପଇଡ଼ ପାଣି ଏବଂ ଏହାର କଅଁଳିଆ ସସକୁ ମନୁଷ୍ୟ ସିଧାସଳଖ ବ୍ୟବହାର କରିବା ଯୋଗୁ ନଡ଼ିଆ ଫସଲରେ କୀଟନାଶକ ପ୍ରୟୋଗକୁ ବାରଣ କରାଯାଇଛି। କାଳିମୁଣ୍ଡି ପୋକ, ଅଣ୍ଡା, ଶୂକ ଓ ଖୋଷା ପରେ ପୂର୍ଣ୍ଣାଙ୍ଗପ୍ରାପ୍ତ ପ୍ରଜାପତି ରୂପ ଧାରଣ କରି ନଡ଼ିଆ ବଗିଚାରେ ଉଡ଼ିବୁଲେ। ପୂର୍ଣ୍ଣାଙ୍ଗପ୍ରାପ୍ତ ପୋକଟି ପାଉଁଶିଆ ରଙ୍ଗର। ନଡ଼ିଆ ବାହୁଙ୍ଗାର ପୁରୁଣା ପତ୍ରର ତଳ ଅଂଶରେ ମାଈ ପୋକଟି ପ୍ରାୟ ୧୨୫ଟି ଅଣ୍ଡା ଦେଇଥାଏ। ଗ୍ରୀଷ୍ମଋତୁରେ ୩–୫ ଦିନ ପରେ ଅଣ୍ଡାରୁ ଛୁଆ ବାହାରେ। ଛୁଆର ମୁଣ୍ଡ କଳା ରଙ୍ଗ ହୋଇଥିବାରୁ ଏହାକୁ କାଳିମୁଣ୍ଡି ପୋକ କୁହାଯାଏ। ଛୁଆମାନେ ନଡ଼ିଆ ବାହୁଙ୍ଗାରେ ଥିବା ପତ୍ରଗୁଡ଼ିକରୁ ସବୁଜକଣା (କ୍ଲୋରୋଫିଲ୍)ଗୁଡ଼ିକୁ ଖାଇ ବାହୁଙ୍ଗାର ପତ୍ରରେ ବଙ୍କା ବଙ୍କା ସୁଡଙ୍ଗ (ଜିଗ୍‌ଜାଗ୍ ଗ୍ୟାଲେରି) ତିଆରି କରନ୍ତି ଏବଂ ତା' ଭିତରେ ରହି ପତ୍ରକୁ ନଷ୍ଟ କରନ୍ତି। ସୁଡଙ୍ଗ ଭିତରେ ସେମାନେ ପ୍ରାୟ ୪୫ ଦିନ ରହିବା ପରେ ବାହୁଙ୍ଗାରେ ଖୋଷାବସ୍ଥା ପ୍ରାପ୍ତ ହୁଅନ୍ତି। ସୁଡ଼ଙ୍ଗରେ ପୋକଗୁଡିକ ମଳତ୍ୟାଗ କରନ୍ତି। ଏହି ପୋକର ଆକ୍ରମଣ ଯୋଗୁ ନଡ଼ିଆଗଛର ପତ୍ରରେ ହେଉଥିବା ଖାଦ୍ୟ ପ୍ରକ୍ରିୟାକରଣରେ ବାଧା ସୃଷ୍ଟି ହୁଏ। ଫଳରେ ନଡ଼ିଆଗଛରେ ଖୁବ୍ କମ୍ ସଂଖ୍ୟକ ନଡ଼ିଆ ସୃଷ୍ଟି ହୁଏ। କ୍ଷତିର ପରିମାଣ ବୃଦ୍ଧି ଯୋଗୁ ଦୂରକୁ ନଡ଼ିଆ ଗଛଗୁଡିକ ପୋଡ଼ିଗଲା ପରି ଦେଖାଯାଏ।

ଜୈବିକ ଉପାୟ ଅବଲମ୍ବନ କରି ଏହି ପୋକକୁ ବିନାଶ କରାଯାଏ। ଏହାର ଶତ୍ରୁ ପୋକ (ନାଚୁରାଲ ଇନେମି)କୁ ବ୍ୟବହାର କରାଯାଉଛି। ଏହି ଶତ୍ରୁ ପୋକଟି ଛୋଟ ଭଅଁର ଜାତୀୟ। ଏମାନେ ୨ ପ୍ରକାର ପ୍ରଜାତିର ଯଥା ବ୍ରାକନ ହିବେଟର ଓ ବ୍ରାକନ ବ୍ରେଭିକରନିସ୍। ଏହି ଉପକାରୀ କୀଟଗୁଡ଼ିକୁ କୀଟଶାଳାରେ ଉତ୍ପାଦନ କରି ଚାଷୀଭାଇମାନଙ୍କୁ ଦିଆଯାଏ। ପୋକ ଆକ୍ରମିତ ନଡ଼ିଆ ଗଛ ପ୍ରତି ୫୦ଟି ପୂର୍ଣ୍ଣାଙ୍ଗପ୍ରାପ୍ତ ଭଅଁର କିମ୍ବା ୫୦ଟି ଭଅଁର ଖୋଷା ସନ୍ଧ୍ୟା ସମୟରେ ନଡ଼ିଆ ଗଛରେ ଚଢ଼ି କୀଟଟିକୁ ଛାଡ଼ି ଦିଆଯାଏ।



"କାଳିମୁଣ୍ଡି ପୋକ, ଅଣ୍ଡା,ଶୂକ ଓ ଖୋଷା ପରେ ପୂର୍ଣ୍ଣାଙ୍ଗପ୍ରାପ୍ତ ପ୍ରଜାପତି ରୂପ ଧାରଣ କରି ନଡ଼ିଆ ବଗିଚାରେ ଉଡ଼ିବୁଲେ। ପୂର୍ଣ୍ଣାଙ୍ଗପ୍ରାପ୍ତ ପୋକଟି ପାଉଁଶିଆ ରଙ୍ଗର। ନଡ଼ିଆ ବାହୁଙ୍ଗାର ପୁରୁଣା ପତ୍ରର ତଳ ଅଂଶରେ ମାଈ ପୋକଟି ପ୍ରାୟ ୧୨୫ଟି ଅଣ୍ଡା ଦେଇଥାଏ। ଗ୍ରୀଷ୍ମଋତୁରେ ୩–୫ ଦିନ ପରେ ଅଣ୍ଡାରୁ ଛୁଆ ବାହାରେ। ଛୁଆର ମୁଣ୍ଡ କଳା ରଙ୍ଗ ହୋଇଥିବାରୁ ଏହାକୁ କାଳିମୁଣ୍ଡି ପୋକ କୁହାଯାଏ। ଛୁଆମାନେ ନଡ଼ିଆ ବାହୁଙ୍ଗାରେ ଥିବା ପତ୍ରଗୁଡ଼ିକରୁ ସବୁଜକଣା (କ୍ଲୋରୋଫିଲ୍)ଗୁଡ଼ିକୁ ଖାଇ ବାହୁଙ୍ଗାର ପତ୍ରରେ ବଙ୍କା ବଙ୍କା ସୁଡ଼ଙ୍ଗ (ଜିଗ୍ ଜାଗ୍ ଗ୍ୟାଲେରି) ତିଆରି କରନ୍ତି ଏବଂ ତା' ଭିତରେ ରହି ପତ୍ରକୁ ନଷ୍ଟ କରନ୍ତି।"

ଏହି ଖୋଷାଗୁଡ଼ିକୁ ପୋଷ୍ଟ କାର୍ଡରେ ଲଗାଯାଇଥାଏ। ତେଣୁ ନଡ଼ିଆଗଛ ଚଢ଼ାଳି ସହଜରେ ଉପକାରୀ କୀଟକୁ ଗଛ ଉପରକୁ ନେଇ ଛାଡ଼ିପାରେ। ରୌଦ୍ରତାପ ସମୟରେ ନଡ଼ିଆ ଗଛରେ ପୋକଟିକୁ ଛାଡ଼ିବା ମନା। କାରଣ ସୂର୍ଯ୍ୟକିରଣ ଯୋଗୁ ଏହି ପୋକଗୁଡିକ ମରିଯାଆନ୍ତି। ୭–୧୦ଦିନ ବ୍ୟବଧାନରେ ୩–୪ ଥର ଏହି ଭଅଁର ଜାତୀୟ ଉପକାରୀ ପୋକକୁ ନଡ଼ିଆ ବଗିଚାରେ ଛଡ଼ାଯାଇଥାଏ। ନଡ଼ିଆ ବଗିଚାରେ ଏମାନେ ବଞ୍ଚି ରହି ନିଜର ବଂଶବିସ୍ତାର କରି କାଳିମୁଣ୍ଡି ପୋକର ଛୁଆଗୁଡ଼ିକୁ ଖାଇଦିଅନ୍ତି। ଏହି ଉପକାରୀ କୀଟଗୁଡ଼ିକ ଭୁବନେଶ୍ୱରସ୍ଥିତ କୃଷି ମହାବିଦ୍ୟାଳୟର କୀଟତତ୍ତ୍ୱ ବିଭାଗ ଏବଂ ଓଡ଼ିଶା ସରକାରଙ୍କ କୃଷି ନିର୍ଦ୍ଦେଶାଳୟ ଅଧୀନରେ ଥିବା ବରମୁଣ୍ଡା ଗ୍ରାମ, ବାଲେଶ୍ୱର, ଟାଙ୍ଗୀ, ଜଗତ୍‌ସିଂହପୁର ଓ ଛତ୍ରପୁରଠାରେ ଥିବା କୀଟ ଉତ୍ପାଦନଶାଳାରେ ଉପକାରୀ କୀଟମାନଙ୍କର ବଂଶବୃଦ୍ଧି କରାଯାଇ ଚାଷୀମାନଙ୍କୁ ଯୋଗାଇ ଦିଆଯାଉଛି।

–ପୂର୍ବତନ ବିଭାଗୀୟ ମୁଖ୍ୟ, କୀଟତତ୍ତ୍ୱ ବିଭାଗ, କୃଷି ମହାବିଦ୍ୟାଳୟ, ଓୟୁଏଟି, ଭୁବନେଶ୍ୱର
ମୋ : ୯୬୬୮୫୯୨୧୩୦

# ପ୍ରାଣୀଙ୍କ ଯତ୍ନ



**ଗୋ**ରୁଙ୍କର ସାହାଣ, ବଜବଜିଆ ଓ ଫାଟୁଆ ରୋଗ ପାଇଁ ରକ୍ଷା ଏଫ୍‌ଏମ୍‌ଡି ଭାକ୍ସିନ୍ ଓ ଛେଳିମାନଙ୍କର ପିପିଆର୍ ରୋଗ ଲାଗି ପିପିଆର୍ ପ୍ରତିଷେଧକ ଟିକା ବ୍ୟବସ୍ଥା ଗ୍ରହଣ କରନ୍ତୁ। କୁକୁଡ଼ାଙ୍କର ନାଳି ଝାଡା ହେଉଥିଲେ ଅଧା ଗ୍ରାମ ଫ୍ୟୁରାସଲକୁ ୧ ଲିଟର ପାଣିରେ ମିଶାଇ ୩ଦିନ ପର୍ଯ୍ୟନ୍ତ ଦିଅନ୍ତୁ। କୁକୁଡାର ଘୁମା ରୋଗ ନିୟନ୍ତ୍ରଣ ପାଇଁ ୭ଦିନରେ ଲାସୋଟା ପ୍ରତିଷେଧକ ଟିକା ଓ ୧୩–୧୫ଦିନ ଭିତରେ ଆଇବିଡି ଟିକା ଆଖିରେ ପକାଇବାର ବ୍ୟବସ୍ଥା କରନ୍ତୁ। ବନରାଜା ଓ ଗ୍ରାମପ୍ରିୟ କୁକୁଡ଼ା ପାଳନ ପ୍ରତି ଲୋକଙ୍କ ଆଗ୍ରହ ବଢୁଥିବା ଯୋଗୁ ଚିଆଁ ପାଇଁ ଆଞ୍ଚଳିକ ସରକାରୀ କୁକୁଡ଼ା ଫାର୍ମ ସହ ଯୋଗାଯୋଗ କରନ୍ତୁ। ଗୃହପାଳିତ ପ୍ରାଣୀଙ୍କୁ ଶୀତରୁ ରକ୍ଷା କରିବା ପାଇଁ ଗୁହାଳରେ ଫାଙ୍କଥିବା ଜାଗାକୁ ଅଖାରେ ବନ୍ଦ କରନ୍ତୁ ଏବଂ ସୁବିଧା ଥିଲେ ଗୋରୁଙ୍କୁ ମଧ୍ୟ ଅଖାରେ ଘୋଡାଇ ଦିଅନ୍ତୁ। ଗୋରୁଙ୍କର ଫାଟୁଆ ରୋଗ, ଛେଳିଙ୍କର ପିପିଆର୍ ରୋଗ ପାଇଁ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରନ୍ତୁ।

# ଡାଲୁଅ ଧାନ ତଳି

**ଡା**ଲୁଅ ଧାନ ପାଇଁ ତଳି ପକାଇବା କାମ ଚଳିତ ମାସ ଶେଷଶୁଦ୍ଧା ଶେଷ କରନ୍ତୁ । ତଳି ପକାଇବା ପାଇଁ ସଅଳ ଓ ମଧ୍ୟମ କିସମ ବିହନ ବ୍ୟବହାର କରନ୍ତୁ । ବିହନ ବିଶୋଧନ ପାଇଁ ୧ ଗ୍ରାମ୍ କାର୍ବେଣ୍ଡାଜିମ୍ ୧ କି.ଗ୍ରା. ବିହନ ପ୍ରତି ବ୍ୟବହାର କରନ୍ତୁ । ପାଇଁ ତଳି ପ୍ରସ୍ତୁତି ପୂର୍ବରୁ ପ୍ରଥମେ ବିହନକୁ ୨୪ ଘଣ୍ଟା ପାଣିରେ ଭିଜାଇ, ଗଜାକରି ଗାଲି ଫିଟିବା ପରେ କାଦୁଅ ତଳିପଟିରେ ବୁଣନ୍ତୁ । ତଳିପଟିର ଓସାର ୩–୪ ଫୁଟ ରଖନ୍ତୁ। ପ୍ରତି ପଟି ପରେ ୧ ଫୁଟ ନାଳି ରଖନ୍ତୁ। ତଳିଘରା ପାଇଁ ୧୦ ଡେସିମିଲି ତଳିପଟିରେ ୪୦ ଝୁଡ଼ି ଶଢ଼ା ଗୋବରଖତ, ୧୨ କି.ଗ୍ରା. ସିଙ୍ଗିଲ ସୁପର ଫସ୍‌ଫେଟ୍ ଓ ୨ କି.ଗ୍ରା. ମ୍ୟୁରେଟ ଅଫ୍ ପଟାସ ସାର ଶେଷଓଡ଼ ଚାଷ ସମୟରେ ମାଟିରେ ମିଶାଇ ଦିଅନ୍ତୁ । ବିହନରୁ କଣ୍ଡା ଓ ଅଗାଡ଼ି ବାହାର କରିବା ପାଇଁ ଲୁଣିପାଣି ଉପଚାର କରନ୍ତୁ । ଡାଲୁଅ ଧାନର ସହଳ କିସମ ବିହନ ମଧ୍ୟରେ ରହିଛି ପାରିଜାତ, ଖଣ୍ଡଗିରି, ଯୋଗେଶ, ସିଦ୍ଧାନ୍ତ, ମନ୍ଦାକିନୀ, ପଥରା, ଜ୍ୟୋତିର୍ମୟୀ, ସହଭାଗୀ ଧାନ । ମଧ୍ୟମ କିସମ ବିହନ ଭାବରେ ଲଲାଟ, ତପସ୍ୱିନୀ, ତେଜସ୍ୱିନୀ, ମନସ୍ୱିନୀ, ନବୀନ, ଏସ୍‌ଟିୟୁ–୧୦୦୧ ଚୟନ କରିପାରନ୍ତି। ଅନ୍ୟପକ୍ଷରେ ଧାନ କାଟିବାର ଏକ ସପ୍ତାହ ପୂର୍ବରୁ କିଆରିରୁ ଜଳ ନିଷ୍କାସନ କରିଦିଅନ୍ତୁ। ଧାନରେ କେଣ୍ଡାକଟା ପୋକ ଦେଖାଦେଲେ ଅପରାହ୍ନରେ ହେକ୍ଟର ପ୍ରତି ୧ ଲିଟର ଫିପ୍ରୋନିଲ୍ ୫% ଏସ୍‌ସି କିମ୍ବା ୧ କି.ଗ୍ରା. କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୫୦ ଭାଗ ସେଚଗୁଣ୍ଡ ସିଞ୍ଚନ କରନ୍ତୁ ଓ ୨୫ କି.ଗ୍ରା. କ୍ଲୋରୋପାଇରିଫସ୍ ଗୁଣ୍ଡକୁ ସନ୍ଧ୍ୟାରେ ହୁଡ଼ା ଉପରେ ସିଞ୍ଚନ କରନ୍ତୁ।



# ସମନ୍ୱିତ କୃଷି ସହ ମାଛଚାଷ ଓ ପ୍ରାଣୀପାଳନ

(ଦ୍ୱିତୀୟ ଭାଗ)

**ମାଛ–କୁକୁଡ଼ା ପାଳନ :** ମାଛଚାଷ ସହ କୁକୁଡ଼ା ପାଳନ ଏକ ଲାଭଜନକ ବ୍ୟବସାୟ। କୁକୁଡ଼ାର ମଳ ପୋଖରୀର ଏକ ଉତ୍କୃଷ୍ଟ ଜୈବିକଖତର ଆବଶ୍ୟକତା ପୂରଣ କରିଥାଏ। କୁକୁଡ଼ାର ମଳ ସିଧାସଳଖ ପୋଖରୀରେ ପକାଇଲେ ସେଥିରୁ ଅଧିକ ପ୍ଲାଙ୍କ୍‌ଟନ ବା ପ୍ଲବକ ସୃଷ୍ଟି ହୋଇଥାଏ । ମାଛମାନେ ତାକୁ ଖାଇ ବଞ୍ଚନ୍ତି । କୁକୁଡ଼ା ନଷ୍ଟ କରୁଥିବା ଦାନାକୁ ମଧ୍ୟ ମାଛମାନେ ଖାଇଥାନ୍ତି । କୁକୁଡ଼ାଘର ପୋଖରୀ ହୁଡ଼ା ଉପରେ ବା ପୋଖରୀ ଭିତରକୁ ଅଧା ଝୁଲାଇ ତିଆରି କଲେ କୁକୁଡ଼ା ମଳ ଓ ନଷ୍ଟ ହେଉଥିବା ଖାଦ୍ୟ ସିଧାସଳଖ ପୋଖରୀରେ ପଡ଼େ ଏବଂ ମାଛମାନେ ତାକୁ ଖାଇଥାନ୍ତି । ଏକ ଏକର ପୋଖରୀରେ ମାଛଚାଷ ପାଇଁ ଦରକାର ହେଉଥିବା ଖତସାର ୨୦୦ରୁ ୨୪୦ଟି କୁକୁଡ଼ାଙ୍କଠାରୁ ମିଳିଥାଏ। ଗୋବରଖତ ସହିତ ତୁଳନା କଲେ, କୁକୁଡ଼ା ଖତରେ ଅଧିକ ୬ଗୁଣ ଯବକ୍ଷାରଜାନ, ୧୦ ଗୁଣ ଫସ୍‌ଫରସ୍ ଓ ୪ ଗୁଣ ପୋଟାସିୟମ ନିହିତ ଥାଏ। ଏକ ଏକର ଜମିରେ ମାଛ–କୁକୁଡ଼ା ସମନ୍ୱିତ ଚାଷ କଲେ ବର୍ଷକୁ ପ୍ରାୟ ୧୮୦୦ ରୁ ୨୦୦୦ କି.ଗ୍ରା ମାଛ, ୨୮୦୦୦ ଅଣ୍ଡା ଓ ୪୦୦ କି.ଗ୍ରା. କୁକୁଡ଼ା ମାଂସ ମିଳିଥାଏ । ସେହିପରି ପ୍ରତି ଏକ ହେକ୍ଟର ପାଣି ଆକାର ପାଇଁ ୫୦୦ରୁ ୬୦୦ ସଂଖ୍ୟାକୁ କୁକୁଡ଼ା ପାଳନ କରାଯାଏ ।

**ଆୟ–** ଏକ ହେକ୍ଟର ପୋଖରୀ ଥିବା ଫାର୍ମରୁ ବର୍ଷକୁ ୨ରୁ ୩ଟନ ମାଛ, ୫୦ ହଜାର ଅଣ୍ଡା ଏବଂ ପ୍ରାୟ ୮ଶହ ରୁ ୧ ହଜାର କି.ଗ୍ରା. କୁକୁଡ଼ା ମାଂସ ମିଳିଥାଏ। ୨ ଲକ୍ଷ ୧୦ ହଜାରରୁ ଖର୍ଚ୍ଚ ପ୍ରାୟ ୯୦ ହଜାରରୁ ୧ ଲକ୍ଷ ବାଦ୍ ଦେଲେ ନେଟ୍ ଲାଭ ହେଉଛି ୧ ଲକ୍ଷ ୧୦ ହଜାର ଟଙ୍କା ହେବ।

ବ୍ରଏଲର କୁକୁଡ଼ା ପାଳନ କରିବାର ଯୋଜନା ଥିଲେ ପ୍ରତି ୧୦୦ଟି କୁକୁଡ଼ା ପାଇଁ (କୁକୁଡ଼ା ଛୁଆ ଦାନା ଓ ଔଷଧ ଖର୍ଚ୍ଚ ସମେତ) ମୋଟ ୪ ହଜାର ୮ଶହ ଟଙ୍କା ଖର୍ଚ୍ଚ ହେବ ଏବଂ ମାତ୍ର ୨ ମାସରେ ଏଥିରେ ଖର୍ଚ୍ଚ ପରେ ପ୍ରାୟ ୯୦୦ ଟଙ୍କା ଲାଭ ହେବ।

**ମାଛ–ବତକ ପାଳନ :** ବତକ ପାଳନ ପାଇଁ ଉଭୟ ସ୍ଥଳଭାଗ ଓ ଜଳଭାଗ ଆବଶ୍ୟକ । ତେଣୁ ମାଛଚାଷ ପୋଖରୀ ଏଥିପାଇଁ ବେଶ୍ ସହାୟକ ହୋଇଥାଏ। ମାଛଚାଷ ସହିତ ବତକ ପାଳନକୁ ସମନ୍ୱିତ କଲେ ଉଭୟ ମାଛ ଓ ବତକ ପରସ୍ପରଠାରୁ ଉପକାର ପାଇଥାନ୍ତି। ଗୋଟିଏ ଏକର ପୋଖରୀରେ ମାଛଚାଷ ସହ ୮୦ ରୁ ୧୨୦ଟି ବତକ ଚାଷ କରାଯାଇପାରିବ। ବତକମାନେ ପାଣିରୁ ଛୋଟ ଛୋଟ



ଗଛ, ପୋକଜୋକ, ଗେଣ୍ଡା, ଶାମୁକା ଓ ବେଙ୍ଗଫୁଲା ଆଦି ଖାଇ ସଫା କରିଦିଅନ୍ତି। ବତକ ପାଳନ ଦ୍ୱାରା ସେମାନଙ୍କର ମଳମୂତ୍ର ମାଛମାନଙ୍କର ଏକ ଉତ୍କୃଷ୍ଟ ଖାଦ୍ୟ ମଧ୍ୟ ହୋଇଥାଏ। ନଷ୍ଟ ହେଉଥିବା ବତକମାନଙ୍କ ଖାଦ୍ୟ ଓ ଅଧାହଜମ ଖାଦ୍ୟ ମାଛମାନେ ଖାଆନ୍ତି। ବତକମାନେ ପାଣିରେ ପହଁରିବା ଦ୍ୱାରା ପାଣିରେ ଅମ୍ଳଜାନ ପରିମାଣ ବୃଦ୍ଧିପାଏ। ଫଳରେ ମାଛର ଓଜନ ବୃଦ୍ଧି ପାଇଥାଏ। ତେଣୁ ବତକମାନଙ୍କୁ ଜୈବିକ ବାୟୁ ସଞ୍ଚାଳକ ବା ବାଓ ଏରେଟର କୁହାଯାଇଥାଏ । ପୋଖରୀରେ ତଳେ ଥିବା ପଙ୍କ ଘାଣ୍ଟିବା ଦ୍ୱାରା ଏହାର ଉର୍ବରତା ମଧ୍ୟ ବଢ଼ିଥାଏ ।

ବତକ ତା'ର ଆହାରର ପ୍ରାୟ ୭୦ରୁ ୭୫ ଭାଗ ଖାଦ୍ୟ ପୋଖରୀରୁ ପାଇ ବଢ଼େ । ଫଳରେ ବାହାର ଖାଦ୍ୟ କମ୍ ଦେବାକୁ ପଡ଼ିଥାଏ । ତେଣୁ ପୋଖରୀ ପରିଷ୍କାର ହେବା ସଂଗେ ସଂଗେ ତା' ବଦଳରେ ବତକର ବୃଦ୍ଧି ଯୋଗୁ ଅତି ଅଳ୍ପ ଖର୍ଚ୍ଚରେ ବତକ ମାଂସ ଓ ଅଣ୍ଡା ମିଳିଥାଏ । ଗୋଟିଏ ଏକର ଅଞ୍ଚଳରୁ ଅପେକ୍ଷାକୃତ କମ୍ ଖର୍ଚ୍ଚରେ ଅଧିକ ପ୍ରାଣିଜ ପୁଷ୍ଟିସାର ଯଥା – ମାଛ, ମାଂସ ଓ ଅଣ୍ଡା ମିଳିଥାଏ।

ଗୋଟିଏ ବତକ ହାରାହାରି ଦିନକୁ ୧୨୫ ରୁ ୧୫୦ ଗ୍ରାମ୍ ମଳତ୍ୟାଗ କରେ । ହେକ୍ଟର ପ୍ରତି ୨୦୦ରୁ ୩୦୦ ବତକ ପାଳନ କରାଯାଏ । ସେହି ବତକମାନଙ୍କ ପାଖରୁ ବର୍ଷକୁ ହାରାହାରି ୧୦ ରୁ ୧୫ ହଜାର କି.ଗ୍ରା. ମଳ ପୋଖରୀରେ ମିଳିଥାଏ, ଯାହାକି ପୋଖରୀ ଜୈବିକ ଖତର ଆବଶ୍ୟକତା ମେଣ୍ଟାଇ ଥାଏ। ବତକମାନଙ୍କୁ ଖାଇବାକୁ ଦିଆଯାଉଥିବା ଦାନାରୁ ବ୍ୟବହୃତ ହୋଇ ନ ପାରି ଯେତିକି ବଳିପଡ଼େ ଏବଂ ବତକମାନଙ୍କ ମଳରେ ଥିବା ଅଧା ହଜମ ଖାଦ୍ୟ, ପୋଖରୀର ଉର୍ବରତା ବୃଦ୍ଧି କରିବା ସହିତ ମାଛଖାଦ୍ୟ ରୂପେ ମଧ୍ୟ ବ୍ୟବହୃତ ହୋଇଥାଏ ।

**ଆୟ –** ଏକ ଏକର ପୋଖରୀରେ ମାଛ ଓ ବତକ ପାଳନ କଲେ ୧୨୦ ରୁ ୧୬୦୦ କି.ଗ୍ରା. ମାଛ, ୬୦୦ରୁ ୭୦୦ଟି ଅଣ୍ଡା ଓ ୨୦୦ରୁ ୨୫୦ କି.ଗ୍ରା. ବତକ ମାଂସ ମିଳିଥାଏ । ସେହିପରି ମାଛ ଓ ବତକ ପାଳନରେ ବର୍ଷକୁ ହେକ୍ଟର ପ୍ରତି ୨ ଟନ୍‌ରୁ ୩ ଟନ୍ ମାଛ ୮ ହଜାରରୁ ୧୦ ହଜାର ଅଣ୍ଡା ଏବଂ ୫୦୦ରୁ ୬୦୦ କି.ଗ୍ରା. ବତକ ମାଂସ ମିଳିପାରିବ । ମୋଟ ହାରାହାରି ଆୟ ୧ ଲକ୍ଷ ୩୦ ହଜାର ଟଙ୍କା ଖର୍ଚ୍ଚ ପ୍ରାୟ ୬୦ ହଜାର ଟଙ୍କା ବାଦ୍ ଦେଲେ, ନେଟ୍ ଲାଭ ମିଳିବ ୭୦ ହଜାର ଟଙ୍କା ।

**–ଡା. ବୀରକିଶୋର ପରିଡ଼ା**
ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ଜଗତ୍‌ସିଂହପୁର
ମୋ : ୯୪୩୭୬୦୭୩୧୨



କାତାରର ଅଲ୍ ରାୟାନଠାରେ ମଙ୍ଗଳବାର ଅନୁଷ୍ଠିତ ଡେନମାର୍କ ବିପକ୍ଷ ଫିଫା ବିଶ୍ୱକପ ମ୍ୟାଚ ଅବସରରେ ଟ୍ୟୁନିସିଆ ସମର୍ଥକ।

# ଆର୍ଜେଣ୍ଟିନାକୁ ହରାଇ ବିପର୍ଯ୍ୟୟ ଘଟାଇଲା ସୌଦୀ ଆରବ

**ଲୁସେଲ (କାତାର), ୨୨।୧୧**

ଚଳିତ ଫିଫା ବିଶ୍ୱକପ୍‌ର ତୃତୀୟ ଦିବସରେ ସବୁଠାରୁ ବଡ଼ ବିପର୍ଯ୍ୟୟ ଘଟାଇଛି ସୌଦୀ ଆରବ। ଲୁସେଲ ଷ୍ଟାଡିୟମରେ ମଙ୍ଗଳବାର ଅନୁଷ୍ଠିତ ମ୍ୟାଚରେ ଏହି ଦଳ ୨ ଥର ଚାମ୍ପିୟନ ତଥା ଟାଇଟଲ ଫେଭରାଇଟ ଆର୍ଜେଣ୍ଟିନାକୁ ପରାସ୍ତ କରି ବିସ୍ମୟ ସୃଷ୍ଟି କରିଛି। ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଖେଳାଳି ଲିଓନେଲ ମେସିଙ୍କ ଗୋଲ ବଳରେ ଆର୍ଜେଣ୍ଟିନା ଅଗ୍ରଣୀ ରହିଥିଲେ ହେଁ ଦ୍ୱିତୀୟାର୍ଦ୍ଧରେ ୫ ମିନିଟ ମଧ୍ୟରେ ଦୁଇଟି ଗୋଲ କରି ସୌଦୀ ଆରବ ୨-୧ ଗୋଲରେ ବିଜୟୀ ହୋଇ ଏହାର ଫୁଟବଲ ଇତିହାସରେ ଅନ୍ୟତମ ଶ୍ରେଷ୍ଠ ସଫଳତା ପାଇଛି। ଅନ୍ୟପକ୍ଷରେ ଆର୍ଜେଣ୍ଟିନାର କ୍ରମାଗତ ୩୬ ମ୍ୟାଚ ବିଜୟରେ ବ୍ରେକ୍ ଲାଗିଛି।

ଗ୍ରୁପ୍ 'ସି'ର ଏହି ମ୍ୟାଚରେ ମେସିଙ୍କ ମାଧ୍ୟମରେ ଆର୍ଜେଣ୍ଟିନା ଆରମ୍ଭରୁ ଆକ୍ରମଣ ଆରମ୍ଭ କରିଥିଲା। ୭ମ ମିନିଟରେ ସୌଦୀ ଆରବର କନ୍ନୋ ଫାଉଲ କରିଥିଲେ। ଏହା ରେଫରିଙ୍କ ଦୃଷ୍ଟିକୁ ଏଡ଼ାଇ ଯାଇଥିଲେ ହେଁ ଆର୍ଜେଣ୍ଟିନାର ଭାର୍ (ଭିଡିଓ ଆସିଷ୍ଟାଣ୍ଟ ରେଫରି)ର ସହାୟତା ନେଇ ସଫଳ ହୋଇଥିଲା। ସୌଦୀ ଆରବକୁ ଦଣ୍ଡ ସ୍ୱରୂପ ଆର୍ଜେଣ୍ଟିନାକୁ ପେନାଲ୍ଟି ଶୁଟ୍‌ଆଉଟ ସୁଯୋଗ ଦିଆଯାଇଥିଲା। ମେସି ଏହାକୁ ଗୋଲରେ ପରିଣତ କରି ୧୦ମ ମିନିଟରେ ଆର୍ଜେଣ୍ଟିନାକୁ ଅଗ୍ରଣୀ କରାଇଥିଲେ। ୨୭ତମ ମିନିଟରେ ଆର୍ଜେଣ୍ଟିନାର ଲୌଟାରୋ ମାର୍ଟିନେଜ ଆଉ ଏକ ଗୋଲ ଦେଇଥିଲେ। ମାତ୍ର ସୌଦୀ ଆରବ 'ଭାର୍'ର ସହାୟତା ନେଇଥିଲା। ଫରୱାର୍ଡ ଲାଇନ୍‌ର ଜଣେ ଖେଳାଳି ଅଫ୍‌ସାଇଡ୍‌ରେ ଥିବାରୁ ଗୋଲଟି ନାକଚ ହୋଇ ଯାଇଥିଲା। ଉଭୟ ଦଳର ଡଜନେରୁ ଊର୍ଦ୍ଧ୍ୱ ଅଫ୍‌ସାଇଡ୍ ଓ ଫାଉଲ ମଧ୍ୟରେ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ଆର୍ଜେଣ୍ଟିନା ୧-୦ ଗୋଲରେ ଅଗ୍ରଣୀ ରହିଥିଲା। ଦ୍ୱିତୀୟାର୍ଦ୍ଧ ସମ୍ପୂର୍ଣ୍ଣ ଭାବରେ ସୌଦୀ ଆରବ କବ୍‌ଜାରେ ଥିଲା। ଖେଳ ଆରମ୍ଭର ୩ ମିନିଟ ମଧ୍ୟରେ ଅର୍ଥାତ୍ ୪୮ତମ ମିନିଟରେ ସାଲେ


ଦୁଃଖାଭୀଭୂତ ଲିଓନେଲ ମେସି।

ଅଲ୍‌ଶେରୀ ଗୋଲ ପରିଶୋଧ କରି ମ୍ୟାଚକୁ ୧-୧ ସ୍ଥିତିକୁ ନେଇ ଆସିଥିଲେ। ଏହାପରେ ଅତି ଉତ୍ସାହୀ ଖେଳ ପ୍ରଦର୍ଶନ କରିଥିଲା ସୌଦୀ ଆରବ। ୫୩ତମ ମିନିଟରେ ସଲିମ ଅଲ୍‌ଦାୱ୍‌ସାରି ଏକ ଗୋଲ ଦେଇ ଦଳକୁ ବହୁମୂଲ୍ୟ ଅଗ୍ରଣୀ କରାଇଥିଲେ। ଗୋଲ ପରିଶୋଧ


ଆର୍ଜେଣ୍ଟିନାକୁ ହରାଇବାପରେ ସୌଦୀ ଆରବ ଖେଳାଳିଙ୍କ ପ୍ରତିକ୍ରିୟା।

ପାଇଁ ଆର୍ଜେଣ୍ଟିନା ଜୋରଦାର ପ୍ରୟାସ କରିଥିବାବେଳେ ଏହାର ଖେଳାଳିଙ୍କୁ ରୋକିବା ଉଦ୍ୟମରେ ବହୁ ଫାଉଲ୍ କରିଥିଲେ ସୌଦୀ ଖେଳାଳି। ବିପଜ୍ଜନକ ପ୍ରଦର୍ଶନ ପାଇଁ ଏହି ଦଳର ଅବଦୁଲା ଅଲ୍‌ମାଲ୍‌କିଙ୍କୁ ୬୭ତମ ମିନିଟରେ ରେଫରି ୟେଲୋ କାର୍ଡ ଦେଖାଇଥିଲେ। ୭୫ତମ ମିନିଟରେ ଅଲୀ ଅଲ୍‌ବୁଲାହି, ୭୯ତମ ମିନିଟରେ ସଲିମ ଅଲ୍‌ଦାୱ୍‌ସାରି, ୮୨ତମ ମିନିଟରେ ସାଉଦ୍ ଅବଦୁଲାମିଦ, ୮୮ତମ ମିନିଟରେ ଅଲ୍-ଆବେଦ ଓ ୯୦+୨ ମିନିଟରେ ଅଲୱାଇସ ଯଥାକ୍ରମେ ଦ୍ୱିତୀୟ, ତୃତୀୟ, ଚତୁର୍ଥ, ୫ମ ଓ ୬ଷ୍ଠ ଖେଳାଳିଭାବେ ୟେଲୋ କାର୍ଡ ପାଇଥିଲେ। ରେଫରିଙ୍କ ଶେଷ ହ୍ୱିସିଲ ବାଜିବା କ୍ଷଣି ସୌଦୀ ଖେଳାଳିଙ୍କ ବିଜୟ ଉତ୍ସବ ଆରମ୍ଭ ହୋଇ ଯାଇଥିଲା। ଅନ୍ୟପକ୍ଷରେ ମେସିଙ୍କ ସମେତ ଆର୍ଜେଣ୍ଟିନାର ଅନ୍ୟ ଖେଳାଳିମାନେ ଦୁଃଖରେ ଭାଙ୍ଗି ପଡ଼ିଥିଲେ। ୨୦୦୬ ବିଶ୍ୱକପ୍‌ରେ ଆର୍ଜେଣ୍ଟିନା ପକ୍ଷରୁ ସର୍ବକନିଷ୍ଠ ଖେଳାଳି ଭାବେ ୧୮ ବର୍ଷ ୩୫୭ ଦିନର ହୋଇଥିବାବେଳେ ଗୋଲ ଦେଇଥିଲେ ମେସି। ଏଠାରେ ଦ୍ୱିତୀୟ ବୟୋଜ୍ୟେଷ୍ଠ ଖେଳାଳି ଭାବେ ସେ ୩୫ ବର୍ଷ ୧୫୧ ଦିନରେ ଗୋଲ ଦେଇଛନ୍ତି। ଆର୍ଜେଣ୍ଟିନାର ବୟୋଜ୍ୟେଷ୍ଠ ଗୋଲ ସ୍କୋରର ରେକର୍ଡ ମାର୍ଟିନ ପାଲେର୍ମୋଙ୍କ ନାମରେ ଅଛି।

# ଟ୍ୟୁନିସିଆ-ଡେନମାର୍କ ମ୍ୟାଚ ଡ୍ର

**ଅଲ୍ ରାୟାନ (କାତାର), ୨୨।୧୧**

ଚଳିତ ଫିଫା ବିଶ୍ୱକପର ଏଠାରେ ଅନୁଷ୍ଠିତ ଟ୍ୟୁନିସିଆ-ଡେନମାର୍କ ଗ୍ରୁପ୍ 'ଡି' ମ୍ୟାଚ ଗୋଲଶୂନ୍ୟ ଡ୍ର ରହିଛି। ଫଳରେ ଉଭୟ ଦଳ ଗୋଟିଏ ଲେଖାଏ ପଏଣ୍ଟ ଭାଗ ସହ ଅଭିଯାନ ଆରମ୍ଭ କରିଛନ୍ତି। ବଲ୍ ପୋସେସନରେ ଡେନ୍‌ମାର୍କ (୫୦-୩୬%) ଆଗୁଆ ରହିଥିଲେ ହେଁ ଟ୍ୟୁନୁସିଆ କଡ଼ା ଟକ୍କର ଦେଇ ଗୋଲ କରିବାକୁ ସୁଯୋଗ ଦେଇ ନ ଥିଲା। ଉଭୟ ଦଳ ୧୨ ଥର ଲେଖାଏ ଗୋଲ ଦେବା ସୁଯୋଗ ସୃଷ୍ଟି କରିଥିଲେ ହେଁ ଡେନମାର୍କ ୬ ଥର ଏବଂ ଟ୍ୟୁନୁସିଆ ମାତ୍ର ଥରେ ଗୋଲପୋଷ୍ଟକୁ ଟାର୍ଗେଟ କରି ପାରିଥିଲା। ବିପଜ୍ଜନକ ଖେଳ ପାଇଁ ଡେନ୍‌ମାର୍କର ୨ ଜଣ ରାସମୁସ କ୍ରିଷ୍ଟେନସେନ, ମାଥିଆସ ଜେନସେନ ଏବଂ ଟ୍ୟୁନିସିଆର ଜଣେ ଖେଳାଳି ଟାହା ଖେନିସି ୟେଲୋ କାର୍ଡ ପାଇଥିଲେ। ଡେନମାର୍କ ୩-୫-୨ ଓ ଟ୍ୟୁନିସିଆ ୩-୪-୩ ଲାଇନ୍‌ଅପ୍‌ରେ ଖେଳିଥିଲେ।

### ଫିଫା ବିଶ୍ୱକପ

**(ଆଜିର ମ୍ୟାଚ)**

**ମରକ୍କୋ ବନାମ କ୍ରୋଏସିଆ**
ସ୍ଥାନ: ଅଲ ବାଏଟ ଷ୍ଟାଡିୟମ,
ସମୟ: ଅପରାହ୍ନ ୩.୩୦

**ଜର୍ମାନୀ ବନାମ ଜାପାନ**
ସ୍ଥାନ: ଖଲିଫା ଇଣ୍ଟରନ୍ୟାଶନାଲ ଷ୍ଟାଡିୟମ,
ସମୟ: ସନ୍ଧ୍ୟା ୬.୩୦

**ସ୍ପେନ୍ ବନାମ କୋଷ୍ଟାରିକା**
ସ୍ଥାନ: ଅଲ ଥୁମାମା ଷ୍ଟାଡିୟମ,
ସମୟ: ରାତି ୯.୩୦

**ବେଲ୍‌ଜିୟମ ବନାମ କାନାଡା**
ସ୍ଥାନ: ଅଲ୍ ରାୟାନ ଷ୍ଟାଡିୟମ
ସମୟ: ରାତି ୧୨.୩୦

# ଫିଫାକୁ ସମାଲୋଚନା କଲେ ବ୍ଲିଙ୍କେନ୍

**ଦୋହା,୨୨।୧୧(ପି.ଟି.):** ୱାନ୍ ଲଭ୍ ଆର୍ମବ୍ୟାଣ୍ଡକୁ ନେଇ ଫିଫା ପକ୍ଷରୁ ଜାରି କରାଯାଇଥିବା ନୂତନ ନିୟମକୁ ସମାଲୋଚନା କରିଛନ୍ତି ଆମେରିକୀୟ କୂଟନୀତିଜ୍ଞ ଆଣ୍ଟୋନୀ ବ୍ଲିଙ୍କେନ୍। ମାନବାଧିକାର ଓ ସମଲିଙ୍ଗୀଙ୍କ ସମର୍ଥନରେ ୱାନ ଲଭ୍ ଆର୍ମବ୍ୟାଣ୍ଡ ପିନ୍ଧିବା ନେଇ ପୂର୍ବରୁ ନିର୍ଦ୍ଦେଶନାମା ଜାରି କରିଥିଲେ ସମସ୍ତ ୟୁରୋପୀୟ ରାଷ୍ଟ୍ର। ଏହାକୁ କାତାର ପକ୍ଷରୁ ବିରୋଧ କରାଯିବା କାରଣରୁ ଆର୍ମ ବ୍ୟାଣ୍ଡ ନ ପିନ୍ଧିବାକୁ ଫିଫା ପକ୍ଷରୁ ନୂଆ ନିୟମ ଲାଗୁ କରାଯାଇଥିଲା। ୱାନ ଲଭ୍ ଆର୍ମବ୍ୟାଣ୍ଡ ପିନ୍ଧିଲେ ଖେଳାଳିଙ୍କୁ ୟେଲୋ କାର୍ଡ ପ୍ରଦାନ କରାଯିବା ନେଇ ଫିଫା ପକ୍ଷରୁ ନିୟମ କରାଯାଇଥିଲା। ଫିଫାର ଏଭଳି ନିୟମକୁ କଡା ସମାଲୋଚନା କରିଛନ୍ତି ଆମେରିକୀୟ କୂଟନୀତିଜ୍ଞ ଆଣ୍ଟୋନୀ ବ୍ଲିଙ୍କେନ୍। ଫୁଟବଲ ପିଚ୍‌ରେ ଜଣେ କ'ଣ ପିନ୍ଧିବ କି ନାହିଁ ଏହା ସମ୍ପୂର୍ଣ୍ଣ ଭାବରେ ଇଚ୍ଛାଧୀନ ରହିବା ଉଚିତ। ତେବେ ସୋମବାରର ମ୍ୟାଚ ପୂର୍ବରୁ ହିଁ ଫିଫା ପକ୍ଷରୁ ୟେଲୋ କାର୍ଡ ନିୟମ ଲାଗୁ କରାଯାଇଥିଲା। ଏହା ସହିତ ଇରାନ ବିପକ୍ଷ ମ୍ୟାଚରେ ଇଂଲଣ୍ଡର ହ୍ୟାରୀ କେନଙ୍କୁ ଫିଫା ଅନୁମୋଦିତ 'ନୋ ଡିସକ୍ରିମିନେସନ' ଆର୍ମ ବ୍ୟାଣ୍ଡ ପିନ୍ଧିଥିବାର ଦେଖିବାକୁ ମିଳିଥିଲା। ଏହା ସହିତ ଶ୍ରମିକ ବିରୋଧୀ ନୀତି ଓ ସମଲିଙ୍ଗି ବିରୋଧୀ ଆପରାଧିକ ଆଇନକୁ ମଧ୍ୟ ସମାଲୋଚନା କରିଥିଲେ। ଶ୍ରମିକ ଓ ପ୍ରବାସୀ ଶ୍ରମିକଙ୍କ ବିନା ବିଶ୍ୱକପ ଆୟୋଜନ ଅସମ୍ଭବ ଥିଲା। ମାତ୍ର କାତାରର ଶ୍ରମିକ ଆଇନ ଧୀରେ ଧୀରେ ସୁଧୁରୁଛି ବୋଲି ସେ ମତ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କାତାରର ବୈଦେଶିକ ମନ୍ତ୍ରୀ ଶେଖ୍ ମହମ୍ମଦ ବିନ୍ ଅବଦୁଲ ରେହମାନ ମଧ୍ୟ ଉପସ୍ଥିତ ଥିଲେ। କାତାରକୁ ବଦନାମ କରିବା ପାଇଁ ଏହା କିଛି ବିଦେଶୀ ମିଡିଆର ସୁଚିନ୍ତିତ ଷଡଯନ୍ତ୍ର ବୋଲି ସେ କହିଛନ୍ତି।

## ପଏଣ୍ଟ ବାଣ୍ଟିଲେ ୱେଲ୍ସ, ଆମେରିକା

**ଦୋହା,୨୨।୧୧(ପି.ଟି.):** ଅଲ୍ ରାୟାନ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ ପଏଣ୍ଟ ବାଣ୍ଟିଛନ୍ତି ଆମେରିକା ଓ ୱେଲ୍ସ। ବିଜୟ ଆଡକୁ ଅଗ୍ରସର ହେଉଥିବା ଆମେରିକା ୱାକର ଜିମରମ୍ୟାନଙ୍କ ସାମାନ୍ୟ ଭୁଲ ପାଇଁ ଦୁଇ ପଏଣ୍ଟ ହରାଇଥିଲା। ୩୬ତମ ମିନିଟରେ ଗୋଲ ସହିତ ଆମେରିକା ୧-୦ରେ ଅଗ୍ରଣୀ ହାସଲ କରିଥିଲା। ତେବେ ମ୍ୟାଚର ୮୨ ତମ ମିନିଟରେ ଜିମରମ୍ୟାନଙ୍କ ବିପଜ୍ଜନକ ଖେଳ ପାଇଁ ୱେଲ୍ସକୁ ପେନାଲ୍ଟି ମିଳିଥିଲା। ଗୋଲ୍ ରକ୍ଷକ ମ୍ୟାଟ୍ ଟର୍ନରଙ୍କୁ ପରାସ୍ତ କରିବା ସହିତ ୧୦୯ ତମ ମ୍ୟାଚରୁ ୪୧ ତମ ଗୋଲ ସ୍କୋର କରିଥିଲେ ଗେରାଥ୍ ବେଲ୍।

# ବିଶ୍ୱକପ୍‌ର ୧୦ ବଡ଼ ବିପର୍ଯ୍ୟୟ

**ମଙ୍ଗଳବାର କାତାର ବିଶ୍ୱକପ୍‌ରେ ଘଟିଯାଇଛି ଚଳିତ ବର୍ଷର ବଡ ବିପର୍ଯ୍ୟୟ। ଲିଓନେଲ ମେସିଙ୍କ ଆର୍ଜେଣ୍ଟିନାକୁ ୨-୧ରେ ପରାସ୍ତ କରିଛି ସୌଦୀଆରବ। ବେଳେ ବେଳେ ଡିଫେଣ୍ଡିଂ ଚାମ୍ପିୟନ ଦଳ ପ୍ରଥମ ରାଉଣ୍ଡରୁ ବିଦାୟ ନେବାର ନଜିର ରହିଥିବା ବେଳେ ଅନେକ ନୂତନ ସ୍ୱପ୍ନ ତିଆରି ହୋଇଥାଏ ଓ ଅନେକ ସ୍ୱପ୍ନ ଭାଙ୍ଗିଥାଏ। ବିଭିନ୍ନ ବିଶ୍ୱକପ୍ ସଂସ୍କରଣର ଇତିହାସରେ ଘଟିଥିବା ୧୦ଟି ବଡ ବିପର୍ଯ୍ୟୟ...**


୧୯୮୨ ବିଶ୍ୱକପରେ ଇଟାଲୀ ଓ ବ୍ରାଜିଲ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

**▶▶୧୦- ନର୍ଦ୍ଦର୍ନ ଆୟର୍ଲାଣ୍ଡ ବନାମ ସ୍ପେନ୍ (୧-୦): ୧୯୮୨** ବିଶ୍ୱକପ୍‌ରେ ଆୟୋଜକ ସ୍ପେନ୍‌କୁ ୧-୦ରେ ହରାଇ ବିପର୍ଯ୍ୟୟ ସୃଷ୍ଟି କରିଥିଲା ନର୍ଦ୍ଦର୍ନ ଆୟର୍ଲାଣ୍ଡ। ବିଲି ବର୍ମିହାମଙ୍କ ନର୍ଦ୍ଦର୍ନ ଆୟର୍ଲାଣ୍ଡ ଦଳ ଅଭିଜ୍ଞ ମାର୍ଟିନ୍ ଓ' ନୀଲଙ୍କ ନେତୃତ୍ୱରେ ଖେଳୁଥାଏ। ପ୍ରଥମ ଦୁଇ ଗ୍ରୁପ୍ ମ୍ୟାଚ ଡ୍ର ରଖିବା ପରେ ଭାଲେନ୍ସିଆରେ ସ୍ପେନ୍‌କୁ ଭେଟୁଥାଏ ନର୍ଦ୍ଦର୍ନଆୟର୍ଲାଣ୍ଡ। ଗେରିଆର୍ମଷ୍ଟ୍ରଙ୍ଗଙ୍କ ଐତିହାସିକ ଗୋଲ ବଳରେ ନର୍ଦ୍ଦର୍ନ ଆୟର୍ଲାଣ୍ଡ ମ୍ୟାଚ ଜିତିବା ସହିତ ଦଳ ନକଆଉଟରେ ପ୍ରବେଶ କରିଥିଲା।

**▶▶୯- ଦକ୍ଷିଣ କୋରିଆ ବନାମ ଇଟାଲୀ(୨-୧)(୨୦୦୨):** ୧୯୮୬-୯୮ ମଧ୍ୟରେ ଦକ୍ଷିଣ କୋରିଆ ମାତ୍ର ୪ଟି ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ ଜିତିଥିଲା। ତେବେ ୨୦୦୨ରେ ଘରୋଇ ଦର୍ଶକଙ୍କ ସାମ୍ନାରେ ଦଳ ଅଭୂତପୂର୍ବ ପ୍ରଦର୍ଶନ କରିଥିଲା। ଗ୍ରୁପ୍ ପର୍ଯ୍ୟାୟରେ ପୋଲାଣ୍ଡ ଓ ପର୍ତ୍ତୁଗାଲ ପରି ଦଳକୁ ପରାସ୍ତ କରିଥିଲା ଦକ୍ଷିଣ କୋରିଆ। ତେବେ କ୍ୱାର୍ଟରରେ ଇଟାଲୀ ବିପକ୍ଷ ମ୍ୟାଚକୁ ୨-୧ରେ ଜିତି ସମସ୍ତଙ୍କୁ ଆଚମ୍ବିତ କରି ଦେଇଥିଲା ହିଡ୍ଡିଙ୍କଙ୍କ ଦଳ।

**▶▶୮- ବୁଲଗେରିଆ ବନାମ ଜର୍ମାନୀ(୨-୧)(୧୯୯୪):** ୧୯୯୦ରେ ବିଶ୍ୱ ଚାମ୍ପିୟନ ଜର୍ମାନୀ ନିଜ ଟାଇଟଲ ଡିଫେଣ୍ଡ କରିବା ପ୍ରୟାସରେ ଥାଏ। ତେବେ କ୍ୱାର୍ଟର ଫାଇନାଲରେ ବେର୍ଟି ଭଗ୍ଟସଙ୍କ ଦଳ ଅପ୍ରତ୍ୟାଶିତ ଭାବରେ ବୁଲଗେରିଆ ନିକଟରୁ ପରାଜିତ ହୋଇଥିଲା। ବାର୍ସେଲୋନା ଷ୍ଟାର ହ୍ରିଷ୍ଟୋ ଷ୍ଟୋଇକୋଭଙ୍କ ଚମତ୍କାର ପ୍ରଦର୍ଶନ ବଳରେ ବୁଲଗେରିଆ ଏହି ମ୍ୟାଚ ଜିତି ନେଇଥିଲା। ଏହା ପୂର୍ବରୁ ଷ୍ଟୋଇକୋଭ ଆର୍ଜେଣ୍ଟିନାକୁ ମଧ୍ୟ ବିଦା କରିଥିଲେ।

**▶▶୭- ସ୍ୱିଜରଲାଣ୍ଡ ବନାମ ସ୍ପେନ୍, (୧-୦) (୨୦୧୦):** ଦକ୍ଷିଣ ଆଫ୍ରିକା ବିଶ୍ୱକପରେ ସ୍ପେନ୍ ଚାମ୍ପିୟନ୍ ହୋଇଥିଲେ ମଧ୍ୟ ଗ୍ରୁପ୍ ପର୍ଯ୍ୟାୟରେ ଦଳ ସ୍ୱିଜରଲାଣ୍ଡ ନିକଟରୁ ଅପ୍ରତ୍ୟାଶିତ ଭାବରେ ପରାଜିତ ହୋଇଥିଲା। ଡର୍ବାନରେ ସ୍ୱିସ୍ ତାରକା ଗେଲସନ୍ ଫର୍ନାଣ୍ଡେସ୍‌ଙ୍କ ଗୋଲ ବଳରେ ୧-୦ରେ ବିଜୟୀ ହୋଇଥିଲା। ତେବେ ଆନ୍ଦ୍ରେ ଇନିଏଷ୍ଟାଙ୍କ ଦଳ ଶେଷରେ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲା।

**▶▶୬- ଉତ୍ତର କୋରିଆ ବନାମ ଇଟାଲୀ (୧-୦) (୧୯୬୬):** ୧୯୬୬ ବିଶ୍ୱକପ୍‌ର ଏହି ବିଜୟ ସହିତ ଏସୀୟ ଫୁଟବଲ ଇତିହାସରେ ନୂତନ ଅଧ୍ୟାୟ ଯୋଡିଥିଲା ଉତ୍ତର କୋରିଆ। ଉତ୍ତର କୋରିଆ ଇତିହାସର ସର୍ବଶ୍ରେଷ୍ଠ ଖେଳାଳି ପାକ୍ ଡୁ ଇକ୍ ଜାତୀୟ ଦଳ ପାଇଁ ସର୍ବଶ୍ରେଷ୍ଠ ମୁହୂର୍ତ୍ତ ପକ୍କା କରିଥିଲେ। ଡୁ ଇକ୍‌ଙ୍କ ଗୋଲ ବଳରେ ଉତ୍ତର କୋରିଆ ନକ୍ ଆଉଟରେ ସ୍ଥାନ ପକ୍କା କରିଥିବା ବେଳେ ଇଟାଲୀ ଟୁର୍ନାମେଣ୍ଟରୁ ବିଦାୟ ନେଇଥିଲା।

**▶▶୫- ୟୁଏସ୍ଏ ବନାମ ଇଂଲଣ୍ଡ (୧-୦) (୧୯୫୦):** ଯୁକ୍ତରାଷ୍ଟ୍ର ଆମେରିକା(ୟୁଏସ୍ଏ) ଦଳରେ ଏକାଧିକ ପାର୍ଟ ଟାଇମର ଖେଳାଳି ରହିଥିଲେ ହେଁ ଦଳ ଜୋଏ ଗାଏଟେନଙ୍କ ଗୋଲ ବଳରେ ବିଜୟୀ ହୋଇଥିଲା। ଏହି ମ୍ୟାଚକୁ ନେଇ ପରେ 'ଦ ଗେମ ଅଫ୍ ଦେୟାର ଲାଇଭ୍ସ' ନାମକ ଚଳଚ୍ଚିତ୍ର ମଧ୍ୟ ନିର୍ମାଣ କରାଯାଇଥିଲା।

**▶▶୪- ରିପବ୍ଲିକ ଅଫ୍ ଆୟର୍ଲାଣ୍ଡ ବନାମ ଇଟାଲୀ(୧-୦)(୧୯୯୪):** ଜ୍ୟାକ୍ ଚାର୍ଲଟନଙ୍କ ଦଳ ଇଟାଲୀ-୯୦ ପରାଜୟର ପ୍ରତିଶୋଧ ନେବା ପାଇଁ ପଡିଆକୁ ଓହ୍ଲାଇଥିଲା। ରେ ହୌଟନଙ୍କ ଗୋଲ ବଳରେ ଆୟର୍ଲାଣ୍ଡ ଅଗ୍ରଣୀ ହାସଲ କରିଥିବା ବେଳେ ଇଟାଲୀ ପକ୍ଷରୁ ମଧ୍ୟ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରାଯାଇଥିଲା। ତେବେ ପଲ ମ୍ୟାକଗ୍ରାଥଙ୍କ ଡିଫେନ୍ସ ବଳରେ ଆୟର୍ଲାଣ୍ଡ ବିଜୟୀ ହୋଇଥିଲା।

**▶▶୩- ଇଟାଲୀ ବନାମ ବ୍ରାଜିଲ(୩-୨)(୧୯୮୨):** କାମ୍ପ ନୋଉରେ ବ୍ରାଜିଲ ୧୨ ବର୍ଷର ଟାଇଟଲ ପ୍ରତୀକ୍ଷାର ଅନ୍ତ ଘଟାଇବାକୁ ପ୍ରୟାସ କରିଥିଲା। ପୂର୍ବରୁ ଇଟାଲୀ ବିପକ୍ଷରେ ଶତ ପ୍ରତିଶତ ବିଜୟ ରେକର୍ଡ ରଖିଥିବା ଦଳ ପାଓଲୋ ରୋସିଙ୍କ ଆଗରେ ହାର ମାନିଥିଲା। ରୋସି ହ୍ୟାଟ୍ରିକ ଅର୍ଜନ କରିଥିବା ବେଳେ ବ୍ରାଜିଲ ଦ୍ୱିତୀୟ ରାଉଣ୍ଡରୁ ବିଦାୟ ନେଇଥିଲା।

**▶▶୨- କାମେରୁନ୍ ବନାମ ଆର୍ଜେଣ୍ଟିନା (୧-୦)(୧୯୯୦):** ୧୨ ବର୍ଷ ପରେ ପ୍ରଥମ ଦଳ ଭାବେ ଟାଇଟଲ ଡିଫେଣ୍ଡ କରିବାକୁ ପ୍ରୟାସ କରି ଜର୍ମାନୀଠାରୁ ହାରିଥିଲା ଆର୍ଜେଣ୍ଟିନା। ତେବେ ଏହି ସଂସ୍କରଣରେ ଏକ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚରେ କାମେରୁନ୍ ନିକଟରୁ ହାରିଥିଲା ମାରାଡୋନଙ୍କ ଦଳ। ଫ୍ରାଁସ୍ୱ ଓମାମ ବିଇକ୍‌ଙ୍କ ଶେଷ ମୁହୂର୍ତ୍ତ ଗୋଲ ବଳରେ କାମେରୁନ୍ ବିଜୟୀ ହୋଇଥିଲା।

**▶▶୧- ସେନେଗାଲ ବନାମ ଫ୍ରାନ୍ସ (୧-୦) (୨୦୦୨):** ଟାଇଟଲ ଡିଫେଣ୍ଡ କରିବା ପାଇଁ ଖେଳୁଥିବା ରୋଜର ଲେମେରଙ୍କ ଫ୍ରାନ୍ସ ୧-୦ରେ ସେନେଗାଲ ନିକଟରୁ ହାରିଥିଲା। ଜିନେଡାଇନ୍ ଜିଡାନଙ୍କ ଅନୁପସ୍ଥିତିରେ ପ୍ୟାଟ୍ରିକ୍ ଭିଏରା ଓ ଥିଏରୀ ହେନେରୀ ଅସହଜ ମନେ ହୋଇଥିଲେ। ପାପା ବୌବା ଡିଓପଙ୍କ ଐତିହାସିକ ଗୋଲ ବଳରେ ସେନେଗାଲ ବିଜୟୀ ହୋଇଥିଲା।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ଢେଙ୍କାନାଳ,ବୁଧବାର, ନଭେମ୍ବର ୨୩/୨୦୨୨ (୮+୮= ୧୬ ପୃଷ୍ଠା) Dhenkanal, Wednesday, November 23/2022 Page 16 ₹ 7.00 | ପୃଷ୍ଠା-୧



**ଶେହଜାଦାର ଟିଜର ଆଉଟ୍**

ବଲିଉଡ୍ ଅଭିନେତା କାର୍ତ୍ତିକ ଆର୍ଯ୍ୟନଙ୍କ ଜନ୍ମଦିନ ଅବସରରେ ତାଙ୍କ ଅଭିନୀତ ଫିଲ୍ମ 'ଶେହଜାଦା'ର ଟିଜର ରିଲିଜ୍ ହୋଇଛି।

୦୨

୦୮

**ସିରାଜ ପ୍ଲେୟର ଅଫ୍ ଦି ମ୍ୟାଚ୍**

ନ୍ୟୁଜିଲାଣ୍ଡ ବିପକ୍ଷ ତୃତୀୟ ଟି୨୦ କ୍ରିକେଟ ମ୍ୟାଚରେ ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଛନ୍ତି ଭାରତୀୟ ବୋଲର ମହମ୍ମଦ ସିରାଜ।



# ଆସାମ-ମେଘାଳୟ ସୀମାରେ ଅଶାନ୍ତି

## ଗୁଳିମାଡ଼ରେ ଫରେଷ୍ଟ ଗାର୍ଡଙ୍କ ସମେତ ୬ ମୃତ

୧୯୭୨ରେ ଆସାମରୁ ଅଲଗା ହୋଇ ମେଘାଳୟ ଏକ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ଲାଭ କରିଥିଲା। ଆସାମ ପୁନର୍ଗଠନ ଆଇନ, ୧୯୭୧କୁ ମେଘାଳୟ ଚ୍ୟାଲେଞ୍ଜ କରିବା ପରେ ସୀମାରେ ଥିବା ୧୨ ଅଞ୍ଚଳରେ ବିବାଦ ଦେଖାଦେଇଥିଲା। ଦୁଇ ପଡ଼ୋଶୀ ରାଜ୍ୟ ମଧ୍ୟରେ ଦୀର୍ଘ ୫୦ ବର୍ଷ ଧରି ଲାଗିରହିଥିବା ସୀମା ବିବାଦର ଅନ୍ତ ଘଟାଇବା ପାଇଁ ଗତ ମାର୍ଚ୍ଚରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଉଦ୍ୟମ କରିଥିଲେ। ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ଉପସ୍ଥିତିରେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଓ ମେଘାଳୟ ପ୍ରତିପକ୍ଷ କନରାଡ୍ ସାଙ୍ଗ୍ମା ଏକ ଐତିହାସିକ ଚୁକ୍ତିରେ ସ୍ୱାକ୍ଷର କରିଥିଲେ। ଏହି ରାଜିନାମା ଅନୁସାରେ ଦୁଇ ରାଜ୍ୟ ସଂଲଗ୍ନ ସୀମାର ୮୮୪.୯ କି.ମି ଅଞ୍ଚଳକୁ ନେଇ ରହିଥିବା ବିବାଦର ୭୦% ସମାଧାନ ହୋଇଗଲା ବୋଲି ସେତେବେଳେ ଶାହା କହିଥିଲେ। କିନ୍ତୁ ଏହି ବିବାଦ ଛିଣ୍ଡିନାହିଁ। ଏହାର ସଦ୍ୟ ଦୃଷ୍ଟାନ୍ତ ହେଉଛି ମଙ୍ଗଳବାର ଘଟିଥିବା ଗୁଳିକାଣ୍ଡ, ଯହିଁରେ ଆସାମର ଜଣେ ଫରେଷ୍ଟ ଗାର୍ଡ ଓ ମେଘାଳୟର ୫ ଗ୍ରାମବାସୀଙ୍କ ମୃତ୍ୟୁ ଘଟିଛି।



ଗୁଳିକାଣ୍ଡ ଘଟିଥିବା ମେଘାଳୟ ସୀମାନ୍ତ ମୁକ୍‌ରୋହ ଗ୍ରାମରେ ମୁତୟନ ହୋଇଥିବା ପୋଲିସ କର୍ମଚାରୀ।

**ଗୁଆହାଟୀ/ ନୂଆଦିଲ୍ଲୀ,୨୨।୧୧(ପି.ଟି.)**

ମେଘାଳୟର ୱେଷ୍ଟ ଜାଇନ୍ତିଆ ହିଲ୍ସର ମୁକ୍‌ରୋହ ଗ୍ରାମରେ ମଙ୍ଗଳବାର ଭୋର ସମୟରେ ବେଆଇନ କାଠ ଚାଲାଣକୁ ନେଇ ହିଂସାକାଣ୍ଡ ଘଟିଛି। କାଠଭର୍ତ୍ତି ଏକ ଟ୍ରକ୍‌କୁ ଆସାମ ବନ ବିଭାଗର ଏକ ଟିମ୍ ଅଟକାଇଥିଲା।

**■ ମେଘାଳୟର ୭ ଜିଲାରେ ମୋବାଇଲ୍ ଇଣ୍ଟରନେଟ ବନ୍ଦ**

ଟ୍ରକ୍‌ଟି ନ ଅଟକି ଦ୍ରୁତଗତିରେ ଫେରାର ହେବାକୁ ଉଦ୍ୟମ କରୁଥିବାବେଳେ ବନ ଅଧିକାରୀମାନେ ଗୁଳି କରି ଏକ ଟାୟାରକୁ ପଙ୍କଚର କରିଦେଇଥିଲେ। ଡ୍ରାଇଭର, ହେଲ୍ପର ଓ ଆଉ ଜଣେ ବ୍ୟକ୍ତିଙ୍କୁ ଧରାଯାଇଥିବାବେଳେ ଅନ୍ୟମାନେ ଖସି ପଳାଇବାରେ ସକ୍ଷମ ହୋଇଥିଲେ। ଫରେଷ୍ଟ ଗାର୍ଡମାନେ ଘଟଣା ସମ୍ପର୍କରେ ଜିରିକେଣ୍ଡିଂ ଥାନାକୁ ସୂଚନା ଦେଇ ପୋଲିସ ସହାୟତା ମାଗିଥିଲେ। ସେଠାରେ ☞ପୃଷ୍ଠା-୭

# ଆଜିଠାରୁ ଦଶମ ଶ୍ରେଣୀ ଏସ୍ଏ-୧ ପରୀକ୍ଷା

**କଟକ ଅଫିସ, ୨୨।୧୧**

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ପ୍ରଥମ ସମ୍ମେଟିଭ ଆସେସମେଣ୍ଟ (ଏସ୍ଏ-୧) ପରୀକ୍ଷା ବୁଧବାରଠାରୁ ଆରମ୍ଭ ହେବ। ରାଜ୍ୟରେ ମୋଟ ୫ଲକ୍ଷ ୩୨ହଜାର ୭୧୨ ପରୀକ୍ଷାର୍ଥୀ ହାଇସ୍କୁଲ ସାର୍ଟିଫିକେଟ ନିମନ୍ତେ ଏହି ପରୀକ୍ଷା ଦେବାକୁ ଫର୍ମପୂରଣ କରିଛନ୍ତି। ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଏହି ପରୀକ୍ଷା ଚାଲିବ। ଏଥିପାଇଁ ବୋର୍ଡ ପକ୍ଷରୁ ୩୦ଜିଲାରେ ୩ ହଜାର ୨୯ଟି ପରୀକ୍ଷା କେନ୍ଦ୍ରର ବ୍ୟବସ୍ଥା କରାଯାଇଛି। ସଂସ୍କୃତ ମଧ୍ୟମାରେ ଚଳିତବର୍ଷ ୨,୯୧୪ଜଣ ପରୀକ୍ଷାର୍ଥୀ ଫର୍ମପୂରଣ କରିଥିବାବେଳେ ସେମାନେ ୧୦୮ଟି ପରୀକ୍ଷା କେନ୍ଦ୍ରରେ ☞ପୃଷ୍ଠା-୭

# ଅମିୟକାନ୍ତ, ଅକ୍ଷୟ ପରିଜାଙ୍କୁ ଇଡି ଜେରା

**ଅର୍ଚ୍ଚନାଙ୍କୁ ୭ଲକ୍ଷ ଦେଇଥିଲେ ଅମିୟ**



ଅମିୟକାନ୍ତ ଦାଶ ଓ ଅକ୍ଷୟ ପରିଜା

**ଭୁବନେଶ୍ୱର,୨୨।୧୧(ବ୍ୟୁରୋ)**

ବହୁଚର୍ଚ୍ଚିତ ମହିଳା ବ୍ଲାକ୍‌ମେଲର୍ ଅର୍ଚ୍ଚନା ନାଗଙ୍କ ବେଆଇନ ଆର୍ଥିକ କାରବାର ନେଇ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ତଦନ୍ତକୁ ଜୋର୍‌ଦାର କରୁଥିବାବେଳେ ଦିନକୁ ଦିନ ନୂଆ ତଥ୍ୟ ସାମ୍ନାକୁ ଆସିବାରେ ଲାଗିଛି। ହନିଟ୍ରାପ୍‌ରେ ଫସି ଟଙ୍କା ଦେଇଥିବା ୧୫ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ନୋଟିସ କରି ଜେରା ପ୍ରକ୍ରିୟା ଆରମ୍ଭ କରିଛି ଇଡି। ମଙ୍ଗଳବାର ବ୍ୟବସାୟୀ ଅମିୟକାନ୍ତ ଦାଶ ଓ ଚଳଚ୍ଚିତ୍ର ପ୍ରଯୋଜକ ଅକ୍ଷୟ ପରିଜା ଏହି ଜେରାର ସାମ୍ନା କରିଛନ୍ତି। ଅମିୟକାନ୍ତ ସକାଳ ପ୍ରାୟ ୯ଟାରେ ନୟାପଲ୍ଲୀସ୍ଥିତ ଇଡି କାର୍ଯ୍ୟାଳୟରେ ହାଜର ☞ପୃଷ୍ଠା-୭

# ୫ ବ୍ୟାକ୍ଟେରିଆ ନେଇଛି ୬.୮ ଲକ୍ଷ ଭାରତୀୟଙ୍କ ଜୀବନ

**ୱାଶିଂଟନ୍, ୨୨।୧୧**

ଜଟିଳ ଓ ପ୍ରାଣଘାତୀ ରୋଗଗୁଡ଼ିକରେ ବିଶ୍ୱର ବହୁ ଲୋକଙ୍କ ମୃତ୍ୟୁ ଘଟୁଛି। ପ୍ରାଣ ହରାଉଥିବା ଲୋକଙ୍କ ମଧ୍ୟରୁ ଅନେକଙ୍କ ପାଇଁ ବ୍ୟାକ୍ଟେରିଆ ସଂକ୍ରମଣ ବା ଇନ୍‌ଫେକ୍ସନ୍ କାଳ ସାଜୁଛି। ଭାରତରେ ମଧ୍ୟ ବହୁ ଲୋକ ସଂକ୍ରମଣଜନିତ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଉପଯୁକ୍ତ ଔଷଧ ଉପଲବ୍ଧ ନ ହେବାରୁ ସେମାନଙ୍କ ମୃତ୍ୟୁ ଘଟୁଛି। ୨୦୧୯ରେ ଇନ୍‌ଫେକ୍ସନ



କାରଣରୁ ଭାରତରେ ମୋଟ ୬.୮ ଲକ୍ଷ ଲୋକଙ୍କ ଜୀବନ ଯାଇଥିବା ଲାନ୍‌ସେଟ୍ ମାଗାଜିନ୍‌ରେ ପ୍ରକାଶିତ ଏକ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଏଥିଲାଗି ୫ ପ୍ରମୁଖ ବ୍ୟାକ୍ଟେରିଆ ଇ.କୋଲି, ଏସ୍. ନିମୋନିଆ, କେ.ନିମୋନିଆ, ଏସ୍. ୟୁରେୟସ୍ ଏବଂ ଏ. ବଉମାନକୁ ଦାୟୀ କରାଯାଉଛି। ଇ.କୋଲି ବ୍ୟାକ୍ଟେରିଆ ସର୍ବାଧିକ ୧.୬ ଲକ୍ଷ ଲୋକଙ୍କ ଜୀବନ ନେଇଛି।

୨୦୧୯ରେ ବ୍ୟାକ୍ଟେରିଆ ସଂକ୍ରମଣ ଯୋଗୁ ବିଶ୍ୱରେ ୭୭ ଲକ୍ଷ ଲୋକଙ୍କ ମୃତ୍ୟୁ ଘଟିଛି। ସେମାନଙ୍କ ମଧ୍ୟରୁ ☞ପୃଷ୍ଠା-୭




## ଏପିବିର ନୂତନ ସେବା

**ଭୁବନେଶ୍ୱର:** ଏୟାରଟେଲ୍ ପେମେଣ୍ଟ୍ସ ବ୍ୟାଙ୍କ (ଏପିବି) ପକ୍ଷରୁ ନିକଟରେ ଏକ ନୂତନ ସେବାର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଏପିବି ଗ୍ରାହକଙ୍କ ପାଇଁ ଫେସ୍ ଅଥେଣ୍ଟିକେଶନ ଆଧାରିତ ସେଭିଙ୍ଗ୍ସ ବ୍ୟାଙ୍କ ଆକାଉଣ୍ଟ ଓପେନିଂ ସେବାର ମଧ୍ୟ ଶୁଭାରମ୍ଭ କରାଯାଇଛି। ଏପିବି ଦେଶର ପ୍ରଥମ ପେମେଣ୍ଟ୍ସ ବ୍ୟାଙ୍କ ଭାବେ ଏହି ସୁବିଧା ପ୍ରଦାନ କରୁଛି। ଏ ସମ୍ପର୍କରେ ଏୟାରଟେଲ୍ ପେମେଣ୍ଟ୍ସ ବ୍ୟାଙ୍କର ଏମ୍‌ଡି ଓ ସିଇଓ ଅନୁବ୍ରତ ବିଶ୍ୱାସ କହିଛନ୍ତି,ଏପିବିରେ ଆମେ ନୂତନ ଟେକ୍ନୋଲୋଜି ସହ ଆମର ଡିଜିଟାଲ ସେବାଗୁଡିକର ଶୃଙ୍ଖଳାକୁ ମଧ୍ୟ ମଜଭୁତ କରିବା ଏବଂ ଆମର ଗ୍ରାହକଙ୍କୁ ଉପଭୋକ୍ତା-ଅନୁକୂଳ ଉନ୍ନତ ଡିଜିଟାଲ ବ୍ୟାଙ୍କିଙ୍ଗ୍ ସମାଧାନ ପାଇଁ ପହଞ୍ଚ ପ୍ରଦାନ କରିବାରେ ବିଶ୍ୱାସ ରଖିଥାଉ।

# ଖସୁଛି ପେଟିଏମ୍‌ର ଶେୟାର ମୂଲ୍ୟ

ନୂଆଦିଲ୍ଲୀ,୨୨।୧୧

ଦେଶର ପ୍ରମୁଖ ଡିଜିଟାଲ ବ୍ୟାଙ୍କିଙ୍ଗ୍ ପ୍ଲାଟ୍‌ଫର୍ମ 'ପେଟିଏମ୍'ର ଶେୟାର କ୍ରମାଗତ ଭାବେ ହ୍ରାସ ପାଇ ଚାଲିଛି। ଫଳରେ ଗତ କିଛି ଦିନ ମଧ୍ୟରେ ପେଟିଏମ୍‌ର ପ୍ୟାରେଣ୍ଟ କମ୍ପାନୀ ୱାନ୍‌୯୭ କମ୍ୟୁନିକେଶନର ଶେୟାର ପ୍ରାୟ ସର୍ବନିମ୍ନସ୍ତରରେ ପହଞ୍ଚିଛି। ଏପରିକି ମଙ୍ଗଳବାର ଭାରତୀୟ ଶେୟାର ମାର୍କେଟରେ କମ୍ପାନୀ ଶେୟାର ୧୧%ରୁ ଅଧିକ ଖସିଥିବା ଜଣାପଡ଼ିଛି। ଫଳରେ କମ୍ପାନୀ ଶେୟାର ୪୭୫.୫୫ ଟଙ୍କା ହୋଇଯାଇଛି। ସେହିଭଳି ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ଫଳାଫଳ ପରେ ଏହାର ବିଶେଷ୍ଲଣ କରାଯାଇଛି। ବଜାର ବିଶେଷଜ୍ଞଙ୍କ ଦ୍ୱାରା କରାଯାଇଥିବା ବିଶେଷ୍ଲଣରୁ ଜଣାପଡ଼ିଛି, କମ୍ପାନୀ(ୱାନ୍‌୯୭ କମ୍ୟୁନିକେଶନ)ର ଇଣ୍ଟ୍ରାଡେରେ ୧୧% ହ୍ରାସ ସହ ୪୭୫.୫୫ ଟଙ୍କାରେ ରହିଛି। ପେଟିଏମ୍ ଶେୟାର ମୂଲ୍ୟରେ ଏହା ଅଲଟାଇମ ଲୋ ବୋଲି ମଧ୍ୟ କୁହାଯାଇଛି। ଏହା ପୂର୍ବରୁ ୨୦୨୨ ମେ ୧୨ରେ ମଧ୍ୟ ଏହାର ଶେୟାର ରେକର୍ଡ ନିମ୍ନଗାମୀ ହୋଇ ୫୧୧ ଟଙ୍କାରେ ରହିଥିଲା। ଅପରପକ୍ଷରେ ଗତ ୨ସପ୍ତାହ ମଧ୍ୟରେ ଉକ୍ତ ଫିନ୍‌ଟେକ୍ କମ୍ପାନୀର ଶେୟାର ପାଖାପାଖି ୨୬% ହ୍ରାସ ଘଟିଛି। ଏହି ଅନୁସାରେ ଏକ ବର୍ଷରେ ଶେୟାର ମୂଲ୍ୟରେ ପାଖାପାଖି ୬୪% ହ୍ରାସ ହୋଇଛି। ବର୍ତ୍ତମାନ ପେଟିଏମ୍ ଶେୟାର ତା'ର ଆଇପିଓ ପ୍ରାଇସ୍ ୨,୧୫୦ ଟଙ୍କାରୁ ୭୮% ତଳକୁ ଖସିସାରିଛି। ଶେୟାର ଲିଷ୍ଟିଂ ଦିନ ଅର୍ଥାତ୍ ୨୦୨୧ ନଭେମ୍ବର ୧୮ରେ କମ୍ପାନୀର ଶେୟାର ୧,୯୬୧ ଟଙ୍କାର ରେକର୍ଡ ସ୍ତରରେ ଖୋଲିଥିଲା। ସେହିପରି ଚଳିତ ବର୍ଷ ନଭେମ୍ବର ୧୭ରେ ସଫ୍ଟ ବ୍ୟାଙ୍କ ମାର୍କେଟ ଟ୍ରାଞ୍ଜାକ୍ସନ ଜରିଆରେ ପେଟିଏମ୍‌ର ପ୍ୟାରେଣ୍ଟ କମ୍ପାନୀ ୱାନ୍‌୯୭ କମ୍ୟୁନିକେଶନର ୪.୫% କୁ ୧,୬୩୧ ଟଙ୍କାରେ ବିକ୍ରି କରିଦେଇଥିଲା। ଏହି ବିକ୍ରୟ ସହ ସଫ୍ଟ ବ୍ୟାଙ୍କରେ ପେଟିଏମ୍‌ର ଶେୟାର ହୋଲ୍ଡିଂସ ୧୭.୪୫%ରୁ ହ୍ରାସ ହୋଇ ୧୨.୯୫% ହୋଇଯାଇଛି। ଚଳିତ ସପ୍ତାହ ପ୍ରାରମ୍ଭରେ ପେଟିଏମ୍‌ରେ ନିବେଶ କରିଥିବା ପ୍ରି ଆଇପିଓ ଇନଭେଷ୍ଟର୍ସଙ୍କ ଲାଗି ଲକ୍ ଇନ୍ ପିରିୟଡ୍ ଶେଷହୋଇଯାଇଛି। ଫଳରେ ବ୍ରୋକ୍‌ରେଜ ଫାର୍ମ ବି ଅଫ୍ ଏ ସିକ୍ୟୁରିଟିଜଙ୍କ ସମୀକ୍ଷକ ପେଟିଏମ୍ ଲାଗି ନ୍ୟୁଟ୍ରଲ ରେକୋମେଣ୍ଡେଶନ କରିଛନ୍ତି। ବ୍ରୋକ୍‌ରେଜ ଫାର୍ମ ପେଟିଏମ୍‌ର ଫଣ୍ଡାମେଣ୍ଟାଲକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି।

## ଶେୟାର ବଜାରରେ ଉତ୍ସାହ

ନୂଆଦିଲ୍ଲୀ,୨୨।୧୧

ଭାରତୀୟ ଶେୟାର ବଜାରର ଫଳାଫଳ କ୍ରମାଗତ ଭାବେ ଉପର ତଳ ହେଉଛି। ଏପରିକି ଚଳିତ ସପ୍ତାହର ୨ୟ କାର୍ଯ୍ୟ ଦିବସର ଫଳାଫଳ ନିବେଶକଙ୍କ ମନରେ ଉତ୍ସାହ ଭରିଦେଇଛି। କାରଣ ବିଗତ ୩ଟି କାର୍ଯ୍ୟଦିବସ କାରବାର ଫଳାଫଳ ଆଶା ଓ ଆଶଙ୍କା ମଧ୍ୟରେ ଶେଷ ହୋଇଥିଲା। ଫଳରେ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ମଧ୍ୟ ହରାଇଛନ୍ତି। ମଙ୍ଗଳବାର ଷ୍ଟକ୍ ବଜାରର ଫଳାଫଳ (ଶେୟାର ମାର୍କେଟ) ଅନୁଯାୟୀ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ର ସେନ୍‌ସେକ୍ସ ୨୭୪ (୨୭୪.୧୨) ପଏଣ୍ଟ ବଢ଼ି ୬୧,୪୧୯ (୬୧,୪୧୮.୯୬) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ରେ ମଧ୍ୟ ୮୪ (୮୪.୨୫) ପଏଣ୍ଟ ବୃଦ୍ଧି ଘଟି ୧୮,୨୪୪(୧୮,୨୪୪.୨୦) ଅଙ୍କରେ ବଜାର ବନ୍ଦ ହୋଇଥିବା ଜଣାପଡ଼ିଛି।

## ଟାଟା ହିଟାଚି ପକ୍ଷରୁ ମାଇନିଂ ମେଶିନ ପ୍ରଦର୍ଶିତ




ଭୁବନେଶ୍ୱର,୨୨।୧୧

ଦେଶର ପ୍ରମୁଖ ମେଶିନାରି ଉତ୍ପାଦକ କମ୍ପାନୀ 'ଟାଟା ହିଟାଚି' ନିକଟରେ ଆଇଏମ୍‌ଏମ୍‌ଇ-୨୦୨୨ ରେ ଅଂଶଗ୍ରହଣ କରି ତା'ର ଶକ୍ତିଶାଳୀ ମାଇନିଂ ମେଶିନଗୁଡ଼ିକୁ ପ୍ରଦର୍ଶିତ କରିଥିଲା। ଏପରିକି ହିଟାଚିର ଶକ୍ତିଶାଳୀ ମାଇନିଂ ଏକ୍ସାଭେଟର ମଡେଲ ଜେଡ୍‌ଏକ୍ସ ୮୭୦ଏଚ୍-୫ଜି ଓ ନୂଆକରି ଶୁଭାରମ୍ଭ ହୋଇଥିବା ଟାଟା ହିଟାଚିର ହ୍ୱିଲ୍ ଲୋଡର, ଜେଡ୍‌ଡବ୍ଲ୍ୟୁ୨୨୫-୬କୁ ପ୍ରଦର୍ଶନ କରିଛି। ଏହାଛଡା କମ୍ପାନୀ ଡ୍ରମ୍ କଟର ମଡେଲ କେଡିସି୪୫, କ୍ୱିକ୍ କପ୍‌ଲର ମଡେଲ ରେଞ୍ଜ୍‌୧୧ ଭଳି ଆଟାଚ୍‌ମେଣ୍ଟ ଓ ପାର୍ଟଗୁଡିକର ମଧ୍ୟ ପ୍ରଦର୍ଶନ କରିଛି, ଯାହାକୁ ମାଇନିଂ ମେଶିନାରିରେ ବ୍ୟବହାର କରାଯାଉଛି।

ଏ ସମ୍ପର୍କରେ ଟାଟା ହିଟାଚିର ପରିଚାଳନା ନିର୍ଦ୍ଦେଶକ ସନ୍ଦୀପ ସିଂହ କହିଛନ୍ତି, 'ଆଇଏମ୍‌ଏମ୍‌ଇରେ ଆମେ ଆମର ହାଇଡ୍ରାଉଲିକ୍ ଏକ୍ସାଭେଟର ଜେଡ୍‌ଏକ୍ସ ୮୭୦ଏଚ୍ ଓ ହ୍ୱିଲ୍ ଲୋଡର୍ ଜେଡ୍‌ଡବ୍ଲ୍ୟୁ ୨୨୫କୁ ପ୍ରଦର୍ଶିତ କରି ଖଣି କ୍ଷେତ୍ରରେ ଆମର ଅତୁଳନୀୟ ଶକ୍ତିକୁ ପ୍ରଦର୍ଶନ କରିଛୁ। ଏହା ସହିତ ଆମେ ମାଇନିଂ ଆଟାଚ୍‌ମେଣ୍ଟ ଓ ପାର୍ଟଗୁଡିକୁ ମଧ୍ୟ ପ୍ରଦର୍ଶନ କରିଛୁ। ଆଇଏମ୍‌ଏମ୍‌ଇ ୨୦୨୨ ଆମକୁ ସମସ୍ତ ଶିଳ୍ପ ହିତାଧିକାରୀଙ୍କ ସହ ନିୟୋଜିତ ଏବଂ ଖଣି କ୍ଷେତ୍ରରେ ଆମର ବିଶେଷଜ୍ଞତାକୁ ପ୍ରଦର୍ଶିତ କରିବା ପାଇଁ ଏକ ପ୍ଲାଟ୍‌ଫର୍ମ ପ୍ରଦାନ କରିଛି।

## ବ୍ୟାଙ୍କ କର୍ମଚାରୀ ସଂଗଠନର ମହା ଅଧିବେଶନ

ଭୁବନେଶ୍ୱର,୨୨।୧୧

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ)ର ଭୁବନେଶ୍ୱର କ୍ଷେତ୍ର କର୍ମଚାରୀ ସଂଘ (ଏସ୍‌ବିଆଇଏସ୍‌ଏ,ଭୁବନେଶ୍ୱର ସର୍କଲ) ପକ୍ଷରୁ ନିକଟରେ ଏକ ବ୍ୟାଙ୍କ କର୍ମଚାରୀ ସଂଗଠନର ମହା ଅଧିବେଶନର ଆୟୋଜନ କରାଯାଇଥିଲା। ଓଡ଼ିଶା ରାଜ୍ୟ ବ୍ୟାଙ୍କ କର୍ମଚାରୀଙ୍କ ରାଷ୍ଟ୍ରୀୟ ସଂଘର ୭ମ ତ୍ରିବାର୍ଷିକ ସାଧାରଣ ସଭା ଓ ଅଖିଳ ଭାରତୀୟ କର୍ମଚାରୀ ସଂଘର ୭୫ତମ ବାର୍ଷିକ ସମ୍ମେଳନ ଏବଂ ୮ ଷ୍ଟେଟ ବ୍ୟାଙ୍କ କର୍ମଚାରୀ ସଂଘର ଶତବାର୍ଷିକୀ ସମାରୋହ ସ୍ଥାନୀୟ କୁରଙ୍ଗ ଶାସନସ୍ଥିତ ମୀରା କୋର୍ଟୟାର୍ଡ-୨ ଠାରେ ଆୟୋଜିତ ହୋଇଯାଇଛି। ଏହି ଅବସରରେ ବ୍ୟାଙ୍କ ସଂଘଗୁଡ଼ିକ ମିଳିତ ମଞ୍ଚର ଆବାହକ ସଞ୍ଜୀବ କୁମାର ବନ୍ଦଲିଶ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲା ବେଳେ ଏସ୍‌ବିଆଇ ଭୁବନେଶ୍ୱର ମଣ୍ଡଳର ମୁଖ୍ୟ ମହାପ୍ରବନ୍ଧକ ଚନ୍ଦ୍ରଶେଖର ଶର୍ମା,ବ୍ୟାଙ୍କ କର୍ମଚାରୀଙ୍କ ରାଷ୍ଟ୍ରୀୟ ସଂଘର ସଭାପତି ଏସ୍.ସି.ବାଲାଜି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଘ ଓ ବ୍ୟାଙ୍କର ବହୁ ବରିଷ୍ଠ ଅଧିକାରୀ ଓ କର୍ମକର୍ତ୍ତାମାନେ ମଧ୍ୟ ଉକ୍ତ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ।

ସେହିଭଳି ବର୍ତ୍ତମାନ ପରିସ୍ଥିତିରେ ଅନେକ ସମସ୍ୟା ଓ ଚ୍ୟାଲେଞ୍ଜ ମଧ୍ୟରେ ବ୍ୟାଙ୍କର କର୍ମଚାରୀମାନେ କାର୍ଯ୍ୟ କରୁଛନ୍ତି। ଏପରିକି ଭାରତୀୟ ଅର୍ଥନୀତିରେ ବ୍ୟାଙ୍କିଙ୍ଗ୍ ଉଦ୍‌ଯୋଗର ଯୋଗଦାନ ଓ ଭବିଷ୍ୟତରେ ଆସୁଥିବା ବିପଦ ଏବଂ ସମସ୍ତ ସଦସ୍ୟଙ୍କ ସର୍ବାଙ୍ଗୀନ କଲ୍ୟାଣ ସମ୍ପର୍କରେ ଅତିଥି ଓ ପ୍ରମୁଖ କର୍ମକର୍ତ୍ତା ମତପ୍ରକାଶ କରିଥିଲେ।

ସେହିପରି ଷ୍ଟେଟ ବ୍ୟାଙ୍କ କର୍ମଚାରୀ ସଂଘ ଭୁବନେଶ୍ୱର ମଣ୍ଡଳର ସଭାପତି ସ୍ୱାଧୀନ କୁମାର ଦାସ ଅତିଥି ପରିଚୟ ପ୍ରଦାନ ସାଙ୍ଗକୁ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ମତପ୍ରକାଶ କରିଥିଲା ବେଳେ ସଂଘର ସାଧାରଣ ସମ୍ପାଦକ ରଘୁନାଥ ପ୍ରସାଦ ଦାସ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଏହି ପରିପ୍ରେକ୍ଷୀରେ ପୂର୍ବତନ ନେତୃବୃନ୍ଦଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରିଶେଷରେ ସଂଘର ଉପ ସାଧାରଣ ସମ୍ପାଦକ ଚିତ୍ତରଞ୍ଜନ ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବେଦାନ୍ତ ପକ୍ଷରୁ 'ଏକ୍ସଟ୍ରୁଜନ୍ ସେଗ୍‌ମେଣ୍ଟ'

ଭୁବନେଶ୍ୱର,୨୨।୧୧



ବେଦାନ୍ତ ଆଲୁମିନିୟମ ପକ୍ଷରୁ ନିକଟରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ଏକ୍ସଟ୍ରୁଜନ୍ ସେଗ୍‌ମେଣ୍ଟ'ର ଆୟୋଜନ କରାଯାଇଥିଲା। ବିଶେଷକରି ଭାରତୀୟ ଏକ୍ସଟ୍ରୁଜନ୍ ଶିଳ୍ପର ଉତ୍ପାଦକତା ବୃଦ୍ଧି ସମ୍ପର୍କରେ ଏକ ବୈଷୟିକ ମାଷ୍ଟରକ୍ଲାସ୍ ମଧ୍ୟ ଅନୁଷ୍ଠିତ ହୋଇଯାଇଛି, ଯେଉଁଥିରେ ଭାରତ ସମେତ ୬୦ରୁ ଅଧିକ ଦେଶର ପ୍ରାୟ ୩୦୦ ଅଂଶଗ୍ରହଣକାରୀ ସାମିଲ ଥିଲେ। ଏପରିକି ମାଷ୍ଟରକ୍ଲାସ ଦୁନିଆର ଜଣାଶୁଣା ଏକ୍ସଟ୍ରୁଜନ୍ ବିଶେଷଜ୍ଞ ଜୋନାଥନ୍ ପାଙ୍ଗବର୍ନଙ୍କ ଦ୍ୱାରା ଉକ୍ତ ଅଧିବେଶନ ପରିଚାଳିତ ହୋଇଥିଲା। ଉଲ୍ଲେଖଯୋଗ୍ୟ, ଜୋନାଥନ୍ ବେଦାନ୍ତର କଷ୍ଟମର ଟେକ୍ନିକାଲ ସର୍ଭିସ୍ (ସିଟିଏସ୍) ସେଲ୍ ପାଇଁ ବିଲେଟ୍ ଏକ୍ସଟ୍ରୁଜନ୍‌ର ବୈଷୟିକ ପରାମର୍ଶଦାତା ଭାବେ କାର୍ଯ୍ୟ କରନ୍ତି।

ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଇଓ ରାହୁଲ ଶର୍ମା କହିଛନ୍ତି, ଭାରତର ବୃହତମ ଆଲୁମିନିୟମ ଉତ୍ପାଦକ ତଥା ଦେଶର ସର୍ବବୃହତ୍ ବିଲେଟ୍ ରପ୍ତାନିକାରୀ ଭାବେ ଆମେ ଗୁଣବତ୍ତା,ବିଶ୍ୱସନୀୟତା ଏବଂ ନିର୍ମାଣ ଉତ୍କର୍ଷର ଧ୍ୱଜା ବହନକାରୀ। ସେହିଭଳି ଜୋନାଥନ କହିଥିଲେ, ଆଲୁମିନିୟମ ଏକ୍ସଟ୍ରୁଜନ୍ ଆଧୁନିକ ମାନବ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ଆବଶ୍ୟକ ରହିଛି। ଏପରିକି ଆମେ ରହୁଥିବା ଘରଠାରୁ ଆରମ୍ଭ କରି ବିମାନ ସେବା ପର୍ଯ୍ୟନ୍ତ ସବୁଥିରେ ଏହାର ପ୍ରୟୋଗ କରାଯାଉଛି। ବେଦାନ୍ତ ଆଲୁମିନିୟମ ଦ୍ୱାରା ମାଷ୍ଟରକ୍ଲାସ୍ ଆକାରରେ ପ୍ରଦାନ କରାଯାଉଥିବା ପ୍ଲାଟ୍‌ଫର୍ମ ପାଇଁ ମୁଁ ଆନନ୍ଦିତ। ଏହି ପରିପ୍ରେକ୍ଷୀରେ ବେଦାନ୍ତ ଆଲୁମିନିୟମର ଚିଫ୍ ମାର୍କେଟିଂ ଅଫିସର ଆଲୋକ ରଞ୍ଜନ ଏବଂ ଗ୍ରାହକ ବୈଷୟିକ ସେବାର ମୁଖ୍ୟ ରାମ ସନ୍ଦୀପନ ଅଧିକାରୀ ଅଧିବେଶନରେ ଅଂଶଗ୍ରହଣକାରୀଙ୍କ ସହ କମ୍ପାନୀର ଅଫର ଏବଂ ଶିଳ୍ପଧାରା ଉପରେ ଅନ୍ତର୍ନିହିତ ସୂଚନା ପ୍ରଦାନ କରିଥିଲେ। ଅପରପକ୍ଷରେ ଦେଶର ପ୍ରମୁଖ ବୈଷୟିକ ବିଶ୍ୱବିଦ୍ୟାଳୟ ଏବଂ ଅନୁଷ୍ଠାନର ଛାତ୍ରୀଛାତ୍ରୀମାନେ ମଧ୍ୟ ଉକ୍ତ ଅଧିବେଶନରେ ଯୋଗଦେଇଥିଲେ।

## ଆଇସିଆଇସିଆଇ ପ୍ରୁ ସୁଖ୍ ସମୃଦ୍ଧିର ଶୁଭାରମ୍ଭ

ଭୁବନେଶ୍ୱର,୨୧।୧୧

ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ୍ ଇନ୍ସ୍ୟୁରାନ୍ସ ପକ୍ଷରୁ ଏକ ନୂଆ ପାର୍ଟିସିପେଟିଙ୍ଗ୍ ସେଭିଙ୍ଗ୍ସ ପ୍ରଡକ୍ଟ 'ଆଇସିଆଇସିଆଇ ପ୍ରୁ ସୁଖ୍ ସମୃଦ୍ଧି'ର ଶୁଭାରମ୍ଭ କରାଯାଇଛି। ଏହା ଗ୍ରାହକଙ୍କୁ ବୋନସ ଆକାରରେ ନିଶ୍ଚିତ ଲାଭ ଓ ଅଭିବୃଦ୍ଧି ସମ୍ଭାବନାର ଦ୍ୱୈତ ଲାଭ ପ୍ରଦାନ କରୁଛି। ଏହାଛଡା ଏହାର ଲାଇଫ୍ କଭର୍ ଆୟ ଅବଧି ସମେତ ପଲିସିର ସମ୍ପୂର୍ଣ୍ଣ ଅବଧି ପାଇଁ ଜାରି ରହିବ। ଯାହା ପରିବାରକୁ ଆର୍ଥିକ ସୁରକ୍ଷା ପ୍ରଦାନ କରିବ। ଏହି ଉତ୍ପାଦ ମହିଳାଗ୍ରାହକଙ୍କୁ ସେମାନଙ୍କ ସଞ୍ଚୟ ଯାତ୍ରା ଆରମ୍ଭ କରିବା ଓ ଆର୍ଥିକ ସ୍ୱାଧୀନତା ହାସଲ କରିବା ପାଇଁ ପ୍ରୋତ୍ସାହିତ କରିବା ଲାଗି ଏକ ଉଚ୍ଚ ମାଚ୍ୟୁରିଟି ଲାଭ ପ୍ରଦାନ କରୁଛି। ଏହି ଦୀର୍ଘାବଧିର ସେଭିଙ୍ଗ୍ ପ୍ରଡକ୍ଟକୁ ଦୁଇଟି ଭାରିଆଣ୍ଟ ଇନ୍‌କମ୍ ଓ ଲମ୍ପ୍ ସମ୍‌ରେ ଉପଲବ୍ଧ କରାଯାଇଛି। ଏ ସମ୍ପର୍କରେ ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ୍ ଇନ୍ସ୍ୟୁରାନ୍ସର ଚିଫ୍ ଡିଷ୍ଟ୍ରିବ୍ୟୁଶନ ଅଫିସର, ଅମିତ୍ ପାଲ୍‌ଟା କହିଛନ୍ତି, ଆଇସିଆଇସିଆଇ ପ୍ରୁ ସୁଖ୍ ସମୃଦ୍ଧି ଗ୍ରାହକଙ୍କୁ ନିଜର ଆର୍ଥିକ ଲକ୍ଷ୍ୟକୁ ପୂରଣ କରିବା ପାଇଁ ସକ୍ଷମ କରିବା ଲାଗି ସ୍ୱତନ୍ତ୍ର ଭାବେ ଡିଜାଇନ୍ କରାଯାଇଛି। ଏହି ବହୁମୁଖୀ ସଂଚୟ ଉତ୍ପାଦ ଏହାର 'ସେଭିଙ୍ଗ୍ସ ୱାଲେଟ୍' ଓ 'ସେଭ୍ ଦ ଡେଟ୍' ଭଳି ଫିଚରଗୁଡିକ ସହ ଗ୍ରାହକଙ୍କୁ ପରିବର୍ତ୍ତିତ ଆବଶ୍ୟକତା ଓ ଜୀବନ ପର୍ଯ୍ୟାୟରେ ଆର୍ଥିକ ଭାବେ ସୁରକ୍ଷିତ ରଖି ନିଜ ଜୀବନର ସଫଳତାକୁ ପାଳନ କରିବାକୁ ସକ୍ଷମ କରୁଛି।

## ଫୁର୍‌ସତ୍



ଅନୁଭବଙ୍କ ସହ ସ୍ୱପ୍ନା।

## 'ଲଭ୍ ଇନ୍ ଲଣ୍ଡନ୍'ରେ ସ୍ୱପ୍ନା

**ଢେଙ୍କାନାଳ ଅଫିସ:** ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ମଡେଲିଂ କରି ଚର୍ଚ୍ଚିତ ଚେହେରା ପାଲଟିଥିବା ଢେଙ୍କାନାଳର ଝିଅ ସ୍ୱପ୍ନା ପ୍ରିୟଦର୍ଶିନୀଙ୍କୁ ପୁଣିଥରେ ରୁପେଲି ପରଦାରେ ଦେଖିବାକୁ ମିଳିବ। ଅପ୍‌କମିଂ ଓଡ଼ିଆ ସିନେମା 'ଲଭ୍ ଇନ୍ ଲଣ୍ଡନ'ରେ ସେ ଅଭିନେତା ଅନୁଭବ ମହାନ୍ତିଙ୍କ ସହ ସ୍କ୍ରିନ୍ ଶେୟାର କରିଛନ୍ତି। ଲଣ୍ଡନରେ ଏହି ସିନେମାର ଶୁଟିଂ ଚାଲିଛି। ଏହା ନଭେମ୍ବର ୩୦ରେ ଶେଷ ହେବ ବୋଲି ଜଣାପଡ଼ିଛି। ଆସନ୍ତା ଜାନୁୟାରୀରେ ଏହି ଚଳଚ୍ଚିତ୍ର ରିଲିଜ ହେବା ସମ୍ଭାବନା ରହିଛି। ଏହି ଫିଲ୍ମର ଏକ ଭିଡିଓ କ୍ଲିପ୍ ସୋସିଆଲ ମିଡିଆରେ ଭାଇରାଲ୍ ହେବା ପରେ ପୁନର୍ବାର ଚର୍ଚ୍ଚାକୁ ଆସିଛନ୍ତି ସ୍ୱପ୍ନା। ବିଗ୍ ବଜେଟର ଓଡ଼ିଆ ଫିଲ୍ମ 'ଲଭ୍ ଇନ୍ ଲଣ୍ଡନ' ସ୍ୱପ୍ନାଙ୍କ ଅଭିନୀତ ଦ୍ୱିତୀୟ ସିନେମା। ଏଥିପୂର୍ବରୁ ସେ 'ଟୁ ଚକୋଲେଟ୍'ରେ ଲିଡ୍ ରୋଲ୍‌ରେ ଅଭିନୟ କରି ଓଲିଉଡ୍‌ରେ ପାଦ ଥାପିଥିଲେ। ଏହାକୁ ବାଦ୍‌ଦେଲେ ମଡେଲିଂ ମଧ୍ୟ ତାଙ୍କର ନିଶା। ୨୦୨୧ରେ ଏମ୍‌ଟିଭିରେ ପ୍ରସାରିତ ସୁପର ମଡେଲ ପ୍ରତିଯୋଗିତାରେ ସେ ଥାର୍ଡ ରନର୍ସ ଅପ୍ ହୋଇଥିଲେ। ସେହିପରି ମ୍ୟାନ୍‌ମାରଠାରେ ଅନୁଷ୍ଠିତ 'ମିସ୍ ଟୁରିଜମ୍ ୟୁନିଭର୍ସ' ପ୍ରତିଯୋଗିତାରେ ମଧ୍ୟ ତୃତୀୟ ସ୍ଥାନ ହାସଲ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସୂଚନାଯୋଗ୍ୟ, ଢେଙ୍କାନାଳ କୁଞ୍ଜକାନ୍ତ ଅଞ୍ଚଳରେ ସ୍ୱପ୍ନାଙ୍କ ପୈତୃକ ଘର। ତାଙ୍କ ବାପା ବିଶ୍ୱଜିତ୍ ରାଉତରାୟ ମୁମ୍ବାଇ ଗୋରେଗାଓଁସ୍ଥିତ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କର ସହାୟକ ମହାପ୍ରବନ୍ଧକ ଭାବେ କାର୍ଯ୍ୟରତ। ମା' ମଧୁମିତା ରାଉତରାୟଙ୍କ ପ୍ରେରଣାରେ ସେ ଗୋଟିଏ ପରେ ଗୋଟିଏ ସଫଳତାର ଶିଡ଼ି ଚଢ଼ି ଚାଲିଛନ୍ତି।

## 'ଶେହଜାଦା' ଟିଜର ଆଉଟ୍

ମୁମ୍ବାଇ



ବଲିଉଡ ଅଭିନେତା କାର୍ତ୍ତିକ ଆର୍ଯ୍ୟନଙ୍କ ପାଇଁ ଆଜିର ଦିନର ଏକ ମହତ୍ୱ ରହିଛି। ମଙ୍ଗଳବାର ଅର୍ଥାତ୍ ନଭେମ୍ବର ୨୨ ହେଉଛି ଅଭିନେତାଙ୍କ ଜନ୍ମଦିନ। ଏଥର ତାଙ୍କ ଜନ୍ମଦିନ ଆହୁରି ଖାସ ହୋଇଯାଇଛି। କାରଣ ତାଙ୍କ ଅଭିନୀତ ଫିଲ୍ମ 'ଶେହଜାଦା'ର ଟିଜର ମଙ୍ଗଳବାର ଆଉଟ ହୋଇଛି। ଆଉ ଏହା ଦର୍ଶକଙ୍କୁ ବେଶ ପସନ୍ଦ ଆସିଛି। ଏହା ଏକ କମେଡି ଆକ୍ସନ ଡ୍ରାମା ଫିଲ୍ମ। ଏଥିରେ କ୍ରିତି ସାନନଙ୍କୁ ବି ଦେଖିବାକୁ ମିଳିବ। ଏହି ଫିଲ୍ମ ଅଲ୍ଲୁ ଅର୍ଜୁନଙ୍କ ତେଲୁଗୁ ହିଟ 'ଅଲା ବୈକୁଣ୍ଠପୁରମୋଲ'ର ହିନ୍ଦି ରିମେକ, ଯାହା ୧୦ ଫେବୃୟାରୀ ୨୦୨୩ରେ ରିଲିଜ ହେବ। ଶହଜାଦାର ଟିଜରରେ କାର୍ତ୍ତିକ ଏକ ଆଲିଶାନ ହବେଲିର ଗେଟରୁ ଘୋଡା ଚଢି ଆସୁଥିବା ଦେଖାଯାଇଛି। ଏହାପରେ ସେ ଦୁଷ୍ଟ ପିଲାମାନଙ୍କୁ ପିଟୁଥିବା ଦେଖାଯାଇଛି। ଏହାସହ ସେ ଲଢାଇ ମଇଦାନରେ ବି ସ୍କୁଟରରେ ନଜର ଆସିଛନ୍ତି। ସୂଚନାଯୋଗ୍ୟ, କ୍ରିତି ସାନନ ସମୁଦ୍ର କୂଳରେ ଶେହଜାଦା ପାଇଁ ଡ୍ୟାନ୍ସ ଓ ୱିଂକ କରୁଥିବା ବେଳେ ଗ୍ଲାମରସ ଲୁକରେ ନଜର ଆସିଛନ୍ତି। ଯେହେତୁ ଏହା ଏକ ତେଲଗୁ ଫିଲ୍ମର ରିମେକ ତେଣୁ ଏଥିରେ ଆକ୍ସନକୁ ଅଧିକ ଗୁରୁତ୍ୱ ଦିଆଯାଇଛି।

## ବିବାହ କରିବେ ଅର୍ଶୀ



**ମୁମ୍ବାଇ:** ବିବାହ କରିବେ ବିଗ୍ ବସ୍ ଫେମ ଅର୍ଶୀ ଖାଁ। ପ୍ରେମିକଙ୍କ ହାତ ଧରିବେ ବୋଲି ନିକଟରେ ଆର୍ଶୀ ଏକ ସାକ୍ଷାତକାରରେ କହିଛନ୍ତି। ହେଲେ ସେ କେବେ ଏବଂ କାହାକୁ ବିବାହ କରିବେ ତାହାକୁ ଗୋପନୀୟ ରଖିଛନ୍ତି। ପୂର୍ବରୁ ଅର୍ଶୀ ଈଶାନ ମସୀହଙ୍କୁ ଡେଟ୍ କରୁଥିଲେ। ଆସନ୍ତା ବର୍ଷ ଦୁହେଁ ବିବାହ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ପ୍ରସ୍ତୁତି ଆରମ୍ଭ ହୋଇଗଲାଣି। ହେଲେ ନିଜ ଜୀବନକୁ ନେଇ କୌଣସି ଚର୍ଚ୍ଚା ହେଉ ବୋଲି ଆର୍ଶୀ ଚାହୁଁନାହାନ୍ତି ବୋଲି ସ୍ପଷ୍ଟ କରିଛନ୍ତି।

## ମଣିଷ ଟିସୁର ପ୍ରିଣ୍ଟ ବାହାର କରିବ 'ମିଟୋ ପ୍ଲସ୍'

ନୂଆଦିଲ୍ଲୀ

ଏଣିକି ମଣିଷ ଟିସୁର ପ୍ରିଣ୍ଟ ଆଉଟ୍ ବାହାରିବ। ବାୟୋଇଙ୍କ୍ ବ୍ୟବହାର କରି ଏହି ପ୍ରିଣ୍ଟ ବାହାର କରାଯିବ। ତେବେ ଏ ନେଇ ଭାରତର ଷ୍ଟାର୍ଟଅପ୍ କମ୍ପାନୀ ମିଟୋ ପ୍ଲାସ ନାମରେ ଏକ ପ୍ରିଣ୍ଟର ମେଶିନ୍ ତିଆରି କରିଛି। ବର୍ତ୍ତମାନ ମିଟୋ ପ୍ରିଣ୍ଟର ବ୍ୟବହାର ବେଙ୍ଗାଲୁରୁସ୍ଥିତ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସାଇନ୍ସ (ଆଇଆଇଏସ୍‌ସି)ରେ ଆରମ୍ଭ କରାଯାଇଛି। ଆଇଆଇଏସ୍‌ସି ଏବଂ ଆଇଆଇଟି ମାଡ୍ରାସ୍ ମିଳିତ ଭାବେ ଥ୍ରୀ-ଡି ବାୟୋପ୍ରିଣ୍ଟରକୁ ତିଆରି କରିଛନ୍ତି। ବର୍ତ୍ତମାନ ଏହି ପ୍ରିଣ୍ଟରର ମୂଲ୍ୟ ୧.୩ ବିଲିୟନ୍ ରହିଥିବାବେଳେ ୨୦୨୭ ବେଳକୁ ଏହା ୩.୩ ବିଲିୟନ୍ ଡଲାରରେ ପହଞ୍ଚିବ। ମେଡିସିନ୍ ତିଆରି କରିବାଠାରୁ ଆରମ୍ଭ କରି ଔଷଧ ପରୀକ୍ଷଣରେ ଏହାକୁ ବ୍ୟବହାର କରାଯାଇ ପାରିବ। ପ୍ଲାଷ୍ଟିକ୍ କିମ୍ବା ପେପରରେ କୌଣସି ପ୍ରିଣ୍ଟ ଆଉଟ୍ ମିଟୋ ପ୍ଲସ୍‌ରୁ ବାହାରି ନ ଥାଏ। ଏହା ବଦଳରେ ଏକାଧିକ ବାୟୋ ମ୍ୟାଟେରିଆଲ ସ୍ତର ଏହାର ପ୍ରିଣ୍ଟଆଉଟ୍‌ରୁ ବାହାରେ।



## ନବୀକରଣ ହେବ କାଉନସିଲ୍ ହଲ୍

**ଅନୁଗୋଳ ଅଫିସ,୨୨।୧୧**

ଅନୁଗୋଳ ପୌରପରିଷଦ ବୈଠକ ମଙ୍ଗଳବାର ଶାନ୍ତି ଶୃଙ୍ଖଳାର ସହ ସମ୍ପନ୍ନ ହୋଇଛି । ଏହି ବୈଠକରେ ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ, ପୌରାଧକ୍ଷ ଅକ୍ଷୟ କୁମାର ସାମନ୍ତ, ଉପାଧକ୍ଷା ଅନୁପମା ସାହୁ, ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ, ଢେଙ୍କାନାଳ ଏମ୍‌ପିଙ୍କ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ରାଉତ ପ୍ରମୁଖ ଯୋଗଦେଇଥିଲେ। ଗତ ମାସରେ ଅନେକ କାଉନସିଲର ବୈଠକକୁ ବର୍ଜନ କରିଥିବାରୁ ଆଜିର ବୈଠକ ବିଶେଷ ମହତ୍ତ୍ୱ ରଖୁଥିଲା। ଅନୁଗୋଳର ପୁଷ୍କରିଣୀଗୁଡିକର ପୁନରୁଦ୍ଧାର ପାଇଁ ଅର୍ଥ ବ୍ୟବସ୍ଥା କରାଯାଇଥିବାରୁ ଏ ନେଇ ଜିଲାପାଳଙ୍କୁ ଧନ୍ୟବାଦ ଦେବାକୁ କାଉନସିଲରମାନେ ପ୍ରସ୍ତାବ ଆଗତ କରିଥିଲେ। ଏହାପରେ ଥାନା ଛକ ଠାରୁ ରାଜା ଛକ ପର୍ଯ୍ୟନ୍ତ ରାସ୍ତା ପାର୍ଶ୍ୱରେ ପୌରପାଳିକା ନିଜସ୍ୱ ଅର୍ଥରେ ସୌନ୍ଦର୍ଯ୍ୟକରଣ କରିବ ବୋଲି ଆଲୋଚନା ହୋଇଥିଲା। ବିଜେଡି ଛକରୁ ମିଶ୍ରପଡା ଛକ ପର୍ଯ୍ୟନ୍ତ ହେଲଥ୍ କରିଡର ସମ୍ପ୍ରସାରଣ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ଉଠା ଦୋକାନୀଙ୍କ ସମସ୍ୟା, ୱାର୍ଡରେ ଝାଡୁଦାର ସମସ୍ୟ, ରାସ୍ତା ଆଲୋକ ସମସ୍ୟା, ୱାର୍ଡ ଅଫିସ ଗଠନ ସମ୍ପର୍କରେ ଆଲୋଚନା ହୋଇଥିଲା। ସେହିପରି ପୌରପାଳିକାର ଥିବା ଟାଉନହଲର ପୁନରୁଦ୍ଧାର କରାଯିବ। କାଉନସିଲ ଭବନର ନବୀକରଣ କରାଯିବ ବୋଲିସ୍ଥିର କରାଯାଇଥିଲା। ଏହି ନବୀକରଣ ଆସନ୍ତା ପରିଷଦ ବୈଠକ ପୂର୍ବରୁ ଶେଷ ହେବ ବୋଲି ନିର୍ବାହୀ ଅଧିକାରୀ ପ୍ରତିଶ୍ରୁତି ଦେଇଥିବା କାଉନସିଲରମାନେ ସୂଚନା ଦେଇଛନ୍ତି।

# ସୁଧାର ଆଣିପାରିବ ସଚେତନତା

- ଛେଣ୍ଡିପଦାରେ ବିବିଧ ଶୃଙ୍ଖଳା ଟିମ୍‌ର ଚଢ଼ାଉ
- ଅତ୍ୟଧିକ ଜରିମାନାକୁ ବ୍ୟବସାୟୀଙ୍କ ନାପସନ୍ଦ
- ସରକାରୀ ନିୟମ ସମ୍ପର୍କରେ ପ୍ରଥମେ ଅବଗତ କରାଯାଉ



**ଛେଣ୍ଡିପଦା, ୨୨।୧୧ (ସ୍ୱ.ପ୍ର.)**

ବଢୁଛି ଅପମିଶ୍ରିତ ଖାଦ୍ୟ ପଦାର୍ଥ ବିକ୍ରି। ଖାଉଟିଙ୍କ ସ୍ୱାସ୍ଥ୍ୟ ସହ ଖେଳୁଛନ୍ତି ଲାଭଖୋର ବ୍ୟବସାୟୀ। ମାପ ଓଜନରେ ମଧ ଠକାଯାଉଛି ଗ୍ରାହକଙ୍କୁ। ଏପରି ଅସାଧୁ ପ୍ରକ୍ରିୟା ଉପରେ ରୋକ୍ ଲଗାଇବାକୁ ପ୍ରଶାସନ ପକ୍ଷରୁ ବିବିଧ ଶୃଙ୍ଖଳା ଟିମ୍ ମାଧ୍ୟମରେ କରାଯାଉଛି ଯାଞ୍ଚ। ହେଲେ ନିୟମିତ ଚଢ଼ାଉ ହେଉ ନ ଥିବା ବେଳେ ଉଠାଦୋକାନୀ, କ୍ଷୁଦ୍ର ବ୍ୟବସାୟୀଙ୍କଠାରୁ ଅଧିକ ଜରିମାନା ଆଦାୟ କରାଯାଉଛି। ଏହାକୁ ବ୍ୟବସାୟୀମାନେ ନାପସନ୍ଦ କରିଛନ୍ତି। ବଡ଼ ବ୍ୟବସାୟ ପ୍ରତିଷ୍ଠାନରେ ଯାଞ୍ଚ ସହ ଛୋଟ ବ୍ୟବସାୟୀମାନଙ୍କୁ ସରକାରୀ ନୀତି ନିୟମ ସମ୍ପର୍କରେ ସଚେତନ କରାଗଲେ ସ୍ଥିତିରେ ସୁଧାର ଆସିପାରିବ ବୋଲି ଛେଣ୍ଡିପଦାର କେତେଜଣ ବ୍ୟବସାୟୀ ମତ ଦେଇଛନ୍ତି।

ଅନୁଗୋଳ ଜିଲା ଛେଣ୍ଡିପଦା ତହସିଲ ଅଞ୍ଚଳରେ ମଙ୍ଗଳବାର ବିବିଧ ଶୃଙ୍ଖଳା ଟିମ୍ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଅନୁଗୋଳ ଉପଜିଲାପାଳ ବୈଦ୍ରୁରା ଦୀପଙ୍କ ନିର୍ଦ୍ଦେଶରେ ଛେଣ୍ଡିପଦା ତହସିଲଦାର ଡାନିଏଲ ଏକ୍କା, ଯୋଗାଣ ବିଭାଗ, ଖାଦ୍ୟ ନିରାପତ୍ତା, ଓଜନ ମାପ ବିଭାଗ, ରାଜସ୍ୱ ଓ ବନ ବିଭାଗ ଅଧିକାରୀମାନେ ଏହି ଚଢ଼ାଉ କରିଥିଲେ। ଏହି ଟିମ୍ ଆଉଁଳି ନଦୀ ବାଲିଘାଟ, ଖମାର ଗ୍ରାମ ମୁଣ୍ଡରେ ଜଗି ରହି ବେଆଇନ ବାଲି ଓ ଇଟା ପରିବହନ କରୁଥିବା ଟ୍ରାକ୍ଟରଗୁଡ଼ିକୁ ଅଟକାଇ ଜରିମାନା ଆଦାୟ କରିଥିଲା। ଏଥିସହ ବାଗଡିଆ ବଜାରରେ ଥିବା ବିଭିନ୍ନ ଦୋକାନ ଚଢାଉ କରିଥିଲା। ଅସ୍ୱାସ୍ଥ୍ୟକର ପରିବେଶରେ ଖାଦ୍ୟ ପ୍ରସ୍ତୁତ ହେଉଥିବାରୁ କେତେଜଣ ଦୋକାନୀଙ୍କଠାରୁ ଜରିମାନା ହୋଇଥିଲା। ଏହାକୁ ସାଧାରଣ ଖାଉଟି ସ୍ୱାଗତ କରିଥିଲେ। ଏପରି ଚଢ଼ାଉକୁ ନିୟମିତ କରିବାକୁ ଦାବି କରିଥିଲେ। ସେହିପରି ଜରିମାନା ଆଦାୟ ପୂର୍ବରୁ ସରକାରୀ ଆଇନ ସମ୍ପର୍କରେ ସଚେତନ କରାଗଲେ ଏହାର ପ୍ରକୃତ ସୁଫଳ ଲୋକଙ୍କୁ ମିଳନ୍ତା ବୋଲି ବ୍ୟବସାୟୀମାନେ କହିଛନ୍ତି।

### ଚଢ଼ାଉକୁ ଜୋର୍‌ଦାର କରାଯାଉ



“ ବିବିଧ ଶୃଙ୍ଖଳା ଟିମ୍ ପକ୍ଷରୁ ଯେଉଁ ଚଢ଼ାଉ କରାଯାଉଛି ତାହା ସ୍ୱାଗତଯୋଗ୍ୟ। ହେଲେ ଏହା ଅସାଧୁ କାରବାର ରୋକିବାରେ ଯଥେଷ୍ଟ ହେଉନାହିଁ। ଚଢ଼ାଉ ପୂର୍ବରୁ ଅସାଧୁ ଦୋକାନୀମାନେ ଦୋକାନ ବନ୍ଦ କରିଦେଉଛନ୍ତି। ତେଣୁ ପ୍ରଶାସନ ବାରମ୍ବାର ଏପରି ଚଢ଼ାଉ କଲେ ଖାଉଟିମାନେ ଉପକୃତ ହୋଇପାରିବେ।

-ପଦ୍ମଚରଣ ମାଝି, ଆଇନଜୀବୀ, ଛେଣ୍ଡିପଦା

### ଆଇନ ସମ୍ପର୍କରେ ଅବଗତ କରାଯାଉ



“ ବଜାରରେ ବହୁ ଛୋଟ ଓ ବଡ ଦୋକାନୀ ଅଛନ୍ତି। ସେମାନଙ୍କ ମଧ୍ୟରୁ ଅନେକେ ସରକାରୀ ନୀତି ନିୟମ ସମ୍ପର୍କରେ ଜାଣିନାହାନ୍ତି। ତେଣୁ ସେମାନଙ୍କଠାରୁ ଅଧିକ ଜରିମାନା ଆଦାୟ ନ କରି ପ୍ରଶାସନ ପ୍ରଥମେ ସେମାନଙ୍କୁ ସଚେତନ କରିବା ଦରକାର। ଏହା ହୋଇପାରିଲେ ଆଉ ଅଧିକ ଅସୁବିଧା ରହିବ ନାହିଁ।

-ସୁଶାନ୍ତ କୁମାର ବେହେରା, ସମ୍ପାଦକ, ବାଗଡିଆ ବଣିକ ସଂଘ

### ଆଗାମୀ ଦିନରେ ଅଧିକ ଯାଞ୍ଚ



“ ଅନୁଗୋଳ ଜିଲାର ଉପଖଣ୍ଡସ୍ତରରେ ଏହି ଚଢାଉ ଦୈନିକ କରାଯାଉଛି। ଏ ନେଇ ଜିଲା ପ୍ରଶାସନ ସ୍ତରରେ ଏକ ଟିମ୍ ଗଠନ କରାଯାଇଛି। ଉକ୍ତ ଟିମ ବିଭିନ୍ନ ସୈରାତ ଉତ୍ସ, ବାଣିଜ୍ୟକ ପ୍ରତିଷ୍ଠାନ ଗୁଡିକରେ ଯାଞ୍ଚ କରୁଛି। ଆଗକୁ ଏପରି ଯାଞ୍ଚ ଯାଞ୍ଚ କରାଯିବ।

-ବୈଦ୍ରୁରା ଦୀପ, ଉପ ଜିଲାପାଳ, ଅନୁଗୋଳ

### ସ୍ୱଚ୍ଛତା ଅତ୍ୟନ୍ତ ନିମ୍ନମାନର



“ ଛେଣ୍ଡିପଦା, ବାଗଡିଆରେ ଚଢ଼ାଉ ବେଳେ ବିଭିନ୍ନ ଦୋକାନରେ ସ୍ୱଚ୍ଛତା ଅତ୍ୟନ୍ତ ନିମ୍ନମାନର ବୋଲି ଦେଖିବାକୁ ମିଳିଛି। ଏ ନେଇ ବିଭିନ୍ନ ଦୋକାନୀ, ଉଠା ଦୋକାନୀଙ୍କୁ ସଚେତନ କରାଯାଇଛି। ସରକାରଙ୍କ ନୀତି ନିୟମ ପାଳନ ଉପରେ ଧାନ ରଖିବା ପାଇଁ ପରାମର୍ଶ ଦିଆଯାଇଛି।

-ଡାନିଏଲ ଏକ୍କା, ତହସିଲଦାର, ଛେଣ୍ଡିପଦା

## ଆଇସିକ୍ୟୁସିସି-୨୨ରେ ଜେଏସ୍‌ପିକୁ ୫ ସ୍ୱର୍ଣ୍ଣ




ଜେଏସ୍‌ପିର ଇଞ୍ଜିନିୟରମାନେ ପାଇଥିବା ସ୍ୱର୍ଣ୍ଣ ପଦକ ପ୍ରଦର୍ଶନ କରୁଛନ୍ତି।

**ଅନୁଗୋଳ ଅଫିସ, ୨୨।୧୧**

ଇଣ୍ଡୋନେସିଆର ଜାକର୍ତ୍ତାଠାରେ ଅନୁଷ୍ଠିତ ଇଣ୍ଟରନ୍ୟାଶନାଲ କନଭେନଶନ ଅନ୍ କ୍ୱାଲିଟି କଣ୍ଟ୍ରୋଲ ସର୍କଲ୍ସ - ୨୨ (ଆଇସିକ୍ୟୁସିସି)ରେ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସ୍‌ପି) ଉତ୍କୃଷ୍ଟ ପ୍ରଦର୍ଶନ କରି ୫ ସ୍ୱର୍ଣ୍ଣ ପଦକ ହାସଲ କରିଛି। ନଭେମ୍ବର ୧୫ରୁ ୧୮ ତାରିଖ ମଧ୍ୟରେ ଅନୁଷ୍ଠିତ ହୋଇଥିବା ଏହି ଅନ୍ତଃରାଷ୍ଟ୍ରୀୟ ପ୍ରତିଯୋଗିତାରେ ଜେଏସ୍‌ପିର ଅନୁଗୋଳ ପ୍ରକଳ୍ପରୁ ୪ଟି ଏବଂ ଟେନ୍‌ସାର ଗୋଟିଏ ଦଳ ଅଂଶଗ୍ରହଣ କରି ବିଭିନ୍ନ ବର୍ଗରେ ଏହି ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି।

ପ୍ରକାଶ ଯେ, ଆଇସିକ୍ୟୁସିସି ହେଉଛି କ୍ୱାଲିଟି କଣ୍ଟ୍ରୋଲ ସର୍କଲ୍ସ କ୍ଷେତ୍ରରେ ସମଗ୍ର ବିଶ୍ୱର ଗ୍ରହଣୀୟ ମାନ୍ୟତା। ଏହି କନଭେନଶନରେ ୧୪ ଗୋଟି ରାଷ୍ଟ୍ରରୁ ୭୫୭ ଜଣ ଇଞ୍ଜିନିୟର ଅଂଶଗ୍ରହଣ କରି ନିଜ ନିଜର ଅନନ୍ୟ କୌଶଳ ପ୍ରଦର୍ଶନ କରିଥିଲେ। ଜେଏସ୍‌ପି ଠାରେ ଟୋଟାଲ ପ୍ରଡକ୍ଟିଭ ମେଣ୍ଟେନାନ୍ସ (ଟିପିଏମ୍) ନିମନ୍ତେ ସର୍ବଦା କାର୍ଯ୍ୟ କରାଯାଇଥାଏ। ଟିପିଏମ୍ ହେଉଛି ଏକ ଜାପାନୀ ପ୍ରକ୍ରିୟା ଏବଂ ଏଥିରେ ପ୍ଲାଣ୍ଟର ସମସ୍ତ କର୍ମଚାରୀ ଲଗାତାର ଭାବରେ ପ୍ରଗତି ନିମନ୍ତେ କାର୍ଯ୍ୟ କରିଥାନ୍ତି। ଏଥିସହିତ ଜେଏସ୍‌ପିରେ କାର୍ଯ୍ୟରତ ଏଭିପି ଏବଂ ମୁଖ୍ୟ (ଟିପିଏମ୍) ଭୁବନ ପ୍ରତାପ କେନ୍ଦ୍ରୀୟ ଟିକ୍ୟୁଏମ୍, ଶକ୍ତି ପରିଚାଳନା, ଆଇସିକ୍ୟୁସିସି ପାଇଁ ସାର୍ଟିଫାଇଡ ବିଚାରକର୍ତ୍ତା ଭାବେ ସ୍ୱୀକୃତି ଲାଭ କରିଛନ୍ତି।

## ଫୁଲ ତୋଳିବାକୁ ଯାଇ ବୁଡ଼ିଗଲେ

**ଛେଣ୍ଡିପଦା,୨୨।୧୧(ସ୍ୱ.ପ୍ର.):** ଛେଣ୍ଡିପଦା ଥାନା ବାଗଡ଼ିଆ ଗାଁର ଜୟ ସେଠୀ (୫୬) ପଦ୍ମଫୁଲ ତୋଳିବାକୁ ଟାଙ୍ଗିରୀ ଯାଇଥିବା ବେଳେ ପାଣିରେ ବୁଡ଼ି ତାଙ୍କର ମୃତ୍ୟୁ ହୋଇଛି। ପୋଲିସ କହିଛି, ଟାଙ୍ଗିରୀ - ପାଟକୁମୁଣ୍ଡା ରାସ୍ତାରେ ଥିବା ଏକ ଗାଡ଼ିଆରୁ ପଦ୍ମଫୁଲ ତୋଳିବାକୁ ଜୟ ପାଣିରେ ପଶିଥିଲେ। ତେବେ ଫୁଲ ତୋଳିବା ବେଳେ ଗଭୀର ପାଣିରେ ବୁଡ଼ିଯାଇଥିଲେ। ଏହା ଦେଖି ସାଙ୍ଗରେ ଯାଇଥିବା ବ୍ୟକ୍ତି ସେଠାରୁ ପଳାଇଥିବା ବେଳେ ରାସ୍ତାରେ ଯାଉଥିବା ଲୋକେ ଜୟଙ୍କୁ ଉଦ୍ଧାର କରିଥିଲେ। ହେଲେ ସେତେବେଳକୁ ତାଙ୍କର ମୃତ୍ୟୁ ହୋଇ ସାରିଥିଲା। ଖବରପାଇ ବାଗଡ଼ିଆ ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ କରୁଛି।






## ସପକ୍ଷବାଦୀ-ବିପକ୍ଷବାଦୀ ମୁହାଁମୁହିଁ

**ଅନୁଗୋଳ ଅଫିସ, ୨୨।୧୧**

ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟରୁ ଟୁଲୁକା ଗ୍ରାମ ବିସ୍ଥାପନ ନେଇ ମଙ୍ଗଳବାର ଏକ ପଲ୍ଲିସଭା କରାଯାଇଥିଲା। ପୁରୁଣାକୋଟ ପଞ୍ଚାୟତ ପକ୍ଷରୁ ଟୁଲୁକାଠାରେ ଏହାର ଆୟୋଜନ ହୋଇଥିଲା। ହେଲେ ଏହି ପଲ୍ଲିସଭାରେ ସପକ୍ଷବାଦୀ-ବିପକ୍ଷବାଦୀ ମୁହାଁମୁହିଁ ହୋଇଥିବା ସୂଚନା ମିଳିଛି। ୱାର୍ଡସଭ୍ୟଙ୍କ ଅନୁପସ୍ଥିତିରେ ଗ୍ରାମ ସଭାପତି ବିମଳ କୁମାର ସାହୁ ଏହି ସଭାରେ ସଭାପତିତ୍ୱ କରିଥିଲେ। ସାତକୋଶିଆ ବନଖଣ୍ଡ ଅଧିକାରୀ ସରୋଜ ପଣ୍ଡା, ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ମାନସ କୁମାର ଭଞ୍ଜଦେଓ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦୁର୍ଗା ଚରଣ ସାହୁ, ସରପଞ୍ଚ ରଶ୍ମିତା ବିଶୋଇ ପ୍ରମୁଖ ଉପସ୍ଥିତ ଥିଲେ। ବନଖଣ୍ଡ ଅଧିକାରୀ ଗ୍ରାମ ବିସ୍ଥାପନ ଏବଂ ସରକାରୀ ପ୍ୟାକେଜ୍ ୨୦ ଲକ୍ଷ ଟଙ୍କା ସହିତ ଜମିବାଡିର କ୍ଷତିପୂରଣ ନେଇ ଆଲୋଚନା କରିଥିଲେ। ଏହାପରେ ସପକ୍ଷବାଦୀ ଗୋଷ୍ଠୀ ଶ୍ରୀଘ୍ର ବିସ୍ଥାପନ ସପକ୍ଷରେ ଯୁକ୍ତି ବାଢିଥିଲେ। କିନ୍ତୁ ଗ୍ରାମ ବିସ୍ଥାପନକୁ ବିରୋଧ କରୁଥିବା ଏକ ଗୋଷ୍ଠୀ ଭିଟାମାଟି ଛାଡିବାକୁ ଅନିଚ୍ଛା ପ୍ରକାଶ କରିଥିଲେ। ଫଳରେ ଉଭୟ ପକ୍ଷ ମଧ୍ୟରେ ପ୍ରବଳ ପାଟିତୁଣ୍ଡ ହୋଇଥିଲା। ଫଳରେ ଗ୍ରାମବାସୀ ପୁନର୍ବାର ବ୍ୟକ୍ତିଗତ ଭାବେ ଗ୍ରାମ ବିସ୍ଥାପନ ନେଇ ଦରଖାସ୍ତ କରିବାକୁ ଡିଏଫଓ ପରାମର୍ଶ ଦେଇଥିଲେ।

## ଧର୍ମପ୍ରାଣ ବ୍ୟକ୍ତିଙ୍କ ପରଲୋକ

**ବଇଣ୍ଡା,୨୨।୧୧ (ଡି.ଏନ.ଏ.)**

ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ପାଇକସାହିର ଧର୍ମପ୍ରାଣ ବ୍ୟକ୍ତି ବ୍ରଜବନ୍ଧୁ ପ୍ରଧାନଙ୍କ ସୋମବାର ରାତିରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଯାଇଛି। ସେ କିଛିଦିନ ତଳେ ଅସୁସ୍ଥ ହୋଇପଡିଥିଲେ। ତାଙ୍କ ମରଶରୀର ବାସଭବନରେ ପହଞ୍ଚିବା ପରେ ଆଖପାଖ ଅଞ୍ଚଳର ବହୁ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ। ତାଙ୍କ ପରଲୋକକୁ ନେଇ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ଶୋକ ପ୍ରକାଶ କରିଛନ୍ତି। ସ୍ୱର୍ଗତ ପ୍ରଧାନ ଖବରଦାତା ବିବେକା ନନ୍ଦ ପ୍ରଧାନଙ୍କ ବାପା।



## ପାର୍କ ପୁନରୁଦ୍ଧାର ପାଇଁ ଦାବିପତ୍ର

**ତାଳଚେର, ୨୨।୧୧ (ନି.ପ୍ର.):** ତାଳଚେର ସହର ପଶ୍ଚିମେଶ୍ୱର ଶିବ ମନ୍ଦିରସ୍ଥିତ ପାର୍କର ପୁନରୁଦ୍ଧାର, ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ଓ ଶୌଚାଳୟ ନିର୍ମାଣ ନିମନ୍ତେ ସତ୍ୟ ସନାତନୀ ସଙ୍ଗଠନ ପକ୍ଷରୁ ମଙ୍ଗଳବାର ଉପଜିଲାପାଳ ବିଶ୍ୱରଞ୍ଜନ ରଥଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଉକ୍ତ ଦାବିପତ୍ରରେ ଦର୍ଶାଯାଇଛି, ଏହି ଶୈବପୀଠକୁ ଦୈନନ୍ଦିନ ଆଖପାଖ ଅଞ୍ଚଳର ଶ୍ରଦ୍ଧାଳୁ ଓ ଭକ୍ତମାନେ ଦର୍ଶନ କରିବା ପାଇଁ ଆସୁଛନ୍ତି। ଏଥିପାଇଁ ଶୈବପୀଠରେ ପାର୍କର ପୁନରୁଦ୍ଧାର, ଶୌଚାଳୟ ଓ ପାନୀୟ ଜଳର ବ୍ୟବସ୍ଥା ଆବଶ୍ୟକ ହୋଇପଡିଛି। ଅନୁଷ୍ଠାନର ଉପଦେଷ୍ଟା ପର୍ଶୁରାମ ବାରିକ, ସଭାପତି ପଦ୍ମନ ଜେନା, ସାଧାରଣ ସମ୍ପାଦକ କୃତୀ ସୁନ୍ଦର ମହାରଣା, ଆର. ପ୍ରିୟା, ରାକେଶ ଆଚାର୍ଯ୍ୟ, ମନୋଜ ରାଉତ, ସୁଶାନ୍ତ କୁମାର ମହାରଣା, ମହେଶ୍ୱର ମହାରଣା, ପ୍ରଦୀପ ମହାରଣା, ଯଶୋବନ୍ତ ବଳବନ୍ତ ନନ୍ଦ, ସୁଶାନ୍ତ ରାଉତ ଓ କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ବେହେରା ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ। ଏଥିସହ ଅନୁଷ୍ଠାନ ପକ୍ଷରୁ ମନ୍ଦିର ପରିସରକୁ ପରିଷ୍କାର ପରିଚ୍ଛନ୍ନ କରାଯାଇଥିଲା।



ସଙ୍ଗଠନ ପକ୍ଷରୁ ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

## ବାର୍ତ୍ତା



ରାଜ୍ୟ ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ପରିଚାଳିତ ୨୦୨୩ ହାଇସ୍କୁଲ୍ ଏବଂ ମଧ୍ୟମା (ସଂସ୍କୃତ)ର ସମାପ୍ତି ସୂଚକ ଆକଳନ-୧ (Summative Assessment-I) ଏବଂ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷା ଚଳିତ ବର୍ଷ ନଭେମ୍ବର ୨୩ରୁ ୩୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଛି। ଏହି ପରୀକ୍ଷା ଛାତ୍ରଛାତ୍ରୀଙ୍କ କ୍ୟାରିଅର ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ। ତେଣୁ ପିଲାମାନେ ଯେପରି ସମ୍ପୂର୍ଣ୍ଣ ଚାପ ମୁକ୍ତ ହୋଇ ପରୀକ୍ଷା ଦେବେ ଏବଂ ଉତ୍ତମ ପ୍ରଦର୍ଶନ କରିବେ, ସେଥିପ୍ରତି ଆମେ ସମସ୍ତେ ଯତ୍ନବାନ ହେବା ଉଚିତ୍। ଶାନ୍ତିପୂର୍ଣ୍ଣ ତଥା ତ୍ରୁଟିଶୂନ୍ୟ ଭାବରେ ପରୀକ୍ଷା ପରିଚାଳନା ପାଇଁ ମୁଁ ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟତ୍ରୀ, ଅଭିଭାବକ ତଥା ଜନସାଧାରଣଙ୍କ ସହଯୋଗ କାମନା କରୁଛି।

ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କୁ ମୋର ଶୁଭକାମନା ଜଣାଇବା ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି।

ନବୀନ ପଟ୍ଟନାୟକ

(ନବୀନ ପଟ୍ଟନାୟକ)

## ବାର୍ତ୍ତା



ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା ଆନୁକୂଲ୍ୟରେ ଚଳିତ ବର୍ଷ ନଭେମ୍ବର ୨୩ରୁ ନଭେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ୨୦୨୩ ହାଇସ୍କୁଲ ଓ ମଧ୍ୟମା (ସଂସ୍କୃତ)ର ସମାପ୍ତି ସୂଚକ ଆକଳନ-୧ (Summative Assessment-I) ଏବଂ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷା ଅନୁଷ୍ଠିତ ହେଉଅଛି। ଏହି ଅବସରରେ ମୁଁ ସମସ୍ତ ପରୀକ୍ଷାର୍ଥୀଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଇବା ସଙ୍ଗେ ସଙ୍ଗେ ସେମାନଙ୍କର ସଫଳତା କାମନା କରୁଛି। ଛାତ୍ର ଜୀବନରେ ମାଟ୍ରିକ୍ ପରୀକ୍ଷା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ପରୀକ୍ଷାର ସଫଳତା ଉଚ୍ଚଶିକ୍ଷାର ଭିତ୍ତିଭୂମି ନିର୍ମାଣ ଦିଗରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥାଏ। ଅତ୍ୟଧିକ ଚାପର ବଶବର୍ତ୍ତୀ ନ ହୋଇ ଛାତ୍ରଛାତ୍ରୀମାନେ ଉତ୍ତମ ଅଧ୍ୟୟନ, କଠିନ ପରିଶ୍ରମ ଓ ଦୃଢ଼ ଆତ୍ମ ବିଶ୍ୱାସକୁ ନେଇ ପରୀକ୍ଷାର ସମ୍ମୁଖୀନ ହୁଅନ୍ତୁ। ସେମାନେ ଏ କ୍ଷେତ୍ରରେ ଶୃଙ୍ଖଳା ଓ ସ୍ୱଚ୍ଛତା ରକ୍ଷା କରିବା ସଙ୍ଗେ ସଙ୍ଗେ ଗଭୀର ବିଶ୍ୱାସ ଓ ଆତ୍ମପ୍ରତ୍ୟୟର ସହିତ ପରୀକ୍ଷାରେ ଅଂଶଗ୍ରହଣ କରିବେ ବୋଲି ମୋର ଆଶା ଓ ବିଶ୍ୱାସ। ପରୀକ୍ଷା ପ୍ରକ୍ରିୟାକୁ ସଫଳତାର ସହ ପରିଚାଳନା କରିବା ନିମନ୍ତେ ସମ୍ପୃକ୍ତ ପଦାଧିକାରୀ, ଶିକ୍ଷକ, ଶିକ୍ଷୟିତ୍ରୀ, ଅଭିଭାବକ ଓ ପ୍ରଶାସନର ସହଯୋଗ କାମନା କରୁଛି।

(ସମୀର ରଞ୍ଜନ ଦାଶ)







## ସଂକ୍ଷେପରେ

### ଗାଡ଼ି ଧକ୍କାରେ ଯୁବକ ମୃତ

**କାମାକ୍ଷାନଗର, ୨୨।୧୧(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା କାମାକ୍ଷାନଗର-କଙ୍କଡ଼ାହାଡ଼ ପୂର୍ତ୍ତ ବିଭାଗ ରାସ୍ତାର ବାଙ୍କମଞ୍ଜରୀ ନିକଟରେ ମଙ୍ଗଳବାର ସନ୍ଧ୍ୟାରେ କୌଣସି ଏକ ଗାଡ଼ି ଧକ୍କାଦେବାରୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପୁରୁଣାରେକୁଳା ଗ୍ରାମର ସଞ୍ଜୟ ଖୁଣ୍ଟିଆ (୪୫)। ସଞ୍ଜୟ ବାଟଗାଁରୁ ଘରକୁ ଫେରୁଥିବାବେଳେ କାମାକ୍ଷାନଗରରୁ କଙ୍କଡ଼ାହାଡ଼ ଆଡକୁ ଯାଉଥିବା କୌଣସି ଗାଡ଼ି ଧକ୍କା ଦେଇ ପଳାଇଥିଲା। ଘଟଣାସ୍ଥଳରେ ସଞ୍ଜୟଙ୍କ ମୃତ୍ୟୁ ହୋଇଯାଇଥିଲା। ଘଟଣାକୁ ନେଇ ଚାପା ଉତ୍ତେଜନା ଦେଖାଦେଇଛି। କାମାକ୍ଷାନଗର ଏସ୍‌ଡିପିଓ ରଞ୍ଜନ କୁମାର ଦେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

### ନାଲ୍‌କୋ ଫୁଟବଲ୍ ଟୁର୍ନାମେଣ୍ଟ: କାର୍ବନ ଏରିୟା ବିଜୟୀ

**ବଁଶପାଳ,୨୨।୧୧(ଡି.ଏନ.ଏ.):** ନାଲ୍‌କୋ ଦ୍ୱାରା ଆୟୋଜିତ ନାଲ୍‌କୋ ଆନ୍ତଃ ବିଭାଗୀୟ ଫୁଟବଲ୍ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ନାଲ୍‌କୋ ସିଏମଡି ଶ୍ରୀଧର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ନାଲ୍‌କୋ ଇଡି ଅମ୍ବିକା ପ୍ରସାଦ ପଣ୍ଡା, ଜିଜିଏମ ଏସ୍.ଏନ୍. ସାହୁ, ଡିଜିଏମ ରାଜାରାମ ମିଶ୍ର, ନାଲ୍‌କୋ ଅଫିସର୍ସ ଆସୋସିଏଶନ ସଭାପତି ପ୍ରଶ୍ନ ମଲ୍ଲିକ, ଅରୁଣ ସାହୁ, ନଳିନୀକାନ୍ତ ପଣ୍ଡା ଯୋଗ ଦେଇଥିଲେ। ପ୍ରଥମ ମ୍ୟାଚ୍ କାର୍ବନ ଏରିୟା ଏବଂ ସର୍ଭିଶେଷ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ଏଥିରେ କାର୍ବନ ଏରିୟା ବିଜୟୀ ହୋଇଛି। ରେଫରି ଭାବେ ବୀଣାପାଣି ବିରୁୟା, ବବଲୀ ଗଡନାୟକ, ଧନେଶ୍ୱର ଗଡ଼ନାୟକ, ଅଶୋକ ପ୍ରଧାନ ପ୍ରମୁଖ ପରିଚଳନା କରିଥିଲେ।

### ସମିତିସଭ୍ୟଙ୍କ ପରଲୋକ



**କାମାକ୍ଷାନଗର, ୨୨।୧୧(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ସାରୁଆଳି ପଞ୍ଚାୟତର ସମିତିସଭ୍ୟ ଶ୍ରୀପତି ନାଏକଙ୍କ ମଙ୍ଗଳବାର ନିଜ ବାସଭବନରେ ପରଲୋକ ହୋଇଯାଇଛି। ସେ ଦୀର୍ଘଦିନ ହେଲା କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଥିଲେ। ତାଙ୍କ ଦେହାନ୍ତ ସୂଚନା ପାଇ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବିଡିଓ ବିକାଶ କୁମାର ମହାନ୍ତି, ବିତ୍ତ ଅଧିକାରୀ ଧୀରେନ କୁମାର ନାୟକ, ବ୍ଲକ ଅଧକ୍ଷ ପ୍ରେମାନନ୍ଦ ସାହୁଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶ୍ରୀପତିଙ୍କ ବାସଭବନରେ ପହଞ୍ଚି ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।

# ସମସ୍ୟା ସୁଧୁରୁ ନ ଥିବାରୁ ଉଦ୍‌ବେଗ

**ଭୁବନ ଏନ୍‌ଏସି ପରିଷଦର ୫ମ ବୈଠକ**

- ୧୩ ଗୋଷ୍ଠୀ ଶୌଚାଳୟ ମଧ୍ୟରୁ ୧୦ଟିରେ ତାଲା
- ବାକି ପଡ଼ିଛି ୯୫ ଲକ୍ଷ ଟଙ୍କା ରାଜସ୍ୱ
- ପରିମଳ ବିପର୍ଯ୍ୟସ୍ତ, ସବୁଠି ଅବ୍ୟବସ୍ଥା



ବୈଠକରେ ନଗରପାଳ, ଉପନଗରପାଳଙ୍କ ସମେତ ଅନ୍ୟମାନେ।

**ଭୁବନ, ୨୨।୧୧(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ଭୁବନ ଏନ୍‌ଏସି ସଭାଗୃହରେ ମଙ୍ଗଳବାର ପରିଷଦର ୫ମ ବୈଠକ ନଗରପାଳ ଶୁଭେନ୍ଦୁ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସହରାଞ୍ଚଳରେ ସବୁଠି ମାଳମାଳ ସମସ୍ୟା ରହିଥିବାବେଳେ ଏଥିରେ ସୁଧାର ଆସୁନାହିଁ, ଯାହାକୁ ନେଇ କାଉନ୍‌ସିଲରମାନେ ଉଦ୍‌ବେଗ ବ୍ୟକ୍ତ କରିଥିଲେ। ବିଭାଗୀୟ ଅଧିକାରୀ ଜନପ୍ରତିନିଧିଙ୍କ ସହ ସମନ୍ୱୟ ରକ୍ଷା କରି ଏ ଦିଗରେ ତ୍ୱରିତ ପଦକ୍ଷେପ ନେବାକୁ ଦାବି ହୋଇଛି।

ପ୍ରାରମ୍ଭରେ ନିର୍ବାହୀ ଅଧିକାରୀ ଶ୍ୟାମସୁନ୍ଦର ସାହୁ ପୂର୍ବ ବୈଠକର ବିବରଣୀ ପାଠ କରିବା ସହ ପ୍ରମୁଖ ସମସ୍ୟାଗୁଡ଼ିକ ଉପସ୍ଥାପନ କରିଥିଲେ। ୧ନଂ. ୱାର୍ଡ କାଉନ୍‌ସିଲର ଗିରିଧାରୀ ସାହୁ ସହରବାସୀ ଭୋଗୁଥିବା ଅସୁବିଧା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ। ବହୁ ଲକ୍ଷ ଟଙ୍କା ବ୍ୟୟରେ ଏନ୍‌ଏସିକୁ ପ୍ରଦାନ କରାଯାଇଥିବା ଫଗିଂ ମେଶିନ୍ ଅଚଳ ହୋଇପଡ଼ିଛି। ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ମଶାଙ୍କ ଦୌରାତ୍ମ୍ୟ ଅତିଷ୍ଠ କଲାଣି। ବିଦ୍ୟୁତ୍ ଖୁଣ୍ଟରେ ଆଲୋକ ଜଳୁନି। ଉନ୍ନୟନ କାର୍ଯ୍ୟରେ କାଉନ୍‌ସିଲରଙ୍କୁ ଗୁରୁତ୍ୱ ଦିଆଯାଉ ନ ଥିବା ନେଇ ସେ କ୍ଷୋଭବ୍ୟକ୍ତ କରିଥିଲେ। ୬ନଂ. ୱାର୍ଡ କାଉନ୍‌ସିଲର ସୁଶାନ୍ତ କୁମାର ନାୟକ ଅଙ୍ଗନୱାଡି କେନ୍ଦ୍ରରେ ହେଉଥିବା ଅନିୟମିତତା, ମେଢ଼ ବିସର୍ଜନ ପାଇଁ କରାଯାଇଥିବା ଅସ୍ଥାୟୀ ପୋଖରୀରେ ଅର୍ଥ ହେରଫେର ଆଦି ପ୍ରସଙ୍ଗ ଉଠାଇଥିଲେ। ମନଇଚ୍ଛା ଆଦାୟ କରାଯାଉଥିବା ଦୈନିକ ହାଟ ମାହାସୁଲ ବଦଳରେ ନିର୍ଦ୍ଧାରିତ ଦର ସ୍ଥିର କରିବା, ଏନ୍‌ଏସିର ଭେଣ୍ଡିଂଜୋନ୍ ଏବଂ ଦୋକାନଗୁଡ଼ିକ ଉପରେ ବାକି ପଡ଼ିଥିବା ୯୫ ଲକ୍ଷ ଟଙ୍କା ରାଜସ୍ୱ ଆଦାୟ, ମଶାବଂଶ ନିୟନ୍ତ୍ରଣ ପାଇଁ ୧୫ଦିନରେ ଥରେ ମଶାତେଲ ସିଞ୍ଚନ କରିବା ନେଇ ସେ ଗୁରୁତ୍ୱାରୋପ କରିଥିଲେ। ୯ନଂ. ୱାର୍ଡ କାଉନ୍‌ସିଲର ପପୁ କୁମାର ସାହୁ ଆଲୋଚନାରେ ଭାଗନେଇ କହିଲେ, ସହରରେ ନିର୍ମିତ ୧୩ ଗୋଷ୍ଠୀ ଶୌଚାଳୟ ମଧ୍ୟରୁ ମାତ୍ର ୩ଟି କାର୍ଯ୍ୟକ୍ଷମ ରହିଛି। ଅବଶିଷ୍ଟ ୧୦ଟିରେ ତାଲା ଝୁଲୁଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରଙ୍କ ଅଭାବରୁ ରୋଗୀସେବା ବ୍ୟାହତ ହେଉଛି। ଆବଶ୍ୟକ ଗାଇଡ୍‌ଲାଇନ୍ ନ ଥିବାରୁ ସହରରେ ଡିଜେ ସାଉଣ୍ଡଜନିତ ଶବ୍ଦ ପ୍ରଦୂଷଣ ବଢୁଛି। ଏହାକୁ ନିୟନ୍ତ୍ରଣ କରିବା ଲାଗି ସ୍ୱତନ୍ତ୍ର ନିୟମ ଆଣିବା ଦିଗରେ ପଦକ୍ଷେପ ନେବାକୁ ସେ ଦାବି କରିଥିଲେ। ଏଥିସହ ପ୍ରତି ୱାର୍ଡରେ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ କରିବା ଲାଗି ସେ ପ୍ରସ୍ତାବ ଦେଇଥିଲେ।

ଏହି ଅବସରରେ ସହରର ସାମଗ୍ରିକ ଉନ୍ନତି କିପରି ହୋଇପାରିବ ସେ ନେଇ ଆଲୋଚନା ହୋଇଥିଲା। ଏନ୍‌ଏସିବାସୀଙ୍କ ସୁବିଧା ଲାଗି ୪ ଆଦର୍ଶ ପୋଖରୀ, ନୂତନ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରାଯିବାକୁ ନିଷ୍ପତ୍ତି ହୋଇଛି। ସେହିପରି ବିଦ୍ୟୁତ୍ ଏବଂ ପରିମଳ ସମସ୍ୟାର ସମାଧାନ ଲାଗି ୪ଜଣ କାଉନ୍‌ସିଲରଙ୍କୁ ନେଇ ୨ଟି ପୃଥକ୍ କମିଟି ଗଠନ କରାଯାଇଛି। ସହରବାସୀଙ୍କ ରାଶନ କାର୍ଡ ସମସ୍ୟାର ସମାଧାନ ଲାଗି ଏନ୍‌ଏସି କାର୍ଯ୍ୟାଳୟରେ ଏକ ସମାଧାନ ପ୍ରକୋଷ୍ଠ କାର୍ଯ୍ୟ କରିବ। ରାଜ୍ୟ ସରକାରଙ୍କ ମୁକ୍ତା ଯୋଜନାରେ ପ୍ରତି ୱାର୍ଡରେ ୧୫ ଲକ୍ଷ ଟଙ୍କା ବିନିଯୋଗରେ ବିକାଶମୂଳକ କାର୍ଯ୍ୟ କରାଯିବ। ଏଥିରେ ବିଭାଗୀୟ ଅଧିକାରୀ ସମସ୍ତ ସହଯୋଗ କରିବେ ବୋଲି ସ୍ଥିର କରାଯାଇଛି। ସହର ଦେଇ ଯାଇଥିବା ୫୩ନଂ. ଜାତୀୟ ରାଜପଥକୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରାଯାଇଥିବାବେଳେ ଖୁବ୍‌ଶୀଘ୍ର ଏହାର ପ୍ରଶସ୍ତୀକରଣ କାର୍ଯ୍ୟ ଆରମ୍ଭ ହେବ। ଏଥିଲାଗି ବିଭାଗୀୟ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା। ଉପନଗରପାଳ ମାନିନୀ ସାହୁଙ୍କ ସମେତ ୧୫ ୱାର୍ଡର କାଉନ୍‌ସିଲର ଏବଂ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ରାସ୍ତାର ପାର୍ଶ୍ୱରେ ଡ୍ରେନ୍ ନିର୍ମାଣ ଦାବି



ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିବା ଅଞ୍ଚଳବାସୀ।

**ଢେଙ୍କାନାଳ ଅଫିସ, ୨୨।୧୧**

ଢେଙ୍କାନାଳ କଲେଜ ବାଇପାସ୍‌ଠାରୁ ବସ୍‌ଷ୍ଟାଣ୍ଡକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗ ରାସ୍ତାର ଉନ୍ନତୀକରଣ କାର୍ଯ୍ୟ ଆରମ୍ଭ ହୋଇଛି। ସହରର ପ୍ରମୁଖ ତଥା ଅନ୍ୟତମ ବ୍ୟସ୍ତବହୁଳ ଏହି ରାସ୍ତାର ଉଭୟ ପାର୍ଶ୍ୱରେ ଡ୍ରେନ୍ ନିର୍ମାଣ କରିବା ପାଇଁ ଦାବି କରିଛନ୍ତି ସମ୍ପୃକ୍ତ ୱାର୍ଡବାସୀ। ଏ ନେଇ ପୌର ଉପାଧକ୍ଷ ପ୍ରକାଶ ଚନ୍ଦ୍ର କୁଅଁରଙ୍କ ନେତୃତ୍ୱରେ କାଉନ୍‌ସିଲର ବଳରାମ ସେଠୀ, ଦୀପ୍ତିରଞ୍ଜନ ସେଠୀ, ପୂର୍ବତନ ନଗରପାଳ ସୁରେନ୍ଦ୍ର ମିଶ୍ର, କାର୍ତ୍ତିକେଶ୍ୱର ପରିଡ଼ା, ରାଜେଶ ଦାସ, ଅବିନାଶ ଦାସ, ପଙ୍କଜ ଦାସ, ସାହିର ମହମ୍ମଦ, ନବୀନ ସାହୁ, ଶ୍ରୀକାନ୍ତ ବେହେରା ପ୍ରମୁଖ ଜିଲାପାଳଙ୍କୁ ଭେଟି ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗରୁ ଜଣାପଡ଼ିଛି, କଲେଜ ବାଇପାସ୍‌ଠାରୁ ଆର୍‌ଟିଓ ଅଫିସ ପର୍ଯ୍ୟନ୍ତ ରାସ୍ତା ପାର୍ଶ୍ୱରେ କୌଣସି ଡ୍ରେନ୍ ନାହିଁ। ବର୍ଷା ହେଲେ ସ୍ଥିତି ବେହାଲ ହୋଇପଡୁଛି। ଲୋକଙ୍କ ଘରେ ପାଣି ପଶୁଛି। କଲେଜପଡା ଉଚ୍ଚ ପ୍ରାଥମିକ ସ୍କୁଲ ପରିସରରେ ପାଣି ଜମିରହୁଛି। ରାସ୍ତାର ଦକ୍ଷିଣପାର୍ଶ୍ୱ କଲେଜ ପାଚେରିକୁ ଲାଗିଥିବା ୫୦ ବର୍ଷ ପୁରାତନ ଡ୍ରେନ୍ ରକ୍ଷଣାବେକ୍ଷଣ ଅଭାବରୁ ଭାଙ୍ଗିରୁଜି ଗଲାଣି। ଏବେ ରାସ୍ତା ସମ୍ପ୍ରସାରଣ କରାଯାଉଥିବା ବେଳେ ରାସ୍ତାର ଉଭୟ ପାର୍ଶ୍ୱରେ ଡ୍ରେନ୍ ନିର୍ମାଣ ପାଇଁ ଦାବି କରିଛନ୍ତି। ଏପରି କି ମନଇଚ୍ଛା କାମ ହେଉଥିବାରୁ ସେମାନେ ସନ୍ଧ୍ୟାରେ ଡ୍ରେନ୍ ନିର୍ମାଣ କାମ ବନ୍ଦ କରିଦେଇଥିବା ଜଣାପଡ଼ିଛି।

# କ୍ରେନ୍ ଅପରେଟର ରବିକୁମାରଙ୍କ ମୃତ୍ୟୁ

**ମେରାମଣ୍ଡଳୀ ଗୁଳିମାଡ଼ ମାମଲା**

**ଢେଙ୍କାନାଳ ଅଫିସ, ୨୨।୧୧**

ଦୀର୍ଘ ୯ଦିନ ଧରି କୋମାରେ ଜୀବନମରଣ ସହ ସଂଘର୍ଷ କରିବା ପରେ ଶେଷରେ ଆଖି ବୁଜିଛନ୍ତି ଗୁଳିମାଡ଼ର ଶିକାର ହୋଇଥିବା ଢେଙ୍କାନାଳ ଜିଲା କଣ୍ଟାବଣିଆ ଥାନା ଟାଟାଷ୍ଟିଲ୍ ମେରାମଣ୍ଡଳୀ କାରଖାନାର କ୍ରେନ୍ ଅପରେଟର ରବିକୁମାର। କଟକସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ସନ୍ଧ୍ୟା ୭ଟାରେ ତାଙ୍କର ମୃତ୍ୟୁ ଘଟିଛି। ଏହି ଘଟଣାରେ ପୂର୍ବରୁ ହତ୍ୟା ଉଦ୍ୟମ ମାମଲା ରୁଜୁ ହୋଇଥିବାବେଳେ ଏହାକୁ ହତ୍ୟା ମାମଲାରେ ରୂପାନ୍ତରିତ କରାଯିବ ବୋଲି ଜଣାପଡ଼ିଛି। ଅନ୍ୟପଟେ ଗୁଳିକାଣ୍ଡରେ ବ୍ୟବହୃତ ପିସ୍ତଲ ଅଦ୍ୟାବଧି ଜବତ ହୋଇପାରି ନ ଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

ସୂଚନାଯୋଗ୍ୟ, ସ୍ତ୍ରୀ ଶ୍ୱେତା ଦେବୀ, ଭିଣୋଇ ରାହୁଲ କୁମାରଙ୍କ ମଧ୍ୟରେ ଗଢ଼ିଉଠିଥିବା ପରକୀୟ ସମ୍ପର୍କ ପ୍ରଘଟ ହେବାପରେ ରବିକୁମାରଙ୍କୁ ରାସ୍ତାରୁ ସବୁଦିନ ପାଇଁ ହଟାଇ ଦେବାକୁ ଷଡ଼ଯନ୍ତ୍ର କରାଯାଇଥିଲା। ଘଟଣାଦିନ ଅର୍ଥାତ୍ ୧୪ ତାରିଖରେ ରବିକୁମାର କମ୍ପାନୀରୁ ଫେରୁଥିବାବେଳେ



ରବି କୁମାର।

ତାଳବାହାଳି ଗ୍ରାମ ରାସ୍ତା ପାର୍ଶ୍ୱରେ ରାହୁଲ ଏକ ଦେଶୀ ବନ୍ଧୁକରୁ ତାଙ୍କ ମୁଣ୍ଡକୁ ଅତି ନିକଟରୁ ଗୁଳି କରିଥିଲେ। ଏହି ଘଟଣାରେ ପୋଲିସ ଅଭିଯୁକ୍ତ ଶ୍ୱେତା, ରାହୁଲ ଏବଂ ହତ୍ୟାକାଣ୍ଡରେ ସମ୍ପୃକ୍ତ ରାହୁଲଙ୍କ ଅନ୍ୟତମ ସହଯୋଗୀ ଗୌତମ କୁମାରଙ୍କୁ ଗିରଫ କରିଥିଲା। ସୂଚନାଯୋଗ୍ୟ, ବିହାର ରାଜ୍ୟର ରବି କୁମାର, ରାହୁଲ କୁମାର ଏବଂ ଗୌତମ କୁମାର ଟାଟାଷ୍ଟିଲ୍ ମେରାମଣ୍ଡଳୀରେ ନିୟୋଜିତ ଥିବା ଠିକାସଂସ୍ଥା ରାକେଶ କଶ୍ୟପ ଆଣ୍ଡ୍ କମ୍ପାନୀରେ କ୍ରେନ୍ ଅପରେଟର ଭାବେ କାମ କରୁଥିଲେ।

# ମହିମା ଗାଦିରୁ ଉଚ୍ଛେଦକୁ ନିନ୍ଦା

**ଢେଙ୍କାନାଳ ଅଫିସ, ୨୨।୧୧**

ମହିମାଗାଦିର ତୃତୀୟ ବେଢ଼ାରୁ ହୋଇଥିବା ଉଚ୍ଛେଦକୁ ପୂର୍ବତନ ବିଧାୟକ ନବୀନ ନନ୍ଦ ଏବଂ ମହିମା ଜ୍ୟୋତିଯାତ୍ରା ସଂଯୋଜକ ପ୍ରଦ୍ୟୁମ୍ନ ରଥ ନିନ୍ଦା କରିଛନ୍ତି। ପୂର୍ବତନ ବିଧାୟକ ନନ୍ଦ ନିଜ ପ୍ରତିକ୍ରିୟାରେ କହିଛନ୍ତି, ମହିମା ଗାଦି କୋଟି କୋଟି ମହିମା ଧର୍ମାବଲମ୍ବୀଙ୍କ ଭାବାବେଗ ସହ ଜଡ଼ିତ। ୧୯୨୯ରେ ନିର୍ମିତ ଧୁନି ମନ୍ଦିର ଏବଂ କୌପୀନଧାରୀ ବାବାଙ୍କ ଆଶ୍ରୟସ୍ଥଳକୁ ଭଙ୍ଗାଯିବା ନିନ୍ଦନୀୟ। ମନ୍ଦିର କାହା ସ୍ୱାର୍ଥରେ ବ୍ୟାଘାତ ଆଣୁଥିଲା ବୋଲି ସେ ପ୍ରଶ୍ନ କରିଛନ୍ତି। ସେ ଆହୁରି କରିଛନ୍ତି ମହିମା ଧର୍ମର ବାଣୀ 'ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ, ଦେଖୁ ଦେଖୁ କିବା ସହୁ; ମୋ ଜୀବନ ପଛେ ନର୍କେ ପଡ଼ିଥାଉ, ଜଗତ ଉଦ୍ଧାର ହେଉ' ବାଣୀ ବିଶ୍ୱ ଦରବାରରେ ପ୍ରଶଂସିତ ହେଉଥିବାବେଳେ ସେହି ଧର୍ମର ଅସହିଷ୍ଣୁ ସନ୍ନ୍ୟାସୀ ସମାଜକୁ କ'ଣ ବାର୍ତ୍ତା ଦେବାକୁ ଚାହୁଁଛନ୍ତି ବୋଲି କହି ସେ ଉଦ୍‌ବେଗ ବ୍ୟକ୍ତ କରିଛନ୍ତି। ଜ୍ୟୋତିଯାତ୍ରା ସଂଯୋଜକ ରଥ କହିଛନ୍ତି, ବିବାଦରେ ମୂଳ ରାୟ କ'ଣ ଥିଲା ଏବଂ ଏହାକୁ ଉଲ୍ଲଂଘନ କରାଯାଇଛି କି ନାହିଁ, ସେ ସମ୍ପର୍କରେ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଏବଂ ଉତ୍ତର କେନ୍ଦ୍ରାଞ୍ଚଳ ଆଇଜି ତଦନ୍ତ କରନ୍ତୁ ବୋଲି ସେ ଦାବି କରିଛନ୍ତି।

# ସମ୍ବଲପୁରକୁ ହରାଇ ଫାଓ ବିଜୟୀ




ମ୍ୟାଚର ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କୃତ କରାଯାଉଛି।

**ଢେଙ୍କାନାଳ ଅଫିସ, ୨୨।୧୧**

ଢେଙ୍କାନାଳ ଷ୍ଟାଡିୟମ୍ ଚାଲିଥିବା ୪ର୍ଥ ସର୍ବଭାରତୀୟ ଆମନ୍ତ୍ରଣ କପ୍ ଫୁଟ୍‌ବଲ ପ୍ରତିଯୋଗିତାର ମଙ୍ଗଳବାର ଅନୁଷ୍ଠିତ ମ୍ୟାଚ୍‌ରେ ଓଡ଼ିଶା ଫୁଟ୍‌ବଲ ଆସୋସିଏଶନ (ଫାଓ) ୩–୦ ଗୋଲ୍‌ରେ ସମ୍ବଲପୁର ଫୁଟ୍‌ବଲ କ୍ଲବକୁ ପରାସ୍ତ କରିଛି। ପ୍ରାରମ୍ଭରୁ ପଡ଼ିଆରେ ପ୍ରାଧାନ୍ୟ ବିସ୍ତାର କରିଥିଲେ ଫାଓ ଖେଳାଳି। ମ୍ୟାଚ୍‌ର ୨୦ତମ ମିନିଟ୍‌ରେ ଅମର ଲାକ୍ରା, ୩୭ତମ ମିନିଟରେ ଏସ୍.କେ. ଫରିଦ ଏବଂ ୬୩ତମ ମିନିଟ୍‌ରେ ରାଜେଶ ନାୟକ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଅନ୍ୟ ରକ୍ଷଣ ଭାଗ ଖେଳାଳି ସମ୍ବଲପୁରକୁ ପ୍ରତ୍ୟାବର୍ତ୍ତନର କୌଣସି ସୁଯୋଗ ଦେଇ ନ ଥିଲେ। ମୁଖ୍ୟ ରେଫରିଭାବେ ଆଶୀର୍ବାଦ କାନୁନ୍‌ଗୋ, ସହାୟକ ରେଫରି ଭାବେ ଅରୁଣ ନାୟକ, ଅନିଲ ନନ୍ଦ, ଶଶିକାନ୍ତ ଦାସିଆ ମ୍ୟାଚ୍ ପରିଚାଳନା କରିଥିଲେ। ମାୟାଧର ସାହୁ ମ୍ୟାଚ କମିଶନର ଦାୟିତ୍ୱ ତୁଲାଇଥିଲେ।

ଆକର୍ଷଣୀୟ କ୍ରୀଡ଼ା କୌଶଳ ପ୍ରଦର୍ଶନ କରିଥିବା ବିଜୟୀ ଦଳର ଅମର ଲାକ୍ରାଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ଚୟନ କରାଯାଇଥିଲା। ବିଶିଷ୍ଟ ସାମାଜିକ କର୍ମୀ ଗଙ୍ଗାଧର ସାମଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ତାଙ୍କୁ ପୁରସ୍କୃତ କରିଥିଲେ। ସମ୍ମାନିତ ଅତିଥି ଭାବେ ହାଇଦ୍ରାବାଦ ସାଗର ସିମେଣ୍ଟର ଚିଫ ମାର୍କେଟିଂ ଅଫିସର ରାଜେଶ ସିଂ, ଜି.ଏମ୍. ରାଜେଶ ମେନନ, ଆଞ୍ଚଳିକ ପରିଚାଳକ ପି. କେ. ତ୍ରିପାଠୀ, ସେଲ୍ସ ମ୍ୟାନେଜର ସୁବାଶିଷ ମହାନ୍ତି, ସାମାଜିକ କର୍ମୀ ଅଶୋକ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ପ୍ରେମାନନ୍ଦ ମହାନ୍ତ, ସରୋଜ ପାଢ଼ୀ ଧାରା ବିବରଣୀ ଦେଇଥିବାବେଳେ ଜିଲା କ୍ରୀଡ଼ା ସଂଘ ଉପସଭାପତି ସଞ୍ଜୟ କୁମାର ଭଞ୍ଜ, ସମ୍ପାଦକ ନଳିନୀ କୁମାର ଦାସ ପ୍ରମୁଖ ସହଯୋଗ କରିଥିଲେ। ବୁଧବାର ମର୍ନିଂ କ୍ଲବ ଗୋଆ ଏବଂ ହାଇଦ୍ରାବାଦ ଅର୍ଟିଲେରି ମଧ୍ୟରେ ମ୍ୟାଚ୍ ଖେଳାଯିବ।

# ଦି ଫୁଡ୍ କାସାଲ ଉଦ୍‌ଘାଟିତ

**ବଁଶପାଳ,୨୧।୧୧(ଡି.ଏନ.ଏ.):**

ଅନୁଗୋଳ ଜିଲା ବଁଶପାଳସ୍ଥିତ ସାମଲ କେୟାର ହସ୍ପିଟାଲ ନିକଟରେ ମଲ୍ଟି କ୍ୟୁଜନ ରେଷ୍ଟୁରାଣ୍ଟ 'ଦି ଫୁଡ୍ କାସାଲ' ଉଦ୍‌ଘାଟିତ ହୋଇଯାଇଛି। ଅଞ୍ଚଳରେ ଗ୍ରାହକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ଏହି ଶୀତତାପ ନିୟନ୍ତ୍ରିତ ରେଷ୍ଟୁରାଣ୍ଟ ଆରମ୍ଭ ହୋଇଛି। ଏଠାରେ ୬୦ଜଣ ଅତିଥି ଏକସାଙ୍ଗରେ ଖାଇବାର ସୁବିଧା ରହିଛି। ପରିବାର ସହିତ ବସି ଖାଇବାର ମଜା ନେବା ପାଇଁ ସ୍ୱତନ୍ତ୍ର କକ୍ଷର ବ୍ୟବସ୍ଥା କରାଯାଇଛି। ସକାଳେ ସାଉଥ୍ ଇଣ୍ଡିଆନ ଜଳଖିଆଠାରୁ ଆରମ୍ଭ କରି ମଧ୍ୟାହ୍ନ ଭୋଜନ, ସନ୍ଧ୍ୟା ସମୟର ସ୍ନାକ୍ସ ଏବଂ ରାତ୍ରିଭୋଜନର ବ୍ୟବସ୍ଥା ମଧ୍ୟ କରାଯାଇଛି। ଏହି ଉନ୍ନତମାନର ରେଷ୍ଟୁରାଣ୍ଟ ଆଗାମୀ ଦିନରେ ଅତିଥିଙ୍କ ଖାଇବାର ଚାହିଦା ପୂରଣ କରିବା ସହିତ ଲୋକପ୍ରିୟ ହେବ ବୋଲି ଏହାର ମାଲିକ କହିଛନ୍ତି।

# ନୂତନ ମତଦାତାଙ୍କୁ ସଚେତନ

**ବଇଣ୍ଡା,୨୨।୧୧(ଡି.ଏନ.ଏ.)**

୧୮ ବର୍ଷ ହେବା ମାତ୍ରେ କିଭଳି ଭୋଟର ପରିଚୟ ପତ୍ର ପାଇବେ ସେ ନେଇ ସରକାର ଏକ ସ୍ୱତନ୍ତ୍ର ବ୍ୟବସ୍ଥା କରିଛନ୍ତି। ସେଥିପାଇଁ ସମସ୍ତ ୧୭ ବର୍ଷରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଭୋଟର ପରିଚୟ ପତ୍ର ପାଇଁ ଆବେଦନ କରନ୍ତୁ। ମଙ୍ଗଳବାର କିଶୋରନଗର ଡିଗ୍ରୀ କଲେଜ ପରିସରରେ ଉପଖଣ୍ଡ ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ନୂତନ ମତଦାତାଙ୍କ ପଞ୍ଜୀକରଣ ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ ଏହି ପରାମର୍ଶ ଦେଇଛନ୍ତି। କଲେଜ ଅଧକ୍ଷ ଅକ୍ଷୟ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉପଜିଲାପାଳ ତରଣୀ ସୁନା ଯୋଗଦେଇ କିଭଳି ସମସ୍ତେ ପଞ୍ଜୀକରଣରେ ଅଂଶଗ୍ରହଣ




କରିବେ ତାହା ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟତମ ଅତିଥି ଭାବେ ତହସିଲଦାର ଶାନ୍ତିସ୍ୱରୂପ ମିଶ୍ର, ସହକାରୀ ଜିଲାପାଳ କୁଳମଣି ଦଳେଇ, ଅତିରିକ୍ତ ବିଡିଓ ଦିଲୀପ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଜୟକୃଷ୍ଣ ପ୍ରଧାନ ସ୍ୱାଗତ ଭାଷଣ ଦେଇଥିବାବେଳେ ତରଣୀ ସାହୁ ଧନ୍ୟବାଦ ଦେଇଥିଲେ।

# ମାଛଚାଷରେ ଜିଲାକୁ ୧ନଂ. କରିବାକୁ ଆହ୍ୱାନ

**ଢେଙ୍କାନାଳ ଅଫିସ, ୨୨।୧୧**

ଢେଙ୍କାନାଳ ଜିଲା ମତ୍ସ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟରେ ସୋମବାର ମତ୍ସ୍ୟ ଦିବସ ପାଳିତ ହୋଇଯାଇଛି। ଜିଲାର ବିଭିନ୍ନ ସ୍ଥାନରୁ ୮୦ ମତ୍ସ୍ୟ ଚାଷୀ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ ଏବଂ ଉଦ୍ୟୋଗୀ ଉପସ୍ଥିତ ଥିଲେ। ଜିଲାପାଳ ସରୋଜ କୁମାର ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲାକୁ ମାଛ ଚାଷରେ ୧ନଂ. କରିବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅନୁଗୋଳ ମଣ୍ଡଳର ଉପ ମତ୍ସ୍ୟ ନିର୍ଦ୍ଦେଶିକା ବବିତା ମହନ୍ତ, ଜିଲା ମତ୍ସ୍ୟ ଅଧିକାରୀ ଶୁଭସ୍ମିତା ଘଡ଼େଇ, ପୂର୍ବତନ ଜିଲା ମତ୍ସ୍ୟ ଅଧିକାରୀ ପ୍ରଦୀପ କିଶୋର ଭୂୟାଁ, ପ୍ରାଣୀଧନ ସମ୍ପଦ ବିଭାଗ, କୃଷି ବିଭାଗ, ଜଳଛାୟା, କୃଷି ବିଜ୍ଞାନ କେନ୍ଦ୍ର ପ୍ରମୁଖ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ। ଏହି ଅବସରରେ ଅଗ୍ରଣୀ ମତ୍ସ୍ୟ ଚାଷୀ ଓ ସ୍ୱୟଂ ସହାୟକ ଗୋଷ୍ଠୀକୁ ପୁରସ୍କୃତ କରାଯାଇଥିଲା।




ମତ୍ସ୍ୟ ଦିବସ ପାଳନ ଅବସରରେ ଜଣେ ଏସ୍‌ଏଚ୍‌ଜି ସଦସ୍ୟାଙ୍କୁ ଜିଲାପାଳ ପୁରସ୍କୃତ କରୁଛନ୍ତି।

# ଆଖିକୁ ବାଲି ଫିଙ୍ଗିଲେ, ଖୁରରେ କାଟିଲେ

- ପୋଲିସ ହାତରୁ ଖସୁଛି ପରଜଙ୍ଗ
- ପୁଣି ମାତିଲେ ମୁଖାଧାରୀ ଲୁଟେରା
- ଝାମ୍ପି ନେଲେ ୧ ଲକ୍ଷ ଟଙ୍କା

**ପରଜଙ୍ଗ, ୨୨।୧୧(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ପରଜଙ୍ଗ ଅଞ୍ଚଳରେ ଲୁଟେରା ଗ୍ୟାଙ୍ଗ ଆତଙ୍କ ଥମିବାର ନାଁ ଧରୁନାହିଁ। ବ୍ୟସ୍ତବହୁଳ ସଡ଼କରେ ମାରଣାସ୍ତ୍ରଧାରୀ ଅପରାଧୀମାନେ ପୋଲିସକୁ ଖୋଲା ଚ୍ୟାଲେଞ୍ଜ ଦେଇ ଘଟାଇ ଚାଲିଛନ୍ତି ଗୋଟିଏ ପରେ ଗୋଟିଏ ଅପରାଧ। ପୋଲିସ କେବଳ ତଦନ୍ତ ଚାଲିଛି କହି ପ୍ରସଙ୍ଗକୁ ହାଲୁକା ଭାବେ ନେଉଥିବାବେଳେ ଅଞ୍ଚଳବାସୀ ଅସୁରକ୍ଷିତ ଅନୁଭବ କଲେଣି, ଯାହାକୁ ନେଇ ପୋଲିସ ବିରୋଧୀ ଅସନ୍ତୋଷ ଦାନା ବାନ୍ଧିବା ଆରମ୍ଭ କଲାଣି। ମଙ୍ଗଳବାର ଅପରାହ୍ନରେ ୩ଜଣ ମୁଖାଧାରୀ ଲୁଟେରା ହାତୀଲୁଚାଣି ଛକ ନିକଟରେ ଜଣେ ବ୍ୟକ୍ତିଙ୍କ ଆଖିରେ ବାଲି ଫିଙ୍ଗିବା ସହ ଖୁରରେ କାଟି ୧ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ଲୁଟ୍‌ର ଶିକାର ହୋଇଛନ୍ତି ସିଂହଡ଼ା ଗ୍ରାମର ନୀହାର ରଞ୍ଜନ ସାହୁ। ସ୍ପଷ୍ଟ ଦିବାଲୋକରେ ଅଭିଯୁକ୍ତଙ୍କ ଏଭଳି କାଣ୍ଡ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି।



ନୀହାର ରଞ୍ଜନ ସାହୁ

ପୋଲିସ ନିକଟରେ ହୋଇଥିବା ଅଭିଯୋଗ ଅନୁଯାୟୀ, ନୀହାର ପରଜଙ୍ଗ ୟୁକୋ ବ୍ୟାଙ୍କରୁ ୧ ଲକ୍ଷ ଟଙ୍କା ଉଠାଇ ବାଇକ୍‌ରେ ଘରକୁ ଫେରୁଥିଲେ। ୫୩ନଂ. ଜାତୀୟ ରାଜପଥଠାରୁ କୁଆଲୋ ଆଡ଼କୁ ଯାଇଥିବା ପୂର୍ତ୍ତ ବିଭାଗ ରାସ୍ତାର ହାତୀଲୁଚାଣି ଛକ ନିକଟରେ ଏକ ବାଇକ୍‌ରେ ୩ଜଣ ମୁଖାଧାରୀ ଯୁବକ ତାଙ୍କୁ ଓଭରଟେକ୍ କରି ଗାଡ଼ି ଅଟକାଇଥିଲେ। ଏହାପରେ ଆଖିରେ ବାଲି ଫିଙ୍ଗି ଏକ ଧାରୁଆ ଛୁରିରେ ଆକ୍ରମଣ କରି ପାଖରେ ଥିବା ୧ ଲକ୍ଷ ଟଙ୍କା ଛଡ଼ାଇ ନେଇ କୁଆଲୋ ଗ୍ରାମ ଆଡ଼କୁ ଫେରାର ହୋଇଯାଇଥିଲେ। ସୂଚନା ପାଇ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏ ନେଇ ଥାନାଧିକାରୀ ପ୍ରଶାନ୍ତ କୁମାର ପାତ୍ର କୁହନ୍ତି, ଘଟଣାର ତଦନ୍ତ ଆରମ୍ଭ କରାଯାଇଛି। ତେବେ ପାରିପାର୍ଶ୍ୱିକ ସ୍ଥିତିକୁ ନେଇ ସନ୍ଦେହ ସୃଷ୍ଟି ହୋଇଥିବା ସେ କହିଛନ୍ତି।

## ଢାବା ପାଲଟିଛି ଅସାମାଜିକଙ୍କ ଆଡ୍ଡା

ଅଞ୍ଚଳବାସୀଙ୍କ କହିବା କଥା, ପରଜଙ୍ଗ ଅଞ୍ଚଳରେ ଆଇନଶୃଙ୍ଖଳା ଭୁଶୁଡ଼ି ପଡ଼ିଛି। ସାରା ଅଞ୍ଚଳରେ ଅବାଧ ମଦ କାରବାର ହେଉଛି। ମଦ୍ୟପମାନେ ରାସ୍ତାପାର୍ଶ୍ୱରେ ମଦ ପିଉଛନ୍ତି। ଢାବାଗୁଡ଼ିକ ବିଳମ୍ବିତ ରାତି ପର୍ଯ୍ୟନ୍ତ ଖୋଲା ରହୁଛି। ସେଠାରେ ଅସାମାଜିକମାନେ ଆଡ୍ଡା ଜମାଉଛନ୍ତି। ଲୁଟ୍‌ର ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରାଯାଉଛି। ପୋଲିସ ପକ୍ଷରୁ ପାଟ୍ରୋଲିଂ କଡ଼ାକଡ଼ି ହେଉନାହିଁ, ଯାହାର ସୁଯୋଗ ନେଉଛନ୍ତି ଲୁଟେରା ଗ୍ୟାଙ୍ଗ୍। କିଛିଦିନ ତଳେ ଥାନାଠାରୁ ଅନତି ଦୂରରେ ରହୁଥିବା ରାଶନ ବ୍ୟବସାୟୀ ବିନୟ କୁମାର ସାହୁଙ୍କ ଘରୁ ସଶସ୍ତ୍ର ଡକାୟତି ହୋଇଥିଲା। ରାତି ପ୍ରାୟ ୮ଟାରେ କେତେଜଣ ଲୁଟେରା ତାଙ୍କ ଘରେ ପଶି ପରିବାର ସଦସ୍ୟଙ୍କୁ ଭୟଭୀତ କରାଇବା ସହ ବହୁ ଲକ୍ଷ ଟଙ୍କା ଓ ସୁନା ଗହଣା ଲୁଟି ନେଇଥିଲେ। ସେହିପରି ଲଳିତା କ୍ଲଥ୍ ଷ୍ଟୋରରୁ ରାତି ୯ଟାରେ ଫାଙ୍କା ଗୁଳିଚାଳନା କରି ଦୋକାନୀଙ୍କ ସୁନାଚେନ ଲୁଟି ନେଇଥିଲେ ଲୁଟେରା। ଉଭୟ ଘଟଣାରେ ପୋଲିସ ସନ୍ଧାନୀ କୁକୁର, ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ କରିଥିଲେ ମଧ୍ୟ ଅଭିଯୁକ୍ତ ଧରାପଡ଼ିନାହାନ୍ତି। ଏଥି ପ୍ରତି ଏସ୍‌ପି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଭାରତ ଯୋଡ଼ୋ ଯାତ୍ରାରେ ଆଜି ଯୋଗଦେବେ ପ୍ରିୟଙ୍କା



ପ୍ରିୟଙ୍କା ଗାନ୍ଧୀ ଭଦ୍ରା

**ନୂଆଦିଲ୍ଲୀ ,୨୨।୧୧(ପି.ଟି.)**

କଂଗ୍ରେସର ଭାରତ ଯୋଡ଼ୋ ଯାତ୍ରା ବୁଧବାର ମଧ୍ୟପ୍ରଦେଶରେ ପ୍ରବେଶ କରୁଥିବାବେଳେ ଦଳର ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଏଥିରେ ସାମିଲ ହେବେ ବୋଲି ବରିଷ୍ଠ ନେତା ଜୟରାମ ରମେଶ ସୂଚନା ଦେଇଛନ୍ତି। ଗତ ସେପ୍ଟେମ୍ବର ୭ରେ ତାମିଲନାଡୁର କନ୍ୟାକୁମାରୀରୁ ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ଭାରତ ଯୋଡ଼ୋ ଯାତ୍ରା ଆରମ୍ଭ ହୋଇଥିଲା। ବର୍ତ୍ତମାନ ସୁଦ୍ଧା ଏହା ତାମିଲନାଡୁ, କେରଳ, କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା ଏବଂ ମହାରାଷ୍ଟ୍ର ଅତିକ୍ରମ କରିଛି। ଏହି ପଦଯାତ୍ରାରେ ପ୍ରଥମ ଥର ପାଇଁ ପ୍ରିୟଙ୍କା ସାମିଲ ହେବାକୁ ଯାଉଛନ୍ତି। ମଙ୍ଗଳବାର ପଦଯାତ୍ରୀମାନେ ବିଶ୍ରାମ ନେଇଥିବାବେଳେ ବୁଧବାର ଯାତ୍ରା ବୁରହାନ୍‌ପୁର ନିକଟରେ ମଧ୍ୟପ୍ରଦେଶରେ ପ୍ରବେଶ କରିବ। ପ୍ରିୟଙ୍କା ସେଠାରେ ଅନ୍ୟମାନଙ୍କ ସହ ସାମିଲ ହେବେ ଏବଂ ୪ ଦିନ ରହିବେ। ମଧ୍ୟପ୍ରଦେଶର ଖଣ୍ଡୱା, ଇନ୍ଦୋର, ଉଜ୍ଜୟିନୀ ଆଦି ଜିଲା ଅତିକ୍ରମ କରି ଡିସେମ୍ବର ୪ରେ ଯାତ୍ରା ରାଜସ୍ଥାନରେ ପ୍ରବେଶ କରିବ। ରାହୁଲ ଦୁଇଟି ଜ୍ୟୋତିର୍ଲିଙ୍ଗ ମନ୍ଦିର ଖଣ୍ଡୱାର ଓମ୍‌କାରେଶ୍ୱର ଏବଂ ଉଜ୍ଜୟିନୀର ମହାକାଳେଶ୍ୱର ପରିଦର୍ଶନ କରିବେ। ସେ ତାନ୍ତିଆ ମାମାଙ୍କ ଜନ୍ମସ୍ଥାନ ଭ୍ରମଣ କରିବେ ଏବଂ ୨୯ରେ ଇନ୍ଦୋରରେ ଏକ ଖବରତାଦା ସମ୍ମିଳନୀ କରିବେ ବୋଲି ମଧ୍ୟପ୍ରଦେଶ କଂଗ୍ରେସ ସୂତ୍ରରୁ ଜଣାପଡ଼ିଛି।

# ଥରୁରଙ୍କ ଗସ୍ତକୁ ନେଇ କେରଳ କଂଗ୍ରେସ ଦୁଇଭାଗ

**ନୂଆଦିଲ୍ଲୀ,୨୨।୧୧**

ବରିଷ୍ଠ କଂଗ୍ରେସ ନେତା ଶଶୀ ଥରୁରଙ୍କ ମାଲାବାର ଗସ୍ତକୁ ନେଇ କେରଳ କଂଗ୍ରେସରେ ଫାଟ ଦେଖାଦେଇଛି। ତାଙ୍କର ଏହି ୪ ଦିନିଆ ଗସ୍ତରେ ବହୁ ଲୋକ ସାମିଲ ହୋଇଥିଲେ। ତେବେ ରାଜ୍ୟ କଂଗ୍ରେସରେ ଗୋଷ୍ଠୀବାଦକୁ ବରଦାସ୍ତ କରାଯିବ ନାହିଁ ବୋଲି ବିରୋଧୀ ଦଳ ନେତା ଭି.ଡି. ସାଥିସାନ୍ କହିଛନ୍ତି। ଥରୁରଙ୍କ ଗସ୍ତକୁ ନେଇ କଂଗ୍ରେସରେ ବିବାଦ ଜୋର୍‌ଦାର ହୋଇଛି। ଥରୁର ଗୋଷ୍ଠୀଙ୍କ ଶକ୍ତି ବୃଦ୍ଧିକୁ ନେଇ ରାଜ୍ୟ କଂଗ୍ରେସ ନେତାମାନେ ବିବ୍ରତ ହୋଇପଡ଼ିଛନ୍ତି। ସେ କାହାକୁ ଭୟ କରନ୍ତି ନାହିଁ, ଓ ତାଙ୍କୁ ଭୟ କରିବାର କୌଣସି କାରଣ ନାହିଁ ବୋଲି ଥରୁର କହିଛନ୍ତି। ଯଦିଓ ଦଳ ପକ୍ଷରୁ ଆନୁଷ୍ଠାନିକ ଭାବେ ତାଙ୍କ ଗସ୍ତକୁ ବିରୋଧ କରାଯାଇ ନାହିଁ, ତେବେ ଜଣେ ନେତା ତାଙ୍କ ନାଁ ନ ନେଇ ଚେତାବନୀ ଦେଇଛନ୍ତି। ବିଧାନସଭା ନିର୍ବାଚନରେ ଦୁଇଥର ପରାଜିତ ହୋଇଥିବା କଂଗ୍ରେସର ସ୍ଥିତି ସୁଧୁରୁଥିବାବେଳେ ରାଜ୍ୟରେ ଦଳର ସମାନ୍ତରାଳ କାର୍ଯ୍ୟକ୍ରମକୁ ସୁଯୋଗ ଦିଆଯିବ ନାହିଁ ବୋଲି ସାଥିସାନ୍ କହିଛନ୍ତି।

କୋଝିକୋଡ୍‌ରେ ଥରୁରଙ୍କ ପାଇଁ ହେବାକୁ ଥିବା ଯୁବକଂଗ୍ରେସ ସମାବେଶ ସ୍ଥଗିତ ରହିବା ପରେ ଗୋଟିଏ ଗୋଷ୍ଠୀ କଂଗ୍ରେସ ନେତାଙ୍କ ଚକ୍ରାନ୍ତ ପଦାରେ ପଡ଼ିଯାଇଛି। ଯୁବକଂଗ୍ରେସ ପକ୍ଷରୁ ରବିବାର 'ସଂଘ ପରିବାର ଓ ଧର୍ମନିରପେକ୍ଷତା ପ୍ରତି ଚ୍ୟାଲେଞ୍ଜ' ଶୀର୍ଷକରେ ସେମିନାର ହେବାର ଥିଲା। ଏହାକୁ ଅଘୋଷିତ ଭାବେ ନିଷେଧ କରାଯାଇଥିବା ଥରୁରଙ୍କ ସମର୍ଥକମାନେ କହିଛନ୍ତି।



ମହାରାଷ୍ଟ୍ର ରାଜ୍ୟପାଳ ଭଗତସିଂ କୋଶିଆରି ଛତ୍ରପତି ଶିବାଜୀଙ୍କ ବିଷୟରେ ଦେଇଥିବା ମନ୍ତବ୍ୟକୁ ବିରୋଧ କରି ସୋଲାପୁରସ୍ଥିତ ଛତ୍ରପତି ଶିବାଜୀ ମହାରାଜ ଚୌକରେ ମଙ୍ଗଳବାର କଂଗ୍ରେସ ପକ୍ଷରୁ କରାଯାଇଥିବା ମାନବଶୃଙ୍ଖଳ।

# ଭାଜପା ଇସ୍ତାହାର ପ୍ରତିଶ୍ରୁତି ପାଳନ କରିନି: ବିଜେଡି

**ଭୁବନେଶ୍ୱର, ୨୨।୧୧(ବ୍ୟୁରୋ)**

ଚାଷୀ ପ୍ରସଙ୍ଗରେ ବିଜେଡି ଓ ଭାଜପା ମଧ୍ୟରେ ତୁ ତୁ ମେ ମେ ଲାଗି ରହିଛି। ଉଭୟ ଦଳ ପରସ୍ପର ବିରୋଧରେ ଦୋଷ ଲଦିବା ଆରମ୍ଭ କରିଦେଇଛନ୍ତି। ତେବେ ଚାଷୀଙ୍କ ପ୍ରତି କେନ୍ଦ୍ର ସରକାରଙ୍କ ଅବହେଳାର ଅଭିଯୋଗ ଆଣି ବିଜେଡି ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର କହିଛନ୍ତି, ୨୦୧୪ ନିର୍ବାଚନୀ ଇସ୍ତାହାରରେ ଭାଜପା କହିଥିଲା ଉତ୍ପାଦିତ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ୧.୫ ଗୁଣ ବୃଦ୍ଧି କରିବେ। କିନ୍ତୁ ସେମାନେ ତାହା କଲେ ନାହିଁ। ସେହିଭଳି କୃଷକଙ୍କ ଆୟକୁ ଦ୍ୱିଗୁଣିତ କରିବେ କହି କୃଷକଙ୍କୁ ପ୍ରତାରଣା କରିଛନ୍ତି। ପ୍ରତିଶ୍ରୁତି ଅନୁଯାୟୀ ସେମାନେ ସେଭଳି କିଛି କରିନାହାନ୍ତି। ଆସନ୍ତା ଦିନରେ ଭାଜପାକୁ ଏହାର ଉଚିତ୍ ଜବାବ ମିଳିବ ବୋଲି ସସ୍ମିତ କହିଛନ୍ତି।

## ଧାନ କିଣା ଦାୟିତ୍ୱରେ ଥିବା ମନ୍ତ୍ରୀ କର୍ତ୍ତବ୍ୟ ଭୁଲିଗଲେଣି: ଭାଜପା

ରାଜ୍ୟର ଚାଷୀ ସେମାନଙ୍କ କଷ୍ଟ ଉପାର୍ଜିତ ଧାନକୁ ଠିକ ମୂଲ୍ୟ ଏବଂ ବ୍ୟବସ୍ଥିତ ଭାବେ ବିକ୍ରି କରିବାକୁ ଚାହିଁ ରହିଛନ୍ତି। ହେଲେ ଏହି ବିଭାଗର ମନ୍ତ୍ରୀମାନେ ଏବେ ପଦ୍ମପୁର ଉପନିର୍ବାଚନ ପ୍ରଚାରରେ ମାତିଛନ୍ତି। ଧାନ କିଣା ଦାୟିତ୍ୱରେ ଥିବା କୃଷି ଏବଂ ସମବାୟ ଓ ଯୋଗାଣ ମନ୍ତ୍ରୀ ଯଦି ନିଜ କର୍ତ୍ତବ୍ୟକୁ ଭୁଲି ଦଳୀୟ ସ୍ୱାର୍ଥ ପାଇଁ କାର୍ଯ୍ୟ କରିବେ ତେବେ ସୁବ୍ୟବସ୍ଥିତ ଧାନ କିଣାର ତଦାରଖ ଏବଂ ଚାଷୀ ସମସ୍ୟାର ସମାଧାନ କିଏ କରିବ ବୋଲି ମଙ୍ଗଳବାର ଭାଜପା ରାଜ୍ୟ ଉପସଭାପତି ଭୃଗୁ ବକ୍ସିପାତ୍ର ପ୍ରଶ୍ନ କରିଛନ୍ତି।

# ରମାଙ୍କ ବୋହୂଙ୍କୁ ଜିତାଇବାକୁ ଜଗି ବସିଛନ୍ତି ଉମା

**ଭୁବନେଶ୍ୱର, ୨୨।୧୧(ବ୍ୟୁରୋ)**

ପୁରୀ ଜିଲା ସତ୍ୟବାଦୀ ନିର୍ବାଚନମଣ୍ଡଳୀର ରାଜନୈତିକ ପାଣିପାଗ ସବୁବେଳେ ଭିନ୍ନ। ସତ୍ୟବାଦୀର ବିଧାୟକ ଉମାକାନ୍ତ ସାମନ୍ତରାୟ ଏବଂ ପୂର୍ବତନ ବିଧାୟକ ରମାରଞ୍ଜନ ବଳିୟାରସିଂଙ୍କ ରାଜନୈତିକ ଲଢ଼େଇ କଥା ମଧ୍ୟ ନିର୍ବାଚନମଣ୍ଡଳୀର ସମସ୍ତଙ୍କୁ ଭଲଭାବେ ଜଣା। ହେଲେ ଏବେ ପଦ୍ମପୁର ଉପନିର୍ବାଚନରେ ଏଭଳି ଦୃଶ୍ୟ ଦେଖିବାକୁ ମିଳୁଛି ଯାହା ସତ୍ୟବାଦୀ ଭୋଟରଙ୍କୁ ଆଶ୍ଚର୍ଯ୍ୟଚକିତ କରି ରଖିଛି। ରମା ରଞ୍ଜନଙ୍କ ବୋହୂ ବର୍ଷା ସିଂ ବରିହାଙ୍କୁ ଜିତାଇବା ଲାଗି ଉମାକାନ୍ତ ସାମନ୍ତରାୟ ଯାଇ ପଦ୍ମପୁର ନିର୍ବାଚନମଣ୍ଡଳୀର ପଦ୍ମପୁର ବ୍ଲକ ୧ ନମ୍ବର ଜୋନ୍‌ର ଚାରପାଲୀ ପଞ୍ଚାୟତକୁ ଜଗି ବସିଛନ୍ତି। ରାଜନୈତିକ ଶତ୍ରୁଙ୍କ ବୋହୂଙ୍କ ପାଇଁ ଉମା ଯାଇ ପ୍ରଚାର କରିବା କଥାକୁ ସତ୍ୟବାଦୀ ଭୋଟର ହଜମ କରିପାରୁନାହାନ୍ତି।

ଯଦି ଇତିହାସକୁ ଦେଖିବା ଉମାକାନ୍ତ ସାମନ୍ତରାୟ ଏବଂ ରମାରଞ୍ଜନ ବଳିଆରସିଂଙ୍କ ମଧ୍ୟରେ ଦୀର୍ଘଦିନ ହେଲା ପ୍ରତିଦ୍ୱନ୍ଦ୍ୱିତା ଲାଗି ରହିଛି। ୨୦୦୪ରେ ରମା ସତ୍ୟବାଦୀ ଆସନରୁ ସ୍ୱାଧୀନ ପ୍ରାର୍ଥୀ ହୋଇ ୫୨,୨୦୧ ଖଣ୍ଡ ଭୋଟ ପାଇ ପ୍ରଥମ ଥର ଲାଗି ବିଜୟୀ ହୋଇଥିଲେ। ସେତେବେଳେ ବିଜେଡି ଶଙ୍କର ପରିଡ଼ାଙ୍କୁ ପ୍ରାର୍ଥୀ କରିଥିଲା। ଏହି ନିର୍ବାଚନରେ କଂଗ୍ରେସରୁ ପ୍ରସାଦ ହରିଚନ୍ଦନ ପ୍ରାର୍ଥୀ ହୋଇଥିବା ବେଳେ ମୋଟ ୪୮,୮୦୭ ଖଣ୍ଡ ଭୋଟ୍ ପାଇଥିଲେ। ଶଙ୍କର ପରିଡ଼ା ମାତ୍ର ୧୪,୮୮୩ ଖଣ୍ଡ

### ରାଜନୀତିର ଅଜବ ଦୃଶ୍ୟ, ଭାଜପା ନେତାଙ୍କ ଘରୁ ବିଜେଡି ପ୍ରାର୍ଥୀ

ଭୋଟ ପାଇଥିଲେ। ହେଲେ ୨୦୦୯ରେ ବିଜେଡି ଉମାଙ୍କୁ ଟିକେଟ ଦେଇଥିଲା। ଫଳରେ ରମା ସ୍ୱାଧୀନ ପ୍ରାର୍ଥୀ ହେଲେ। ପ୍ରସାଦଙ୍କୁ କଂଗ୍ରେସ ପ୍ରାର୍ଥୀ କରିଥିଲା। ପ୍ରସାଦ ୪୪,୮୬୨ ଖଣ୍ଡ ଭୋଟ ପାଇଥିବାବେଳେ ଉମାଙ୍କୁ ୩୬,୫୮୨ ଏବଂ ରମା ୩୧,୯୮୭ ଖଣ୍ଡ ଭୋଟ ପାଇଥିଲେ। ତେଣୁ ଉମା ଓ ରମା କଳିରେ ପ୍ରସାଦ ଏହି ନିର୍ବାଚନରେ ବାଜି ମାରି ନେଇଥିଲେ। ଏହାପରେ ୨୦୧୪ରେ ପୁଣି ରମା ଓ ଉମାଙ୍କ କଳି ଦେଖିବାକୁ ମିଳିଥିଲା। ଏହି ନିର୍ବାଚନରେ ବିଜେଡି ରମାଙ୍କୁ ଟିକେଟ ଦେବା ଯୋଗୁ ଉମା ସେଥର ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲ କରିଥିଲେ। କଂଗ୍ରେସରୁ ପ୍ରସାଦ ପ୍ରାର୍ଥୀ ହୋଇଥିଲେ। ଉକ୍ତ ନିର୍ବାଚନରେ ରମା ଏବଂ ଉମାଙ୍କ ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିଥିଲା। ହେଲେ ଉମା ସ୍ୱାଧୀନ ପ୍ରାର୍ଥୀ ଭାବେ ୪୮,୩୧୯ ଖଣ୍ଡ ଭୋଟ୍ ପାଇ ବିଜୟୀ ହୋଇଥିଲେ। ରମାଙ୍କୁ ୪୬,୭୮୭ ଖଣ୍ଡ ଭୋଟ ମିଳିଥିବା ବେଳେ ପ୍ରସାଦ ୨୫,୯୦୫ଟି ଭୋଟ ପାଇଥିଲେ। ସେଥର ସ୍ୱାଧୀନ ଭାବେ ଅନ୍ୟ ଜଣେ ପ୍ରାର୍ଥୀ ଓମ୍ ପ୍ରକାଶ ମିଶ୍ର ୧୫,୦୬୮ ଭୋଟ ନେବାରେ ସକ୍ଷମ ହୋଇଥିଲେ। ୨୦୧୪ ନିର୍ବାଚନରେ ଜିତିବା ପରେ ଉମା ବିଜେଡିରେ ମିଶିଥିଲେ।

ଉମାଙ୍କ ବିଜେଡିରେ ଯୋଗଦେବା କଥାକୁ ନେଇ ରମା ବିଜେଡି ଛାଡ଼ି କିଛିଦିନ ପରେ ଭାଜପାରେ ଯୋଗଦେବା ସହ ଶାସକ ଦଳ ବିରୋଧରେ ପ୍ରବଳ ବର୍ଷିଥିଲେ। ୨୦୧୯ ନିର୍ବାଚନରେ ଏହି ଆସନରେ ବିଜେଡିରୁ ଉମାଙ୍କୁ ଦଳ ଟିକେଟ ଦେଇଥିବା ବେଳେ ସେ ପୁଣିଥରେ ବିଜୟୀ ହୋଇଥିଲେ। ସେ ଏହି ନିର୍ବାଚନରେ ୮୦,୫୩୭ ଖଣ୍ଡ ଭୋଟ ପାଇଥିବାବେଳେ ଭାଜପା ଓମ୍ ପ୍ରକାଶ ମିଶ୍ରଙ୍କୁ ପ୍ରାର୍ଥୀ କରିଥିଲା। ଓମ୍ ଏହି ନିର୍ବାଚନରେ ଦ୍ୱିତୀୟ ସ୍ଥାନରେ ରହିବା ସହ ୬୨,୭୨୫ ଖଣ୍ଡ ଭୋଟ ପାଇଥିଲେ। ରମାଙ୍କୁ ଏହି ନିର୍ବାଚନରେ ଭାଜପା ଟିକେଟ ଦେଇ ନ ଥିବାବେଳେ ପ୍ରସାଦ କଂଗ୍ରେସରୁ ପ୍ରାର୍ଥୀ ହୋଇ ୧୧,୨୭୩ ଖଣ୍ଡ ଭୋଟ ପାଇଥିଲେ। ସବୁବେଳେ ଟିକେଟ ନ ମିଳିଲେ ମଧ୍ୟ ସ୍ୱାଧୀନ ନାମାଙ୍କନ କରି ଆସୁଥିବା ରମା ପ୍ରଥମ ଥର ପ୍ରାର୍ଥୀ ହେଲେ ନାହିଁ। ୨୦୧୯ ନିର୍ବାଚନ ପରଠାରୁ ଭାଜପାର ୨ ଜଣ ନେତା ରମାରଞ୍ଜନ ଏବଂ ଓମ୍ ପ୍ରକାଶ ସତ୍ୟବାଦୀ ନିର୍ବାଚନମଣ୍ଡଳୀରେ ବୁଲାବୁଲି ଚଳାଇଛନ୍ତି। ତେବେ ୨୦୦୯ଠାରୁ ୨୦୧୯ ମଧ୍ୟରେ ରମା ଏବଂ ଉମା ବିଜେଡି ଟିକେଟ ଆଶାରେ ପରସ୍ପର ବିରୋଧରେ ସବୁବେଳେ ଲଢ଼େଇ କରିଆସୁଥିବା ଦେଖିବାକୁ ମିଳିଥିଲା। ଏହି ୨ ନେତା ପରସ୍ପରର ଘୋର ବିରୋଧୀ ହେଲେ ମଧ୍ୟ ପଦ୍ମପୁର ଉପନିର୍ବାଚନ ସବୁ ଓଲଟପାଲଟ କରିଛି।

ପଦ୍ମପୁରର ପୂର୍ବତନ ବିଧାୟକ ବିଜୟ ରଞ୍ଜନ ସିଂ ବରିହାଙ୍କ ମୃତ୍ୟୁ ପରେ ବିଜେଡି ତାଙ୍କ ଝିଅ ବର୍ଷାଙ୍କୁ ପ୍ରାର୍ଥୀ କରିଛି। ହେଲେ ବର୍ଷା ରମାଙ୍କ ପୁଅଙ୍କୁ ବିବାହ କରିଛନ୍ତି। ରମା ଭାଜପାରେ ଥିବା ସତ୍ତ୍ୱେ ବର୍ଷାଙ୍କୁ ବିଜେଡିରୁ ପ୍ରାର୍ଥୀ କରାଯିବା କଥା ବହୁ ଲୋକଙ୍କ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ସେପଟେ ଉମା ଯାଇ ରମାଙ୍କ ବୋହୂଙ୍କୁ ଜିତାଇ ଆଣିବାକୁ ସବୁ ପ୍ରକାର ବଳ ଲଗାଇ ଦେଇଛନ୍ତି। ତେବେ ରାଜନୀତିର ଏହି ସମୀକରଣ ଦେଖିବା ପରେ ବିଗତ ଦିନରେ ରମାଙ୍କ ବିରୋଧରେ ଗର୍ଜି ଆସୁଥିବା ଉମାଙ୍କୁ ନେଇ ଚର୍ଚ୍ଚା ଥମିବାର ନାଁ ଧରୁନାହିଁ। ବୋହୂ ପ୍ରାର୍ଥୀ ହେବାପରେ ରମା ବି କୁଆଡ଼େ ପ୍ରବଳ ଉତ୍ସାହିତ ଥିବା କର୍ମୀ ମହଲରେ ଆଲୋଚନା ଚାଲିଛି। ଉମାଙ୍କ ଯୋଗୁ ଦୀର୍ଘଦିନ ହେଲା ବିଜେଡିରୁ ସମ୍ପର୍କ ଛିନ୍ନ କରିଥିବା ରମାଙ୍କ ପାଇଁ କୁଆଡ଼େ ଶାସକ ଦଳ ପାଇଁ ବାଟ ଫିଟିବାକୁ ଯାଉଥିବା ଆଲୋଚନା ହେଉଛି। ତେବେ ଗତ ପଞ୍ଚାୟତ ନିର୍ବାଚନରେ ଦୁଇଟି ବ୍ଲକରୁ ଗୋଟିଏ ବ୍ଲକ ଉମାଙ୍କ ହାତରୁ ଖସିଯାଇଛି। ଏହାସହ ୬ ଜିଲା ପରିଷଦ ଆସନରୁ ୩ଟିରେ ବିଜେଡି ପରାଜିତ ହୋଇଛି। ତେଣୁ ଆଗକୁ ସତ୍ୟବାଦୀ ପାଇଁ ଦଳ କେଉଁ ନିଷ୍ପତ୍ତି ନେବ ତାହା ମଧ୍ୟ ରାଜନୈତିକ ମହଲରେ ଚର୍ଚ୍ଚା ଚାଲିଛି। ଯଦି ବର୍ଷା ପଦ୍ମପୁର ଆସନରୁ ବିଜୟୀ ହୁଅନ୍ତି, ତେବେ ସେ ତାଙ୍କ ଶାଶୁଘରକୁ ଫେରିବେ ନା ବାପାଙ୍କ ଅଧୁରା ସ୍ୱପ୍ନ ପୂରଣ କରିବାକୁ ଯାଇ ସେଠାରେ ରହିବେ ସେନେଇ ବରଗଡ଼ ଜିଲାବାସୀଙ୍କ ମନରେ ପ୍ରଶ୍ନ ଉଙ୍କି ମାରିଛି।

# ବିନା ଅନୁମତିରେ ପ୍ରଚାର, ୨ ଗାଡ଼ି ଅଟକ

**ପଦ୍ମପୁର,୨୨।୧୧(ଡି.ଏନ.ଏ.)**

ପଦ୍ମପୁର ଉପନିର୍ବାଚନ ତାତି କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି। ରାଜନୈତିକ ଦଳଗୁଡିକ ପ୍ରତିଯୋଗୀ ମନୋଭାବ ରଖି ପ୍ରଚାର କରୁଛନ୍ତି। ତେବେ ନିର୍ବାଚନ ପ୍ରଚାର ପାଇଁ ପ୍ରଶାସନର ଅନୁମତି ବାଧ୍ୟତାମୂଳକ ଥିବାବେଳେ ଏଥିରେ ବ୍ୟତିକ୍ରମ ପରିଲକ୍ଷିତ ହେଉଛି। ମଙ୍ଗଳବାର ରିଟର୍ନିଂ ଅଫିସରଙ୍କ କୌଣସି ଅନୁମତି ନ ନେଇ ବିଜେଡିର ଗୋଟିଏ ଗାଡ଼ି (ନଂ.ଓଡି୦୭କ୍ୟୁ/୬୯୧୭) ଏବଂ କଂଗ୍ରେସର ଅନ୍ୟ ଏକ ଗାଡ଼ି (ନଂ.ଓଡି୦୩ୟୁ/୦୧୩୭) ପ୍ରଚାରରେ ବୁଲୁଥିଲେ। ପଦ୍ମପୁର ପୋଲିସ ଯାଞ୍ଚ କରିବା ବେଳେ ଆବଶ୍ୟକ ଅନୁମତି ନ ଥିବା ଜଣାପଡିବାରୁ ଉକ୍ତ ପ୍ରଚାର ଗାଡ଼ିକୁ ଅଟକ ରଖିଥିବା ଜଣାପଡିଛି।

# Classified Everyday

**0674-2580101, 2549949**



**MATRIMONIAL**

**BRIDE WANTED**

Brahmin Boy, 1991, 5'11", B.Tech (NIT) serving Bangalore "SUNASANSAR". 9937512659, 8249969649. D-2044

**Gopal Boy height 5'9", Age-40 fair good looking contractor (Govt.) Father Engineer (Late) Gopal girl Fair, Tall, Educated from a good family wanted without S.E., S.T., others can contact. M- 9777665912. D-1966**

**GROOM WANTED**

ବୟସ-42, Postal Job କରୁଥିବା ବିଧବା, ନିଃସନ୍ତାନ ଖଣ୍ଡାୟତ ଝିଅଙ୍କ ପାଇଁ ଯେକୌଣସି ଜାତିର ବରପାତ୍ର ଦରକାର। 8658267680. D-2067

Doctor Groom require for Brahmin lady Doctor, age-27, working in Public Sector in Bhubaneswar. Contact direct No.- 9778312631. D-2046

ବୟସ - 33, Government School Teacher, Divorce, ନିଃସନ୍ତାନ ଖଣ୍ଡାୟତ ଝିଅଙ୍କ ପାଇଁ ଯେକୌଣସି ଜାତିର ଘରଜ୍ୱାଇଁ ଦରକାର। 7205988004. D-2068



**REAL ESTATE**

**SALE**

Residential gharabari plot at Brahmanjharilo, Cuttack with boundarywall, electripole, inside Temple, on Bank Loan facilities near English Medium High School. 6 km. from Phulnakhara, 11km. from Bhubaneswar. 7809525452. D-74000

ଭୁବନେଶ୍ୱର ବାଲିଅନ୍ତା Police Station ପାଖରେ ଘରବାରି ପ୍ଲଟ୍ 30' Road, ଇଲେକ୍ଟ୍ରିସିଟି ଥାଇ ମିଳୁଛି। 9337922588. D-74152

Luxurious 4BHK Duplex near Balianta Bazar. Land-1400 Construction- 2200- 85lakh. 9938219397, 9861022055. D-2056

**Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-**
classifieddharitri@gmail.com

**Commercial cum residential plot at Brahmanjharilo Cuttack (Niali Road) 6km. to Phulanakhara 11km. to Bhubaneswar. 7809525452. D-73996**

କଟକ-ଭୁବନେଶ୍ୱର Twincityର Middle pointରେ ନିର୍ମିତ Grandbazar NH-16ରୁ ଅଳ୍ପଦୂରତାରେ ଘରବାରି ପ୍ଲଟ୍ ସୁଲଭ ମୂଲ୍ୟରେ କିଣନ୍ତୁ। 8249422604. D-74150

Yellowzone gharabari plot for sale, 2000sqft. (15 Nos.) at Mouza- Sankarpur, Ghatikia in front of Tata Ariana, Vipul Garden backside, Bhubaneswar. Govt. road connected internal road-30ft. & road side plantation. Immediately possession then registration. Water & Electricity available. N.H.-5 to 1KM. per sqft.-2000/-. Contact: 8114744495, 8328943165. D-2069

**Boundary made gharabari plot available at Padhansahi, Sundarpada, Backside Aryan Engineering College (Bank finance available). 9337958544, 6370834658. D-74145**

ଭୁବନେଶ୍ୱର ନଖରା ଘରବାରି SC plot sqft.-150/-, general-350/-. 9439660381. D-74157

Buy/ Sale. 5BHK Duplex Apollo Hospital-2.3cr, 4BHK Duplex Nandankanan- 85Lakh, 3BHK Apartment Rasulgarh Square- 89Lakh, 2BHK Simplex Nakhara- 39Lakh. 8984071303. D-2061





Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-74601

Newly open health benefits SPA Diwali Offer @ 999/- Jaidevbihar. 9439676695. D-73663

Newly open SPA positively health benefits expert therapist, Jagamara. 7849011931. D-73664

**Relax, Refresh your body, Mind at Saikrupa Spa with best therapies. 8984068077. D-2048**

**LOST**

I, Ram Chandra Shaw, R/o. Vill/P.O. Sankara, Dist. Sundargarh declare that I have deposited Rs.16,625/- on dated 30.7.2016 vide money receipt No.A91816031 as security deposit against my office Order No.1614(4) dated 29.7.2016 before the Office of Executive Engineer, Sundargarh Electrical Division, Wesco Utility, Sundargarh. That receipt was lost somewhere and on my several attempts I could not traced out the same. D-2066

**AFFIDAVIT**

Affidavit in the Court of Executive Magistrate, Rayagada I, Soudamini Panigrahi Spouse of Sudheer Chandro Panigrahi, Indira Nagar 5th Lane, Rayagada, Odisha have changed my name from Soudamini Panigrahi to Soudamini Padhy vide affidavit Dr.no.705 Dated 22-11-2022 At Rayagada. D-2072

By virtue of an affidavit sworn before the Executive Magistrate, Sadar Sundargarh I Panchami Kamar, aged about 40 years, D/o- Giridhari Kamar, W/o- Apsar Panchabiha, resident of Vill- Babupada, Purnabasti, Jharsuguda, Ward No.-15, P.S./ Dist.-Jharsuguda declare that I have changed my name and address from Panchami Das, W/o- Sudarsan Das of Vill- Jamkani, Belpahar, Jharsuguda-768218 to Panchami Kamar, W/o- Apsar Panchabiha of Babupada, Purnabasti, Ward No.-15, Jharsuguda, Odisha, Pin- 768202. Henceforth I shall be known as Panchami Kamar, W/o- Apsar Panchabiha for all purpose. D-2065

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ମନେ ପଡ଼ନ୍ତି**

**୧୯ତମ ଶ୍ରାଦ୍ଧବାର୍ଷିକୀ**



**୵ରଘୁନାଥ ସାହୁ**

୫୮, ବାପୁଜୀ ନଗର, ଭୁବନେଶ୍ୱର
ଆବିର୍ଭାବ: ୧୭।୦୨।୧୯୩୪
ତିରୋଧାନ: ୨୩।୧୧।୨୦୦୩
ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
**ଶୋକସନ୍ତପ୍ତ: ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।**
ଧ-୭୧୩୭୦

**ଧରିତ୍ରୀ DHARITRI Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।

BHIM UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।





**ନ୍ୟାଶନାଲ ଫାଇନାନ୍ସ**

**ଭାରତର ନଂ.୧ ବିଶ୍ୱସନୀୟ କମ୍ପାନୀ ନ୍ୟାଶନାଲ ଫାଇନାନ୍ସ ସବୁ ସରକାରୀ ଯୋଜନା ଅଧୀନରେ ପର୍ସନାଲ, ଆଧାର କାର୍ଡ। ସମସ୍ତ ଋଣ 2% ସୁଧ, 40% ଛାଡ଼ (ମହିଳାଙ୍କ ପାଇଁ ବିଶେଷ ରିହାତି)**
**ଏଜେଣ୍ଟ ଆମନ୍ତ୍ରିତ -**
**9807641532**

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଦାରୁଦିଅଁଙ୍କୁ ଅସମ୍ମାନ: ମଙ୍ଗଳବାର ପୁରୀ ବଡ଼ଦାଣ୍ଡରେ ଏକ ଟ୍ରଲିରେ ତିନିଠାକୁରଙ୍କ ପ୍ରତିମୂର୍ତ୍ତି ଖୋଲାରେ ନିଆଯାଉଛି। (ଫଟୋ: ଯଜ୍ଞେଶ୍ୱର)

# ସ୍ୱାଧୀନତା ସଂଗ୍ରାମୀ ଗଜେନ୍ଦ୍ର କୁମାର ଦାସ ଅସୁସ୍ଥ

ଭୁବନେଶ୍ୱର,୨୨।୧୧ (ବ୍ୟୁରୋ)

ସ୍ୱାଧୀନତା ସଂଗ୍ରାମୀ ତଥା ଗାନ୍ଧୀବାଦୀ ନେତା ଗଜେନ୍ଦ୍ର କୁମାର ଦାସ ଅସୁସ୍ଥ ହୋଇପଡ଼ିଛନ୍ତି। ସେ ଭୁବନେଶ୍ୱରସ୍ଥିତ ସ୍ପର୍ଶ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ୧୯୨୬ ମସିହାରେ ଗଜେନ୍ଦ୍ର ବରଗଡ଼ ଜିଲାର ପଦ୍ମପୁର ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ। ଏବେ ତାଙ୍କୁ ୯୪ ବର୍ଷ। ପିଲାବେଳୁ ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ବିଭିନ୍ନ ଆନ୍ଦୋଳନରେ ସାମିଲ ହୋଇଥିଲେ। ଗାନ୍ଧୀଙ୍କ ପ୍ରଚାରପତ୍ର ବାଣ୍ଟିବା ସହ ବିନୋବା ଭାବେଙ୍କ ଭୂଦାନ ଆନ୍ଦୋଳନରେ ପ୍ରମୁଖ ଭୂମିକା ନେଇଥିଲେ। ନିକଟରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଓଡ଼ିଶା ଗସ୍ତ ସମୟରେ ତାଙ୍କୁ ନାଗରିକ ସମ୍ବର୍ଦ୍ଧନା ମଧ୍ୟ ଦିଆଯାଇଥିଲା।

# ଆଜି ଭାଜପା, କଂଗ୍ରେସ ବିଧାୟକ ଦଳ ବୈଠକ

## ୨୪ରୁ ବିଧାନସଭା ଷୋଡଶ ଅଧିବେଶନ

- ଚାଷୀ ସମସ୍ୟା ହେବ ମୁଖ୍ୟ ପ୍ରସଙ୍ଗ
- ଗୁରୁବାର ବିରୋଧୀଙ୍କ ସମ୍ମୁଖୀନ ଲାଗି ରଣନୀତି କରିବ ବିଜେଡି

ଭୁବନେଶ୍ୱର, ୨୨।୧୧(ବ୍ୟୁରୋ)

ବିଧାନସଭାର ଷୋଡଶ ଅଧିବେଶନ ଆସନ୍ତା ୨୪ ତାରିଖରୁ ଆରମ୍ଭ ହେବାକୁ ଥିବାବେଳେ ଏହା ପୂର୍ବରୁ ଉଭୟ ଶାସକ ଏବଂ ବିରୋଧୀ ନିଜ ରଣନୀତି ପ୍ରସ୍ତୁତ କରିବା ଆରମ୍ଭ କରିଦେଲେଣି। ପଦ୍ମପୁର ଉପନିର୍ବାଚନ ପାଇଁ ପ୍ରଚାର ଚାଲିଥିବାରୁ ବିରୋଧୀଙ୍କ ପକ୍ଷରୁ କେତେଗୁଡ଼ିଏ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଶାସକ ଦଳକୁ ଟାର୍ଗେଟ କରିବାକୁ ଯୋଜନା କରାଯାଇଥିବା ଜଣାପଡ଼ିଛି। ତେବେ ଶାସକ ଦଳ ମଧ୍ୟ କେନ୍ଦ୍ର ସରକାରଙ୍କ ବିରୋଧରେ ଅନେକ ଗୁଡ଼ିଏ ପ୍ରସଙ୍ଗକୁ ଏକାଠି କରି ବିରୋଧୀଙ୍କୁ ଟାର୍ଗେଟ କରିବା ଯୋଜନା କରାଯାଇଛି। ତେବେ ଆସନ୍ତା ୨୪ ତାରିଖ ପୂର୍ବାହ୍ନ ୧୦ଟା ୩୦ ମିନିଟ୍ ସମୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବିଜେଡି ବିଧାୟକ ଦଳ ବୈଠକ ଅନୁଷ୍ଠିତ ହେବ। ବିଧାନସଭାର ୫୪ ନମ୍ବର ପ୍ରକୋଷ୍ଠରେ ଏହି ବୈଠକ ବସିବାକୁ ଥିବାବେଳେ କେଉଁସବୁ ପ୍ରସଙ୍ଗରେ ବିରୋଧୀଙ୍କ ମୁକାବିଲା କରାଯିବ ସେନେଇ ମୁଖ୍ୟତଃ ଆଲୋଚନା କରାଯିବ। ସେହିପରି ଭାଜପା ବିଧାୟକ ଦଳ ବୈଠକ ବୁଧବାର ଅପରାହ୍ନରେ ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହେବ। ବୈଠକରେ ଦଳର ରାଜ୍ୟ ପ୍ରଭାରୀ, ସଭାପତିଙ୍କ ସମେତ ବିଧାୟକ ଓ ଅନ୍ୟ କେତେଜଣ ବରିଷ୍ଠ ନେତା ଯୋଗଦେବେ। ଏଥିରେ ଦଳ କେଉଁସବୁ ପ୍ରସଙ୍ଗରେ ସରକାରଙ୍କୁ ଘେରିବ ସେନେଇ ସ୍ଥିର କରିବ। ମୁଖ୍ୟତଃ ଚାଷୀ ଏବଂ ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତିକୁ ମୁଖ୍ୟ ପ୍ରସଙ୍ଗ କରିବ ବୋଲି ଜଣାପଡ଼ିଛି। ଅନ୍ୟପଟେ କଂଗ୍ରେସ ବିଧାୟକ ଦଳ ବୈଠକ ବିଧାୟକ ଦଳ ନେତା ନରସିଂହ ମିଶ୍ରଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ହେବ। ଏଥିରେ କଂଗ୍ରେସ ପକ୍ଷରୁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିରୋଧରେ କେଉଁସବୁ ପ୍ରସଙ୍ଗ ଉଠାଯିବ ସେନେଇ ଆଲୋଚନା ହେବ। କଂଗ୍ରେସ ମୁଖ୍ୟତଃ ଚାଷୀ ପ୍ରସଙ୍ଗରେ ଉଭୟ କେନ୍ଦ୍ର ଓ ରାଜ୍ୟକୁ ଟାର୍ଗେଟ କରିବ। ଏହାସହ ଅନ୍ୟ କେତେଗୁଡ଼ିଏ ପ୍ରସଙ୍ଗରେ ମଧ୍ୟ ବିଧାନସଭା ଘେରିବ ବୋଲି ଜଣାପଡ଼ିଛି।

# ଓଏଚ୍ଆର୍‌ସିଙ୍କ ଦ୍ୱାରସ୍ଥ ହେଲେ ରାଗିଂ ଶିକାର ଛାତ୍ରୀ

## ମିଳିମିଶି ମୋତେ ପରୀକ୍ଷାରୁ ବଞ୍ଚିତ କରାଇଲେ: ରୋଜାଲିନ

ଭୁବନେଶ୍ୱର, ୨୨।୧୧(ବ୍ୟୁରୋ)

ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ରାଗିଂ ଘଟଣା ଥମିବାର ନାଁ ନେଉ ନାହିଁ। ଥାନାରେ ବାରମ୍ବାର ଅଭିଯୋଗ ସତ୍ତ୍ୱେ ପୋଲିସ ହାତ ଯାକି ବସିଛି। କଲେଜ କର୍ତ୍ତୃପକ୍ଷ ଓ ପୋଲିସ ପ୍ରଶାସନ ସମସ୍ତେ ମିଶି ଘଟଣାକୁ ଚାପିବାକୁ ଚେଷ୍ଟା କରୁଛନ୍ତି ଏବଂ ମୋ ଭବିଷ୍ୟତ ନଷ୍ଟ କରୁଛନ୍ତି ବୋଲି ଅଭିଯୋଗ କରିଛନ୍ତି ରାଗିଂର ଶିକାର ରୋଜାଲିନ ବିଶ୍ୱାଳ। ଗତ ୧୨ତାରିଖରେ ତାଙ୍କର ପରୀକ୍ଷା ଥିବାବେଳେ ତାଙ୍କୁ ପରୀକ୍ଷାରୁ ବଞ୍ଚିତ କରାଯାଇଛି। ଶେଷରେ ନ୍ୟାୟ ପାଇଁ ରୋଜାଲିନ ମଙ୍ଗଳବାର ଓଡ଼ିଶା ମାନବାଧିକାର କମିଶନ(ଓଏଚ୍ଆର୍‌ସି)ଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ରୋଜାଲିନ ଯୁକ୍ତ୩ ଦ୍ୱିତୀୟ ବର୍ଷ ବିଜ୍ଞାନ ବିଭାଗରେ ପାଠ ପଢ଼ିବା ସହ କଲେଜ ପରିସରରେ ଥିବା ଯୁବଜ୍ୟୋତି ହଷ୍ଟେଲରେ ରୁହନ୍ତି। କଲେଜର ଦୁଇ ସିନିଅର ଛାତ୍ରୀ ରୋଜାଲିନକୁ ୩ମାସ ଧରି ରାଗିଂ କରିବା ସହ ଚାରି ଜଣ ପୁରୁଷ ବନ୍ଧୁଙ୍କ ସହାୟତାରେ ଗାଳିଗୁଲଜ, ଧମକ ସହ ନାନା ନିର୍ଯାତନା ଦେଉଥିଲେ। ଗତ ଅକ୍ଟୋବର ୩୦ରେ ରାଗିଂ ଅସହ୍ୟ ହେବାରୁ ରୋଜାଲିନ ତାଙ୍କ ପାରିବାର ସଦସ୍ୟଙ୍କୁ ଡାକି ଘଟଣା ସଂକ୍ରାନ୍ତରେ ଜଣାଇଥିଲେ। ପରିବାର ସଦସ୍ୟ ଏନେଇ ନିମାପଡ଼ା ଥାନା ଅଧିକାରୀଙ୍କୁ ଫୋନ୍‌ରେ ଜଣାଇବା ପରେ ତାଙ୍କ ପରାମର୍ଶ ଅନୁସାରେ ରୋଜାଲିନ ଓ ତାଙ୍କ ଭଉଣୀ କଲେଜ ସହ ଥାନାରେ ଅଭିଯୋଗ କରିଥିଲେ। ହେଲେ କଲେଜ କର୍ତ୍ତୃପକ୍ଷ ଓ ପୋଲିସ ନିରବଦ୍ରଷ୍ଟା ସାଜିବାରୁ ପୀଡ଼ିତା ପୁନର୍ବାର ନଭେମ୍ବର ୪ରେ ଥାନାରେ ଅଭିଯୋଗ କରିଲେ। କିନ୍ତୁ ସମ୍ପୃକ୍ତ ୪ଜଣ ଯୁବକଙ୍କୁ ଲୁଚାଇ ଉକ୍ତ ଛାତ୍ରୀଙ୍କ ସହିତ ସମାଧାନ କରିବାକୁ ଥାନା ଅଧିକାରୀ କହିବାରୁ ପୀଡ଼ିତା ଏସ୍‌ପି ଓ ସ୍ଥାନୀୟ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମାତ୍ର କେହିହେଲେ ନ୍ୟାୟ ଦେଲେ ନାହିଁ। ଏବେ କଲେଜ କର୍ତ୍ତୃପକ୍ଷ, ପୋଲିସ ମିଳିମିଶି ତାଙ୍କୁ ହଇରାଣ କରୁଥିବାରୁ ଭବିଷ୍ୟତକୁ ନେଇ ସେ ମାନସିକ ସ୍ତରରେ ଭାଙ୍ଗିପଡ଼ିଛନ୍ତି। ଓଏଚ୍ଆର୍‌ସି ତାଙ୍କୁ ନ୍ୟାୟ ଦେବେ ବୋଲି ରୋଜାଲିନ ଆଶାବ୍ୟକ୍ତ କରିଛନ୍ତି।

**ପ୍ରଥମ ପୃଷ୍ଠାରୁ...**

## ଆସାମ-ମେଘାଳୟ ...

ପୋଲିସ ପହଞ୍ଚିବା ପରେ ସକାଳ ୫ଟାରେ ମେଘାଳୟ ସୀମାର ବହୁ ଗ୍ରାମବାସୀ ଅସ୍ତ୍ରଶସ୍ତ୍ର ଧରି ଆସିଥିଲେ। ସେମାନେ ଫରେଷ୍ଟ ଗାର୍ଡ ଓ ପୋଲିସ କର୍ମଚାରୀମାନଙ୍କୁ ଘେରାଉ କରିବା ସହ ଗିରଫ ବ୍ୟକ୍ତିମାନଙ୍କୁ ତୁରନ୍ତ ଛାଡ଼ିଦେବାକୁ ଦାବି କରିଥିଲେ। ଏତିକିରେ ଅଧିକାରୀମାନେ ସ୍ଥିତିକୁ ଆୟତ୍ତକୁ ଆଣିବା ପାଇଁ ଗୁଳି ଚଳାଇଥିଲେ। ଗୁଳିମାଡ଼ରେ ଆସାମର ଫରେଷ୍ଟ ଗାର୍ଡ ବିଦ୍ୟାସିଂ ଲେଖ୍‌ତେଙ୍କ ସମେତ ମେଘାଳୟର ଖାସି ସମ୍ପ୍ରଦାୟର ୫ ଜଣଙ୍କ ମୃତ୍ୟୁ ଘଟିଥିଲା। ସୀମାରେ ସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଛି କିନ୍ତୁ ନିୟନ୍ତ୍ରଣାଧୀନ ଥିବା ୱେଷ୍ଟ କର୍ବି ଆଙ୍ଗଲୋଙ୍ଗ୍ ଏସ୍‌ପି ଇମ୍‌ଦାଦ୍ ଅଲୀ ସୂଚନା ଦେଇଛନ୍ତି। ତେବେ ଫରେଷ୍ଟ ଗାର୍ଡ ବିଦ୍ୟାସିଂଙ୍କ ଦେହରେ କିପରି ଗୁଳି ବାଜିଲା ତାହା ସ୍ପଷ୍ଟ ହୋଇ ନ ଥିବା ଏସ୍‌ପି କହିଛନ୍ତି। ମେଘାଳୟ ମୁଖ୍ୟମନ୍ତ୍ରୀ କନରାଡ୍ ସାଙ୍ଗ୍‌ମା ଘଟଣାକୁ ଦୁର୍ଭାଗ୍ୟଜନକ ବୋଲି ଅଭିହିତ କରିଛନ୍ତି। ଆସାମ ପୋଲିସ ପ୍ରଥମେ ଗୁଳି ଚଳାଇଥିବା ସେ କହିଛନ୍ତି। ହ୍ୱାଟ୍ସଆପ୍, ଫେସ୍‌ବୁକ୍ ଓ ଟୁଇଟର ଭଳି ସୋସିଆଲ ମିଡିଆର ଦୁରୁପଯୋଗ ହେଲେ ଶାନ୍ତିଭଙ୍ଗ ହେବାର ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ମେଘାଳୟ ସରକାର ୭ ଜିଲାରେ ମୋବାଇଲ ଇଣ୍ଟରନେଟ୍/ ଡେଟା ସେବାକୁ ମଙ୍ଗଳବାର ପୂର୍ବାହ୍ନ ୧୦ଟା ୩୦ରୁ ୪୮ ଘଣ୍ଟା ପାଇଁ ବନ୍ଦ କରିଦେଇଛନ୍ତି। ଏଥିସହ ଘଟଣାର ବିଚାରବିଭାଗୀୟ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ସାଙ୍ଗ୍‌ମା ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କ ସହ ଫୋନ୍‌ରେ ଆଲୋଚନା କରିଛନ୍ତି।

## ଅମିୟକାନ୍ତ, ଅକ୍ଷୟ ...

ହୋଇଥିଲେ। ସେ ୨୦୨୧ ଓ ୨୦୨୨ରେ ଅର୍ଚ୍ଚନା ଓ ତାଙ୍କ ସ୍ୱାମୀ ଜଗବନ୍ଧୁ ଚାନ୍ଦଙ୍କ ଆକାଉଣ୍ଟକୁ ୧୦ ଲକ୍ଷ ଟଙ୍କା ପଠାଇଥିବା ତଦନ୍ତବେଳେ ଇଡି ଜାଣିବାକୁ ପାଇଥିଲା। ତେବେ ଏହି ଟଙ୍କା ସେ କାହିଁକି ପଠାଇଥିଲେ ଓ ଆଉକିଛି ଆର୍ଥିକ ସହାୟତା ଦେଇଥିଲେ କି ସେନେଇ ଇଡି ଅଧିକାରୀମାନେ ତାଙ୍କୁ ଗୁଡ଼ାଇତୁଡ଼ାଇ ପ୍ରଶ୍ନ ପଚାରିଥିଲେ। ୮ ଘଣ୍ଟାର ଜେରା ପରେ ଅପରାହ୍ନ ପ୍ରାୟ ୫ଟାରେ ଅମିୟକାନ୍ତ ଇଡି ଅଫିସରୁ ବାହାରିଥିଲେ। ଏହି ସମୟରେ ସେ ଗଣମାଧ୍ୟମକୁ କହିଥିଲେ, ଅର୍ଚ୍ଚନାଙ୍କ ସହ ଫେସ୍‌ବୁକରେ ପରିଚୟ ହୋଇଥିଲା। ଅର୍ଚ୍ଚନାଙ୍କ ସ୍ୱାମୀ ଜଗବନ୍ଧୁ ମେଡ଼ିକେଲରେ ଥିବାବେଳେ ତାଙ୍କ ଚିକିତ୍ସା ପାଇଁ ଚେକ୍‌ରେ ସେ ୭ ଲକ୍ଷ ଟଙ୍କାରୁ ଅଧିକ ଦେଇଥିଲେ ବୋଲି କହିଛନ୍ତି। ସେହିପରି ଅକ୍ଷୟ ପରିଜା ମଧ୍ୟ ପୂର୍ବାହ୍ନରେ ଇଡି ଅଫିସରେ ହାଜର ହୋଇଥିଲେ। ହନିଟ୍ରାପ ମାମଲାରେ ଅର୍ଚ୍ଚନା ଓ ଶ୍ରଦ୍ଧାଞ୍ଜଳୀ ତାଙ୍କୁ ୩ କୋଟି ଟଙ୍କା ମାଗିଥିଲେ ବୋଲି ନୟାପଲ୍ଲୀ ଥାନାରେ ଅକ୍ଷୟ ଅଭିଯୋଗ କରିଥିଲେ। ଏହି ଦିଗକୁ ନେଇ ଇଡି ତାଙ୍କୁ ପଚରାଉଚରା କରୁଛି। ଅର୍ଚ୍ଚନା କିମ୍ବା ଜଗବନ୍ଧୁଙ୍କୁ କିଛି ଟଙ୍କା ଦେଇଥିଲେ କି ସେନେଇ ତଥ୍ୟ ରଖିଛନ୍ତି ଅକ୍ଷୟ।

ଅନ୍ୟପକ୍ଷରେ ଅର୍ଚ୍ଚନାଙ୍କ ସହଯୋଗୀ ଶ୍ରଦ୍ଧାଞ୍ଜଳୀ ଗିରଫଦାରି ଭୟରେ ହାଇକୋର୍ଟରେ ଆଗୁଆ ଜାମିନ ପାଇଁ ଆବେଦନ କରିଥିବା ଚର୍ଚ୍ଚା ହେଉଛି। ଇଡି ତାଙ୍କୁ ନୋଟିସ କରିଥିବାରୁ ସେ ବୁଧବାର ହାଜର ହୋଇପାରନ୍ତି ବୋଲି ସୂଚନା ମିଳିଛି। ଶ୍ରଦ୍ଧାଞ୍ଜଳୀଙ୍କୁ ଜେରାକରି ବେଆଇନ ଆର୍ଥିକ କାରବାର ସଂକ୍ରାନ୍ତରେ ବହୁ ତଥ୍ୟ ପାଇବାକୁ ଆଶା ରଖିଛନ୍ତି ଅଧିକାରୀମାନେ। ଇଡି ଜେରା ଆରମ୍ଭ ହୋଇଥିବାରୁ ନୋଟିସ ପାଇଥିବା ଅନ୍ୟମାନଙ୍କ ମଧ୍ୟରେ ଛନକା ପଶିଛି। କେଉଁ ରାଜନେତା ଓ ଅଫିସର ଇଡି ଜେରାର ସାମ୍ନା କରିବେ, ସେମାନଙ୍କ ମୁହଁରୁ ଅର୍ଚ୍ଚନାଙ୍କ କଳାସାମ୍ରାଜ୍ୟକୁ ନେଇ ଆଉ କ'ଣ ନୂଆ ଗୁମର ପାଇବ ଇଡି ସେନେଇ ଆଲୋଚନା ଜୋର୍ ଧରିଛି।

### କମିଶନରେଟ ପୋଲିସ ସହଯୋଗ କରୁ ନ ଥିବା ସୂଚନା

ଅର୍ଚ୍ଚନାଙ୍କ ହନିଟ୍ରାପ୍ କେଳେଙ୍କାରୀରେ ଉଚ୍ଚ ପଦସ୍ଥ ପୋଲିସ ଅଧିକାରୀ, ପ୍ରଶାସନିକ ଅଧିକାରୀ ଓ ପ୍ରଭାବଶାଳୀ ରାଜନେତାଙ୍କ ସମ୍ପୃକ୍ତି ଥିବା ନେଇ ଚର୍ଚ୍ଚା ଲାଗି ରହିଛି। ଅର୍ଚ୍ଚନାଙ୍କ ନାଁରେ ଅଭିଯୋଗ ଓ ତାଙ୍କୁ ଗିରଫ ପରେ ବି ପୋଲିସ ପକ୍ଷରୁ ଘଟଣାକୁ ଲୁଚାଯାଇଥିଲା। ଗଣମାଧ୍ୟମରେ ଖବର ପ୍ରକାଶନ ପରେ ବି ଦୁଇ ଥାନାର ଅଧିକାରୀ, ଡିସିପି ଓ ପୋଲିସ କମିଶନର ମୁହଁ ଖୋଲି ନ ଥିଲେ। ଏପରିକି ପୋଲିସର ଏକପାଖିଆ ତଦନ୍ତକୁ ନେଇ ନାନା ଅଭିଯୋଗ ଉଠିଥିଲା। ଏବେ ଇଡିକୁ କମିଶନରେଟ ପୋଲିସ ସହଯୋଗ କରୁ ନ ଥିବା ଚର୍ଚ୍ଚା ହେଉଛି। ଜବତ ମୋବାଇଲ, ଲାପ୍‌ଟପ୍ ଆଦିକୁ ପୋଲିସ ଇଡିକୁ ଦେବାରେ ବିଳମ୍ବ କରୁଥିବା ଜଣେ ଅଧିକାରୀ କହିଛନ୍ତି। ଏପରିସ୍ଥିତିରେ ପୋଲିସର ଭୂମିକାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ଆଜିଠାରୁ ଦଶମ ...

ପରୀକ୍ଷା ଦେବେ। ସେହିପରି ରାଜ୍ୟ ମୁକ୍ତ ବିଦ୍ୟାଳୟରେ ୭ ହଜାର ୧୮୧ଜଣ ପରୀକ୍ଷାର୍ଥୀଙ୍କ ନିମନ୍ତେ ବୋର୍ଡ ଦ୍ୱାରା ୧୪୬ ଟି ପରୀକ୍ଷା କେନ୍ଦ୍ର କରାଯାଇଛି। ପ୍ରତିଦିନ ୧୦ଟାରୁ ୧୨ଟା ପର୍ଯ୍ୟନ୍ତ ପରୀକ୍ଷା କରାଯିବ। ପରୀକ୍ଷାର ପ୍ରଥମ ଦିନ ଅର୍ଥାତ ୨୩ ତାରିଖରେ ଇଂରାଜୀ ବିଷୟରୁ ପରୀକ୍ଷା ଆରମ୍ଭ ହେବ। ସେହିଭଳି ୨୫ରେ ଗଣିତ, ୨୬ରେ ପ୍ରଥମ ଭାଷା, ୨୮ରେ ସାଧାରଣ ବିଜ୍ଞାନ, ୨୯ରେ ସାମାଜିକ ବିଜ୍ଞାନ ଏବଂ ୩୦ରେ ତୃତୀୟ ଭାଷା ବିଷୟରେ ପରୀକ୍ଷା ହେବ। କପି ରୋକିବାକୁ ୩୬ଟି ସ୍କ୍ୱାଡ୍ ବୋର୍ଡ ଦ୍ୱାରା ଗଠିତ ହୋଇଥିବାବେଳେ ଜିଲାସ୍ତରରେ ଜିଲା ଶିକ୍ଷା ଅଧିକାରୀଙ୍କ ଦ୍ୱାରା ୭୪ ସ୍କ୍ୱାଡ୍ ରହିଛନ୍ତି।

## ୫ ବ୍ୟାକ୍ଟେରିଆ ନେଇଛି ୬.୮ ...

୫୪.୯%ଙ୍କ ପ୍ରାଣହାନି ଏହି ୫ ବ୍ୟାକ୍ଟେରିଆ ସଂକ୍ରମଣ ହେତୁ ଘଟିଥିବା ଉକ୍ତ ରିପୋର୍ଟରେ ଦର୍ଶାଯାଇଛି। ତଥ୍ୟ ଅନୁସାରେ ପାଖାପାଖି ୩୩ ପ୍ରକାର ବ୍ୟାକ୍ଟେରିଆ ପାଥୋଜେନ୍ (ଜର୍ମ) ସାରା ବିଶ୍ୱରେ ୧୧ ପ୍ରକାର ସଂକ୍ରାମକ ରୋଗ ସୃଷ୍ଟି କରିଛନ୍ତି। ଏସ୍. ୟୁରେୟସ୍ ବ୍ୟାକ୍ଟେରିଆ ସଂକ୍ରମଣ ବିଶେଷକରି ୧୩୫ ଦେଶରେ ଦେଖାଯାଇଥିବାବେଳେ ୧୫ ବର୍ଷରୁ ଅଧିକ ବୟସ ବର୍ଗଙ୍କ କ୍ଷେତ୍ରରେ ଏହା ଅଧିକ ପ୍ରାଣଘାତୀ ସାବ୍ୟସ୍ତ ହୋଇଛି। ଅନ୍ୟପକ୍ଷେ ଏସ୍. ନିମୋନିଆ ସଂକ୍ରମଣର ଶିକାର ହୋଇ ୫ ବର୍ଷରୁ କମ୍ ବୟସର ଶିଶୁଙ୍କ ମୃତ୍ୟୁ ଘଟିଛି। ୩ ବର୍ଷ ପୂର୍ବେ ପ୍ରମୁଖ ୩ ବ୍ୟାକ୍ଟେରିଆ ଦ୍ୱାରା ସୃଷ୍ଟ ସଂକ୍ରମଣ ଯୋଗୁ ବିଶ୍ୱରେ ୬ ନିୟୁତ ଲୋକଙ୍କ ମୃତ୍ୟୁ ଘଟିଛି। ସେମାନଙ୍କ ମଧ୍ୟରୁ ୨ ନିୟୁତ ଆକ୍ରାନ୍ତଙ୍କ କ୍ଷେତ୍ରରେ ଶ୍ୱାସକ୍ରିୟାରେ ଅନିୟମିତତା ଦେଖାଯାଇଥିବାବେଳେ ୧ ନିୟୁତଙ୍କ ପେଟରେ ସଂକ୍ରମଣ ଦେଖାଯାଇଥିଲା। ବିଭିନ୍ନ ରୋଗୀଙ୍କ ଶରୀରରେ ସଂକ୍ରମଣର ଭିନ୍ନ ଭିନ୍ନ ଲକ୍ଷଣ ଦେଖାଯାଇଥାଏ।

ସଂକ୍ରମଣଜନିତ ମୃତ୍ୟୁ ରୋକିବା ପାଇଁ ଗ୍ଲୋବାଲ୍ ହେଲ୍‌ଥ କମ୍ୟୁନିଟି ପକ୍ଷରୁ ବହୁମୁଖୀ ପଦକ୍ଷେପ ନିଆଯିବା ଆବଶ୍ୟକ ବୋଲି ଗ୍ଲୋବାଲ ବର୍ଡନ୍ ଅଫ୍ ଡିଜିଜ୍, ଇନଜ୍ୟୁରିଜ୍ ଆଣ୍ଡ୍ ରିସ୍କ ଫ୍ୟାକ୍ଟର (ଜିବିଡି) ପକ୍ଷରୁ ପ୍ରକାଶିତ ଅଧ୍ୟୟନ ରିପୋର୍ଟରେ ଦର୍ଶାଯାଇଛି। ସଂକ୍ରମଣ ବୋଝକୁ ଦୂର କରିବା ଲାଗି ଆଣ୍ଟିବାୟୋଟିକ୍‌ର ବ୍ୟବହାରକୁ କମାଇବା ଜରୁରୀ। ସେହିପରି ରୋଗୀଙ୍କ ପାଇଁ ସ୍ୱତନ୍ତ୍ର ଟିକା ପ୍ରସ୍ତୁତ କରାଯିବା ସହ ମହଜୁଦ ଔଷଧକୁ ସଂକ୍ରମଣ ରୋକିବାରେ ବ୍ୟବହାର ପଦ୍ଧତି ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ।


## OFFICE OF THE ROURKELA MUNICIPAL CORPORATION
UDITNAGAR, ROURKELA, ODISHA-769012
E-mail ID: rourkelamunicipality@gmail.com

No.15248 Date:19.11.22

### Quotation Call Notice for Supply of Safety Equipments for Sanitary Workers

**No.C-1613:** Sealed quotations are invited from the intending reputed Agency/ Firms/ Stockist/ Suppliers for supply of following Safety Equipments for use of Sanitation Workers of Rourkela Municipal Corporation. All quotations in the following format accompanied with self attested photo copy of PAN and valid GST Registration certificate should be sent through Speed Post/ Registered Post/ Courier/ or Drop in the Tender Box in the Chamber of Dy. Commissioner, RMC (Room No. 29) so as to reach on or before 01.12.2022 by 1.00 PM and will be opened on the same day at 4.30 PM in presence of the Bidders or their authorized representatives who wish to attend. Quotation received after stipulated date & time shall summarily be rejected. The Bidders are required to deposit Rs.2240/- (Rupees Two Thousand Two Hundred Forty only) including of GST towards document fee cost & EMD Rs.10,000/- (Rupees Ten Thousand only) in shape of DD separately drawn in favour of Commissioner, Rourkela Municipal Corporation payable at Rourkela along with the quotation. At the time of opening of bids, the samples of each category items should be presented otherwise the bid will not be accepted.

| Sl. No. | Name of the Item | Required Quantity | Unit | Rate excluding of GST in INR |
|---|---|---|---|---|
| 1 | Hand Gloves (Nitrile with Polyester lining Gloves) | 2000 | Pair | |
| 2 | Reflective Jacket (High visibility safety vests with printed RMC name & Logo) | 2000 | Nos. | |
| 3 | Ankle Length Safety Gumboot (Different Size) | 1200 | Pair | |
| 4 | Helmet (High density polyethylene with printed RMC name & Logo) | 1000 | Nos. | |
| 5 | Safety Glass (High impact resistant optical class-I anti-fog coated polycarbonate lens) | 1000 | Nos. | |
| 6 | Safety nose Mask | 2000 | Nos. | |

The rate will be valid for one year and successful bidder shall supply the materials within 07 days after placing of work order. The undersigned reserves the right to reject/cancel any or all the Quotations at any time without assigning any reason thereof. The Quotation Paper may be downloaded from RMC website rmc.nic.in.

Sd./- Commissioner
Rourkela Municipal Corporation

OIPR-13131/11/0137/2223



## PRESS NOTE FOR GRIEVANCE REDRESSAL BY OBSERVER

1. Name of the Observer : Sri Manvendra Pratap Singh, IAS (General Observer)
   - i) Mobile No. : 9040283949
   - ii) E-mail ID : gobserverpadampur@gmail.com
   - iii) Time and Place of redressal of Grievance : From 10 A.M. to 11 A.M. daily at PWD IB, Padampur
2. Name of the Observer : Sri. Hemant Chauhan, IPS (Police Observer)
   - i) Mobile No. : 9040283936
   - ii) E-mail ID : pobserverpadampur@gmail.com
   - iii) Time and Place of redressal of Grievance : From 10 A.M. to 11 A.M. daily at PWD IB, Padampur
3. Name of the Observer : Sri. D.M. Ramprasad Gupta,IRAS (Expenditure Observer)
   - i) Mobile No. : 6372441210
   - ii) E-mail ID : eobserverpadampur@gmail.com

Sd./- Returning Officer
01-Padampur AC

OIPR-24042/11/0003/2223



## GOVERNMENT OF ODISHA
DEPARTMENT OF WATER RESOURCES
Office of the Superintending Engineer
U.K.Head Works Division, Kolabnagar(K), Pin-764011

e-Procurement Notice-SE-UKHWD-05/2022-23,
No.A-750: Dated 17.11.2022 (ONLINE)

1. No. of Work : 15 (Fifteen) Nos.
2. Type of Work : Civil Works
3. Value of Work : Rs.4.15 Lakhs to 46.32 Lakhs.
4. Class of Contractor : Registered & Licensed Contractors of Class 'B', 'C' & 'D'.
5. Period of Completion : 03 (Three) Calendar Months
6. Date & Time of availability of bid documents online : 22.11.2022 at 11.00 Hours to 01.12.2022 upto 17.30 Hours.
7. Date & Place of Opening of Bid Online : 02.12.2022 (11.30 Hours) at Office of the Superintending Engineer, UKHWD, Kolab Nagar
8. Name of the Officer Inviting Bids : Superintending Engineer, UKHWD Kolab Nagar

Further details can be seen in the Govt. of Odisha e-Procurement website http://www.tendersodisha.gov.in.

Sd./- Superintending Engineer
Upper Kolab Head Works Division
Kolabnagar (Koraput)
OIPR-32015/11/0014/2223



## SAMAGRA SHIKSHA, GANJAM, CHATRAPUR
Ph.: 06811-260833/262799
E-mail: dpcganjamssa.opepa@nic.in

### TENDER CALL NOTICE

No. 4067/IE/2022 Dated: 16.11.2022

No. n-72: Sealed quotations under two bid systems in the prescribed format are invited from desirous manufactures/ suppliers having PAN Card, GST Registration, IT Clearance etc. for supply of different resource materials and furniture for 23 Block Resource Centre under Inclusive Education of Ganjam District. The tender papers (Bid documents) containing detailed specification with terms and conditions, application of Technical Bid & application of Financial Bid, may be downloaded from website **www.ganjam.nic.in** and **www.osepa.gov.in**. The cost of tender paper is Rs.2,000/- which is to be deposited in shape of DD in favour of District Project Coordinator, Samagra Shiksha, Ganjam and enclosed in the technical bid of the tender. The last date and time for receipt of tender paper is on 07.12.2022 at 2.00 P.M. and the same will be opened on 07.12.2022 at 3.30 P.M. in presence of the tenderers or their authorized representatives in the DPO, SS, Ganjam, Chatrapur. The undersigned reserves the right to accept or reject any application without assigning any reason thereof.

By order of Collector-cum-Chairman
Sd./- District Education Officer-cum-DPC
Samagra Shiksha, Ganjam, Chatrapur
OIPR-27081/11/0002/2223



## ODISHA STATE SEED & ORGANIC PRODUCTS CERTIFICATION AGENCY
Govt. of Odisha (Agriculture & F.E. Department)
326, BARAMUNDA, BHUBANESWAR

Ref.No.1754/ Date:19.11.22
File No.Vehicle-01/2013 E-mail:directorossca@rediffmail.com
Website: ossopca.nic.in

### AUCTION SALE NOTICE

**No.CAD-2796:** Sealed tender/quotations are hereby invited from interested bidders for auction sale of two condemned office Vehicles bearing Registration Numbers OR-02-F-3908 (Mahindra Jeep) & OR-02-E-6829(ESCORT Tractor) of the Director of Odisha State Seed & Organic Certification Agency, 326, Baramunda, Bhubaneswar on "AS IS WHERE IS BASIS". The offset price of the condemned vehicles have been fixed at Rs 17,000/-(Rupees Seventeen Thousand) & Rs.25,000/-( Rupees Twenty Five Thousand) for Mahindra Jeep & Escort Tractor respectively.

The intending parties/bidders may inspect the vehicles in the premises of the Director of Odisha State Seed & Organic Certification Agency, 326, Baramunda, Bhubaneswar on any working days from 10:30 A.M. to 5:00 P.M. Last date for submission of the bid is 29.11.2022 by 03:00 PM. The bid shall be submitted to the Director, Odisha State Seed & Organic Certification Agency, 326, Baramunda, Bhubaneswar , in the enclosed format through Courier/Regd. Post Speed Post only. The envelope containing the bid should be superscribed on the top "Sealed quotations/ tenders for Auction Sale of the condemned Government vehicles". Bids receive beyond the last date/time shall not be accepted. The bids will be opened on at 29.11.2022 at 4.00 PM in the Conference Hall of OSSOPCA. Bidders or any of their authorized representatives can remain present at the time of opening the bids. The detail terms & conditions and bid format are available in the office website-www.ossopca.nic.in.

SD./- DIRECTOR
OIPR-01050/11/0005/2223



## OFFICE OF PANCHAYAT SAMITI, GHATGAON
No. i-137

BID IDENTIFICATION No.: TCN No. - 01/2022-23

No. 3820/DEV Dtd.21.11.2022

1. The **Block Development Officer, Ghatgaon** invites sealed percentage rate tenders in Single Cover System and Double Covers System on behalf of Govt. of Odisha for the construction of works/projects as notified by the undersigned from the registered and eligible "D", "C" & "B" Class Civil Contractor of the State registered under PWD/(R&B)/Water Resources/Rural Works/MI/CPWD Deptt. eventually to be drawn up in the P.W.D. P-1 Agreement form in conformity with the Detailed Tender Call Notice.
2. As per **Codal Provision works more than Rs.50.00 lakhs should be in Double Cover Mode** i.e. Cover - I contains (Technical Bid) and Cover - II contains (Financial Bid) to be fill up separately indicating therein as "Cover - I and Cover - II" respetively and finally put together in one cover. After due scrutiny the Cover - II will be opened. **For Sl. No. 13 & 15, Work Experience Certificate for last 02 years to be producted (Minimum upto Rs.40.00 lakhs)**. In case of bidders having no Experience Certificate, the tender will be rejected. **Technical Bid should contain Experience Certificate with Tools like (Shuttering Plate, Mixture Machine, Water Tanker) either Own or Lease Basis.**
3. The tender papers (including Tender Call Notice, Approved Tender Schedule & DTCN) will be available in the Office of the undersigned from **Dt.22.11.2022 to 06.12.2022 upto 4.00 P.M.** The Tender Call Notice is also available in the website of DIO, N.I.C., Keonjhar i.e. **https://kendujhar.nic.in**.
4. Bids should be reached to this office upto 4.00 P.M. on Dt.06.12.2022 through Registered Post/Speed Post only. The authority will not be held responsible for any postal delay in delivering of the bid documents or non-receipt of the same.
5. The bids will be opened on Dt.07.12.2022 at 11.00 A.M. in the Conference Hall of the Ghatgaon Block in the presence of the members of the District Level Tender/Tender Committee and the bidders or their authorized representative. If the office happens to be closed on the date of receipt/opening of the bids as specified above, then it will be received/opened on the next working day at the same time and venue.

Sd./- Block Development Officer, Ghatgaon
OIPR-19026/11/0003/2223



## BERHAMPUR MUNICIPAL CORPORATION,GANJAM
INVITATIONS FOR BIDS (IFB)

Letter No.13545 Date:11.11.22

No.C-1607: **Invitation for Bids**
NATIONAL COMPETATIVE BIDDING THROUGH E-PROCUREMENT
Bid Identification No.BMC(BAM):-267/2022-2023

| | | |
|---|---|---|
| 1 | The Municipal Commissioner,Berhampur, invites percentage rate bids in ONLINE MODE only, as per annexure "A" | |
| 2 | Nature of Work | Civil |
| 3 | No. of Work | 8 Nos. |
| 4 | Bid Cost | The bidders shall remit online the cost of bid document for amount through the process as mentioned in the DTCN as per Annexure "A" |
| 5 | E.M.D. | The bidder shall remit online the Earnest Money Deposit/Bid Security at the rate of 0 % of the estimated cost put to tender as mentioned under DTCN. Bidders desirous to hire machineries or equipments from outside the State or owned but deployed outside the State are required to remit online 2% of the amount put to tender as Bid Security. Exemption from EMD is permissible as per codal provisions of Govt of Odisha. as per Annexure "A" |
| 6 | Class of Contractor | As per the Annexure "A" |
| 7 | Availability of Bid documents in the website | From 10.00 hrs. of 18.11.22 to 17.00 hrs. of 05.12.22 |
| 8 | Date & Time of Opening of Technical Bids | 11.30 hrs. onwards on Dt.06.12.22 |
| 9 | Date & Time of opening of financial bids | Shall be intimated to the responsive Technically qualified bidder after evolution of Technical bids. |
| 10 | Mode of Submission of tender | Tender should submitted online in www.tendersorissa.gov.in. |
| 11 | The Bidders have to participate in ONLINE bidding only. Further details can be seen from the website :https://tendersodisha.gov.in. Any addendum / corrigendum / cancellation of tender can also be seen in the said website only. | |

Sd./- Commissioner
Berhampur Municipal Corporation,
Berhampur, Odisha

OIPR-13035/11/0054/2223

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. ORIORI/2005/14846 Postal Regd. No. BN/42/21-23. Edition Phone (06762) 224254, (06764) 237556 ଢେଙ୍କାନାଳ, ବୁଧବାର, ନଭେମ୍ବର ୨୩/୨୦୨୨ Dhenkanal, Wednesday, November 23/ 2022

# ସିରିଜ ଜିତିଲା ଭାରତ

**ନାପିୟର,୨୨।୧୧(ପି.ଟି.)**

ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଅନୁଷ୍ଠିତ ଟି୨୦ ସିରିଜର ଅନ୍ତିମ ମ୍ୟାଚ ଟାଇ ହେବା ଫଳରେ ଭାରତ ୧-୦ରେ ସିରିଜ ଜିତି ନେଇଛି। ସିରିଜର ପ୍ରଥମ ମ୍ୟାଚ ବର୍ଷାରେ ଧୋଇ ଯାଇଥିବା ବେଳେ ଦ୍ୱିତୀୟ ମ୍ୟାଚକୁ ଜିତି ନେଇଥିଲା ଭାରତ। ଅନ୍ତିମ ମ୍ୟାଚରେ ଟସ୍ ଜିତି ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ଡେଭନ କନ୍‌ୱେଙ୍କ ୫୯ ଓ ଗ୍ଲେନ ଫିଲିପ୍ସଙ୍କ ୫୪ ରନ ବଳରେ ୧୬୦ ରନରେ ଅଲଆଉଟ ହୋଇଥିଲା। ଭାରତ ପକ୍ଷରୁ ମହମ୍ମଦ ସିରାଜ ଓ ଅର୍ଶଦୀପ ସିଂ ୪ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଭାରତ ୯ ଓଭରରେ ୪ ଉଇକେଟ ହରାଇ ୭୫ ରନ କରିଥିବା ବେଳେ ବର୍ଷା ହୋଇଥିଲା। ଡକ୍‌ୱର୍ଥ ଲୁଇସ୍ ମେଥଡ୍ ଅନୁସାରେ ମ୍ୟାଚ୍ ଟାଇ ହେବାରୁ ଭାରତ ସିରିଜ ଜିତି ନେଇଥିଲା।

ୱିଲିୟମ୍‌ସନ୍‌ଙ୍କ ଅନୁପସ୍ଥିତିରେ ଟସ୍ ଜିତି ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ପକ୍ଷରୁ ଓପନର ଡେଭନ କନ୍‌ୱେ ସର୍ବାଧିକ ୫୯ ରନ୍ କରିଥିଲେ। ୪୯ ବଲ୍ ଖେଳି ସେ ୫ ଚୌକା ଓ ୨ ଛକା ମାରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗ୍ଲେନ୍ ଫିଲିପ୍ସ ୫୪ ରନ୍ କରିଥିଲେ। ଫିଲିପ୍ସଙ୍କ ଇନିଂସରେ ୫ ଚୌକା ଓ ୩ ଛକା ସାମିଲ ଥିଲା। ତେବେ ସିରାଜ ଓ ଅର୍ଶଦୀପ ନିୟମିତ ବ୍ୟବଧାନରେ ଉଇକେଟ ହାସଲ କରିବା ଫଳରେ ଘରୋଇ ଦଳ ୧୯.୪ ଓଭରରେ ୧୬୦ ରନ୍‌ରେ ସୀମିତ ରହିଥିଲା।



ନ୍ୟୁଜିଲାଣ୍ଡ ବିପକ୍ଷରେ ଟି୨୦ ସିରିଜ ବିଜୟୀ ଭାରତୀୟ ଦଳ।

## ଅନ୍ତିମ ଟି୨୦ ଟାଇ

୧୬୧ ରନର ପିଛା କରୁଥିବା ଭାରତ ପକ୍ଷରୁ ଦୁଇ ଓପନର ରିଷଭ ପନ୍ତ(୧୧) ଓ ଇଶାନ କିଶନ(୧୦) ପୁନର୍ବାର ବିଫଳ ହୋଇଥିଲେ। ତେବେ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା(୩୦*)ଙ୍କ ଇନିଂସ ବଳରେ ଭାରତ ୯ ଓଭରରେ ୪ ଉଇକେଟ ହରାଇ ୭୫ ରନ୍ କରିଥିଲା। ଡକ୍‌ୱର୍ଥ ଲୁଇସ ନିୟମ ଅନୁସାରେ ସ୍କୋର ଟାଇ ରହିଥିଲା। ବର୍ଷା କାରଣରୁ ସୁପର ଓଭର ଖେଳ ସମ୍ଭବ ନ ହେବାରୁ ସିରିଜ୍ ଜିତି ନେଇଥିଲା ଭାରତ। ମହମ୍ମଦ ସିରାଜଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ ଓ ସୂର୍ଯ୍ୟକୁମାର ଯାଦବଙ୍କୁ ପ୍ଲେୟର ଅଫ୍ ଦ ସିରିଜ୍ ଘୋଷଣା କରାଯାଇଥିଲା।

# ଅଷ୍ଟ୍ରେଲିଆର କ୍ଲିନ୍‌ସୁଇପ୍

**ମେଲବୋର୍ନ, ୨୨।୧୧ (ଏପି):** ଇଂଲଣ୍ଡ ବିପକ୍ଷ ତୃତୀୟ ତଥା ଅନ୍ତିମ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚରେ ଅଷ୍ଟ୍ରେଲିଆ ୨୨୧ରନରେ ବିଜୟ ହାସଲ କରିଛି। ଏଥିସହିତ ଦଳ ୩-୦ରେ ସିରିଜ ବିଜୟୀ ହୋଇଛି। ସ୍ଥାନୀୟ ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡ (ଏମ୍‌ସିଜି)ରେ ମଙ୍ଗଳବାର ଖେଳାଯାଇଥିବ ଏହି ମ୍ୟାଚରେ ଅଷ୍ଟ୍ରେଲିଆକୁ ଜିତାଇବାରେ ଟ୍ରାଭିସ୍ ହେଡ୍ ଓ ଡେଭିଡ୍ ୱାର୍ନର ବିଶେଷ ଭୂମିକା ଗ୍ରହଣ କରିଥିଲେ। ଏହି ଓପନିଂ ଯୋଡ଼ି ପ୍ରଥମ ଉଇକେଟରେ ୨୬୯ ରନ ଯୋଗ କରିଥିଲେ। ୱାର୍ନର ଓ ହେଡ୍‌ଙ୍କ ଶତକ ସହାୟତାରେ ଅଷ୍ଟ୍ରେଲିଆ ନିର୍ଦ୍ଧାରିତ ଓଭରରେ ୫ ଉଇକେଟ ବିନିମୟରେ ୩୫୫ ରନ କରିଥିଲା। ଏମ୍‌ସିଜିରେ ଏହା ହେଉଛି ସର୍ବୋଚ୍ଚ ସ୍କୋର। ହେଡ୍ ତାଙ୍କ ତୃତୀୟ ଅନ୍ତର୍ଜାତୀୟ ଦିନିକିଆ ଶତକ ଅବସରରେ ୧୩୦ ବଲ୍‌ରୁ ୧୫୨ ରନ କରିଥିଲେ। ଏହି ଫର୍ମାଟରେ ତାଙ୍କର ଏହା ହେଉଛି ସର୍ବୋଚ୍ଚ ସ୍କୋର। ୱାର୍ନର ୧୦୬ ରନ କରିଥିଲେ। ଇଂଲଣ୍ଡ ତରଫରୁ ମାତ୍ର ୬ଟି ଅନ୍ତର୍ଜାତୀୟ ଦିନିକିଆ ଖେଳିଥିବା ଫାଷ୍ଟ ବୋଲର ଓଲି ଷ୍ଟୋନ୍ ମ୍ୟାଚ୍‌ରେ ୮୫ ରନ ବିନିମୟରେ ୪ ଉଇକେଟ ନେଇଥିଲେ। ଅଷ୍ଟ୍ରେଲିଆ ଇନିଂସରେ ଦୁଇ ଥର ବର୍ଷା ବାଧକ ହେବା ଦ୍ୱାରା ଗେମ୍‌କୁ ୪୮ ଓଭର ବିଶିଷ୍ଟ କରାଯାଇଥିଲା। ଡିଏଲ୍‌ଏସ୍ ପଦ୍ଧତି ଅନୁସାରେ ଇଂଲଣ୍ଡ ପାଇଁ ୩୬୪ରନ ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଇଂଲଣ୍ଡ ୩୨ ଓଭରରେ ୧୪୨ ରନରେ ଅଲଆଉଟ ହୋଇଯାଇଥିଲା। ଟପ୍ ସ୍କୋରର ଜାସନ ରୟ ୩୮ ରନ କରିଥିଲେ।

# ଲଭ୍ ଲେବଲ ଜର୍ସିକୁ ବାରଣ କଲା ଫିଫା

**ଦୋହା, ୨୨।୧୧(ଏପି)**






ଏକ ରେଭ୍ ଫେଷ୍ଟିଭାଲ ସହ ବାଣିଜ୍ୟିକ ଯୋଗସୂତ୍ର ଥିବା କାରଣରୁ କାତାର ବିଶ୍ୱକପ୍‌ରେ 'ଲଭ୍' ଲେବଲ ଥିବା ଜର୍ସି ପରିଧାନ କରିବା ଲାଗି ବେଲଜିୟମ ପକ୍ଷରୁ କରାଯାଇଥିବା ଅନୁରୋଧକୁ ବିଶ୍ୱ ଫୁଟ୍‌ବଲ ପରିଚାଳନା ସଂସ୍ଥା (ଫିଫା) ପ୍ରତ୍ୟାଖ୍ୟାନ କରିଛି। ବିଶ୍ୱକପ୍‌ରେ ଖେଳାଳିମାନଙ୍କ ଜର୍ସି ଓ ସେମାନଙ୍କ ଉପକରଣ ଉପରେ ଫିଫାର ସ୍ୱତନ୍ତ୍ର ନିୟମ ରହିଛି। ଫିଫାର ରୁଲିଂ ପରେ ପାରମ୍ପରିକ ଲାଲ ରଙ୍ଗର ଜର୍ସି ପରିବର୍ତ୍ତେ ପ୍ରଥମ ବିକଳ୍ପ ଜର୍ସି ବ୍ୟବହାର କରିଥିବା ଲାଗି ବେଲଜିୟମ କରିଥିବା ଏହାର ଯୋଜନାକୁ ପରିବର୍ତ୍ତନ କରିବାକୁ ବାଧ୍ୟ ହୋଇଛି। ବେଲଜିଆନ ଫୁଟ୍‌ବଲ ମହାସଂଘ କହିଛି 'ଲଭ୍ ଛାପା' ଥିବା ଜର୍ସି ଟୁମରୋଲାଣ୍ଡ (ଏକ ବେଲଜିଆନ ଇଲେକ୍‌ଟ୍ରୋନିକ୍ ଡ୍ୟାନ୍ସ ମ୍ୟୁଜିକ୍ ଫେଷ୍ଟିଭାଲ) ସହ ବ୍ୟବସାୟିକ ସମ୍ପର୍କ ବୁଝାଉଥିବାରୁ ସେମାନେ ଯୋଜନାରୁ ଓହରିଯାଇଛନ୍ତି। ବେଲଜିୟମ ଏହାର ଦ୍ୱିତୀୟ ପସନ୍ଦ ଜର୍ସି କିଛି ସପ୍ତାହ ପୂର୍ବେ ତିଆର କରିଥିଲା। ଫିଫା ଏହାର ରୁଲିଂ ଉପରେ କିଛି କହିବାକୁ ମନା କରିଦେଇଛି। ସୂଚନାଯୋଗ୍ୟ, ବେଲଜିୟମ ଓ ଅନ୍ୟ ୬ ୟୁରୋପୀୟ ଦଳ ଚାହୁଁଥିଲେ ସେମାନଙ୍କ ଅଧିନାୟକମାନେ କାତାରରେ ବିଭିନ୍ନ ରଙ୍ଗ ବିଶିଷ୍ଟ ହୃଦୟ ଆକୃତିର ଲୋଗୋ 'ଲଭ୍ ୱାନ' ଆର୍ମ ବ୍ୟାଣ୍ଡ ବ୍ୟବହାର କରନ୍ତୁ। ମାତ୍ର ଫିଫା ଏହାକୁ ଗ୍ରହଣ କରି ନ ଥିଲା ଏବଂ ଆର୍ମ ବ୍ୟାଣ୍ଡ୍ ପରିଧାନ କରି ପଡ଼ିଆକୁ ଓହ୍ଲାଇଲେ ପ୍ରତ୍ୟେକ ଅଧିନାୟକଙ୍କୁ ତୁରନ୍ତ ୟଲୋ କାର୍ଡ ଦିଆଯିବ ବୋଲି ଚେତାବନୀ ଦେଇଥିଲା। ଆର୍ମବ୍ୟାଣ୍ଡ୍ ଫିଫା ଉପକରଣ ନିୟମ ଉଲ୍ଲଂଘନ କରୁଛି, ଯାହାକି ନେଦରଲାଣ୍ଡ୍ସର ଭେଦଭାବ ବିରୋଧୀ ଅଭିଯାନକୁ ବୁଝାଉଛି। ପରୋକ୍ଷରେ ଏହା ଆୟୋଜକ ଦେଶର ମାନବିକ ଅଧିକାର ରେକର୍ଡକୁ ଇଙ୍ଗିତ କରୁଛି। ଟୁର୍ନାମେଣ୍ଟ ଆରମ୍ଭ ହେବାର କିଛି ମାସ ପୂର୍ବରୁ ବିଶ୍ୱକପ୍‌ରେ ଭାଗ ନେଉଥିବା ସମସ୍ତ ୩୨ଟି ଦଳକୁ ସେମାନଙ୍କର ୩ ପ୍ରକାର ଟିମ୍ ୟୁନିଫର୍ମ ଓ ଡିଜାଇନ୍ ଫିଫାର ଅନୁମୋଦନ ନେଇଥାନ୍ତି। ଫିଫା କିନ୍ତୁ ବର୍ତ୍ତମାନ ବେଲଜିୟମର ଧଳା ରଙ୍ଗର ଜର୍ସିକୁ ଅନୁମୋଦନ ଦେଇଛି। ମାତ୍ର ଲଭ୍ ଲେବଲକୁ ଘୋଡାଇ ରଖିବାକୁ ହେବ।

# ନୂଆ ଫର୍ମାଟରେ ଖେଳାଯିବ ଆସନ୍ତା ଟି୨୦ ବିଶ୍ୱକପ୍

**ନୂଆଦିଲ୍ଲୀ, ୨୨।୧୧ (ପି.ଟି.):** ଆସନ୍ତା ଟି୨୦ କ୍ରିକେଟ ବିଶ୍ୱକପ୍ ୨୦୨୪ ଏକ ଭିନ୍ନ ଫର୍ମାଟରେ ଖେଳାଯିବ। ଏଥିରେ ଅଂଶଗ୍ରହଣ କରିବାକୁ ଥିବା ୨୦ଟି ଦଳକୁ ୪ଟି ଗ୍ରୁପ୍‌ରେ ବିଭକ୍ତ କରାଯିବ। ପ୍ରଥମ ରାଉଣ୍ଡ ପରେ ସୁପର ୮ ପର୍ଯ୍ୟାୟ ଖେଳାଯିବ। ୨୦୨୧ ଓ ୨୦୨୨ ସଂସ୍କରଣ ପ୍ରଥମ ରାଉଣ୍ଡ ପରେ ସୁପର ୧୨ ଖେଳାଯାଇଥିଲା। କିନ୍ତୁ ପରବର୍ତ୍ତୀ ଟୁର୍ନାମେଣ୍ଟରେ ପ୍ରତି ଗ୍ରୁପ୍‌ର ଶ୍ରେଷ୍ଠ ୨ ଦଳ ସୁପର-୮ ପର୍ଯ୍ୟାୟକୁ ଉନ୍ନୀତ ହେବେ। ଏହି ପର୍ଯ୍ୟାୟରେ ୮ଟି ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରାଯିବ। ପ୍ରତ୍ୟେକ ଗ୍ରୁପ୍‌ର ଶ୍ରେଷ୍ଠ ଦୁଇ ଦଳ ସେମିଫାଇନାଲରେ ପ୍ରବେଶ କରିବେ। ୱେଷ୍ଟଇଣ୍ଡିଜ ଓ ୟୁକ୍ତରାଷ୍ଟ୍ର ଆମେରିକା (ୟୁଏସ୍‌ଏ)ରେ ଖେଳାଯିବାକୁଥିବା ଟୁର୍ନାମେଣ୍ଟର ପରବର୍ତ୍ତୀ ସଂସ୍କରଣ ପାଇଁ ୧୨ଟି ଦଳ ସ୍ଥାନ ପକ୍କା କରିସାରିଛନ୍ତି। ଆୟୋଜକ ହିସାବରେ ୱେଷ୍ଟଇଣ୍ଡିଜ ଓ ୟୁଏସ୍‌ଏକୁ ପ୍ରଥମ ଦୁଇ ସ୍ଥାନ ମିଳିଛି।

# କିଟ୍ ବିଶ୍ୱବିଦ୍ୟାଳୟ ଟେନିସ ଦଳକୁ ସର୍ବଭାରତୀୟ ଯୋଗ୍ୟତା

**ଭୁବନେଶ୍ୱର, ୨୨।୧୧ (କ୍ରୀଡ଼ା ପ୍ରତିନିଧି)**

ନୂଆଦିଲ୍ଲୀଠାରେ ଚାଲିଥିବା ଇଷ୍ଟଜୋନ୍ ୟୁନିଭର୍ସିଟି ଟେନିସ (ମହିଳା ଓ ପୁରୁଷ) ଟୁର୍ନାମେଣ୍ଟରେ ଭଲ ପ୍ରଦର୍ଶନ କରି କିଟ୍ ବିଶ୍ୱବିଦ୍ୟାଳୟ ଦଳ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଆନ୍ତଃ ଜୋନ୍ ଟେନିସ ଟୁର୍ନାମେଣ୍ଟ ଏବଂ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାପାଇଁ ଯୋଗ୍ୟତା ଅର୍ଜନ କରିଛି। ମଙ୍ଗଳବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ କିଟ୍ ପୁରୁଷ ଦଳ ୨-୧ରେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟକୁ ଏବଂ ମହିଳା ଦଳ ଗୁଆହାଟୀର କଟନ ବିଶ୍ୱବିଦ୍ୟାଳୟକୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛି। ସେମିଫାଇନାଲରେ କିଟ୍ ପୁରୁଷ ଓ ମହିଳା ଦଳ ରାୟପୁରର ପଣ୍ଡିତ ରବି ଶୁକ୍ଳା ବିଶ୍ୱବିଦ୍ୟାଳୟ ଦଳକୁ ଭେଟିବ। ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଆନ୍ତଃ ଜୋନ୍ ଟେନିସ ଟୁର୍ନାମେଣ୍ଟ ମୁରଥାଲସ୍ଥିତ ଦୀନବନ୍ଧୁ ଛୋଟୁରାମ ୟୁନିଭର୍ସିଟି ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜିରେ ଡିସେମ୍ବର ୨ରୁ ୬ ଏବଂ ୨୦୨୨-୨୩ ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ ଉତ୍ତର ପ୍ରଦେଶରେ ଅନୁଷ୍ଠିତ ହେବ। କିଟ୍ ପୁରୁଷ ଦଳରେ କବିର ହଂସ, ଆଦିତ୍ୟ ଶତପଥୀ, ପ୍ରତ୍ୟୁଷ ମହାନ୍ତି, ଆଶିଷ କୁମାର ପରିଡ଼ା, ଯଶରାଜ ନାୟକ ଏବଂ ମହିଳା ଦଳରେ ଋତୁପର୍ଣ୍ଣା ଚୌଧୁରୀ, ଅଭିଲାଷା ବିସ୍ତା, ରିୟା ମର୍ଦ୍ଦରାଜ ଓ ସାକ୍ଷୀ ବରୁଆ ସାମିଲ ଅଛନ୍ତି। ମହମ୍ମଦ ଅନିମୁଲ ହକ୍ କୋଚ୍ ଭାବେ ଦାୟିତ୍ୱ ତୁଲାଉଛନ୍ତି। ସର୍ବଭାରତୀୟ ଯୋଗ୍ୟତା ପାଇଥିବାରୁ ଉଭୟ ମହିଳା ଓ ପୁରୁଷ ଦଳକୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି।



କିଟ୍ ବିଶ୍ୱବିଦ୍ୟାଳୟ ମହିଳା ଓ ପୁରୁଷ ଟେନିସ ଦଳ।

# ଦିଲୀପ ତିର୍କୀଙ୍କ ଉପରେ ପ୍ରଦର୍ଶନୀ

**ଭୁବନେଶ୍ୱର, ୨୨।୧୧ (ସ୍ପୋର୍ଟ୍ସ ବ୍ୟୁରୋ):** ପୂର୍ବତନ ଭାରତୀୟ ଅଧିନାୟକ ତଥା ବର୍ତ୍ତମାନର ହକି ଇଣ୍ଡିଆ ସଭାପତି ପଦ୍ମଶ୍ରୀ ଦିଲୀପ ତିର୍କୀଙ୍କ କ୍ରୀଡ଼ା ଜୀବନ ଉପରେ ଏକ ପ୍ରଦର୍ଶନୀ ଚଳିତମାସ ୨୪ ଓ ୨୫ରେ ସୂଚନା ଭବନରେ ଅନୁଷ୍ଠିତ ହେବ। ଓଡ଼ିଶା ପ୍ରଥମ ଅନ୍ତର୍ଜାତୀୟ ସିନିୟର ହକି ଖେଳାଳି ଦିଲୀପ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଡିଫେଣ୍ଡରଭାବେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। କ୍ରୀଡ଼ା ଖବରଦାତା ସମ୍ବିତ ମହାପାତ୍ର 'ସାବାସ ଦିଲୀପ' ଶୀର୍ଷକରେ ଏହି ପ୍ରଦର୍ଶନୀର ପରିକଳ୍ପନା କରିଛନ୍ତି।

# ସପ୍ତରଙ୍ଗୀ ଟୋପିକୁ ମନା



**ଦୋହା, ୨୨।୧୧ (ଏପି)**

ସପ୍ତରଙ୍ଗୀ ବିଶିଷ୍ଟ ଟୋପି ପିନ୍ଧି ଆସିଥିବା ୱେଲ୍ସ ଦଳର କିଛି ସମର୍ଥକଙ୍କୁ ଏକ ବିଶ୍ୱକପ୍ ଷ୍ଟାଡିୟମ ପ୍ରବେଶ ପଥରେ କାହିଁକି ଅଟକା ଗଲା ସେ ନେଇ କାରଣ ଦର୍ଶାଇବା ଲାଗି ୱେଲ୍ସ ଫୁଟ୍‌ବଲ ମହାସଂଘ ଫିଫାକୁ କହିଛି। ସୋମବାର ଆମେରିକା ବିପକ୍ଷ ବିଶ୍ୱକପ୍ ମ୍ୟାଚ ଲାଗି ୱେଲ୍ସ ଫୁଟ୍‌ବଲ ମହାସଂଘ ଏହାର ପ୍ରଶଂସକଙ୍କ ଲାଗି ଟୋପି ତିଆରି କରିଥିଲା। ସପ୍ତରଙ୍ଗୀ ହେଉଛି କାଳ୍ପନିକ। ଏଲଜିବିଟିକ୍ୟୁ (ଲେସ୍‌ବିଆନ, ଗେ, ବାଇସେକ୍ସୁଆଲ ଆଣ୍ଡ୍ ଟ୍ରାନ୍ସଜେଣ୍ଡର) ଅଧିକାରର ଏହା ଏକ ପ୍ରତୀକ। ମାତ୍ର ସମଲିଙ୍ଗୀ ସମ୍ପର୍କକୁ ଅପରାଧ ବୋଲି ବିବେଚନା କରାଯାଉଥିବା ଦେଶ ପାଇଁ ଏହା ବିବାଦୀୟ। ଅହମଦ ବିନ୍ ଅଲି ଷ୍ଟାଡିୟମର ପ୍ରବେଶ ପୂର୍ବରୁ ସମର୍ଥକ ଓ କିଛି ଷ୍ଟାଫଙ୍କୁ ବିବାଦୀୟ ଟୋପିକୁ ଉତାରି ଦେବା ଲାଗି କୁହାଯାଇଥିଲା। ଏହା ଅତ୍ୟନ୍ତ ନୈରାଶର ବିଷୟ ବୋଲି ୱେଲ୍ସ ମହାସଂଘ କହିଛି।

# ମ୍ୟାଚ୍ ଅବଧି ବୃଦ୍ଧି

**ଦୋହା,୨୨।୧୧,(ପି.ଟି.):** ସମଗ୍ର ବିଶ୍ୱରେ ଫୁଟବଲ ମ୍ୟାଚ ୯୦ ମିନିଟ ଧରି ଖେଳା ଯାଉଥିବା ବେଳେ କାତାର ବିଶ୍ୱକପରେ ଖେଳା ଯାଉଥିବା ମ୍ୟାଚ ଗୁଡିକର ଅବଧି ସର୍ବନିମ୍ନ ୧୦୦ ମିନିଟ ରହିଛି। ଫ୍ୟାନଙ୍କୁ ଅଧିକ ମନୋରଞ୍ଜନ ପ୍ରଦାନ କରିବା ପାଇଁ ଫିଫା ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି। ଏକ ପରିସଂଖ୍ୟାନ ସାଇଟ୍ ପକ୍ଷରୁ ପ୍ରକାଶିତ ତଥ୍ୟ ଅନୁସାରେ ପ୍ରତି ମ୍ୟାଚରେ ଅନ୍ୟୁନ ୧୦ ମିନିଟର ଅତିରିକ୍ତ ସମୟ ପ୍ରଦାନ କରାଯାଉଛି। ଏହା ସହିତ ଏପରି କରିବା ପାଇଁ ମ୍ୟାଚ ରେଫରୀଙ୍କୁ ନିର୍ଦ୍ଦେଶ ମିଳିଥିବା କୁହାଯାଇଛି। ସୌଦୀ ଆରବ ବିପକ୍ଷ ମ୍ୟାଚରେ ଆର୍ଜେଣ୍ଟିନାର ୨-୧ ପରାଜୟରେ ଅତିରିକ୍ତ ସମୟ ୧୪ ମିନିଟ ରଖାଯାଇଥିଲା। ଇଂଲଣ୍ଡ ଓ ଇରାନ ମ୍ୟାଚରେ ପ୍ରଥମ ହାଫରେ ୧୫ ମିନିଟର ଷ୍ଟପେଜ ଟାଇମ ଓ ଦ୍ୱିତୀୟ ହାଫ୍‌ରେ ୧୪ ମିନିଟର ଷ୍ଟପେଜ ଟାଇମ ଲାଗୁ କରାଯାଇଥିଲା।

TATA MOTORS
Connecting Aspirations
TATA
ଷ୍ଟାଇଲିଶ । ଶକ୍ତିଶାଳୀ । ନିରାପଦ ।
ବର୍ତ୍ତମାନ ଆକର୍ଷଣୀୟ ଅଫର ସହିତ




#FinanceEasy FESTIVAL
Exciting Benefits upto ₹ 65 000
iRA TECHNOLOGY Versatile iRA Connected Car Technology
Majestic Panoramic Sunroof
Ventilated Seats
Android Auto™/Apple CarPlay™ over Wi-Fi
Unmatched Safety# GLOBAL NCAP 5-STAR SAFETY RATING

ANGUL: Monalisha Motors: 7506018729, DHENKANAL: Monalisha Motors: 7506018729.

#5-star safety rating applicable on Altroz only. *Terms and conditions apply. This offer is available on select models. Please contact nearest Tata Motors Passenger Vehicles dealership for more details. Images and illustrations are indicative and for information purposes only. Discount mentioned is at the discretion of Tata Motors Passenger Vehicles Limited. All Features/specifications are not available in all variants and may vary for different variants. Specifications/features are subject to change without prior information. Please consult an authorised Tata Motors dealer for latest information on features/specifications before deciding to place an order. Colours may vary due to printing limitations. Local taxes and Octroi extra. All offers are at sole discretion of Tata Motors and can be changed by Tata Motors without any prior notice. Offer available till stocks last. Andriod Auto and Apple CarPlay are registered trademarks.

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ